# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମେ ୩୦/୨୦୨୨ (୧୪ ପୃଷ୍ଠା) | Sambalpur, Monday, May 30/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-











## ସଂକ୍ଷେପରେ

### ମାଲବାହୀ ଜାହାଜ ବୁଡ଼ି ୨୫ ନିଖୋଜ

ମାକାସର,୨୯।୫: ଇଣ୍ଡୋନେସିଆରେ ଏକ ମାଲବାହୀ ଜାହାଜ ବୁଡ଼ି ୨୫ ଜଣ ଯାତ୍ରୀ ନିଖୋଜଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖରାପ ପାଗ ପାଇଁ ଜାହାଜଟି ବୁଡ଼ିଯାଇଥିବା କୁହାଯାଉଥିବାବେଳେ ସେଥିରେ ୪୨ ଜଣ ଯାତ୍ରା କରୁଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣ ଯାତ୍ରୀ ଏବଂ ୬ ଜଣ କ୍ରିଉ ମେମ୍ବର ସାମିଲ ଥିଲେ। ଗୁରୁବାର ସକାଳୁ ଉକ୍ତ ବୋଟ୍‌ଟି ମକାସର ବନ୍ଦରରୁ କାଲମାସ ଦ୍ୱୀପ ଅଭିମୁଖେ ଯାତ୍ରା କରୁଥିବା ଉଦ୍ଧାରକାରୀ ଦଳର ମୁଖ୍ୟ ଡିଜୁନାଇଡି କହିଛନ୍ତି। ଦୁର୍ଘଟଣାର ସୂଚନା ପାଇ ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୧୭ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

### ହଲିଉଡ୍ ଅଭିନେତା ବୋ ହୋପ୍‌କିନ୍ସଙ୍କ ବିୟୋଗ



ୱାଶିଂଟନ,୨୯।୫: ହଲିଉଡ୍ ଜଗତର ଲୋକପ୍ରିୟ ଅଭିନେତା ବୋ ହୋପକିନ୍ସ ୮୦ ବର୍ଷ ବୟସରେ ପ୍ରାଣ ହରାଇଛନ୍ତି। ରବିବାର ବୋ'ଙ୍କ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଏହି ସୂଚନା ଦିଆଯାଇଛି। 'ଆମେରିକାନ୍ ଗ୍ରାଫିଟି' ଫିଲ୍ମରେ ଅଭିନୟ କରି ସେ ରାତାରାତି ଷ୍ଟାର୍ ପାଲଟିଥିଲେ। ୧୯୬୯ରେ ଫିଚର ଫିଲ୍ମ 'କ୍ରେଜି ଲି' ଜରିଆରେ ସେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। ରିଲ୍ ହିରୋ ହେବା ସହ ବୋ ଜଣେ ରିୟଲ ହିରୋ ମଧ୍ୟ। ମାତ୍ର ୧୬ ବର୍ଷ ବୟସରେ ସେ ଆମେରିକୀୟ ସେନାରେ ସାମିଲ ହୋଇଥିଲେ।

### ବିବିଧତା ଆମକୁ ସୁଦୃଢ଼ କରିଛି: ମୋଦି

ନୂଆଦିଲ୍ଲୀ,୨୯।୫(ପି.ଟି.): ଭାରତ ବହୁ ଭାଷା, ଉପଭାଷା ଓ ଲିପିର ଗନ୍ତାଘର। ଦେଶର ବିବିଧତା ଆମକୁ ସୁଦୃଢ଼ କରିବା ସହ ଏକତା ସୂତ୍ରରେ ବାନ୍ଧି ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ବିଶେଷ କରି ଭାଷାଗତ ବିବିଧତା ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର କଳ୍ପନାଙ୍କ ଉଦାହରଣ ଦେଇଥିଲେ, ଯିଏ କର୍ନାଟକ ଦଶମ ଶ୍ରେଣୀ ପରୀକ୍ଷାରେ କନ୍ନଡ ଭାଷାରେ ୯୨ ନମ୍ବର ରଖିଛନ୍ତି। ସେହିପରି ପଶ୍ଚିମବଙ୍ଗ ପୁରୁଲିଆର ଶ୍ରୀପତି ଟୁଡୁ ସିଧୋ-କାନ୍ହୋ-ବିର୍ସା ୟୁନିଭର୍ସିଟିରେ ସାନ୍ତାଳି ଭାଷାରେ ପ୍ରଫେସର ଅଛନ୍ତି। ସେ ସାନ୍ତାଳିମାନଙ୍କ ଲାଗି ଅଲ୍‌ଚିକି ଭାଷାରେ ଭାରତର ସମ୍ବିଧାନ ପ୍ରସ୍ତୁତ କରିଥିବାରୁ ପ୍ରଧାନମନ୍ତ୍ରୀ ଏହାର ପ୍ରଶଂସା କରିଥିଲେ। ଏସବୁ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଭାବର ଜୀବନ୍ତ ଉଦାହରଣ ବୋଲି ସେ କହିଥିଲେ। ଉତ୍ତରାଖଣ୍ଡରେ ଚାର୍ ଧାମ ଯାତ୍ରା ଆରମ୍ଭ ହୋଇଥିବାବେଳେ ବହୁ ସ୍ୱେଚ୍ଛାସେବୀ ସଂଗଠନ ସେହି ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନତା ରଖିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତୀର୍ଥସ୍ଥଳଗୁଡ଼ିକର ମର୍ଯ୍ୟାଦା ରକ୍ଷା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପବିତ୍ରତା, ସ୍ୱଚ୍ଛତା ଓ ଧାର୍ମିକ ପରିବେଶକୁ ଆମେ ଆଦୌ ଭୁଲିଯିବା ଉଚିତ ନୁହେଁ। ସେଥିପାଇଁ ଆମକୁ ସ୍ୱଚ୍ଛତା ସଂକଳ୍ପ ପାଳନ କରିବା ଜରୁରୀ। ଜୁନ୍ ୫ରେ ପରିବେଶ ଦିବସ ପାଳନ ହେବାକୁ ଥିବାବେଳେ ସୁସ୍ଥ ପରିବେଶ ସୃଷ୍ଟି ଲାଗି ଜନସଚେତନତା ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

### ଏଡବା ବଶୀରଙ୍କ ପରଲୋକ



ଥିରୁଭାନନ୍ତପୁରମ୍,୨୯।୫: ପ୍ରଖ୍ୟାତ ମାଲାୟଲମ କଣ୍ଠଶିଳ୍ପୀ ଏଡବା ବଶୀର ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବ୍ଲୁ ଡାଇମଣ୍ଡ ଅର୍କେଷ୍ଟ୍ରାର ସ୍ୱର୍ଣ୍ଣିମଜୟନ୍ତୀ ଉତ୍ସବ ପାଳନ ଅବସରରେ କେରଳରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଶୀର ଗୀତ ପରିବେଷଣ କରୁଥିବା ସମୟରେ ହଠାତ୍ ଖସିପଡ଼ିଥିବାବେଳେ ନିମିଷକ ମଧ୍ୟରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା।

## ଭାରତ ସହ ବାଣିଜ୍ୟ

# ଚାଇନାକୁ ଟପିଲା ଆମେରିକା

**ବାଣିଜ୍ୟ କ୍ଷେତ୍ରରେ ଚାଇନାର ଏକଚାଟିଆ ମନୋବୃତ୍ତି ବେଜିଂକୁ କ୍ରମଶଃ ଆର୍ଥିକ ସ୍ତରରେ ପ୍ରଭାବିତ କରିବାରେ ଲାଗିଛି। ପରିବର୍ତ୍ତନଶୀଳ ଭୂରାଜନୈତିକ ପ୍ରେକ୍ଷାପଟରେ ଚାଇନାର ଆଧିପତ୍ୟ ଦୁର୍ବଳ ହୋଇଥିବାବେଳେ ଭାରତ ଏକ ଉଦୀୟମାନ ଅର୍ଥନୀତି ଭାବେ ମୁଣ୍ଡଟେକିଛି। ଏଭଳି ସମୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିଶେଷକରି ଆମେରିକା ଭାରତ ସହ ବାଣିଜ୍ୟିକ ଘନିଷ୍ଠତା ବଢ଼ାଇ ଏହି କ୍ଷେତ୍ରରେ ଚାଇନାକୁ ଟପିଯାଇଛି। ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଚାଇନାରୁ ମୁହଁ ଫେରାଇ ଭାରତକୁ ଏକ ଉତ୍କୃଷ୍ଟ ବଜାର ରୂପେ ବାଛି ନେଇଥିବାବେଳେ ଆଗାମୀ ଦିନରେ ନୂଆଦିଲ୍ଲୀ-ୱାଶିଂଟନ୍ ସମ୍ପର୍କ ଆହୁରି ମଜଭୁତ ହେବା ଆଶା କରାଯାଉଛି।**



ନୂଆଦିଲ୍ଲୀ, ୨୯।୫

ଆମେରିକା ଓ ଭାରତ ମଧ୍ୟରେ ୨୦୨୧-୨୨ରେ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ନୂଆ ରେକର୍ଡ କରିଛି। ଗତ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ବନ୍ଧ ଅଧିକ ମଜଭୁତ ହୋଇଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ବେପାରବଣିଜରେ ଆମେରିକା ଏବେ ଭାରତର ସବୁଠାରୁ ବଡ଼ ଭାଗୀଦାରି ହୋଇଛି। ୨୦୨୧-୨୨ରେ ଦ୍ୱିପାକ୍ଷିକ କାରବାର ୧୧୯.୪୨ ବିଲିୟନ ଡଲାର ଛୁଇଁଛି। ୨୦୨୦-୨୧ରେ ଏହା ୮୦.୫୧ ବିଲିୟନ୍ ଡଲାର ଥିଲା। ଭାରତ ସହ କାରବାରରେ ଏବେ ଆମେରିକା ଚାଇନାକୁ ପଛରେ ପକାଇଛି।

ସୂଚନା ଅନୁସାରେ, ୨୦୨୧-୨୨ରେ ଭାରତରୁ ୭୬.୧୧ ବିଲିୟନ୍ ଡଲାରର ସାମଗ୍ରୀ ଆମେରିକାକୁ ରପ୍ତାନି ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୫୧.୬୨ ବିଲିୟନ୍ ଡଲାର ରହିଥିଲା। ସେହିପରି ୨୦୨୧-୨୨ରେ ଭାରତକୁ ଅଧିକ ଆମେରିକୀୟ ସାମଗ୍ରୀ ଆମଦାନୀ ହୋଇଛି। ଏହାର ମୂଲ୍ୟ ୪୩.୩୧ ବିଲିୟନ ଡଲାର ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତକୁ ୨୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାରୁ ଆମଦାନୀ ହୋଇଥିଲା। ଭାରତ ଓ ଚାଇନା ମଧ୍ୟରେ ଗତ ଆର୍ଥିକ ବର୍ଷରେ ୧୧୫.୪୨ ବିଲିୟନ ଡଲାର ମୂଲ୍ୟର କାରବାର ହୋଇଥିଲା। ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ମୁତାବକ, ୨୦୨୦-୨୧ରେ ଚାଇନା ସହ ୮୬.୪ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି ଓ ଆମଦାନୀ ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଚାଇନାକୁ ଭାରତୀୟ ସାମଗ୍ରୀ ରପ୍ତାନି ସାମାନ୍ୟ ବୃଦ୍ଧି ପାଇଛି। ଏହି ସମୟରେ ମୋଟ ୨୧.୨୫ ବିଲିୟନ ଡଲାରର ଜିନିଷ ଭାରତ ଚାଇନାକୁ ପଠାଇଥିବାବେଳେ ୨୦୨୦-୨୧ରେ ତାହା ୨୧.୧୮ ବିଲିୟନ୍ ଡଲାର ଥିଲା। କିନ୍ତୁ ଚାଇନାରୁ ସାମଗ୍ରୀ ଆମଦାନୀ ଗତ ଆର୍ଥିକ ବର୍ଷରେ ଆଖିଦୃଶିଆ ଭାବେ ବଢ଼ିଛି। ୨୦୨୧-୨୨ରେ ଭାରତ ୯୪.୧୬ ବିଲିୟନ ଡଲାରର ସାମଗ୍ରୀ ଚାଇନାରୁ ଆଣିଛି। ୨୦୨୦-୨୧ରେ ଏହି ମୂଲ୍ୟ ପ୍ରାୟ ୬୫.୨୧ ବିଲିୟନ ଡଲାର ରହିଥିଲା। ୨୦୨୦-୨୧ ତୁଳନାରେ ଗତ ଆର୍ଥିକ ବର୍ଷରେ ଭାରତ ଓ ଚାଇନା ମଧ୍ୟରେ ବାଣିଜ୍ୟିକ ବ୍ୟବଧାନ ୪୪ ବିଲିୟନ୍ ଡଲାରରୁ ୭୨.୯୧ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। ୨୦୧୩-୧୪ରୁ ୨୦୧୭-୧୮ ପର୍ଯ୍ୟନ୍ତ ଚାଇନା ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ସହଯୋଗୀ ରହିଥିଲା। ଚାଇନା ପୂର୍ବରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଭାରତର ସର୍ବବୃହତ୍ ଟ୍ରେଡିଂ ପାର୍ଟନର ରହିଥିଲା। ୨୦୨୧-୨୨ରେ ୟୁଏଇ ସହ ଭାରତ ୭୨.୯ ବିଲିୟନ୍ ଡଲାରର କାରବାର କରିଛି। ଫଳରେ ୟୁଏଇ ଭାରତର ତୃତୀୟ ସର୍ବବୃହତ୍ ବାଣିଜ୍ୟିକ ଭାଗୀଦାରି ହୋଇଛି। ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ଅର୍ଥନୈତିକ ସମ୍ପର୍କକୁ ମଜଭୁତ କରିବା ପାଇଁ ପଦକ୍ଷେପ ନେଉଥିବାରୁ ଆଗାମୀ ଦିନରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆଶା କରିଛନ୍ତି।

# 'ପୁଟିନ୍ ଆଉ ୩ ବର୍ଷ ବଞ୍ଚିବେ'

**■ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଦାବି**



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍

ମସ୍କୋ, ୨୯।୫

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଶରୀରରେ କ୍ୟାନ୍‌ସର ଦ୍ରୁତ ଭତିରେ ମାଡ଼ି ଚାଲିଛି। ପ୍ରୋଗ୍ରେସିଭ୍ କ୍ୟାନ୍‌ସର ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଏହାର ଚିକିତ୍ସା ଜଟିଳ ତଥା ଶତପ୍ରତିଶତ ଫଳପ୍ରଦ ହେବାର ସମ୍ଭାବନା କମ୍ ଥିବାରୁ ପୁଟିନ୍ ଆଉ ଅତିବେଶୀରେ ୩ ବର୍ଷ ବଞ୍ଚିପାରିବେ ବୋଲି ତାଙ୍କ ଡାକ୍ତରୀ ଟିମ୍ କହିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୬୯ ବର୍ଷୀୟ ପୁଟିନ୍ ଏବେ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତିକରୁଛନ୍ତି ବୋଲି ଏଫ୍‌ଏସ୍‌ବି ଅଫିସରଙ୍କ ମତାମତ ଆଧାରରେ 'ମିରର୍' ୱେବ୍‌ସାଇଟ୍‌ରେ ଖବର ପ୍ରକାଶିତ ହୋଇଛି।

ରିପୋର୍ଟ ଅନୁସାରେ, ପୁଟିନ୍ ତାଙ୍କ ଦୃଷ୍ଟିଶକ୍ତି ହରାଇବାରେ ଲାଗିଛନ୍ତି। ତାଙ୍କ ହାତଗୋଡ଼ ଥରୁଥିବାରୁ ସେ କୌଣସି କାର୍ଯ୍ୟ କରିବା ଏପରି କି ଦୀର୍ଘ ସମୟ ଛିଡ଼ାହେବା ମଧ୍ୟ କଷ୍ଟକର ହୋଇଛି। ପୁଟିନ୍‌ଙ୍କ ଦୁରାରୋଗ୍ୟ ଅବସ୍ଥା ସମ୍ପର୍କରେ ରୁଷିଆର ଜଣେ ଗୁପ୍ତଚର ଫେଡେରାଲ ସିକ୍ୟୁରିଟି ସର୍ଭିସ୍ ଅଫ୍ ରୁଷିଆନ୍ ଫେଡେରେଶନ୍ (ଏଫ୍‌ଏସ୍‌ବି)ର ଜଣେ ପୂର୍ବତନ ସ୍ପାଏକୁ ଦେଇଥିବା ମେସେଜ୍‌ରୁ ଜଣାପଡ଼ିଛି। ପୁଟିନ୍ ନିଜକୁ ଦୁର୍ବଳ ବୋଲି ସ୍ୱୀକାର ନ କରିବାକୁ ଚଷମା ପିନ୍ଧିବାକୁ ମନା କରିଦେଇଥିବା ଏହି ମେସେଜ୍‌ରୁ ଜଣାପଡ଼ିଛି। ଏହାସହ ସେ ତାଙ୍କ ସହଯୋଗୀ ଓ ସରକାରୀ ଅଧିକାରୀଙ୍କ ଉପରେ ଅତ୍ୟଧିକ କ୍ରୋଧ ସହ ଅଧିକାଂଶ ସମୟରେ ପାଟି କରୁଛନ୍ତି। କ୍ରେମଲିନ୍ ସୂତ୍ରରୁ ମଧ୍ୟ ପୁଟିନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ତଥ୍ୟ ମିଳିଥିବା ନେଇ ଏକ ଟେଲିଗ୍ରାମ ଚ୍ୟାନେଲ ଜରିଆରେ ପ୍ରଘଟ ହୋଇଛି ବୋଲି 'ଡେଲି ମେଲ୍'ରେ ଖବର ପ୍ରକାଶ ପାଇଛି। ଉକ୍ତ ଟେଲିଗ୍ରାମ ଚ୍ୟାନେଲ ଜେନେରାଲ ଏସ୍‌ଭିଆର ଅନୁସାରେ, ନିକଟରେ ପୁଟିନ୍‌ଙ୍କ ସଫଳ କ୍ୟାନ୍‌ସର ସର୍ଜରୀ ହୋଇଛି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେ ଏବେ ଔଷଧ ସେବନ ସହ ଚିକିତ୍ସିତ ହେଉଛନ୍ତି।

# ସିଧୁ ମୂସେୱାଲାଙ୍କୁ ହତ୍ୟା

**ସୁରକ୍ଷା ହଟିବାର ଦିନକ ପରେ ଗୁଳିମାଡ଼**

ଚଣ୍ଡିଗଡ଼,୨୯।୫(ପି.ଟି.)



ପଞ୍ଜାବ ସରକାର ୪୨୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେବାର ଦିନକ ପରେ ମନସା ଜିଲାରେ ଖ୍ୟାତନାମା ପଞ୍ଜାବୀ ଗାୟକ ସିଧୁ ମୂସେୱାଲାଙ୍କୁ ରବିବାର କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ୨୭ ବର୍ଷୀୟ ଗାୟକ ତାଙ୍କର ଦୁଇଜଣ ବନ୍ଧୁଙ୍କ ସହ ଏକ ଜିପ୍‌ରେ ଯାଉଥିବାବେଳେ ଜୱାହର କେ ଗ୍ରାମ ନିକଟରେ ଆକ୍ରମଣ ହୋଇଥିଲା। ସିଧୁଙ୍କ ଦେହରେ ଅନେକ ଗୁଳି ବାଜିଛି। ସିଭିଲ ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଳିମାଡ଼ରେ ଆହତ ହୋଇଥିବା ତାଙ୍କର ଦୁଇ ସାଙ୍ଗଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସିଧୁ ମନସା ଆସନରୁ ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ି ଏଏପି ପ୍ରାର୍ଥୀ ବିଜୟ ସିଙ୍ଗଲାଙ୍କଠାରୁ ହାରି ଯାଇଥିଲେ। ଶନିବାର ରାଜ୍ୟ ସରକାର ସିଧୁଙ୍କ ସମେତ ୪୨୪ ଜଣଙ୍କ ପୋଲିସ ସୁରକ୍ଷା ପ୍ରତ୍ୟାହାର କରିନେଇଥିଲେ। ଗାୟକଙ୍କୁ ହତ୍ୟା ଘଟଣାରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଶୋକବ୍ୟକ୍ତ କରିବା ସହ ତାଙ୍କ ମୃତ୍ୟୁ ପାଇଁ ଏଏପି ସରକାରଙ୍କ ସୁରକ୍ଷା ପ୍ରତ୍ୟାହାରକୁ ଦାୟୀ କରିଛନ୍ତି। ହତ୍ୟା ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିବା ସହ ଶାନ୍ତ ରହିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ହତ୍ୟାକାଣ୍ଡ ପାଇଁ କାନାଡାର ଜଣେ ଗ୍ୟାଙ୍ଗଷ୍ଟର ନିଜକୁ ଦାୟୀ କରିଥିବା ପୋଲିସ କହିଛି।

# ପାକ୍ ଡ୍ରୋନ୍‌କୁ ଖସାଇଲା କଶ୍ମୀର ପୋଲିସ

**■ଟାର୍ଗେଟରେ ଥିଲା ଅମରନାଥ ଯାତ୍ରା**

**■ଡ୍ରୋନ୍‌ରେ ଆସିଥିଲା ଗ୍ରେନେଡ୍, ବୋମା**

ନୂଆଦିଲ୍ଲୀ,୨୯।୫



ଜମ୍ମୁ-କଶ୍ମୀରର କଠୁଆ ଜିଲା ଅନ୍ତର୍ଗତ ରାଜବାଗ ଥାନା ଅଞ୍ଚଳରେ ରବିବାର ସକାଳେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନ୍‌କୁ ପୋଲିସ ଗୁଳିକରି ଖସାଇଦେଇଛି। ଫଳରେ ଆତଙ୍କବାଦୀଙ୍କର ଏକ ବଡ଼ ଧରଣର ଆକ୍ରମଣ ଯୋଜନା ପଣ୍ଡ ହୋଇଛି। ସୀମା ଆରପଟୁ ଆସିଥିବା ଏହି ଡ୍ରୋନ୍‌ରେ ୭ ୟୁଜିସିଏଲ୍ ଗ୍ରେନେଡ୍ ଏବଂ ୭ ମ୍ୟାଗ୍ନେଟିକ୍ ବା ଷ୍ଟିକି ବୋମା ରହିଥିଲା। ଆଗକୁ ଅମରନାଥ ଯାତ୍ରା ଥିବାରୁ ବଡ଼ ଆକ୍ରମଣ ପାଇଁ ଆତଙ୍କବାଦୀ ଯୋଜନା କରୁଥିବା ଜଣାପଡ଼ିଛି। ସେଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅମରନାଥ ଯାତ୍ରାକୁ ଟାର୍ଗେଟ କରିବା ପାଇଁ ଡ୍ରୋନ୍‌ରେ ବିସ୍ଫୋରକ ସାମଗ୍ରୀ ପଠାଯାଇଥାଇପାରେ ବୋଲି କଠୁଆ ଏସ୍‌ଏସ୍‌ପି ଆର୍.ସି. କୋଟୱାଲ କହିଛନ୍ତି। ଚାର୍ ଧାମ ଯାତ୍ରା ବସ୍‌ଗୁଡ଼ିକୁ ଟାର୍ଗେଟ କରିବାରେ ଆତଙ୍କବାଦୀ ଷ୍ଟିକି ବୋମାକୁ ବ୍ୟବହାର କରିଥାନ୍ତେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ପୋଲିସର ଏକ ଅନୁଧ୍ୟାନକାରୀ ଟିମ୍ ରବିବାର ସକାଳେ ଟାଲି ହରିୟା ଚକ୍ ଅଞ୍ଚଳ ଅନ୍ତର୍ଗତ ସୀମାରେ ଡ୍ରୋନ୍ ଗତିବିଧି ଉପରେ ନଜର ରଖିଥିଲେ। ସୀମା ଆରପଟୁ ଆସିଥିବା ଡ୍ରୋନ୍‌କୁ ସେମାନେ ଗୁଳିକରି ଖସାଇ ଦେଇଥିଲେ। ସୂଚନାଯୋଗ୍ୟ, ୪୩ ଦିନିଆ ଅମରନାଥ ଯାତ୍ରା ଜୁନ୍ ୩୦ରୁ ଆରମ୍ଭ ହେବାକୁ ଥିବାବେଳେ ଯାତ୍ରୀମାନେ ଦକ୍ଷିଣ କଶ୍ମୀରର ପହଲଗାମ୍‌ର ପାରମ୍ପରିକ ରାସ୍ତା ଏବଂ କେନ୍ଦ୍ରୀୟ କଶ୍ମୀରର ଗଣ୍ଡେୱାଲ ଦେଇ ସେଠାକୁ ଯାଇଥାନ୍ତି।

## ନିଖୋଜ ମହିଳା ବିଚାରପତିଙ୍କ ଝୁଲନ୍ତା ମୃତଦେହ ମିଳିଲା

ନୂଆଦିଲ୍ଲୀ,୨୯।୫ (ଆଇଏଏନ୍ଏସ୍)

ଶୁକ୍ରବାରଠାରୁ ନିଖୋଜ ଥିବା ଦିଲ୍ଲୀ ସାକେତ୍ କୋର୍ଟରେ ଜଣେ ୪୨ ବର୍ଷୀୟା ମହିଳା ବିଚାରପତିଙ୍କ ମୃତଦେହ ଦକ୍ଷିଣ ଦିଲ୍ଲୀ ରାଜପୁର ଅଞ୍ଚଳରେ ଥିବା ତାଙ୍କ ଭାଇଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମହିଳା ବିଚାରପତି ତାଙ୍କ ବିଚାରପତି ସ୍ୱାମୀ ଅଶୋକ ବେନିୱାଲଙ୍କ ସହ ସାକେତ୍ କୋର୍ଟ ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ରହୁଥିଲେ। ନିଖୋଜ ନେଇ ସେଦିନ ରାତି ସାଢ଼େ ୧୦ଟାରେ ଅଶୋକ ପୋଲିସକୁ ଫୋନ୍‌ରେ ଜଣାଇଥିଲେ। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିବା ପରେ ଏକ ଅଟୋରିକ୍ସା ଉପରେ ସନ୍ଦେହ କରି ପୋଲିସ ଏହାର ଡ୍ରାଇଭରଙ୍କୁ ଜେରା କରିଥିଲା। ସେ ମହିଳା ବିଚାରପତିଙ୍କୁ ରାଜପୁର ଖୁର୍ଦ୍ଦ ଅଞ୍ଚଳରେ ଛାଡ଼ିଥିବା କଥା କହିଥିଲେ। ପରେ ପୋଲିସ ଅଶୋକଙ୍କୁ ନେଇ ସେଠାରେ ପହଞ୍ଚି ଘର ସିଲିଂ ଫ୍ୟାନ୍‌ରୁ ମହିଳା ବିଚାରପତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।

## ପିଏମ୍ କେୟାର୍ସ: ଆଜି ପିଲାଙ୍କ ଆକାଉଣ୍ଟକୁ ଯିବ ସହାୟତା

ନୂଆଦିଲ୍ଲୀ,୨୯।୫

କୋଭିଡ୍‌ରେ ଅନାଥ ହୋଇଥିବା ପିଲାଙ୍କୁ ସହାୟତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପିଏମ୍ କେୟାର୍ସ ଯୋଜନାରେ ଅର୍ଥ ପଠାଇବେ। ୨୦୨୦ ମାର୍ଚ୍ଚ ୧୧ରୁ ୨୦୨୨ ଫେବୃୟାରୀ ୨୮ ମଧ୍ୟରେ କୋଭିଡ୍-୧୯ ମହାମାରୀରେ ମାତାପିତା, ଆଇନଗତ ଅଭିଭାବକ, ପୋଷ୍ୟ ଗ୍ରହଣ କରିଥିବା ମାତାପିତାଙ୍କୁ ହରାଇଥିବା ପିଲାମାନଙ୍କୁ ସହାୟତା ଲାଗି କେନ୍ଦ୍ର ସରକାର ଗତବର୍ଷ ମେ' ୨୯ରେ ପିଏମ୍ କେୟାର୍ସ ଯୋଜନା ଆରମ୍ଭ କରିଥିଲେ। ସୋମବାର ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ସ୍କୁଲ୍ ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଛାତ୍ର ବୃତ୍ତି ଅର୍ଥ ପଠାଇବେ।

# ନେପାଳ ବିମାନ ଦୁର୍ଘଟଣା: ଗଲାଣି ଶତାଧିକ ଜୀବନ

ବିଶ୍ୱର ସର୍ବୋଚ୍ଚ ପର୍ବତଶୃଙ୍ଗ ଏଭରେଷ୍ଟର ବାସସ୍ଥାନ ନେପାଳରେ ବିମାନ ଉଡ଼ାଣ ପାଇଁ ପ୍ରତିକୂଳ ପାଣିପାଗ ଓ କଷ୍ଟସାଧ୍ୟ ଯାତ୍ରା ଯୋଗୁ ରେକର୍ଡ ସଂଖ୍ୟକ ଦୁର୍ଘଟଣାର ତାଲିକା ରହିଛି। ଗତ ତିନିବର୍ଷରେ ଏକାଧିକ ବିମାନ ଦୁର୍ଘଟଣାରେ ଶତାଧିକ ଯାତ୍ରୀଙ୍କ ଜୀବନ ଯାଇଛି। ନିକଟ ଅତୀତରେ ନେପାଳର ଏୟାର ଇଣ୍ଡଷ୍ଟ୍ରିରେ ଉନ୍ନତି ହୋଇଥିଲେ ହେଁ ପର୍ବତାଞ୍ଚଳରେ ଯାତ୍ରୀ ଓ ସାମଗ୍ରୀ ପରିବହନ ଏବଂ ବିମାନଯୋଗେ ବିଦେଶୀ ଟ୍ରେକର୍ ଓ ପର୍ବତାରୋହୀଙ୍କୁ ନେବା ଆଣିବା ଏବେ ବି ବେଶ୍ କଷ୍ଟସାଧ୍ୟ। ଏହାବାଦ୍ ବିମାନ ଉଡ଼ାଣର ପଥ ମଧ୍ୟ ଚ୍ୟାଲେଞ୍ଜ ପୂର୍ଣ୍ଣ ହୋଇଥିବାବେଳେ ତାଲିମ୍ ଏବଂ ରକ୍ଷଣାବେକ୍ଷଣ ଅଭାବରୁ ପ୍ଲେନରେ ଯାତ୍ରୀଙ୍କ ସୁରକ୍ଷା ବଡ଼ ଆହ୍ୱାନ। ଅଦ୍ୟାବଧି ନେପାଳରେ ଘଟିଥିବା କେତେକ ବଡ଼ ଧରଣର ବିମାନ ଦୁର୍ଘଟଣା ବାବଦରେ ନିମ୍ନରେ ଦର୍ଶାଯାଇଛି।



ୟୁଏସ୍-ବାଂଲା ଏୟାରଲାଇନ୍ସର ଦୁର୍ଘଟଣାଗ୍ରସ୍ତ ବିମାନ-୨୧୧।

➥୨୦୧୮ ମାର୍ଚ୍ଚ ୧୨ରେ ୟୁଏସ୍-ବାଂଲା ଏୟାରଲାଇନ୍ସର ବିମାନ-୨୧୧ ଢାକାରୁ କାଠମାଣ୍ଡୁ ଯାଉଥିବାବେଳେ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୭୧ ଯାତ୍ରୀଙ୍କ ମଧ୍ୟରୁ ୫୧ ଜଣଙ୍କ ମୃତ୍ୟୁ ଘଟିଥିଲା। ପାଇଲଟ୍‌ଙ୍କ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ପରେ ଜଣପଡ଼ିଥିଲା।

➥୨୦୧୬ ଫେବୃୟାରୀ ୨୪ରେ ତାରା ଏୟାର ଫ୍ଲାଇଟ୍-୧୯୩ ପୋଖରାରୁ ଜୋମସୋମ୍ ଯାଉଥିବାବେଳେ ଉଡ଼ାଣର ୮ ମିନିଟ୍ ପରେ ନିଖୋଜ ହୋଇଥିଲା। ପରେ ବିମାନର ଭଗ୍ନାବଶେଷ ଡାନା ଗ୍ରାମରୁ ମିଳିଥିଲା। ଏଥିରେ ସମସ୍ତ ୨୩ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

➥୨୦୧୨ରେ ସୀତା ଏୟାର ଫ୍ଲାଇଟ୍-୬୦୧ କାଠମାଣ୍ଡୁରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୯ ଯାତ୍ରୀଙ୍କ ଜୀବନ ଯାଇଥିଲା।

➥୨୦୧୨ରେ ଅଗ୍ନି ଏୟାର ଡୋରନିୟର ୨୨୮ ନାମକ ଆଉ ଏକ ବିମାନ ପୋଖରାରୁ ଜୋମସୋମ୍ ଏୟାରପୋର୍ଟକୁ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିଲା।

➥୨୦୧୧ ସେପ୍ଟେମ୍ବରରେ ବୁଦ୍ଧ ଏୟାର ଫ୍ଲାଇଟ୍ ୧୦୩ କ୍ରାଶ୍ ହେବା ଯୋଗୁ ସେଥିରେ ଥିବା ୧୦ ଭାରତୀୟଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ହୋଇଥିଲା।

➥୨୦୧୦ ଡିସେମ୍ବରରେ ତାରା ଏୟାର ଟୁଇନ୍ ଅଟ୍ଟର ଲାମିଦାଣ୍ଡାରୁ କାଠମାଣ୍ଡୁ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୨୨ ଯାତ୍ରୀଙ୍କ ଜୀବନ ଯାଇଥିଲା।

➥୨୦୧୦ରେ ଅଗ୍ନି ଏୟାର ଫ୍ଲାଇଟ୍-୧୦୧ ନାମକ ଆଉ ଏକ ବିମାନ କାଠମାଣ୍ଡୁରୁ ଲୁକ୍‌ଲା ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ୧୪ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

➥୨୦୦୮ ମାର୍ଚ୍ଚରେ ଜାତିସଂଘର ଏକ ହେଲିକପ୍ଟର ପୂର୍ବ ନେପାଳର ରାମେଛାପ୍ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୦ ଯାତ୍ରୀଙ୍କ ଜୀବନ ଯାଇଥିଲା।

➥୨୦୦୬ରେ ଶ୍ରୀ ଏୟାର ଫ୍ଲାଇଟ୍ ପୂର୍ବ ନେପାଳର ତାପ୍‌ଲେଜଙ୍ଗ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବିମାନରେ ଥିବା ସମସ୍ତ ୨୪ ଯାତ୍ରୀ ପ୍ରାଣ ହରାଇଥିଲେ।

➥୨୦୦୦ ମସିହାରେ ଟ୍ୱିନ୍-ଅଟ୍ଟର ବିମାନ ଡାଦେଲଧୁରାଠାରେ କ୍ରାଶ୍ ହେବାରୁ ୨୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

➥ବଡ଼ଧରଣର ଦୁର୍ଘଟଣା ଭାବେ ୧୯୯୨ରେ ପିଆଇଏ ଏୟାର ବସ୍ ଏ-୩୦୦ ଲଳିତପୁରଠାରେ କ୍ରାଶ୍ ହେବାରୁ ଏଥିରେ ୧୬୭ ଜଣଙ୍କ ଜୀବନ ଯାଇଥିଲା।

➥୧୯୯୨ରେ ଆଉ ଏକ ବଡ଼ ଧରଣର ଦୁର୍ଘଟଣା ଭାବେ ଥାଇ ଏୟାରୱେଜ୍ ଏୟାର ବସ୍ ଏ୩୧୦ ଗ୍ୟାଙ୍ଗଫେଡିରେ କ୍ରାଶ୍ ହୋଇଥିଲା। ଏଥିରେ ୧୧୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

# ୧୫ ଶ୍ରେଷ୍ଠ ମନ୍ତ୍ରୀଙ୍କ ମଧ୍ୟରେ ରାଜନାଥ, ଅଶ୍ୱିନୀ

**ଆଇଏଏନ୍ଏସ୍-ସିଭୋଟର ସର୍ଭେ**

ନୂଆଦିଲ୍ଲୀ,୨୯।୫



ରାଜନାଥ ସିଂ



ଅଶ୍ୱିନୀ ବୈଷ୍ଣବ

କୋଭିଡ୍ ମହାମାରୀ ବେଳେ ଟ୍ରେନ୍‌ରେ ଦେଶର ବିଭିନ୍ନ ଅଞ୍ଚଳକୁ ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ର କ୍ୟାବିନେଟର ୧୫ ଶ୍ରେଷ୍ଠ ମନ୍ତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଆଇଏଏନ୍ଏସ୍-ସିଭୋଟର ସର୍ଭେରେ ଏନ୍‌ଡିଏ ଭୋଟରମାନେ ୧୦ ନମ୍ବରରୁ ଅଶ୍ୱିନୀଙ୍କୁ ୬.୮୨ ନମ୍ବର ଦେଇ ୧୨ତମ ସ୍ଥାନରେ ରଖିଥିବାବେଳେ ବିରୋଧୀ ଭୋଟରମାନେ ୫.୯୬ ନମ୍ବର ଦେଇ ୭ମ ସ୍ଥାନରେ ରଖିଛନ୍ତି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସୋସିଆଲ ଗ୍ରୁପ୍ ପାରାମିଟରରେ ସେ ୭.୨୦ ନମ୍ବର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହାମାରୀ ସଙ୍କଟ ବେଳେ ଭାରତୀୟ ରେଲୱେ ଖାଦ୍ୟଶସ୍ୟ, କୋଇଲା, ପେଟ୍ରୋଲିୟମ, ସାର, ଲୁହାପଥର ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଯୋଗ କରିବା ସହ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣି ଦେଶବାସୀଙ୍କ ସଦିଚ୍ଛା ହାସଲ କରିଥିଲା।

ସର୍ଭେ ଅନୁଯାୟୀ ମୋଦି କ୍ୟାବିନେଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ମନ୍ତ୍ରୀ ଦର୍ଶାଯାଇଛି। ଏନ୍‌ଡିଏ ସରକାରର ୮ ବର୍ଷ ପୂର୍ତ୍ତି ଅବସରରେ ଏହି ସର୍ଭେ କରାଯାଇଥିଲା, ଯେଉଁଥିରେ ଏନ୍‌ଡିଏ, ଅଣ ଏନ୍‌ଡିଏ ଭୋଟରଙ୍କ ସମେତ ବିଭିନ୍ନ ପାରାମିଟରକୁ ସାମିଲ କରାଯାଇଥିଲା। ରାଜନାଥଙ୍କୁ ଏନ୍‌ଡିଏ ଭୋଟର୮.୩୬ ନମ୍ବର ଏବଂ ବିରୋଧୀ ଭୋଟର ୭.୦୩ ନମ୍ବର ଦେଇ ପ୍ରଥମ ର୍ୟାଙ୍କ୍‌ରେ ରଖିଛନ୍ତି। ମୁସଲମାନ ସମ୍ପ୍ରଦାୟର ସୋସିଆଲ ଗ୍ରୁପ୍‌ରେ ସେ ୬.୩୦ ସ୍କୋର ସହ ଶୀର୍ଷସ୍ଥାନରେ ଥିବାବେଳେ ଏସ୍‌ସି/ଏସ୍‌ଟି ସୋସିଆଲ ଗ୍ରୁପ୍‌ରେ ୭.୬୩ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେହିପରି କୋଭିଡ୍ ମହାମାରୀ ବିରୋଧରେ ଦେଶର ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ମଧ୍ୟ ଶ୍ରେଷ୍ଠ ମନ୍ତ୍ରୀଙ୍କ ମଧ୍ୟରେ ସ୍ଥାନ ମିଳିଛି। ଆଇଏଏନ୍ଏସ୍-ସିଭୋଟର ସର୍ଭେରେ ୬.୭୫ ନମ୍ବର ସହ ସେ ୧୩ତମ ସ୍ଥାନରେ ରହିଛନ୍ତି।

ସର୍ଭେରେ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ୮.୦୭ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ୭.୭୯ ସ୍କୋର ସହ ତୃତୀୟ ସ୍ଥାନରେ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୭.୬୯ ସ୍କୋର ସହ ଚତୁର୍ଥ ସ୍ଥାନରେ ଅଛନ୍ତି।

ଧରିତ୍ରୀ
DHARITRI
ସୋମବାର, ମେ ୩୦/୨୦୨୨ | Monday, May 30/2022 | ପୃଷ୍ଠା-୧

# ନେପାଳରେ ବିମାନ ଦୁର୍ଘଟଣା: ୪ ଓଡ଼ିଆ ନିଖୋଜ

## ପରିବାର ସହ ବୁଲିବାକୁ ଯାଇଥିଲେ

**କାଠମାଣ୍ଡୁ/ଭୁବନେଶ୍ୱର(ବ୍ୟୁରୋ) ୨୯।୫**

ନେପାଳର ଏକ ଘରୋଇ ବିମାନ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତାରା ଏୟାର ଲାଇନ୍‌ର ଏହି ୯-ଏନ୍‌ଏଇଟି ବିମାନରେ ମୋଟ ୨୨ ଜଣ ଯାତ୍ରୀ ଥିଲେ, ଯହାଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଥିବା ଜଣାପଡ଼ିଛି। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍ ସହ ବିମାନଟିର ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଏହା ଦୀର୍ଘ ସମୟ ଧରି ନିଖୋଜ ହୋଇଯାଇଥିଲା। ରାଡାର ବାହାରକୁ ଚାଲିଯାଇଥିବାବେଳେ ତାକୁ ଠାବ କରିବା ପାଇଁ ଜୋରଦାର ତଲାସି ଅଭିଯାନ ଚାଲିଥିଲା। ହେଲେ ତୁଷାରପାତ ଯୋଗୁ ସନ୍ଧାନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶେଷରେ ପାଇଲଟ୍‌ଙ୍କ ଫୋନ୍ ଟ୍ରାକିଂରୁ ବିମାନର ଲୋକେଶନ (ଅବସ୍ଥିତି) ମିଳିଛି। ନେପାଳର ପାର୍ବତ୍ୟାଞ୍ଚଳ ମୁସ୍‌ତାଙ୍ଗ୍ ଜିଲା କୋୱାଙ୍ଗ୍ ଗ୍ରାମରେ ବିମାନକୁ ଟ୍ରାକ୍ କରାଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ଦୁର୍ଘଟଣାରେ ମୃତାହତଙ୍କ ବାବଦରେ ସ୍ପଷ୍ଟ ସୂଚନା ମିଳିନାହିଁ। ଖରାପ ପାଗ ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି।

ଦୁର୍ଘଟଣାଗ୍ରସ୍ତ ବିମାନରେ ଯାତ୍ରା କରି ନିଖୋଜ ହୋଇଯାଇଥିବା ୨୨ ଯାତ୍ରୀ ମଧ୍ୟରେ ଓଡ଼ିଶାର ଗୋଟିଏ ପରିବାରର ୪ଜଣ ରହିଛନ୍ତି। ସେମାନେ ହେଲେ ଭୁବନେଶ୍ୱର ଜୟଦେବ ବିହାର ଏଚ୍‌ଆଇଜି-୫ରେ ରହୁଥିବା ଅଶୋକ ତ୍ରିପାଠୀ, ସ୍ତ୍ରୀ ରିତିକା, ପୁଅ ଧନୁଷ, ଝିଅ ବୈଭବୀ। ଅଶୋକଙ୍କ ନିଜ ଘର ସୋନପୁର ସହରରେ। ସେ ୨୫ରୁ ଅଧିକ ବର୍ଷ ହେବ ଭୁବନେଶ୍ୱରରେ ରହିଆସୁଛନ୍ତି। ଅଶୋକ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ସଫ୍ଟୱେର କମ୍ପାନୀରେ ଚାକିରି କରନ୍ତି। ହେଲେ ତାଙ୍କ ସ୍ତ୍ରୀ ଓ ପିଲାମାନେ ମୁମ୍ବାଇରେ ରୁହନ୍ତି। ପୁଅ ସେଠାରେ ଇଞ୍ଜିନିୟର ଥିବାବେଳେ ଝିଅ ୧୦ମ ଶ୍ରେଣୀରେ ପଢୁଛନ୍ତି। ନେପାଳ ବୁଲିଯିବାକୁ ଅଶୋକ ଗତ ୨୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ☞ପୃଷ୍ଠା-୨




ନେପାଳ ବିମାନ ଦୁର୍ଘଟଣାରେ ନିଖୋଜ ଅଶୋକ ତ୍ରିପାଠୀ, ସ୍ତ୍ରୀ ରିତିକା, ପୁଅ ଧନୁଷ, ଝିଅ ବୈଭବୀ। ତାରା ଏୟାର ଲାଇନ୍‌ର ଏହି ୯-ଏନ୍‌ଏଇଟି ବିମାନ।

- **ପାଇଲଟ୍‌ଙ୍କ ଫୋନ୍ ଟ୍ରାକିଂରୁ ମିଳିଲା ଲୋକେଶନ**
- **ବିମାନରେ ଥିଲେ ୨୨, ଉଦ୍ଧାର କାର୍ଯ୍ୟ ଜାରି**
- **ଜୟଦେବ ବିହାରରେ ରହୁଥିଲେ ଅଶୋକ**

# ୪ ଯୁବ ଚେହେରାଙ୍କୁ ସୁଯୋଗ



ସୁଲତା ଦେଓ | ମାନସ ମଙ୍ଗରାଜ | ସସ୍ମିତ ପାତ୍ର | ନିରଞ୍ଜନ ବିଶି

## ରାଜ୍ୟ ସଭା ଲାଗି ବିଜେଡି ପ୍ରାର୍ଥୀ

- ଆଲୋଚନା ଭିତରୁ ୩, ଆଉ ଜଣେ ସରପ୍ରାଇଜ୍
- ଦ୍ୱିତୀୟ ଥର ରାଜ୍ୟ ସଭା ଯିବାରେ ବିଜେଡିରୁ ସସ୍ମିତ ତୃତୀୟ
- ମହିଳା, ଆଦିବାସୀ, ସଂଖ୍ୟାଲଘୁ ଏବଂ ସାଧାରଣ ବର୍ଗକୁ ଗୁରୁତ୍ୱ
- ଆଜି ନାମାଙ୍କନ ଭରିବେ ସବୁ ପ୍ରାର୍ଥୀ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ପାଇଁ ଶାସକ ବିଜେଡି ୪ ଯୁବ ଚେହେରାଙ୍କୁ ପ୍ରାର୍ଥୀ କରିଛି। ସେମାନେ ହେଲେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ, ବିଜେଡି ମୁଖପାତ୍ର ସୁଲତା ଦେଓ ଏବଂ ସସ୍ମିତ ପାତ୍ର ଓ ପଶ୍ଚିମ ଓଡ଼ିଶାର ଆଦିବାସୀ ନେତା ନିରଞ୍ଜନ ବିଶି। ୪ ଆସନ ସକାଶେ ବିଜେଡି ପ୍ରାର୍ଥୀ ଭାବେ ଯେଉଁ କେତେଜଣଙ୍କ ନାଁ ଚର୍ଚ୍ଚାକୁ ଆସୁଥିଲା, ସେଥିରୁ ୩ ଜଣ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ପ୍ରାର୍ଥୀ ଚୟନରେ ସର୍ବଦା ସରପ୍ରାଇଜ୍ ଦେଇ ଆସୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥର ମଧ୍ୟ ସେହି ଧାରାରୁ ହଟିନାହାନ୍ତି। ସେ ସବୁ ଆକଳନକୁ ପଛରେ ପକାଇ ନିରଞ୍ଜନ ବିଶିଙ୍କୁ ପ୍ରାର୍ଥୀ କରିଛନ୍ତି। ହେଲେ ସସ୍ମିତ ଦ୍ୱିତୀୟ ଥର ଲାଗି ରାଜ୍ୟ ସଭାକୁ ଯାଉଛନ୍ତି। ଏହା ପୂର୍ବରୁ ସେ ୩ ବର୍ଷ ପାଇଁ ରାଜ୍ୟ ସଭାକୁ ଯାଇଥିଲେ। ଅନ୍ୟ ୩ ଜଣ ନୂଆ ଚେହେରା। ନାଁ ଘୋଷଣା ପରେ ସେମାନେ ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ଓଡ଼ିଶାର ନ୍ୟାଯ୍ୟ ଦାବି ଉଠାଇବେ ବୋଲି କହିଛନ୍ତି।

ବିଜେଡି ପ୍ରାର୍ଥୀ ଘୋଷଣା ପରେ ସମସ୍ତଙ୍କ ନଜରକୁ ଆସିଥିବା ନିରଞ୍ଜନ ବିଶି ହେଉଛନ୍ତି ଜଣେ ପରିଚିତ ଆଦିବାସୀ ନେତା। ସେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ସାଧାରଣ ସମ୍ପାଦକ ଅଛନ୍ତି। ତାଙ୍କୁ ସୁବାସ ସିଂଙ୍କ ସ୍ଥାନରେ ରାଜ୍ୟ ସଭାକୁ ପଠାଇବାକୁ ବିଜେଡି ପ୍ରାର୍ଥୀ କରିଥିବା ଜଣାପଡ଼ିଛି। କଟକ ମେୟର ଭାବେ ନିର୍ବାଚିତ ହେବା ପରେ ସୁବାସ ସିଂ ରାଜ୍ୟ ସଭା ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭାରେ ତାଙ୍କର ୪ ବର୍ଷ କାର୍ଯ୍ୟକାଳ ଥିଲା। ନିରଞ୍ଜନ ବିଶି ୨୦୦୭-୦୮ରୁ ବିଜେଡି ସରକାର ବିରୋଧରେ ଆନ୍ଦୋଳନ କରି ଆସୁଥିଲେ। ଜଣେ ସରକାର ବିରୋଧୀ ନେତା ଭାବେ ସେ ପରିଚିତ ଥିଲେ। ଆଦିବାସୀଙ୍କ ହକ୍ ପାଇଁ ବିଭିନ୍ନ ଆନ୍ଦୋଳନ କରି ବିଜେଡିକୁ ଆଦିବାସୀ ବିରୋଧୀ ସରକାର ବୋଲି କହିଆସୁଥିଲେ। ତେଣୁ ସରକାରଙ୍କ ବିରୋଧରେ ଆଦିବାସୀଙ୍କ ଏହି ଆନ୍ଦୋଳନକୁ ପ୍ରଶମିତ କରିବା ଲାଗି ନିରଞ୍ଜନଙ୍କୁ କିଛିଦିନ ତଳେ ବିଜେଡିରେ ମିଶାଇ ରାଜ୍ୟ ସଭା ପଠାଯାଇଥିବା ଆଲୋଚନା ହେଉଛି। ସଂଖ୍ୟା ଦୃଷ୍ଟିରୁ ସମସ୍ତ ୪ ରାଜ୍ୟ ସଭା ଆସନ ବିଜେଡି ଦଖଲରେ ରହିବା ନିଶ୍ଚିତ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ପ୍ରସନ୍ନ ଆଚାର୍ଯ୍ୟ, ଏନ୍.ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେବାରୁ ୩ଟି ଆସନ ଖାଲି ପଡ଼ିଥିଲା। ୬ ବର୍ଷ କାର୍ଯ୍ୟକାଳ ଥିବା ଏହି ତିନି ଆସନରେ ସୁଲତା, ମାନସ ଓ ସସ୍ମିତଙ୍କୁ ପ୍ରାର୍ଥୀ କରାଯାଇଛି। ସୁବାସ ସିଂଙ୍କୁ କଟକ ମେୟର ପ୍ରାର୍ଥୀ କରିବା ପରେ ତାଙ୍କ ସ୍ଥାନ ମଧ୍ୟ ଖାଲି ହେଲା। ତେବେ ପ୍ରଥମ ୩ ରାଜ୍ୟ ସଭା ଆସନ ଲାଗି ଆସନ୍ତା ୩୧ ନାମାଙ୍କନ ଦାଖଲର ଶେଷ ଦିନ ହୋଇଥିବାବେଳେ ଜୁନ୍ ୧୦ରେ ଭୋଟ ହେବ। ସେହିପରି ୪ର୍ଥ ରାଜ୍ୟ ସଭା ଆସନ ଲାଗି ୨୬ରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବାବେଳେ ୨ରେ ନାମାଙ୍କନ ଦାଖଲର ଶେଷ ଦିନ। ଏହି ଆସନ ସକାଶେ ଜୁନ୍ ୧୩ରେ ଭୋଟ୍ ହେବ। ତେବେ ରାଜ୍ୟ ସଭା ଯିବା ଲାଗି ବିଜେଡିରୁ ବହୁ ଆଶାୟୀ ଥିଲେ ମଧ୍ୟ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ଗଛ ଓ ବିଧାୟକ

### ଆଜିର ମନ୍ତବ୍ୟ

“ଗୁଜରାଟରେ କଂଗ୍ରେସ ସରକାର ଅମଳର ରଥଯାତ୍ରା ଆକ୍ରମଣକାରୀମାନେ ଏବେ ଜେଲରେ ଥାଇ ‘ଜଗନ୍ନାଥ ଜଗନ୍ନାଥ’ ନାମ ଗାନ କରୁଛନ୍ତି।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ




# ସରକାର: ସାବଧାନ ସହ ଆଧାର ବ୍ୟବହାର କର

**ନୂଆଦିଲ୍ଲୀ,୨୯।୫**

ଆଧାର କାର୍ଡର ଫଟୋକପି କୌଣସି ସଂସ୍ଥା ସହ ଶେୟାର ନ କରିବାକୁ କେନ୍ଦ୍ର ସରକାର ପୂର୍ବରୁ ଜାରି କରିଥିବା ଆଡ୍‌ଭାଇଜରିକୁ ରବିବାର ପ୍ରତ୍ୟାହାର କରିନେଇଛନ୍ତି। ତେବେ ସାବଧାନର ସହ ଆଧାର ବ୍ୟବହାର କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଆଧାର ନମ୍ବରର ଅପବ୍ୟବହାର ହେବା ସମ୍ଭାବନା ଥିବାରୁ ଏହାର ଫଟୋକପି କାହା ସହ ଶେୟାର ନ କରିବାକୁ କିଛିଦିନ ପୂର୍ବରୁ ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ର ବେଙ୍ଗାଲୁରୁ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଥିଲା। ଏହା ବଦଳରେ ମାସ୍କଡ୍ ଆଧାର (ଯେଉଁଥିରେ ଆଧାର ନମ୍ବରର କେବଳ ଶେଷ ୪ ଅଙ୍କ ରହିଥିବ) ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଥିଲା। ତେବେ ଉକ୍ତ ପ୍ରେସ୍ ରିଲିଜ୍‌ର ଭୁଲ୍ ଉପସ୍ଥାପନା କରାଯିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଆଡ୍‌ଭାଇଜରିକୁ ପ୍ରତ୍ୟାହାର କରିନେଇଥିବା ଇଲେକ୍ଟ୍ରୋନିକ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



# ୩ ଦିନ ପୂର୍ବରୁ କେରଳ ଛୁଇଁଲା ମୌସୁମୀ

**ନୂଆଦିଲ୍ଲୀ,୨୯।୫**

ଦକ୍ଷିଣପଶ୍ଚିମ ମୌସୁମୀ ରବିବାର କେରଳ ଛୁଇଁଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ ଏହି ଉପକୂଳ ରାଜ୍ୟ ଛୁଉଁଥିବାବେଳେ ଏଥର ୩ ଦିନ ଆଗରୁ ପହଞ୍ଚିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ମୌସୁମୀ ଦକ୍ଷିଣ ଆରବ ସାଗରର କେତେକ ଅଞ୍ଚଳ, ଲାକ୍ଷାଦ୍ୱୀପ, କେରଳର ଅଧିକାଂଶ ଭାଗ, ତାମିଲନାଡୁର କିଛି ଅଂଶ ଏବଂ ମନ୍ନାର ଉପସାଗରର କେତେକ ଅଞ୍ଚଳକୁ ଅଗ୍ରସର ହେଉଥିବା ପାଣିପାଗ ବିଭାଗ କହିଛି। ମୌସୁମୀ ପ୍ରବେଶ ସହ ସ୍ଥିତି ଅନୁକୂଳ ଥିବାରୁ କେରଳରେ ଗତ ୨୪ ଘଣ୍ଟାରେ ବେଶ୍ ଭଲ ବର୍ଷା ହୋଇଛି। ସେଠାର ୧୪ ବୃଷ୍ଟିପାତ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ୧୦ ଷ୍ଟେଶନ ଅଞ୍ଚଳରେ ୨.୫ ମିଲିମିଟରରୁ ଅଧିକ ବର୍ଷା ହୋଇଥିବା ଆଇଏମ୍‌ଡି କହିଛି। ଗତ ୨୪ ଘଣ୍ଟାରେ ତାମିଲନାଡୁ, ☞ପୃଷ୍ଠା-୨



ଧରିତ୍ରୀ
DHARITRI
ସୋମବାର, ୩୦ ମେ, ୨୦୨୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ସଙ୍ଗୀତା
ପରିବାରବର୍ଗ



ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ଘଟଣାକୁ ବିଶ୍ୱାସ କରି ପାରୁନାହିଁ

**ସୋନପୁର,୨୯।୫(ନି.ପ୍ର.)**

ଗତ ମାର୍ଚ୍ଚରେ ସୋନପୁର ଆସିଥିଲେ ଅଶୋକ। ହସଖୁସିରେ ବୁଲାବୁଲି କରି ଫେରି ଯାଇଥିଲେ। ୪ଦିନ ତଳେ ଅଶୋକ ତାଙ୍କ ସହିତ ଫୋନରେ କଥା ହୋଇଥିଲେ। ପରିବାର ସହ ନେପାଳ ବୁଲିବାକୁ ଯିବେ ବୋଲି କହିଥିଲେ। ହେଲେ ରବିବାର ଗଣମାଧ୍ୟମରୁ ସେମାନଙ୍କ ନିଖୋଜ ହୋଇଥିବା ଖବର ଶୁଣି ନିଜକୁ ବିଶ୍ୱାସ କରିପାରୁନାହାନ୍ତି ବୋଲି କହିଛନ୍ତି ଅଶୋକଙ୍କ ଭାଉଜ କଲ୍ୟାଣୀ। ୧୯୯୫ ମସିହାରୁ ଅଶୋକ ଭୁବନେଶ୍ୱର ଜୟଦେବ ବିହାରରେ ଘର କରି ରହୁଛନ୍ତି। ସ୍ତ୍ରୀ ଓ ପୁଅ ମୁମ୍ବାଇରେ ଚାକିରି କରୁଥିବାରୁ ଅଶୋକ ଏବେ ପରିବାର ସହ ମୁମ୍ବାଇରେ ରହୁଥିଲେ। ଅଶୋକଙ୍କ ବଡଭାଇ ଦେବବ୍ରତ ଓ ସୁବ୍ରତଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ଦୁଇ ଭାଇ ସତ୍ୟବ୍ରତ ଓ ରାଜେନ ବାହାରେ ରହୁଛନ୍ତି। ସୋନପୁରରେ କେବଳ ଅଶୋକଙ୍କ

### ୪ଦିନ ତଳେ ଅଶୋକଙ୍କ ସହ କଥା ହୋଇଥିଲି: କଲ୍ୟାଣୀ

ଭାଉଜ ତଥା ବଡଭାଇ ସୁବ୍ରତଙ୍କ ସ୍ତ୍ରୀ କଲ୍ୟାଣୀ ରହୁଛନ୍ତି। ସୁବର୍ଣ୍ଣପୁର ସହର ପ୍ୟାଲେସ ଗାର୍ଡେନର ବରିଷ୍ଠ ଆଇନଜୀବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଚତୁର୍ଥ ପୁତ୍ର ହେଉଛନ୍ତି ଅଶୋକ। ଏଭଳି ଏକ ଦୁଃଖଦ ଦୁର୍ଘଟଣାକୁ ନେଇ ସୁବର୍ଣ୍ଣପୁରରେ ଶୋକର ଛାୟା ଖେଳିଯାଇଛି। ଉଲ୍ଲେଖନୀୟ, ସୁବର୍ଣ୍ଣପୁର ସହରର ମୂଳ ବାସିନ୍ଦା ଅଶୋକ ତ୍ରିପାଠୀ ପରିବାର ସହ ନେପାଳ ବୁଲିବାକୁ ଯାଇଥିଲେ। ସେ ପରିବାର ସହିତ ରବିବାର ସକାଳେ ବିମାନରେ ଯାତ୍ରା କରୁଥିବା ବେଳେ ଉକ୍ତ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ନେପାଳର କୋୱାଙ୍ଗରୁ ବିମାନର ଭଗ୍ନାବଶେଷ ମିଳିଛି। ଏହି ଦୁର୍ଘଟଣାରେ ଅଶୋକ(୫୦)ଙ୍କ ସମେତ ସ୍ତ୍ରୀ, ଝିଅ ଓ ପୁଅ ନିଖୋଜ ହୋଇଥିବା ଭାରତର ବୈଦେଶିକ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଭୁଶୁଡ଼ିଲା ପଣସୁଆପାଳ ବ୍ରିଜ୍

**ଯାଜପୁର ଅଫିସ,୨୯।୫**

ଯାଜପୁର ଜିଲା ବରୀ-ବଡ଼ଚଣା ରାସ୍ତାର ରତ୍ନଗିରି ପଞ୍ଚାୟତ ଅନ୍ତର୍ଗତ ପଣସୁଆପାଳ ନିକଟ କେଲୁଅ ଶାଖା ନାଳ ଉପରେ ଥିବା ବ୍ରିଜ୍ ରବିବାର ପୂର୍ବାହ୍ନରେ ଭୁଶୁଡ଼ି ପଡ଼ିଛି। ବର୍ଷା ହେଉ ନ ଥିଲେ ମଧ୍ୟ ଯାଜପୁର ଡ୍ରେନେଜ ବିଭାଗ ଅଧୀନ ଏହି ବ୍ରିଜ୍ ଭୁଶୁଡ଼ିବା ଘଟଣାକୁ ଅଞ୍ଚଳବାସୀ ସହଜେ ଗ୍ରହଣ କରି ପାରିନାହାନ୍ତି। ତେବେ ସୌଭାଗ୍ୟବଶତଃ ଆଖପାଖ ଗ୍ରାମର କେତେଜଣ ବ୍ୟକ୍ତି ବାଇକ ଯୋଗେ ଏହି ବ୍ରିଜ ଅତିକ୍ରମ କରିବା ପରେ ତାହା ଭୁଶୁଡ଼ି ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଏହିଘଟଣା ଯୋଗୁ ବରୀ ଓ ବଡ଼ଚଣାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଛି। ପୂର୍ବରୁ ବ୍ରିଜ୍ ବିପଦାପନ୍ନ ଥିବା ଚିହ୍ନଟ ହୋଇ ନ ଥିଲା, ଯାହାକି ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବକୁ ସୂଚାଉଛି। ମିଳିଥିବା ସୂଚନା ଅନୁଯାୟୀ ଡ୍ରେନେଜ ବିଭାଗ ପକ୍ଷରୁ ପ୍ରାୟ ୧୫ ବର୍ଷ ତଳେ ଏହି ବ୍ରିଜ ନିର୍ମାଣ ହୋଇଥିଲା। ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରତ୍ନଗିରିକୁ ଲୋକେ ବରୀ ଦେଇ ଏହି ରାସ୍ତାରେ ଯାଇଥାନ୍ତି। ଏହାସହ ଏହି ରାସ୍ତା ଉପରେ ରତ୍ନଗିରି, ପଣସୁଆପାଳ, କୋଲଣଗିରି ପ୍ରଭୃତି ଗ୍ରାମର ଲୋକେ ନିର୍ଭରଶୀଳ। ବ୍ରିଜ୍ ଦୁର୍ବଳ ଥିବା ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଡ୍ରେନେଜ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀମାନେ ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଯଦି ଉପଯୁକ୍ତ ଭାବେ ମରାମତି କରାଯାଇଥାନ୍ତା ତେବେ ଏଭଳି ଘଟଣା ହୋଇ ନଥାନ୍ତା ବୋଲି ମତପ୍ରକାଶ ପାଇଛି। ଜିଲାର ନଦୀନାଳ ଉପରେ ଡ୍ରେନେଜ ବିଭାଗ ପକ୍ଷରୁ ବିପୁଳ ଅର୍ଥ ବ୍ୟୟ କରି ବ୍ରିଜ, ସାଇଡ୍‌ୱାଲ, ପୋଲ ଆଦିର ମରାମତି ଓ ନିର୍ମାଣ କରାଯାଉଛି। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ଭିତରିଆ ବୁଝାମଣା କରି ଅଧିକାଂଶ ଅର୍ଥ ହରିଲୁଟ କରାଯାଉଛି। ଏହି ବ୍ରିଜ୍ ମରାମତି ପାଇଁ ପୂର୍ବରୁ ଅନୁଦାନ ମଞ୍ଜୁର ହୋଇଥିଲେ ହେଁ କୌଣସି କାମ ହୋଇ ନ ଥିଲା ବୋଲି ଆଖପାଖ ଗ୍ରାମବାସୀ କହିଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମାଧିପ ଏକାଦଶସ୍ଥ ହେତୁ କର୍ମକ୍ଷେତ୍ରରେ ସମ୍ମାନ ଓ ପ୍ରତିଷ୍ଠା ପାଇବେ। ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। କଥା କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାକୁ ପଡିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ।

**ବୃଷ**
ଦ୍ୱାଦଶ ସ୍ଥାନରେ ରାହୁ ଯୁକ୍ତ ଶୁକ୍ରଙ୍କ ସଂଯୋଗ ପାରିବାରିକ ଅଶାନ୍ତିର କାରଣ ହୋଇପାରେ। ସହକର୍ମୀ ସୁଯୋଗ ଉଣ୍ଡି ଅସୁବିଧାର ସମ୍ମୁଖୀନ କରାଇ ପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘର ପାଇଁ ସମୟ ପାଇବେ ନାହିଁ। ବନ୍ଧୁବର୍ଗଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବାର ସୁଯୋଗ ଲାଭ କରିବେ।

**ମିଥୁନ**
ଦୂରଯାତ୍ରା, ସତ୍‌ସଙ୍ଗ, ପରିଭ୍ରମଣର ସୁଯୋଗ ପାଇପାରିବେ। ରାହୁଙ୍କ କୁପ୍ରଭାବରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମାନମନାନ୍ତର ଦେଖା ଦେଇପାରେ।

**କର୍କଟ**
ରାଶ୍ୟାଧିପଙ୍କ ଶୁଭ ସଂସ୍ଥାନରୁ ତଥା ସହଯୋଗ ମନୋଭାବରୁ ସମସ୍ତଙ୍କର ଆଦରଣୀୟ ହେବେ। ଗତକାଲିଠାରୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳତା ଆଶା ରହିଛି। ପରିବହନ, ଶିଳ୍ପ, ବାଣିଜ୍ୟରେ ଆଶାଜନକ ଲାଭ ମିଳିବ। ଅଫିସ୍ କାମରେ ଆପଣଙ୍କର ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି।

**ସିଂହ**
ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। କୌଣସି ପ୍ରମାଣ ନ ଥାଇ ପଡ଼ୋଶୀଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ରାଜନୀତି ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରରେ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ।

**କନ୍ୟା**
କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ଭୁଲ୍ ବୁଝାମଣାରୁ ସୁସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ଚିତ୍ରା ନକ୍ଷତ୍ର ପୁରାତନ ରୋଗରେ ପୀଡ଼ା ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ।

**ବିଛା**
ଅନ୍ୟମାନଙ୍କ କଥା ପ୍ରତି ଧ୍ୟାନ ନ ଦେଇ କାମ କଲେ ଉପକୃତ ହେବେ। ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ପାଇଁ ଅନୁକୂଳତା ଅନୁଭବ କରିବେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ନୀଚ ମନୋଭାବ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ଯେଉଁ କାମ ପାଇଁ ମନସ୍ଥ କରିଛନ୍ତି ତାହା ଆଜି ହିଁ ପୂର୍ଣ୍ଣତା ଲାଭ କରିବ। ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। କର୍ମଜଞ୍ଜାଳ ବୃଦ୍ଧି ପାଇପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର**
ବିଭିନ୍ନ ପ୍ରକାର ସମସ୍ୟା ଓ ଦ୍ୱନ୍ଦ୍ୱ ଭିତରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ବାଧକ ସାଜିବ। ଆଜିର ପ୍ରାତଃଭ୍ରମଣ ଓ ମନୋରଞ୍ଜନ ପ୍ରୀତିପ୍ରଦ ହୋଇ ନ ପାରେ।

**କୁମ୍ଭ**
ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ଓ ନିଜ ପରିବେଶରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

**ମୀନ**
କର୍ମକ୍ଷେତ୍ରରେ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ଥିଲେ ମଧ୍ୟ ପାରିବାରିକ କନ୍ଦଳ ହେତୁ ନିରୁତ୍ସାହିତ ରହିବେ। ସାମାଜିକ ସ୍ତରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ।


## classifieds Everyday
0674-2580101, 2549302




**SALE**

Renault Kiger Rxz Amt. Brown Colour 1100km 35 days. Mob: 8480204021. D-586




3Bedrooms with 2Toilets, Dining and Drawing, Balcony and Kitchen for Tolet, IRC Village, Nayapalli, Bhubaneswar. Contact No.- 7381035667. D-73808




**SALE**

3BHK duplex corehouse 20,00,000/- Hanspal (Bainchua) finance available- 8093465134, 9668194157. D-73321

**Bhubaneswar KIIT** ପାଖ **ODM Global School**କୁ ଲାଗି କରି **yellowzone** ଘରବାରି, **boundary plot** ନେଇ **immediate** ଘର କରନ୍ତୁ। **9437033320.** D-73250

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି। ଯୋଗାଯୋଗ- **8328992008, 9827339640 few plot available.** D-596

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252




Refreshing your mind and body with the best therapy, 7873794731. D-317

**Relax, Refresh your body, mind at Saikrupa Spa with best therapies. 8984068077.** D-488

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807




**Institute of Astroguide**ର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। **7008510005, 9437932751.** D-73805

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ‘କାର୍ ବୟ’ ଏକାକ୍ଷର

**ଭୁବନେଶ୍ୱର, ୨୯।୫ (ବ୍ୟୁରୋ)**

ବୟସ ମାତ୍ର ୧୦ ବର୍ଷ, କିନ୍ତୁ ପ୍ରତିଭା ଅନେକ। ପଞ୍ଚମ ଶ୍ରେଣୀରେ ପଢୁଥିଲେ ମଧ୍ୟ ବହୁ ପୁରସ୍କାରର ଅଧିକାରୀ। ଜଣେ ଅଭିନେତା, ସାମାଜିକ କର୍ମୀ ବ୍ୟତୀତ ତାଙ୍କର ଆଉଏକ ନୂଆ ପରିଚୟକୁ ନେଇ ଏବେ ସବୁଠି ଚର୍ଚ୍ଚା। ନାଁ ତା’ର ଏକାକ୍ଷର ପଟ୍ଟନାୟକ। ହେଲେ ବନ୍ଧୁ, ସମ୍ପର୍କୀୟ ଓ ସୋସିଆଲ ମିଡିଆରେ ସେ ଏବେ ‘କାର୍ ବୟ’ ଭାବେ ପରିଚିତ। କାରଣ ଏତେ ଛୋଟ ବୟସରୁ କାର୍‌କୁ ନେଇ ତାଙ୍କ ଜ୍ଞାନ, ନିଶା ଓ ସ୍ୱପ୍ନ ତାଙ୍କୁ ଏପରି ପରିଚୟ ଦେଇଛି। ଏକାକ୍ଷରଙ୍କ ଘର ଜଟଣୀରେ ହୋଇଥିବାବେଳେ ସେ ପରିବାର ସହ ଭୁବନେଶ୍ୱର ସୁନ୍ଦରପଦାରେ ରହୁଛନ୍ତି। ମାତ୍ର ଦେଢ଼ ବର୍ଷ ବୟସରୁ କାର୍ ପ୍ରତି ତାଙ୍କର ଅହେତୁକ ଆଗ୍ରହ ଦେଖିବାକୁ ମିଳିଥିଲା। ସେ ସମସ୍ତ ଅଗ୍ରଣୀ କାର ଉତ୍ପାଦନକାରୀ କମ୍ପାନୀ, ଲୋକପ୍ରିୟ ମଡେଲଗୁଡ଼ିକର ଇତିହାସ, ତିଆରି, ବିକ୍ରୟ, ଭବିଷ୍ୟତର ମଡେଲ, ରୂପାନ୍ତର, ଉତ୍ପାଦନ ସୁବିଧା ଓ ବିକ୍ରୀ ଆଦି ବିଷୟରେ ଚଟାପଟ ଉତ୍ତର ଦେଇପାରନ୍ତି। ଏବେ ସୁଦ୍ଧା ୧୫ହଜାରରୁ ଅଧିକ ଖେଳନା କାର୍ ମଡେଲ୍‌କୁ ନେଇ ସେ ଏକ ସଂଗ୍ରହାଳୟ କରିଛନ୍ତି। ଏଥିରେ ସବୁ ନାମୀ କମ୍ପାନୀର ବିଭିନ୍ନ ମଡେଲର କାର୍ ରହିଛି। ଏହି କୁନି ବାଳକ ଅବସର ସମୟରେ ଭୁବନେଶ୍ୱର, କଟକ, ପୁରୀ ସହରରେ ଥିବା ସୋରୁମ ଗୁଡ଼ିକୁ ପରିଦର୍ଶନ କରି କର୍ମଚାରୀ ଓ ମାଲିକଙ୍କୁ କାର୍ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ଚକିତ କରିଥାନ୍ତି। କାର୍ ପ୍ରତି ତାଙ୍କର ଏତେ ଦୁର୍ବଳତା ଯେ, ତାଙ୍କ କୋଠରିର ସମସ୍ତ ଆସବାବ ପତ୍ର ମଧ୍ୟ କାର୍ ଆକୃତିର। ସୁଯୋଗ ମିଳିଲେ ବଡ ହୋଇ ଦିନେ ନିଜର କାର ଡିଜାଇନ କରିବେ ବୋଲି ଏକାକ୍ଷର କହିଛନ୍ତି। ତେବେ ସେ ଏପରି ଏକ କାର୍ ଉଦ୍ଭାବନ କରିବା ପାଇଁ ଆଶା ରଖିଛନ୍ତି, ଯେଉଁ କାର୍ ବିନା ଚାଳକରେ ତାଙ୍କ ବାପାଙ୍କୁ ତାଙ୍କ ମନପସନ୍ଦର ସ୍ଥାନକୁ ନେଇ ଯାଇପାରିବ। ବିଭିନ୍ନ କାର ସମ୍ପର୍କରେ ତାଙ୍କର ଏହି



ଜ୍ଞାନ ତାଙ୍କୁ ଘରେ ଘରେ ପରିଚିତ କରାଇ ପାରିଛି। ରାଜଧାନୀରେ କୌଣସି କାର୍ ଶୋ’ରୁମ୍‌ର ଉଦ୍‌ଘାଟନ୍ କରାଗଲେ ଏକାକ୍ଷରଙ୍କୁ ଖୋଜାପଡୁଛି। ମନ୍ତ୍ରୀ, ବିଧାୟକ, ଅଭିନେତା, ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅତିଥି ଭାବରେ ଯୋଗଦେଇ କାର ସମ୍ପର୍କରେ ବହୁ ଅଜଣା କଥା ଲୋକଙ୍କୁ କହୁଛନ୍ତି। ଏହା ସମସ୍ତଙ୍କୁ ବିସ୍ମିତ କରୁଛି। ପୁଅର ଏଭଳି ପ୍ରତିଭା ସମ୍ପର୍କରେ ପିତା ଅଭିନେତା ରୁଷି ପଟ୍ଟନାୟକ କୁହନ୍ତି, ଏକାକ୍ଷର ତାଙ୍କ ସହ ବାହାରକୁ ଗଲେ ରାସ୍ତା ସାରା କେବଳ କାର ବିଷୟରେ ହିଁ କଥା ହୁଏ। ଏପରିକି ଅଧ କିଲୋମିଟର ଦୂରରେ ଯାଉଥିବା କାର୍‌କୁ ଦେଖି ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥାଏ। କୌଣସି ସମ୍ପର୍କୀୟ କାର କିଣିବା ପୂର୍ବରୁ ତା’ର ମତାମତ ନିଅନ୍ତି। ବଡ ହୋଇ ଅଟୋମୋବାଇଲ ଇଞ୍ଜିନିୟରିଂ କିମ୍ବା କାର୍ ଡିଜାଇନ କରିବା ତାର ସ୍ୱପ୍ନ ରହିଛି।

# ଟାଲଟୁଲ ନୀତିକୁ ବିରୋଧ, ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଯିବ ୨ହଜାର ପୋଷ୍ଟକାର୍ଡ

**ଭୁବନେଶ୍ୱର, ୨୯।୫ (ବ୍ୟୁରୋ)**

### ଅଲ୍ ଓଡିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା କମିଟି ବୈଠକ

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା ଶାଖା କାର୍ଯ୍ୟକାରିଣୀ କମିଟି ବୈଠକ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ରବିବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଦାବି ପୂରଣରେ ଭାରତ ସରକାରଙ୍କ ଟାଲଟୁଲ ନୀତିକୁ ଦୃଢ଼ ଭାବେ ନିନ୍ଦା କରାଯାଇ ଥିଲା। ଏଥିସହ ପ୍ରତିବାଦ ସ୍ୱରୂପ ରାଜ୍ୟ କମିଟିର ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୩୦ ହଜାର ପୋଷ୍ଟକାର୍ଡ ପଠାଇବା ଅଭିଯାନକୁ ସ୍ୱାଗତ କରାଯାଇଥିଲା। ଜୁନ୍ ଶେଷ ସୁଦ୍ଧା ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ୨ହଜାର ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ ବିବରଣୀ ପାଠ କରିବା ସହିତ ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି ଓ ମହଙ୍ଗା ଭତ୍ତା ପ୍ରଦାନ କରିବା, ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବର୍ଦ୍ଧିତ ପେନ୍‌ଶନ ତୁରନ୍ତ ପ୍ରଦାନ କରିବା ଓ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ମାଗଣା ଚିକିତ୍ସା ଆଦି ୩ ଦଫା ଦାବି ଉପସ୍ଥାପନ କରିଥିଲେ। ବୈଠକରେ ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ତଥା କେନ୍ଦ୍ର ଉପ ସଭାପତି ଭାଗ୍ୟଧର ବ୍ରହ୍ମା, ଖୋର୍ଦ୍ଧା ଜିଲା କମିଟି ଉପସଭାପତି ସଚ୍ଚିଦାନନ୍ଦ ସାମନ୍ତରାୟ, ହରେକୃଷ୍ଣ ବେହେରା, ଯୁଗ୍ମ ସମ୍ପାଦକ ନବକିଶୋର ରଣା ପ୍ରମୁଖ ଉପସ୍ଥିତ ଥିଲେ। ନିଗମ କର୍ମଚାରୀ ମହାସଂଘ ମହାସଚିବ ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ନେପାଳରେ ବିମାନ ଦୁର୍ଘଟଣା...

ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଦିଲ୍ଲୀ ଯାଇଥିଲେ। ମୁମ୍ବାଇରୁ ସ୍ତ୍ରୀ ଓ ଝିଅପୁଅ ଦିଲ୍ଲୀ ଆସିବା ପରେ ସେଠାରୁ ସମସ୍ତେ ନେପାଳ ବୁଲିବାକୁ ଯାଇଥିଲେ। ଅଶୋକ ଯିବା ସମୟରେ ତାଙ୍କ କେୟାରଟେକର୍ ଟିକନ ସାମଲଙ୍କୁ ଜୁନ୍ ୮ରେ ଫେରିଆସିବେ ବୋଲି କହି ଘରର ସମସ୍ତ ଦାୟିତ୍ୱ ଦେଇଥିଲେ। ଶନିବାର ରାତି ୧୨ଟାରେ କେୟାରଟେକର୍‌ଙ୍କ ସହ ଅଶୋକଙ୍କ ମେସେଜ୍ ଜରିଆରେ ଶେଷ ଥର ପାଇଁ ଯୋଗାଯୋଗ ହୋଇଥିଲା। ସେମାନେ ପ୍ରଥମେ ନେପାଳ ରାଜଧାନୀ କାଠମାଣ୍ଡୁରୁ ପୋଖ୍‌ରା ଯାଇଥିଲେ। ରବିବାର ସକାଳେ ଏକ ଛୋଟ ବିମାନରେ ଜୋମ୍‌ସୋମ୍ ବୁଲି ଯାଇଥିଲେ। ହେଲେ ପୂର୍ବାହ୍ନ ପ୍ରାୟ ୯ ଟା ୫୫ରେ ବିମାନ ସହ କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଦୁର୍ଘଟଣା ନେଇ ଟୁର୍ ଅପରେଟରଙ୍କ ପକ୍ଷରୁ ଅଶୋକଙ୍କ ଭାଇ ସତ୍ୟବ୍ରତ ତ୍ରିପାଠୀଙ୍କୁ ସୂଚନା ଦିଆଯାଇଥିଲା। ସତ୍ୟବ୍ରତଙ୍କ କହିବା ହେଲା, ସେମାନେ ନେପାଳରେ ଅବସ୍ଥାପିତ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ଅଛନ୍ତି। ସନ୍ଧାନ ମିଳିଲେ ଦୂତବାସ ପକ୍ଷରୁ ସୂଚନା ଦିଆଯିବ ବୋଲି କୁହାଯାଇଛି। ଖବର ମିଳିବା ପରେ ସେଠାକୁ ଯିବେ। ଓଡ଼ିଶା ସରକାର ଏବଂ କେନ୍ଦ୍ରର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସାହାଯ୍ୟ କରନ୍ତୁ ବୋଲି ସତ୍ୟବ୍ରତ ଅନୁରୋଧ କରିଛନ୍ତି। ନେପାଳ ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଦୁଇ ଇଞ୍ଜିନ ବିଶିଷ୍ଟ ତାରା ଏୟାରର ୯-ଏନ୍ଏଇଟି ବିମାନ ସକାଳେ ୯ଟା ୫୫ ମିନିଟରେ ୪ ଭାରତୀୟ, ୩ ଜାପାନୀ, ୨ ଜର୍ମାନୀ ନାଗରିକଙ୍କ ସମେତ ୧୩ ନେପାଳୀଙ୍କୁ ନେଇ ପୋଖରାରୁ ଜୋମ୍‌ସୋମ୍‌କୁ ଯାଉଥିଲା। ଉଡ଼ାଣ ଆରମ୍ଭର ପ୍ରାୟ ୧୫ ମିନିଟ୍ ପରେ ମୁସ୍‌ତାଙ୍ଗ ଜିଲା ଲେଟେ ଅଞ୍ଚଳରେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅପରପକ୍ଷରେ ସ୍ଥାନୀୟ ଲୋକେ ଭୟଙ୍କର ଶବ୍ଦ ଶୁଣିବାକୁ ପାଇଥିବା କହିଛନ୍ତି। ପାଇଲଟଙ୍କ ଫୋନ୍ ଟ୍ରାକିଂ ଅନୁସାରେ ଶେଷ ଲୋକେଶନ ଲେଟେର ଟିଟି ଅଞ୍ଚଳରେ ହୋଇଥିବାରୁ ବିମାନଟି ସେହିଠାରେ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ତେବେ ଏହାକୁ ଠାବ କରିବା ପାଇଁ ସେଠାରେ ୨ଟି ହେଲିକପ୍ଟର ମୁତୟନ କରାଯାଇଥିବା ଡିଏସ୍‌ପି ରାମ କୁମାର ଦାନୀ ସୂଚନା ଦେଇଛନ୍ତି। ନେପାଳ ସେନାର ଅନ୍ୟ ଏକ ହେଲିକପ୍ଟରକୁ ମଧ୍ୟ ସନ୍ଧାନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ନେପାଳରେ ଥିବା ଭାରତୀୟ ଦୂତାବାସ ନିଖୋଜଙ୍କ ପରିବାର ସହ ଯୋଗାଯୋଗରେ ଥିବା କହିଛି। ଦୂତାବାସ ପକ୍ଷରୁ +୯୭୭-୯୮୫୧୧୦୭୦୨୧ ଏମର୍ଜେନ୍ସି ହଟ୍‌ଲାଇନ ନମ୍ବର ଜାରି କରାଯାଇଛି।

## ୪ ଯୁବ ଚେହେରାଙ୍କୁ...

ଦଳ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦେଇଛି। କଂଗ୍ରେସରୁ ଆସି ନିକଟରେ ଯୋଗ ଦେଇଥିବା ପ୍ରଦୀପ ମାଝିଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି କେତେକାଂଶରେ ଆଲୋଚନା ଚାଲିଥିଲେ ମଧ୍ୟ ସେପରି କିଛି ହୋଇନାହିଁ। ସମାନଭାବେ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା କୌଣସି ଜଣେ ହେଲେ ନେତାଙ୍କୁ ମଧ୍ୟ ରାଜ୍ୟ ସଭା ପଠାଇବା ଦିଗରେ ଦଳ ଚିନ୍ତା କରିନାହିଁ। ଘୋଷଣା ହୋଇଥିବା ପ୍ରାର୍ଥୀମାନେ ମହିଳା, ଆଦିବାସୀ, ସଂଖ୍ୟାଲଘୁ ଏବଂ ସାଧାରଣ ବର୍ଗର ବୋଲି ଦଳ ବାର୍ତ୍ତା ମଧ୍ୟ ଛାଡ଼ିଛି। ପଶ୍ଚିମ ଓଡ଼ିଶାରୁ କାହାକୁ ପଠାଯିବ ବୋଲି ଆଲୋଚନା ହେଉଥିଲା ସେଥିରେ ନିରଞ୍ଜନଙ୍କ ପାଳି ପଡ଼ିଛି। ହେଲେ ବୈଜୟନ୍ତ ପଣ୍ଡା ଏବଂ ପ୍ୟାରୀମୋହନ ମହାପାତ୍ରଙ୍କ ପରେ ଦ୍ୱିତୀୟ ଥର ପାଇଁ ବିଜେଡିରୁ ରାଜ୍ୟ ସଭା ଯିବାରେ ସମ୍ମିତ ହେଉଛନ୍ତି ତୃତୀୟ ବ୍ୟକ୍ତି। ଅନ୍ୟପକ୍ଷରେ ବହୁ ବରିଷ୍ଠ ନେତା ମୁହଁ ଖୋଲୁ ନ ଥିଲେ ମଧ୍ୟ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣାକୁ ନେଇ ଅସନ୍ତୁଷ୍ଟ ରହିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ୩ ଦିନ ପୂର୍ବରୁ କେରଳ ...

ପଶ୍ଚିମବଙ୍ଗର ପାର୍ବତ୍ୟାଞ୍ଚଳ ଏବଂ ବିହାରରେ ମଧ୍ୟ ଭଲ ବର୍ଷା ହୋଇଥିବା ଜଣାପଡ଼ିଛି। ସମୁଦ୍ର ପତ୍ତନ ଉପରେ ୪.୫ କିଲୋମିଟର ପର୍ଯ୍ୟନ୍ତ ପଛୁଆ ପବନ ବହିବା ସହ ଦକ୍ଷିଣପୂର୍ବ ଆରବ ସାଗର ଏବଂ କେରଳ ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିଥିବାରୁ ମୌସୁମୀ ଦେଶର ଅନ୍ୟ ଭାଗକୁ ଶୀଘ୍ର ପହଞ୍ଚିବା ନେଇ ସ୍ଥିତି ସନ୍ତୋଷଜନକ ଥିବା କୁହାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ମୌସୁମୀ ମେ’ ୨୭ରେ କେରଳରେ ପହଞ୍ଚିବ ବୋଲି ପୂର୍ବରୁ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ପରେ ଏହା ୨/୩ ଦିନ ବିଳମ୍ବରେ ପହଞ୍ଚିବ ବୋଲି ଆଇଏମ୍‌ଡି କହିଥିଲା। ତେବେ ରବିବାର ମୌସୁମୀ କେରଳ ଛୁଇଁବା ସହ ଅଗ୍ରସର ହେବା ଲାଗି ଅନୁକୂଳ ସ୍ଥିତି ଥିବାରୁ ଓଡ଼ିଶାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହା ପହଞ୍ଚିପାରେ ବୋଲି ଆଶା କରାଯାଉଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲମୀ ନାନୀ**
**ମୂଷା କାଟିନେଲା ପଣତ କାନି।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର ପାଇପାରି ନ ଥାନ୍ତି। ଅତି ଓଲୀ, ଏପରି ଓଲୀ ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ନ ଜାଣି ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଲାଗଇ ଗଲୁ**
**ବାପା କରିଥିଲେ ବାଛି ବାଛି କୋଇଁ**
**ସେ’ତ ନିପଟ ଓଲୁ।**

ଶ୍ରେଷ୍ଠ ବୋଲି ବିଚାର କରି ଆପଣେଇ ନିଆଯାଉଥିବା ବ୍ୟକ୍ତି ଅଯୋଗ୍ୟ, ଅପଦାର୍ଥ ବୋଲି ପ୍ରମାଣିତ ହେଲେ ମଣିଷ ହତୋତ୍ସାହିତ ହୋଇଯାଏ। ସାଧାରଣତଃ ଓଲୁ ବା ହୁଣ୍ଡା ପ୍ରକୃତିର ବ୍ୟକ୍ତି କୌଣସି ଗୁଣକୁ ଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ସଠିକ୍ ଢଙ୍ଗରେ କରାଯାଇ ପାରୁ ନ ଥିବା ସ୍ଥଳେ ଏପରି ଅଯୋଗ୍ୟ ବ୍ୟକ୍ତିକୁ ପତି ରୂପରେ ପାଇ ପତ୍ନୀ ମନ ଊଣା କରିବସିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୧୫,୦୬,୬୫୧ | ୬୩,୧୦,୬୭୭ | ୫୦,୨୧,୬୧,୧୯୪ |
| ଭାରତ | ୪,୩୧,୫୩,୦୪୩ | ୫,୨୪,୫୮୬ | ୪,୨୬,୧୧,୩୭୦ |
| ଓଡ଼ିଶା | ୧୨,୮୮,୪୩୧ | ୯୧୨୬(+୫୩) | ୧୨,୭୯,୧୭୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଜିଠୁ ନବୀନଙ୍କ ୩ ଦିନିଆ ଦିଲ୍ଲୀ ଗସ୍ତ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନ ୧ଟାରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ରଖିବେ ବୋଲି ଚର୍ଚ୍ଚା ହେଉଛି। ଆଗକୁ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଭେଟଘାଟ ବହୁ ଗୁରୁତ୍ୱ ରଖୁଛି। କାରଣ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏକୁ ବିଜେଡି ଓ ଆନ୍ଧ୍ରର ଟିଡିପି ସରକାରର ସମର୍ଥନ ଆବଶ୍ୟକ। ତେଣୁ ମୋଦି ରାଷ୍ଟ୍ରପତି ନିର୍ବାଚନ ଲାଗି ସମର୍ଥନ ଲୋଡ଼ିପାରନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଜ୍ୟର ଅନ୍ୟାନ୍ୟ ସମସ୍ୟା ନେଇ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଆସନ୍ତା ୧ ତାରିଖ ଦ୍ୱିପ୍ରହର ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।



ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଷଷ୍ଠ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଖୋଲିଥିବା ଆଫ୍‌ଗାନିସ୍ତାନ ବ୍ୟବସାୟୀଙ୍କ ଡ୍ରାଏ ଫ୍ରୁଟ୍ ଷ୍ଟଲ୍‌ରେ ଗ୍ରାହକମାନେ କିଣାକିଣି କରୁଛନ୍ତି।

# ୪୪ ଡିଗ୍ରୀରେ ସିଝିଲା ସୋନପୁର

## ୮ ସ୍ଥାନରେ ୪୩ ଡିଗ୍ରୀ ଉପରେ ପାରଦ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ରାଜ୍ୟରେ ଅସମ୍ଭାଳ ହେଲାଣି ତାତି। ଟାଇଁ ଟାଇଁ ଖରାକୁ ଗୁଳୁଗୁଳି ଓ ତା' ସହିତ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଥିବାବେଳେ ଓଡ଼ିଶାରେ କେବେ ପହଞ୍ଚିବ ରାଜ୍ୟବାସୀ ଚାତକ ପରି ଚାହିଁ ବସିଛନ୍ତି। ସେପଟେ ପଶ୍ଚିମ ଓଡ଼ିଶାକୁ ପୁଣି ତାତି ଫେରିଛି। ରବିବାର ୧୭ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୮ ସ୍ଥାନରେ ପାରଦ ୪୩ ଡିଗ୍ରୀ ଟପିଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସୋନପୁରରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ରହିଥିବାବେଳେ ପ୍ରବଳ ଗରମରେ ଲୋକେ ସିଝିଗଲା ପରି ଅନୁଭବ କରିଥିଲେ। ସେହିଭଳି ଟିଟିଲାଗଡ଼ ୪୩.୮, ବଲାଙ୍ଗୀର ୪୩.୪, ଝାରସୁଗୁଡ଼ା ୪୩.୪, ସମ୍ବଲପୁର ୪୩, ବରଗଡ଼ ୪୩, ଭବାନୀପାଟଣା ୪୩, ବୌଦ୍ଧ ୪୩ ଡିଗ୍ରୀ, ଅନୁଗୋଳ ୪୧.୯, ବାରିପଦା ୪୧.୬, ସୁନ୍ଦରଗଡ଼ ୪୧, ହୀରାକୁଦ ୪୨.୭, ତାଳଚେର ୪୧, ମାଲକାନଗିରି ୪୧.୫, ପାରଳାଖେମୁଣ୍ଡି ୪୧.୫, ଦେବଗଡ଼ ୪୦, ନୂଆପଡ଼ା ୪୧, ଭୁବନେଶ୍ୱର ୩୮.୨ ଓ କଟକରେ ୩୮.୮ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହିଭଳି ତାତି ଆସନ୍ତା ୪/୫ ଦିନ ପର୍ଯ୍ୟନ୍ତ ଜାରି ରହିବ। ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସେପଟେ ସୋମବାର କେତେକ ଜିଲାକୁ ସ୍ୱଳ୍ପ ବର୍ଷା ସମ୍ଭାବନା ରହିଥିବାବେଳେ ଆଉ କିଛି ଜିଲାକୁ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝରରେ ବର୍ଷା ହେବ। କିନ୍ତୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଆଦି ୭ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବାକୁ ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଆର୍‌କେଭିୱାଇ ଲକ୍ଷ୍ୟଭ୍ରଷ୍ଟ

- ଉତ୍କର୍ଷ ମାନର ଚାରା ସାମଗ୍ରୀ ଅଭାବ
- ପ୍ରକଳ୍ପ ସାରିବାକୁ ସେପ୍ଟେମ୍ବର ଯାଏ ଅବଧି ଘୁଞ୍ଚିଲା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୯।୫

କୃଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୦୭ ମେ ୨୯ରେ ଜାତୀୟ ବିକାଶ ପରିଷଦ(ଏନ୍‌ଡିସି) ବୈଠକରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ପ୍ରଣିତ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ଫସଲର ଅମଳ ହ୍ରାସ ଦୂର କରିବା ସହ କୃଷକମାନଙ୍କୁ ସର୍ବାଧିକ ଲାଭ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ହେଲେ ଓଡ଼ିଶାରେ ଏହି ଯୋଜନା ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଏହି ଯୋଜନାରେ ୨୦୨୦-୨୧ ବର୍ଷରେ ୩୫୪୯.୫୦ ଲକ୍ଷ ଟଙ୍କାର ୭ଟି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସଂଶୟ ସୃଷ୍ଟି ହୋଇଛି। ଉତ୍କର୍ଷ ଚାରା ସାମଗ୍ରୀ ଅଭାବ, ଏସ୍‌ଏନ୍‌ଏ(ସିଙ୍ଗଲ ନୋଡାଲ ଆକାଉଣ୍ଟ)ର କାର୍ଯ୍ୟ ସମ୍ପାଦନ ଏବଂ ପିଏଫ୍‌ଏମ୍‌ଏସ୍(ପ୍ରୋଜେକ୍ଟ ଫାଇନାନ୍ସ ମନିଟରିଂ ସିଷ୍ଟମ) ଜନିତ ସମସ୍ୟା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଏହି କାରଣରୁ ପ୍ରକଳ୍ପଗୁଡ଼ିକର ଶେଷ କରିବାର ଅବଧିକୁ ଆସନ୍ତା ସେପ୍ଟେମ୍ବର ଓ ଡିସେମ୍ବରକୁ ଘୁଞ୍ଚାଇ ଦିଆଯାଇଛି।

ରାଜ୍ୟରେ ଉତ୍ପାଦିତ ପନିପରିବା ପରିମାଣ ଅନୁସାରେ ଆବଶ୍ୟକ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ବିଭିନ୍ନ ସମୟରେ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଲୋକେ ବଜାରରେ ୭୦/୮୦ ଟଙ୍କାରେ ଟମାଟୋ କିଣୁଛନ୍ତି। ସମବାୟ ବିଭାଗ ଅଧୀନରେ ରାଜ୍ୟରେ ସମୁଦାୟ ୧୮ଗୋଟି ସମବାୟ ଶୀତଳଭଣ୍ଡାର ରହିଛି। ସେଥିରୁ ମାତ୍ର ୪ଟି କାର୍ଯ୍ୟକ୍ଷମ। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୨୧ଗୋଟି ଶୀତଳଭଣ୍ଡାର ବେସରକାରୀ ସ୍ତରରେ ନିର୍ମାଣ କରାଯାଇଛି। ଏଥିରୁ ଉଦ୍ୟାନ କୃଷି ଉପରେ ସରକାରଙ୍କ ଆନ୍ତରିକତା କେତେ ତାହା ଜଳଜଳ ହୋଇ ଦିଶୁଛି। ଏହିକ୍ରମରେ ଆର୍‌କେଭିୱାଇ କେତେ ଫଳପ୍ରଦ ହେବ ତାହା ସ୍ପଷ୍ଟ ଅନୁମେୟ। ଉଦ୍ୟାନ ବିଭାଗ ପକ୍ଷରୁ ଏହି ଯୋଜନାରେ କିଚେନ ଗାର୍ଡେନ ପାଇଁ ୬୫୮ ଲକ୍ଷ ଟଙ୍କାର ପନିପରିବା ମିନି କିଟ୍ସ ଯୋଗାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୧୪.୮୧ ଲକ୍ଷ ଟଙ୍କା ପ୍ରଦାନ ହୋଇଥିବାବେଳେ ସେଥିରୁ ମାତ୍ର ୯୪ ହଜାର ୫୪୯ ଟଙ୍କା ଖର୍ଚ୍ଚ ହୋଇଛି। ଘରର ପଛପଟେ ଫଳବଗିଚା କରିବାକୁ ୨୫୯ ଲକ୍ଷ ଟଙ୍କାର ଯୋଜନା ହୋଇଥିଲା। ହେଲେ ସେଥିରୁ ମାତ୍ର ୪୩.୦୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ୯.୬୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ଘର ପଛପଟେ ଆମ୍ବ ବନୀକରଣ କରିବାକୁ ୧୭୫ ଲକ୍ଷ ଟଙ୍କାର ଅଟକଳ ହୋଇଥିବାବେଳେ ୮୦.୧ ଲକ୍ଷ ଟଙ୍କା ପ୍ରଦାନ ଏବଂ ୬୧.୯୧ ଲକ୍ଷ ଖର୍ଚ୍ଚ ହୋଇଛି। ରାଜ୍ୟର ୪୦ଟି ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଅଧିକ ମୂଲ୍ୟର ପନିପରିବା ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ସ୍ୱରୂପ ୧୫୨୧ ଲକ୍ଷ ଟଙ୍କାର ଯୋଜନା ହୋଇଥିଲା। ସେଥିରୁ ୫୫୧.୭୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲାବେଳେ ମାତ୍ର ୭୭.୮୧ ଲକ୍ଷ ଟଙ୍କା ଖର୍ଚ୍ଚହୋଇଛି। ଫୁଲ ଚାଷ ପାଇଁ ୧୮୧.୮୦ ଲକ୍ଷ ଟଙ୍କା ଅଟକଳ ହୋଇଥିବାବେଳେ ସେଥିରୁ ୨୦.୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଓ ୧୬.୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ୫ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୧୦ ହଜାର ବ୍ୟକ୍ତିଗତ ଲୋକଙ୍କ ପାଇଁ ଛତୁ ଚାଷ କରିବାକୁ୬୦୬ ଲକ୍ଷ ଟଙ୍କାର ଅଟକଳ ହୋଇଥିଲା। ସେଥିରୁ ମାତ୍ର ୬୩.୭୫ ଲକ୍ଷ ପ୍ରଦାନ କରାଯାଇଥିବାବେଳେ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ଆଦିବାସୀ ଅଞ୍ଚଳରେ ବିନା ମାଟି ନର୍ସରି ପ୍ରସ୍ତୁତ କରିବାକୁ ୧୪୮.୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସେଥିରୁ ମାତ୍ର ୧୧୮.୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ଆର୍‌କେଭିୱାଇର ସଫଳତା ଆଶା କରିବା ବୃଥା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।



ଅନ୍ୟପକ୍ଷେ ରାଜ୍ୟରେ ଥିବା ବିଭିନ୍ନ ଉଦ୍ୟାନ କେନ୍ଦ୍ରର ବିକାଶ ଓ ଏହାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଆଖିବୁଜି ଦେଇଛନ୍ତି। ଏହାର ସାମର୍ଥ୍ୟ ବୃଦ୍ଧି ହେଉ ନ ଥିବାରୁ ରାଜସ୍ୱ ଆଦାୟ ନୈରାଶ୍ୟଜନକ ହେବା ସହିତ କୃଷିଜୀବୀମାନେ ଉପକୃତ ହୋଇ ପାରୁନାହାନ୍ତି। ଏଠାରେ ଯାଜପୁର ଜିଲାର ମହାବିନାୟକ ଫଳ ଉଦ୍ୟାନ, ଧର୍ମଶାଳା ନର୍ସରୀ ଏବଂ ସୁକିନ୍ଦା ବିହନ ଫାର୍ମକୁ ଉଦାହରଣ ଭାବେ ନିଆଯାଇପାରେ। ନିକଟରେ ସୁକିନ୍ଦା ବିହନ ଫାର୍ମର ୩୫୭ ଏକର ଜମିରେ ପିଜୁଳି ବଗିଚା ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ବିନା ପରିବେଶ ମଞ୍ଜୁରୀରେ ଜଙ୍ଗଲ ଜମିରେ ଏହି ପ୍ରକଳ୍ପକୁ ଏନ୍‌ଜିଟି ରୋକ ଲଗାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୧ କୋଟି ଟଙ୍କାର ଜରିମାନା ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ଏଭଳି ଭାବେ ପ୍ରଶାସନର ଅଦୂରଦର୍ଶିତା ଏବଂ ଖାମଖିଆଲି ମନୋଭାବ ଯୋଗୁ ଉଦ୍ୟାନ କୃଷିର ବିକାଶ ଅଧାରେ ଲାଖିଛି ବୋଲି ମତପ୍ରକାଶ ପାଇଛି।

# ବିଶ୍ୱସ୍ତରୀୟ ହେବ ପାରାଦୀପ ବନ୍ଦର

## ଖର୍ଚ୍ଚ ହେବ ୩୦୦୪.୬୩ କୋଟି ଟଙ୍କା

ପୋତାଶ୍ରୟ ଖନନ, ଡକ୍ ବିକାଶ ସହ ଅନ୍ୟାନ୍ୟ କାର୍ଯ୍ୟ କରାଯିବ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦୀର୍ଘମିଆଦୀ ବନ୍ଦର ଭିତ୍ତିଭୂମି ଯୋଜନାର ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିଛି। ଏହି ଯୋଜନାରେ ପାରାଦୀପ ବନ୍ଦର ବିକାଶ ପ୍ରକଳ୍ପ ସ୍ଥାନ ପାଇଛି। ବିଶ୍ୱସ୍ତରୀୟ ସହ ବୃହତ୍ ଜାହାଜ ପରିଚାଳନାଗତ ସାମର୍ଥ୍ୟ ବୃଦ୍ଧି ଲକ୍ଷ୍ୟ ରଖି ପାରାଦୀପ ବନ୍ଦରର ପୋତାଶ୍ରୟକୁ ଗଭୀର କରାଯିବ। ଏଥିସହ ନିର୍ମାଣାଧୀନ ପଶ୍ଚିମ ଡକ୍‌ର ବିକାଶ ସରକାରୀ ଓ ଘରୋଇ ଭାଗୀଦାରିତା (ପିପିପି) ମୋଡ୍‌ରେ କରାଯିବ। ଏହି ପ୍ରକଳ୍ପ ବାବଦରେ ୩୦୦୪.୬୩ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ନୂତନ ପଶ୍ଚିମ ଡକ୍‌ର ବି.ଓ.ଟି. ଭିତ୍ତିକ ବିକାଶ ଓ କେତେକ ନିର୍ଦ୍ଦିଷ୍ଟ ସ୍ଥାନର ଡ୍ରେଜିଂ ପାଇଁ ଯଥାକ୍ରମେ ୨,୦୪୦ କୋଟି ଓ ୩୫୨,୧୩ କୋଟି ଟଙ୍କା ବ୍ୟୟ କରାଯିବ। ଅନ୍ୟାନ୍ୟ ସହକାରୀ ପ୍ରକଳ୍ପ ଭିତ୍ତିଭୂମି ବିକାଶ ବାବଦକୁ ପାରାଦୀପ ବନ୍ଦର ପକ୍ଷରୁ ୬୧୨.୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପର ସଫଳତା ପାରାଦୀପକୁ ଏକ ବୃହତ୍ ବନ୍ଦରର ମାନ୍ୟତା ଦେବ ବୋଲି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ବିକାଶ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ସେ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ସରିଲେ ବନ୍ଦରର ସାମର୍ଥ୍ୟ ବୃଦ୍ଧି ହେବା ସହ ବୃହତ୍ ଜାହାଜ ମାଲ ପରିବହନ ସୁରୁଖୁରୁରେ କରିପାରିବ ଓ ବର୍ତ୍ତମାନର ସାମର୍ଥ୍ୟଠାରୁ ଆହୁରି ଅଧିକ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ବୃଦ୍ଧି ପାଇବ। ବନ୍ଦରର ଦକ୍ଷତା ବୃଦ୍ଧି ସହ ପଣ୍ୟ କାରବାର, ସାମାଜିକ-ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କର୍ମନିଯୁକ୍ତି ମଧ୍ୟ ବୃଦ୍ଧି ପାଇବ। ଏଥିସହିତ ବନ୍ଦରର ଭିଡ଼ ହ୍ରାସ ସାଙ୍ଗକୁ ସାମୁଦ୍ରିକ ଦେୟ ହ୍ରାସ ପାଇବା ଫଳରେ କୋଇଲା ଆମଦାନୀ ମଧ୍ୟ ଶସ୍ତା ହେବ। ବର୍ତ୍ତମାନର ପ୍ରତିଯୋଗିତାମୂଳକ ବୈଶ୍ୱିକ ବାତାବରଣରେ ଆମଦାନୀ-ରପ୍ତାନି କାରବାର ସହଜ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



# ମହୁ ସଂଗ୍ରହ ବେଳେ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଠାକୁରମୁଣ୍ଡା, ୨୯।୫(ଡି.ଏନ.ଏ.)

ଗଛରେ ଚଢ଼ି ମହୁ ସଂଗ୍ରହ କରିବା ହେଲା କାଳ। ରାତିରେ ମହୁ ସଂଗ୍ରହ କରି ତଳକୁ ଓହ୍ଲାଉଥିବା ବେଳେ ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ସାଲେଇବେଡ଼ା ପଞ୍ଚାୟତ ଖାପରଖାଇ ଗ୍ରାମର ସାନ ଖଣ୍ଡୁଆଳ(୩୦)। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ପଞ୍ଚାୟତର ଖମଡିହା ଗ୍ରାମ ପୁରୁଣାପାଣି ସାହିରେ ଏକ ଶିମିଳି ଗଛରେ ମହୁ ଫେଣା ହୋଇଥିଲା। ଶନିବାର ରାତି ପ୍ରାୟ ୨ଟା ବେଳେ ସାନ ଗଛରେ ଚଢ଼ି ମହୁ ସଂଗ୍ରହ କରି ଓହ୍ଲାଉଥିବା ସମୟରେ ତଳକୁ ଖସି ପଡ଼ିଥିଲେ। ଗଛ ତଳେ ଥିବା ଅନ୍ୟ ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମଙ୍କି ପକ୍ସ: ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)



ବିଶ୍ୱର ବିଭିନ୍ନ ଦେଶରେ ମଙ୍କି ପକ୍ସ ଭାଇରସ୍ ଆତଙ୍କ ଖେଳାଇଥିବାବେଳେ ଭାରତରେ ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ଘଟଣା ଦେଖାଯାଇନାହିଁ। ତେବେ ଏ ଦିଗରେ ସଚେତନ ରହିବା ସହ ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାକୁ ରବିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ୱାର୍ଲଡ ହେଲ୍‌ଥ ଅର୍ଗାନାଇଜେଶନ ଓ ଆଇସିଏମ୍‌ଆର୍ ମାର୍ଗଦର୍ଶିକା ଓ ପ୍ରୋଟୋକଲ ଅନୁଯାୟୀ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭାଇରସ୍‌ର ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଆଗୁଆ ସତର୍କ ସୂଚନା ଜାରି କରିବ। ଏଥିସହିତ ଆଇସିଏମ୍‌ଆର୍‌ର ଅନୁଧ୍ୟାନ ଅନୁଯାୟୀ ମଙ୍କି ପକ୍ସ ଆକ୍ରାନ୍ତ ଦେଶରୁ ଆସିଥିବା ବ୍ୟକ୍ତିଙ୍କଠାରେ ଏହି ଭାଇରସ୍‌ର ଲକ୍ଷଣ ଦେଖାଗଲେ ସେମାନଙ୍କୁ ଠିକ୍ ଭାବେ ପରୀକ୍ଷାନିରୀକ୍ଷା ମାଧ୍ୟମରେ ଚିହ୍ନଟ କରି ଆବଶ୍ୟକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କଠାରେ ଏଭଳି କୌଣସି ଅସ୍ୱାଭାବିକ ଲକ୍ଷଣ ପ୍ରକାଶ ପାଏ, ତେବେ ତୁରନ୍ତ ନମୁନା ସଂଗ୍ରହ କରି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଇ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବ। ବିଭାଗୀୟ ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଖୁବ୍‌ଶୀଘ୍ର ଏକ ବୈଠକ ଆୟୋଜନ କରାଯିବ। ଏଥିସହ ସଙ୍ଗରୋଧ, କଣ୍ଟାକ୍ଟ ଟ୍ରେସିଂ, ମନିଟରିଂ ଓ ପ୍ରତିଷେଧାତ୍ମକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇ ସମସ୍ତ ସ୍ତରରେ ତୁରନ୍ତ ଲାଗୁ କରାଯିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁ ଶ୍ରମ ନିରାକରଣ ସଚେତନତା ରଥ ଉଦ୍‌ଘାଟିତ




ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଏକ ୧୫ ଦିନିଆ ଶିଶୁ ଶ୍ରମ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଶ୍ରମ ନିର୍ଦ୍ଦେଶାଳୟରେ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାକୁ ଏକ ଶିଶୁ ଶ୍ରମ ମୁକ୍ତ ରାଜ୍ୟ କରିବା ନିମନ୍ତେ ବିଭିନ୍ନ ସ୍ତରରେ ନିଆଯାଉଥିବା ପଦକ୍ଷେପର ଅଂଶବିଶେଷ ହିସାବରେ ଏହି ଅଭିଯାନ ରାଜ୍ୟର ସମସ୍ତ ଜିଲାରେ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଅଭିଯାନରେ ରାଲି, ଦସ୍ତଖତ କାର୍ଯ୍ୟକ୍ରମ ସହ ବାଲୁକା କଳା ପ୍ରଦର୍ଶନୀ ଏବଂ ଜିଲା ସ୍ତରରେ ବିଭିନ୍ନ ସାମାଜିକ ସଙ୍ଗଠନ ଓ ସରକାରୀ ବିଭାଗର ସହଯୋଗରେ ଶିଶୁ ଶ୍ରମ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ମଧ୍ୟ କରାଯିବ। ୟୁନିସେଫ, ସିୱାଇଏସ୍‌ଡି, ପିକକ୍, ଏଡ୍ ଏଟ୍ ଆକ୍ସନ, ଇଣ୍ଟରନ୍ୟାଶନାଲ ଜଷ୍ଟିସ ମିଶନ ଏବଂ କମ୍ୟୁନିଟି ରେଡିଓ ସଂଘ ମଧ୍ୟ ସରକାରଙ୍କୁ ଏ ଦିଗରେ ସମସ୍ତ ସହଯୋଗ ଯୋଗାଇ ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଅଭିଯାନ ଜୁନ ୧୨ ବିଶ୍ୱ ଶିଶୁ ଶ୍ରମ ନିରୋଧୀ ଦିବସରେ ଏକ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ ପୂର୍ବକ ଉଦ୍‌ଯାପିତ ହେବ। ଏଥିରେ ଆଗାମୀ ଦିନ ପାଇଁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇ ଶିଶୁ ଶ୍ରମ ଉଚ୍ଛେଦ ଅଭିଯାନକୁ ଆହୁରି ବ୍ୟାପକ କରାଯିବାର ପ୍ରସ୍ତାବ ରହିଛି। ଶିଶୁ ଶ୍ରମ ନିରାକରଣ ସଚେତନତା ରଥ ଉଦ୍‌ଘାଟନ ଉତ୍ସବରେ ଶ୍ରମ କମିଶନର ଏନ୍. ତିରୁମାଲା ନାଏକ, ୟୁନିସେଫ୍ ରାଜ୍ୟ ମୁଖ୍ୟ ମୋନିକା ନିଲ୍‌ସେନ, କମ୍ୟୁନିଟି ରେଡିଓ ଆସୋସିଏଶନ ସେକ୍ରେଟାରୀ ଶିଶିର ଦାସ, ଏଡ୍ ଏଟ୍ ଆକ୍ସନରୁ ଉମି ଡାନିଏଲ, ଆଇ.ଜେ.ଏମ.ରୁ ପୀୟୂଷ ନନ୍ଦ, ପିକକ୍‌ରୁ ଅନୁରାଧା ମହାନ୍ତିଙ୍କ ସହ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୧୭୫୦କୁ ବୃଦ୍ଧି ହେବ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଶିକ୍ଷାର ଦୃଢ଼ ଅଭିବୃଦ୍ଧି ଲକ୍ଷ୍ୟ ରଖି ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରୁଛନ୍ତି। ଏହି କ୍ରମରେ ୨୦୧୭-୧୮ରେ କୋରାପୁଟ ଓ ବଲାଙ୍ଗୀର, ୨୦୧୮-୧୯ରେ ବାରିପଦା ଓ ବାଲେଶ୍ୱର ଏବଂ ୨୦୨୧-୨୨ରେ ପୁରୀରେ ଗୋଟିଏ ଲେଖାଏ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ସେହିପରି ୨୦୨୨-୨୩ରେ ସୁନ୍ଦରଗଡ଼ ଓ କେନ୍ଦୁଝରରେ ଗୋଟିଏ ଲେଖାଏ ମେଡିକାଲ କଲେଜ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି)ର ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ଭିତ୍ତିଭୂମି ଓ ନିର୍ଦ୍ଧାରିତ ସଂଖ୍ୟକ ପ୍ରାଧ୍ୟାପକ, ସହଯୋଗୀ ପ୍ରାଧ୍ୟାପକ ଓ ସହକାରୀ ପ୍ରାଧ୍ୟାପକଙ୍କୁ ନିଯୁକ୍ତି କରିସାରିଛନ୍ତି ରାଜ୍ୟ ସରକାର। ସେହିପରି ୨୦୨୩-୨୪ରେ ଭବାନୀପାଟଣା, ୨୦୨୪-୨୫ରେ ଯାଜପୁର ଓ ଫୁଲବାଣୀରେ ଗୋଟିଏ ଲେଖାଏ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ କଲେଜଗୁଡ଼ିକରେ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୧,୨୫୦ରୁ ୧,୭୫୦କୁ ବୃଦ୍ଧି ହେବାକୁ ଯାଉଛି। ଏହା ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଶିକ୍ଷାରେ ଦେଖାଦେଉଥିବା ଅଭାବକୁ ପୂରଣ କରିବାରେ ଖୁବ୍ ସହାୟକ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏଥିସହ ସରକାର କେନ୍ଦୁଝର ଓ ସୁନ୍ଦରଗଡ଼ରେ ଦୁଇଟି ୧୦୦ ଏମ୍‌ବିବିଏସ୍ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଖୋଲିବା ପାଇଁ ଏନ୍‌ଏମ୍‌ସିକୁ ଆବେଦନ କରିଛନ୍ତି। ଏନ୍‌ଏମ୍‌ସି ମାନଦଣ୍ଡ ଅନୁଯାୟୀ ପ୍ରଥମ ବର୍ଷରୁ ପ୍ରତ୍ୟେକରେ ୬ ପ୍ରାଧ୍ୟାପକ, ୨୦ ସହଯୋଗୀ ପ୍ରାଧ୍ୟାପକ ଓ ୨୪ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ଦେବାର ଆବଶ୍ୟକତା ରହିଥିବାରୁ ସରକାର କଟକ ଏସ୍‌ସିବି ଓ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ(ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ)ରୁ ଏହି ଦୁଇ ନୂତନ ମେଡିକାଲ କଲେଜକୁ କେତେଜଣ ସହଯୋଗୀ ପ୍ରାଧ୍ୟାପକଙ୍କୁ ବଦଳି କରିଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ଏକ ଅଗ୍ରଜ ମହାବିଦ୍ୟାଳୟ ଭାବେ ପ୍ରାଧାନ୍ୟ ଦେଇ ଆସୁଥିବାରୁ ଖାଲି ହେଉଥିବା ପଦବୀ ପୂରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଗତ ୧୭ ଓ ୧୯ ତାରିଖରେ ଏଠାରେ ୧୧ ଜଣ ସହକାରୀ ପ୍ରାଧ୍ୟାପକ, ୧୬ଜଣ ଟିଉଟର ଓ ୪ ଜଣ ସିନିୟର ରେସିଡେଣ୍ଟ ଏବଂ ୨୬ ତାରିଖରେ ୭ ଜଣ ସହଯୋଗୀ ପ୍ରାଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଏହାବାଦ୍ ୩୫ଜଣ ସିନିଅର ରେସିଡେଣ୍ଟଙ୍କ ଚୟନ ପ୍ରକ୍ରିୟା ଶେଷ ହୋଇସାରିଛି ଓ ସପ୍ତାହକ ମଧ୍ୟରେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ୩୫ ବିଭାଗରେ ମୋଟ ପ୍ରାଧ୍ୟାପକ ପଦବୀ ସଂଖ୍ୟା ୩୯ ଥିବାବେଳେ ଏଥିମଧ୍ୟରୁ ୪ ପଦବୀ ଖାଲି ରହିଛି। ୮୧ ସହଯୋଗୀ ପ୍ରାଧ୍ୟାପକ ପଦବୀରୁ ୩୦ ପଦବୀ ଖାଲି ରହିଥିବାବେଳେ ୧୬୩ ସହକାରୀ ପ୍ରାଧ୍ୟାପକ ପଦବୀରୁ ୧୧ ପଦବୀ ଖାଲି ରହିଛି।

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। .. ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା



# ଗଛ ଓ ବିଧାୟକ

ଚଳିତବର୍ଷ ଭୁବନେଶ୍ୱରର ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ଉପରେ ରେକର୍ଡ କରିଛି। ଭୁବନେଶ୍ୱରକୁ ସବୁଜ ସୁନ୍ଦର ବୋଲି ପୂର୍ବରୁ ଯାହା କୁହାଯାଉଥିଲା, ଏହାର ବାସିନ୍ଦାମାନେ ଗ୍ରୀଷ୍ମ ଋତୁର କୋପ କିଛି ବର୍ଷ ଧରି ଭୋଗି ଆସୁଛନ୍ତି। କରୋନା ଯୋଗୁ କରାଯାଇଥିବା ଲକ୍‌ଡାଉନ୍ ହେତୁ ଯାନବାହନ ଚଳାଚଳ ବନ୍ଦ ହେବାରୁ ଗତ ଦୁଇବର୍ଷ ଧରି କିଛିଟା ଆଶ୍ୱସ୍ତି ମିଳିଥିଲା। କିନ୍ତୁ ଏହି ବର୍ଷ ପୂର୍ବଭଳି ତାପର ମାତ୍ରା ବଢ଼ିଯାଇ ସମସ୍ତଙ୍କୁ ସିଝାଇ ଦେଇଛି। ଏବେ ବିଧାୟକଙ୍କୁ ସୌଖୀନ ଫ୍ଲାଟ ଯୋଗାଇ ଦେବା ପାଇଁ ସପ୍ତାହ ମଧ୍ୟରେ ୟୁନିଟ୍ ୪ସ୍ଥିତ ଏମ୍‌ଏଲ୍‌ଏ କଲୋନୀରେ ପାଖାପାଖି ୮୦୦ ବୃହତ୍‌କାୟ ଗଛ କାଟି ଦିଆଯାଇଥିବା ଦେଖିବାକୁ ମିଳିଛି। ଏହି ଗଛ ଅନେକ ଦଶନ୍ଧିର ପୁରୁଣା ହୋଇଥିଲେ ମଧ୍ୟ ସେଥିପ୍ରତି କାହାର ନିଘା ନାହିଁ। ଜଙ୍ଗଲ ବିଭାଗର ସୂଚନା ଅନୁଯାୟୀ, ରାଜଧାନୀରେ ଗତ ୫ ବର୍ଷ ମଧ୍ୟରେ ୯୨ ହଜାର ଗଛ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ନଷ୍ଟ ହୋଇଥିବା ବେଳେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଲାଗି ପ୍ରାୟ ୧୦ ହଜାର ଗଛ କଟାଯାଇଛି। କିନ୍ତୁ ବେସରକାରୀ ହିସାବ ଦେଖିଲେ ସଂଖ୍ୟା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି।

ରାସ୍ତାଘାଟ, ପୋଲ, ବିଭିନ୍ନ ସରକାରୀ କୋଠା ନିର୍ମାଣ ଲାଗି ଆବଶ୍ୟକ ସ୍ଥଳେ ଗଛ କଟାଯାଉଥିଲେ ମଧ୍ୟ ସେହି ଅନୁଯାୟୀ ଚାରାରୋପଣ ହେଉ ନ ଥିବାରୁ ଭୁବନେଶ୍ୱରର ତାପମାତ୍ରା ବଢ଼ିଯାଇଛି। ଚଳିତ ଗ୍ରୀଷ୍ମ ଋତୁରେ ରାଜଧାନୀବାସିନ୍ଦା ତାହା ଉପଲବ୍ଧି କରିଛନ୍ତି। ତେବେ ବିଧାୟକଙ୍କ ଲାଗି ନିର୍ମାଣ ହେବାକୁ ଥିବା ବହୁତଳ ଅଟ୍ଟାଳିକା ପାଇଁ ଅବିଚାରିତ ଭାବେ ଗଛ କଟା ଯାଉଥିବା ସମ୍ପର୍କରେ ସରକାରୀ ଭାବେ କୁହାଯାଉଛି ଯେ, ବିକାଶମୂଳକ କାର୍ଯ୍ୟ ଲାଗି ଏଭଳି ପଦକ୍ଷେପ ନିଆଯାଉଛି। ଏହାର କ୍ଷତିପୂରଣ ବାବଦରେ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ୍ (ଓବିସିସି) ୬୮ ଲକ୍ଷ ଟଙ୍କା ଜମା କରିଥିବା ବିଷୟ ଉଲ୍ଲେଖ କରାଯାଉଛି। କଟାଯାଇଥିବା ଗଛକୁ ଭରଣା କରିବା ଲାଗି ପାତ୍ରପଡ଼ାଠାରେ ୧୨ ହଜାର ଚାରା ଲଗାଯିବ ବୋଲି ବିଭାଗୀୟ ଅଧିକାରୀ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ମନେହେଉଛି। କାରଣ ଚାରା ଲଗାଯାଇ ଗଛ ହେବା ବେଳକୁ ଅନେକ ଯୁଗ ଲାଗିଯିବ। କାମ୍ପା (କମ୍ପେନ୍‌ସେଟୋରୀ ଆଫରେଷ୍ଟେଶନ ଫଣ୍ଡ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ପ୍ଲାନିଂ ଅଥରିଟି) ନିୟମ ଅନୁଯାୟୀ ଗଛ କଟାଗଲେ ତାହାର କ୍ଷତି ଭରଣା କରିବା ସକାଶେ ବନୀକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ଏଥିଲାଗି ଉଦ୍ଦିଷ୍ଟ ପାଣ୍ଠିରେ ଅର୍ଥ ଭରିବାର ବ୍ୟବସ୍ଥା ରହିଛି। କିନ୍ତୁ ପ୍ରତି କ୍ଷେତ୍ରରେ ଓ ସବୁ ଅଞ୍ଚଳରେ ଏହାକୁ ପ୍ରୟୋଗ କରାଯାଇ ବିକାଶ କଥା କୁହାଗଲେ ସ୍ଥିତିରେ ପରିବର୍ତ୍ତନ ଆସିପାରିବ

**ଯଦି ସରକାର ଚାହୁଁଛନ୍ତି ସବୁ ବିଧାୟକ ଗୋଟିଏ ଜାଗାରେ ରହିବେ, ତେବେ ଯେଉଁ ପାତ୍ରପଡ଼ା ଅଞ୍ଚଳରେ ୧୨ ହଜାର ଚାରା ଲଗାଯିବା ଲାଗି ଯୋଜନା କରାଯାଇଛି, ସେହି ସ୍ଥାନରେ ସେମାନଙ୍କ ଲାଗି ଆବାସ ନିର୍ମାଣ କରାଯାଇ ପାରିଥାଆନ୍ତା।**



ନାହିଁ। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ପୃଥିବୀବ୍ୟାପୀ ଲୋକେ ପ୍ରଭାବିତ ହେଉଛନ୍ତି। ଓଡ଼ିଶାରେ ବିଶ୍ୱତାପନର ପ୍ରଭାବ କିଭଳି ରହିଛି ଚଳିତ ସମୟରେ କାହାରିକୁ ବୁଝାଇବା ଦରକାର ନାହିଁ। ଯଦି ସରକାର ଚାହୁଁଛନ୍ତି ସବୁ ବିଧାୟକ ଗୋଟିଏ ଜାଗାରେ ରହିବେ, ତେବେ ଯେଉଁ ପାତ୍ରପଡ଼ା ଅଞ୍ଚଳରେ ୧୨ ହଜାର ଚାରା ଲଗାଯିବା ଲାଗି ଯୋଜନା କରାଯାଇଛି, ସେହି ସ୍ଥାନରେ ସେମାନଙ୍କ ଲାଗି ଆବାସ ନିର୍ମାଣ କରାଯାଇପାରିଥାଆନ୍ତା। ସେଠାରେ ଅତି ସୁନ୍ଦର ଭାବେ ବିଧାୟକମାନଙ୍କ ବାସଭବନ ନିକଟରେ ନୂତନ ପ୍ରକାରର ଚାରା ରୋପଣ କରାଯାଇ ଉଦ୍ୟାନ ମଧ୍ୟ ସୃଷ୍ଟି କରାଯାଇପାରିଥାଆନ୍ତା। ସବୁଜ ବଳୟ ମଧ୍ୟରେ ରହିଥିଲେ ସରକାରୀ ଦଳର ବିଧାୟକ ଅତ୍ୟଧିକ ଅମ୍ଳଜାନ ପାଇ ରାଜ୍ୟକୁ ପ୍ରଗତି ପଥରେ ଟାଣି ନେଇଥାଆନ୍ତେ। ସେହିଭଳି ବିରୋଧୀ ଦଳର ବିଧାୟକମାନେ ଏବେ ଯେଉଁଭଳି ଭାବେ ଧରାପଡ଼ିଯାଉଛନ୍ତି ତାହା ନ ହୋଇ ଭଲ ଭାବେ ନିଜର ବିରୋଧୀ ମନ୍ତବ୍ୟକୁ ପ୍ରକାଶ କରିପାରିଥାଆନ୍ତେ।

ଏହା କହିବା ପଛରେ ବୈଜ୍ଞାନିକ ପ୍ରମାଣ ରହିଛି। ଚାରା ଲଗାଇଲେ ଅଳ୍ପ ଅମ୍ଳଜାନ ସୃଷ୍ଟି ହୁଏ। ଅନ୍ୟପଟେ ଅତି ପୁରୁଣା ବୃକ୍ଷରୁ ଅମ୍ଳଜାନ କ୍ଷୀଣ ହୋଇଆସେ। ମଧ୍ୟ ବୟସର ସବୁ ଗଛରୁ ଅମ୍ଳଜାନ ପରିମାଣ ଅଧିକ ରହିଥାଏ। ବିଧାନସଭା ସମ୍ମୁଖରେ କଟାଯାଇଥିବା ଗଛସବୁ ମଧ୍ୟ ବୟସରେ ପହଞ୍ଚିଥିଲେ। ଏବେ ସେହି ସ୍ଥାନରୁ ଅମ୍ଳଜାନର ଘୋର ଅଭାବ ଘଟିପାରେ। ସେଠାରେ ଯଦି ମାନ୍ୟବର ବିଧାୟକମାନଙ୍କୁ ରହିବାର ସୁବିଧା ଦିଆଯାଏ, ତେବେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ କିଭଳି ଭାବେ ପ୍ରଭାବିତ ହେବ ତାହା ଭବିଷ୍ୟତ କହିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | | 1 |
| 7 | 2 | | 6 | | | 5 | | |
| | | 3 | | 9 | | | | |
| | | | 8 | 6 | 4 | 2 | | |
| | | 8 | | | 5 | | | 7 |
| | | | 1 | | | | | |
| | | | 5 | 2 | | | | 9 |
| | 3 | | | | | 8 | | 6 |
| | | 9 | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 7 | 5 | 4 | 3 | 9 | 8 |
| 8 | 9 | 7 | 1 | 3 | 2 | 6 | 5 | 4 |
| 3 | 4 | 5 | 9 | 8 | 6 | 1 | 7 | 2 |
| 7 | 8 | 9 | 5 | 4 | 1 | 2 | 3 | 6 |
| 2 | 3 | 1 | 6 | 9 | 8 | 5 | 4 | 7 |
| 6 | 5 | 4 | 2 | 7 | 3 | 8 | 1 | 9 |
| 5 | 7 | 8 | 3 | 6 | 9 | 4 | 2 | 1 |
| 4 | 1 | 3 | 8 | 2 | 7 | 9 | 6 | 5 |
| 9 | 2 | 6 | 4 | 1 | 5 | 7 | 8 | 3 |

ଗତକାଲିର ଉତ୍ତର

# ମାତୃଭାଷାର ବ୍ୟଥା



ଡ.ପ୍ରଫୁଲ୍ଲ କୁମାର ସାହୁ

ମାତୃଭାଷା ପ୍ରତି କମୁଛି ଓଡ଼ିଆଙ୍କ ଶ୍ରଦ୍ଧା ଓ ଆନ୍ତରିକତା- ୨୪।୫।୨୨ରେ ଧରିତ୍ରୀରେ ପ୍ରକାଶିତ ଉପରୋକ୍ତ ତଥ୍ୟଭିତ୍ତିକ ସୂଚନାକୁ ଭିତ୍ତିକରି ଆଲୋଚ୍ୟ ଆଲେଖ୍ୟର ପରିକଳ୍ପନା। ଭାଷା ହିଁ ଜାତିର ପରିଚୟ। ସେହି ପରିଚୟକୁ ନେଇ ଫୁଲିଉଠେ ଜାତୀୟ ସ୍ୱାଭିମାନ। ଭାଷା ଜାତିକୁ ସଂଗଠିତ କରାଏ ଏବଂ ଭାଷାକୁ ନେଇ ବୃଦ୍ଧିପାଏ ଜାତିର ଶକ୍ତି ଓ ସାମର୍ଥ୍ୟ। ଅର୍ଥାତ ମାତୃଭାଷାର ଉତ୍କର୍ଷରେ ମହିମାମଣ୍ଡିତ ହୁଏ ଜାତି। ସେଥିପାଇଁ ସ୍ୱଭାବ କବି ଗଙ୍ଗାଧର ମେହେର କହିଥିଲେ-''ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।''ମାତ୍ର ଜାତୀୟ ସ୍ୱାଭିମାନ ଯେଉଁଠି ଖର୍ବୀକୃତ, ସେଠାରେ କୌଣସି ମୂଲ୍ୟ ବହନ କରେନି ମେହେର କବିଙ୍କର ଏହି ମହାର୍ଘବାଣୀ। ସେହି କାରଣରୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧରେ ଜର୍ଜରିତ। ତା'ର ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜାଡି ଦେବାକୁ ବସିଲାଣି ଆମ ଇଂଲିଶ ମନସ୍କତା। ପରିତାପର ବିଷୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରିହେବା ସତ୍ତ୍ୱେ ବି ସ୍କୁଲ, କଲେଜ, କଚେରି,ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଥିରେ ବଢ଼ିଚାଲିଛି ଇଂଲିଶ ଭାଷାର ପ୍ରାଧାନ୍ୟ।

ଭାରତବର୍ଷର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ସରକାରୀ କାର୍ଯ୍ୟ ଚାଲେ ନିଜ ନିଜ ମାତୃଭାଷାରେ। ମାତ୍ର ଓଡ଼ିଶାରେ ଏଯାବତ ଓଡ଼ିଆ ଭାଷାକୁ ସେଥିରୁ ବଞ୍ଚିତ କରି ରଖାଯାଇଛି। ୧୯୫୪ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇ ସାରିଥିଲେ ବି ସେ ଦିଗରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନି। ଏହା ପଛରେ ରହିଛି କିଛି ସରକାରୀ ବାବୁମାନଙ୍କ ବୌଦ୍ଧିକ ବିଶୃଙ୍ଖଳା ବା ମାତୃଭାଷା ପ୍ରତି ହୀନମନ୍ୟତା। ମାତୃଭୂମି ଓ ମାତୃଭାଷା ପ୍ରତି ଏମିତି ମୁହଁ ମୋଡୁଥିବା ବ୍ୟକ୍ତିଙ୍କୁ କବିଗୁରୁ ଅଧମ ଆଖ୍ୟା ଦେଇଥିବା ବେଳେ ସେମାନଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦେଇ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଥିଲେ,''ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ?'' ମାତ୍ର ଆମର ଏହି ବାବୁମାନେ ଓଡ଼ିଆ ଭାଷା ସାହିତ୍ୟକୁ ଦେଖନ୍ତି ଖୁବ୍ ନ୍ୟୂନ ଦୃଷ୍ଟିରେ। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ନିଜ ମାତୃଭାଷାକୁ ଯିଏ ହୀନ ଦୃଷ୍ଟିରେ ଦେଖନ୍ତି, ସେମାନେ ବୋଧହୁଏ ଜାଣନ୍ତିନି- କାହାରି ଦୟାରେ ନୁହେଁ,ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା ଭାବରେ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଏହି ଭାଷାରେ ସାହିତ୍ୟ ସର୍ଜନା କରିଛନ୍ତି ସାରଳା ଦାସଙ୍କଠାରୁ ଆରମ୍ଭକରି କେତେକେତେ କାଳଜୟୀ କବି ଓ ଲେଖକ। ଅଥଚ ଆମର ଦୁର୍ଭାଗ୍ୟ ଯେ ଗୋଟିଏ ସମୃଦ୍ଧ ଶାସ୍ତ୍ରୀୟ ଭାଷାର ବ୍ୟବହାରିକ ଦିଗଟି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଭାଷାର ପ୍ରସାର ପାଇଁ ଭାଷା ପ୍ରତିଷ୍ଠାନ ଗଠନ ହୋଇଛି ସତ, କିନ୍ତୁ ତା'ର ସ୍ଥାଣୁତା ଯୋଗୁ ପୋଥି ବାଇଗଣରେ ପରିଣତ ହେଉଛି ପ୍ରତ୍ୟେକଟି ପଦକ୍ଷେପ।




ମାତୃଭାଷା ଶିକ୍ଷା ନିମନ୍ତେ ପରିବାର ହେଉଛି ସବୁଠାରୁ ଶକ୍ତିଶାଳୀ ଅନୁଷ୍ଠାନ। ମାତ୍ର ଏବେ ପରିବାର ପାଲଟିଛି ଶିଶୁକୁ ତା'ର ମାତୃଭାଷାଠାରୁ ଦୂରେଇ ରଖିବାର ପ୍ରୟୋଗଶାଳା। ଶିଶୁ କଥା କହି ଶିଖିବା ମାତ୍ରେ ତାକୁ ମାତୃଭାଷା ପରିବର୍ତ୍ତେ ଇଂଲିଶ ଭାଷା ପ୍ରତି ଆକୃଷ୍ଟ କରାଇବା ପାଇଁ ଖୋଜାଯାଉଛି ପ୍ଲେ ସ୍କୁଲ। ପ୍ରଥମରୁ ଶିଶୁ ଯଦି ତା'ର ମାତୃଭାଷାଠାରୁ ଦୂରେଇ ଯାଏ, ତେବେ କେବଳ ଯେ ଭାଷା ଦୁର୍ବଳ ହେବ ତା' ନୁହେଁ, ଅସ୍ତିତ୍ୱ ହରେଇବସିବ ଗୋଟେ ଜାତିର ସଂସ୍କୃତି। ଉତ୍‌ଖାତ ହୋଇଯିବ ଆମ ଜାତୀୟ ଅସ୍ମିତା। ମାତୃଭାଷା ହେଉଛି ପ୍ରାଥମିକ ଶିକ୍ଷାର ସର୍ବଶ୍ରେଷ୍ଠ ମାଧ୍ୟମ। ମନୋବିଜ୍ଞାନ କହେ ମାତୃଭାଷା ମାଧ୍ୟମରେ ପିଲାଟି ଦୁନିଆକୁ ଚିହ୍ନେ ଏବଂ ଛଅ ବର୍ଷ ବୟସରେ ସେ ସେହି ଭାଷାରେ ଶବ୍ଦ ଗ୍ରହଣ, ଚିନ୍ତନ ଓ ମନନ ଶକ୍ତି ଆହରଣ କରେ। ଏତିକି ବେଳେ ତା' ଉପରେ ଅନ୍ୟ କେଉଁ ଭାଷା ଲଦିଦେଲେ ଗଭୀର ଭାବେ ଆଘାତପ୍ରାପ୍ତ ହୁଏ ତା'ର ଧୀଶକ୍ତି ଓ ମେଧା।

ସାହିତ୍ୟ ହେଉଛି ଭାଷାର ମୁଖପତ୍ର ବା ପ୍ରଧାନ ସୃଜନଶୀଳ ଅଙ୍ଗ। ତେଣୁ ସାହିତ୍ୟର ବିକାଶ ଉପରେ ନର୍ଭର କରେ ଭାଷାର ସମୃଦ୍ଧି। ମାତ୍ର ଏଥିପାଇଁ ଆବଶ୍ୟକ ସାହିତ୍ୟାନୁରାଗ ବା ପାଠକୀୟ ସହୃଦୟତା। ଶିଶୁ ମନରେ ସାହିତ୍ୟାନୁରାଗ ଭରିଦେବା ପାଇଁ ବିଦ୍ୟାଳୟ ହିଁ ଉପଯୁକ୍ତ କ୍ଷେତ୍ର। ନିମ୍ନ ଶ୍ରେଣୀରେ ପଢ଼ା ଯାଉଥିବା ଶିଶୁ ଓ କିଶୋର ସାହିତ୍ୟ ପ୍ରତି ପିଲାର ଯେଉଁ ଅନୁରାଗ ସୃଷ୍ଟି ହୋଇଥାଏ, ମାଧ୍ୟମିକ ଶ୍ରେଣୀ ବେଳକୁ ତାହା ଉଚ୍ଚତର ସାହିତ୍ୟ ପ୍ରୀତିରେ ପରିଣତ ହୁଏ ଏବଂ ବିଦ୍ୟାର୍ଥୀ ସ୍ୱତଃ ଟାଣି ହୋଇଯାଏ ପାଠାଗାର ଆଡକୁ। ତା'ର ଏ ଆଗ୍ରହକୁ ଉଜ୍ଜୀବିତ କରି ରଖିବା ପାଇଁ ବିଦ୍ୟାଳୟରେ ସମୃଦ୍ଧ ପାଠାଗାର ରହିବା ସାଙ୍ଗକୁ ନିୟମିତ ବ୍ୟବଧାନରେ ସାହିତ୍ୟ ସଭା ଆୟୋଜନ ହେବା ଦରକାର। ଭାଷା ଓ ସାହିତ୍ୟ ଓତପ୍ରୋତ ଭାବରେ ଜଡିତ ହୋଇଥିବାରୁ ଉଭୟର ସମନ୍ୱୟରେ ପ୍ରସ୍ତୁତ କରାଯାଏ ପାଠ୍ୟଖସଡା। ବେଳେ ବେଳେ ପାଠ୍ୟକ୍ରମରେ ଏମିତି ବିଷୟ ସବୁ ସ୍ଥାନ ପାଉଛି, ଯାହା ସାହିତ୍ୟ ପାଠ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ଏଭଳି ବିଷୟକୁ ନେଇ ଶ୍ରେଣୀଗୃହ ଶିକ୍ଷାଦାନ ସରସ ସୁନ୍ଦର ହୋଇ ପାରେନି କି ସେଥିରୁ ରସ ଆସ୍ୱାଦନ କରି ପାରେନି ବିଦ୍ୟାର୍ଥୀ। ତେଣୁ ସାହିତ୍ୟ ପାଠ୍ୟକ୍ରମରେ ଏମିତି ବିଷୟ ଚୟନ ହେବା ଆବଶ୍ୟକ, ଯାହା ବିଦ୍ୟାର୍ଥୀଙ୍କୁ ଆନନ୍ଦ ଦେବା ସହିତ ବିକଶିତ ହେବ ତା'ର ଭାଷା ଜ୍ଞାନ ଓ ସୃଜନଶୀଳ ସାମର୍ଥ୍ୟ।

ଖବରକାଗଜ ଭାଷା ପ୍ରସାରଣର ଏକ ମାଧ୍ୟମ। ଖବରକାଗଜ ପାଠକରି ଲୋକେ ନିଜର ଭାଷା ଜ୍ଞାନ ବୃଦ୍ଧି କରୁଥିବାରୁ ଏହାକୁ କୁହାଯାଏ ନିଃଶୁଳ୍କ ଭାଷା ଅନୁଷ୍ଠାନ। ସହଜରେ ଲୋକମୁଖରେ ସଞ୍ଚରିଯାଏ ଖବରକାଗଜର ଭାଷା। ସେଥିପାଇଁ ଏଥିରେ ଆମର ପୂର୍ବ ପ୍ରଚଳିତ ସରଳ, ଭାବପୂର୍ଣ୍ଣ ଓ ଶ୍ରୁତିମଧୁର ଶବ୍ଦ ଏବଂ ବାକ୍ୟ ବ୍ୟବହାର କରାଯିବା ଉଚିତ। ଏବେ କିନ୍ତୁ ଓଡ଼ିଆ ଭାଷା ପାଇଁ ଏକ ଆହ୍ୱାନ ହୋଇ ଉଭାହୋଇଛି ଖବରକାଗଜରେ ଇଂଲିଶ ଓ ହିନ୍ଦୀ ଶବ୍ଦର ବହୁଳ ବ୍ୟବହାର। ସାଧାରଣତଃ ଯେଉଁ ଭାଷାର ଶବ୍ଦ ଭଣ୍ଡାର ସମୃଦ୍ଧ ନୁହେଁ,ତାହା ଅନ୍ୟ ଭାଷାରୁ ଶବ୍ଦ ଆହରଣ କରିବା ସ୍ୱାଭାବିକ। ମାତ୍ର ଆମ ସାରଳା ମହାଭାରତ, ଦାଣ୍ଡୀ ରାମାୟଣ ଓ ଭାଗବତ ପରା ସରଳ ଶବ୍ଦର ଗନ୍ତାଘର। ସାଧାରଣତଃ ଲୁଚିଯାଉଥିବା ଶକ୍ତିଶାଳୀ ଶବ୍ଦଗୁଡ଼ିକୁ ବ୍ୟବହାରିକ ଭାଷା ଭିତରକୁ ଆଣିବା ଖବରକାଗଜର ଦାୟିତ୍ୱ। ଅଥଚ ଏବେ ଖବର ପରିବେଷଣ ଶୈଳୀରେ ଚମତ୍କାରିତା ଆଣିବା ଲକ୍ଷ୍ୟରେ ସାମ୍ବାଦିକମାନେ ବହୁଳମାତ୍ରାରେ ବ୍ୟବହାର କରୁଛନ୍ତି ବୈଦେଶିକ ଶବ୍ଦ। ଏତଦ ଭିନ୍ନ ଆମ ଶବ୍ଦ ଭଣ୍ଡାରରୁ ଲୋପ ପାଇଯାଉଛି ଅନେକ ପ୍ରାଚୀନ ଓ ଶକ୍ତିଶାଳୀ ଶବ୍ଦ।

ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର ଓଡ଼ିଆ କହିବା, ଓଡ଼ିଆ ପଢ଼ିବା ଓ ଓଡ଼ିଆ ଲେଖିବା ଯେ ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ-ଏହି ଭାବଧାରା ଉଦ୍ରେକ ନ ହେଲା ପର୍ଯ୍ୟନ୍ତ ବ୍ୟବହାରିକ ଦୃଷ୍ଟିରୁ କେବେ ବି ଆଗକୁ ବଢ଼ିପାରିବନି ଓଡ଼ିଆ ଭାଷା। ଯେତେ ଆଇନ ତିଆରି କଲେ ବି ଓଡ଼ିଆ ଭାଷାରେ ଲେଖା ଯିବନି ସରକାରୀ ନଥି।

**ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ- ୬୩୭୧୬୪୨୪୬୪**

# ସାମ୍ପ୍ରତିକ ସ୍ଥିତିରେ ଭାରତ



ଲଳିତେନ୍ଦୁ ପଲାଉରୀ

ରୁଷିଆ- ୟୁକ୍ରେନ ଯୁଦ୍ଧର ଘନଘଟା ଭିତରେ ବିଶ୍ୱ ଏକ ସଂକଟମୟ ସ୍ଥିତିରେ ଉପନିତ। ଏଭଳି ସ୍ଥିତିରେ ଆଉ ଏକ ମହାଯୁଦ୍ଧ ମୁହାଁ ହେଉଛି ବିଶ୍ୱ। କାରଣ ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ସବୁଠୁ ଭୟଙ୍କର ଯୁଦ୍ଧ ଭାବେ ବର୍ତ୍ତମାନର ରୁଷିଆର ୟୁକ୍ରେନ ଯୁଦ୍ଧକୁ ବିବେଚନା କରାଯାଉଛି। ଉଭୟ ଦେଶର ଏହି ଯୁଦ୍ଧକୁ ପ୍ରଶମିତ କରିବାରେ ଜାତିସଂଘ ମଧ୍ୟ ବିଫଳ ହୋଇଛି। କେବଳ ଜାତିସଂଘ କାହିଁକି ବିଶ୍ୱର ଶକ୍ତିଶାଳୀ ଆଉ କ୍ଷମତାଶାଳୀ ଦେଶ ସମୂହଙ୍କ ସଂଗଠନ ନାଟୋ, ୟୁରୋପୀୟ ସଂଘ, ଜି -୭, ଜି -୨୦, କ୍ୱାର୍ଡ ଦେଶ ସମୂହ ଏକପ୍ରକାର ବିଫଳ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଯୁଦ୍ଧ ଜିଣିବାର ଉଗ୍ର ଅଭିପ୍ରାୟ, ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲନ୍‌ସ୍କିଙ୍କ ଯୁଦ୍ଧ ନ ହାରିବାର ଦୃଢ଼ ପ୍ରତିଜ୍ଞା ଏହି ସମରକୁ ଅଧିକ ଖୋରାକ ଯୋଗାଇ ଚାଲିଛି। ଏପରି କି ୟୁକ୍ରେନ ପରେ ଏବେ ପୋଲାଣ୍ଡ, ଫିନ୍‌ଲାଣ୍ଡ ଭଳି ଦେଶ ଉପରେ ଆକ୍ରମଣ କରିବାକୁ ଚେତାବନୀ ମଧ୍ୟ ଦେଇଛି ରୁଷିଆ। ପୋଲାଣ୍ଡ ଓ ବୁଲଗେରିଆକୁ ଗ୍ୟାସ ଓ ତୈଳ ରପ୍ତାନି ବନ୍ଦ କରିସାରିଲାଣି ରୁଷିଆ। ଏପ୍ରିଲ ୨୫ରେ ଆମେରିକାର ବରିଷ୍ଠ ପ୍ରତିରକ୍ଷା ଅଧିକାରୀଙ୍କ ୟୁକ୍ରେନ ଗସ୍ତ ପରେ ରୁଷିଆ ଆମେରିକାକୁ ଚ୍ୟାଲେଞ୍ଜ ଦେବା ଛଳରେ ୟୁକ୍ରେନକୁ କୌଣସି ସହଯୋଗ ନ କରିବାକୁ ଚେତାବନୀ ଦେଇଛି। ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗୀ ଲାଭରଭ ମଧ୍ୟ ସିଧା ସିଧା ନାଟୋ ଦେଶକୁ ଆକ୍ଷେପ କରି କହିଛନ୍ତି ଯେ, ସେମାନେ ରୁଷିଆର ସବୁଠୁ ବଡ଼ ଶତ୍ରୁ। ଇଂଲଣ୍ଡ, ଫ୍ରାନ୍ସ, ଆମେରିକା ରୁଷିଆ ଉପରେ ଅନେକ କଡ଼ା ଆର୍ଥିକ ପ୍ରତିବନ୍ଧକ ଲଗାଇଛନ୍ତି। ଜାତିସଂଘର ମାନବାଧିକାର ସଂଗଠନ, ବିଶ୍ୱ ପର୍ଯ୍ୟଟନ ସଂଘରୁ ରୁଷିଆକୁ ବହିଷ୍କାର କରାଯାଇଛି। ଏତେ ସବୁ ପରେ ବି ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ ବନ୍ଦ କରୁନାହିଁ।

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣକୁ ନେଇ ଭାରତ କୌଣସି ଖୋଲା ମନ୍ତବ୍ୟ ଦେଇନି। କେବଳ ଯୁଦ୍ଧ ପାଇଁ ସୃଷ୍ଟି ହୋଇଥିବା ମାନବୀୟ ସଂକଟ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣକୁ ଭାରତ ନିନ୍ଦା କରିଛି। ସେହିପରି ସୁପର ପାୱାରର ନକଲି ଖୋଳପା ପିନ୍ଧିଥିବା ଯୁକ୍ତରାଷ୍ଟ୍ର ଆମେରିକା ଭାରତର ରୁଷିଆ ପ୍ରୀତିକୁ ନେଇ ବାରମ୍ବାର ସମାଲୋଚନା କରୁଛି। ରୁଷିଆରୁ ତୈଳ ଆମଦାନୀ ନ କରିବାକୁ ଭାରତକୁ ଚେତାବନୀ ଦେଇସାରିଛି ଆମେରିକା। ଅନ୍ୟପଟେ ନିଜର ୟୁରୋପୀୟ ବନ୍ଧୁରାଷ୍ଟ୍ରମାନଙ୍କୁ ରୁଷିଆରୁ ତୈଳ ଆମଦାନୀରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଲେ ଭଲ ହେବ ବୋଲି ଆମେରିକାକୁ ସିଧା ଚେତାଇ ଦେଇଛି ଭାରତ। ରୁଷିଆ-ୟୁକ୍ରେନ ଯୁଦ୍ଧ ରୋକିବାରେ ଆମେରିକା କ'ଣ ରଣନୀତି ପ୍ରସ୍ତୁତ କରିଛି ତାହା ବିଶ୍ୱକୁ ସ୍ପଷ୍ଟ କରିବାକୁ ଭାରତ ଆମେରିକାକୁ କହିଛି। ତାଲିବାନ ନିୟନ୍ତ୍ରିତ ଆଫଗାନିସ୍ତାନରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ନିଜଆଡୁ ମୁଣ୍ଡ ଖେଳାଇ ବିଫଳ ହୋଇ ଫେରିଥିବା ଆମେରିକା ପ୍ରଶାସନ ନିଜ ଦେଶର ସୈନ୍ୟଙ୍କୁ ଆଉ ସିଧାସଳଖ ରୁଷିଆ-ୟୁକ୍ରେନ ଯୁଦ୍ଧରେ ସାମିଲ କରି ଅପନିନ୍ଦା ନେବାକୁ ଚାହୁଁନି। ଏପରି କି



ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାସନକାଳରେ ଆମେରିକା ଫାଷ୍ଟ ନୀତିକୁ ବାଧ ହୋଇ ଆପଣେଇଛନ୍ତି ରାଷ୍ଟ୍ରପତି ବାଇଡେନ। ତେଣୁ ଅନ୍ୟଦେଶର ଆଭ୍ୟନ୍ତରୀଣ ମାମଲାରେ ଆଉ ହସ୍ତକ୍ଷେପ କରିବାକୁ ଚାହୁଁନି ଆମେରିକା। ୟୁକ୍ରେନ ରାଷ୍ଟ୍ରପତିଙ୍କୁ କେବଳ ମିଛ ପ୍ରତିଶ୍ରୁତି ଦେଇ କାଗଜ ବାଘର ଅଭିନୟ କରିଚାଲିଛି ଆମେରିକା। ସେପଟେ ବିଶ୍ୱ କୂଟନୀତିରେ ଭାରତର ପ୍ରଭାବ ବୃଦ୍ଧି ଆମେରିକାକୁ ମଧ୍ୟ ହଜମ ହେଉନି।

ଚଳିତବର୍ଷ ଭାରତ ଗସ୍ତରେ ବିଶ୍ୱର ପ୍ରାୟ ୧୮ଟି ଦେଶର ପ୍ରତିନିଧି ଆସିବା ସହ ଦ୍ୱିପାକ୍ଷିକ ସମ୍ପର୍କ, ବିଶ୍ୱ କୂଟନୀତିରେ ଭାରତର ପ୍ରାଧାନ୍ୟ ନେଇ ଆଲୋଚନା କରି ସକାରାତ୍ମକ ମନ୍ତବ୍ୟ ଦେଇ ଫେରିଛନ୍ତି। ମହାଯୁଦ୍ଧ ମୁହାଁ ହେଉଥିବା ବିଶ୍ୱ ସଂକଟ ସ୍ଥିତିରେ ଥିବାବେଳେ ଭାରତର ବଳିଷ୍ଠ କୂଟନୀତି ଆଉ ନିରପେକ୍ଷତା ନୀତି ଆପଣାଇଛି। ଯୁଦ୍ଧଗ୍ରସ୍ତ ରୁଷିଆ ଭାରତ ଠାରୁ ସହଯୋଗ ସ୍ୱରୂପ ଯୁଦ୍ଧାସ୍ତ୍ର ନୁହେଁ ବରଂ ଔଷଧ, ସ୍ୱାସ୍ଥ୍ୟ ଉପକରଣର ସହଯୋଗ ଲୋଡିଛି। ଜାତିସଂଘରେ ରୁଷିଆ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଭାରତ ନିଜର ନିରପେକ୍ଷତା ସ୍ପଷ୍ଟ କରିଛି। ରୁଷିଆ ବିରୋଧରେ କଟକଣା ପାଇଁ ଜାତିସଂଘରେ ହୋଇଥିବା ଭୋଟିଂରୁ ଭାରତ ନିବୃତ୍ତ ରହିଛି। ରୁଷିଆ ୟୁକ୍ରେନ ଯୁଦ୍ଧ, କରୋନା ପରର ଅର୍ଥନୀତି ଓ ଅଶାନ୍ତ ଏସିଆ ମହାଦେଶର ଅସ୍ଥିରତାକୁ ଦେଖି ଭାରତ ନିଜର ବାହ୍ୟ ଓ ଆଭ୍ୟନ୍ତରୀଣ ସୁରକ୍ଷା, ଅର୍ଥନୈତିକ ଅଭିବୃଦ୍ଧିକୁ ନୂଆ ଦିଶା ଦେବାରେ ପ୍ରୟାସ ଜାରି ରଖିଛି। ମହାମାରୀ କରୋନା ମୁକାବିଲାରେ ଆମେ ବିଶ୍ୱପାଇଁ ଏକ ବଡ଼ ଉଦାହରଣ ପାଲଟିଛୁ। ବର୍ତ୍ତମାନର ଶ୍ରୀଲଙ୍କାରେ ରାଜନୈତିକ ଅସ୍ଥିରତା, ଦେବାଳିଆ ସ୍ଥିତି, ପାକିସ୍ତାନ ରାଜନୈତିକ ଘମାସାନ ଓ ନେତୃତ୍ୱ ପରିବର୍ତ୍ତନ, ଆଫଗାନିସ୍ତାନରେ ଆତଙ୍କୀ ତାଲିବାନୀଙ୍କ ଶାସନ, ଚାଇନାର ବିସ୍ତାରବାଦ ନୀତି ଓ ମ୍ୟାନ୍‌ମାରର ଅସ୍ଥିରତା ଉପରେ ଭାରତ ମଧ୍ୟ ତୀକ୍ଷ୍ଣ ନଜର ରଖିଛି। ଦେବାଳିଆ ଶ୍ରୀଲଙ୍କାକୁ ମାନବୀୟ ସହାୟତା ସ୍ୱରୂପ ଲକ୍ଷଲକ୍ଷ ଟନ ଖାଦ୍ୟ ଶସ୍ୟ ଶ୍ରୀଲଙ୍କାରେ ପହଞ୍ଚାଇ ନିଜର ମହାନତାର ପରିଚୟ ଦେଇଛି ଭାରତ। ୟୁକ୍ରେନ-ରୁଷିଆ ଯୁଦ୍ଧ ଟାଳିବାରେ ଭାରତର ମଧ୍ୟସ୍ଥତା ସମସ୍ତଙ୍କୁ ଗ୍ରହଣୀୟ ବୋଲି ନିଜେ ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗୀ ଲାଭରଭ ଭାରତ ଗସ୍ତ ବେଳେ କହି ଯାଇଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ ମଧ୍ୟ ଭାରତ ଗସ୍ତରେ ଆସି ଭାରତ-ବ୍ରିଟେନ ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ରାଜିନାମା ସ୍ୱାକ୍ଷର କରି ଫେରିଛନ୍ତି। ଆମେରିକା ହ୍ୱାଇଟ ହାଉସଠାରୁ ଆରମ୍ଭ କରି ସୂଚନା ପ୍ରଯୁକ୍ତି ବିଦ୍ୟାର ନାଭିକେନ୍ଦ୍ର ସିଲିକନ ଭ୍ୟାଲି ଯାଏ ସବୁଠି ଭାରତୀୟ ପ୍ରତିଭା ସେମାନଙ୍କ ଗୁରୁତ୍ୱ ଜାହିର କରିଛନ୍ତି। ନିକଟ ଅତୀତରେ ଚାଇନାର ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସି ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାର ନେଇ କଥା ହୋଇ ଫେରିଛନ୍ତି। ଶେଷରେ ଏତିକି କୁହାଯାଇ ପାରେ ଯେ ବିଶ୍ୱକୁ ଠିକ ଦିଶାରେ ନେଇ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତକୁ ଗୁଣାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**ବାଲିପଟ୍ଟାଳ,ନଗର, ଅସ୍ତରଙ୍ଗ, ପୁରୀ**
**ମୋ. -୯୭୭୮୬୯୭୦୩୬**

## ଏଇ ଭାରତରେ

କବାଡ଼ିବାଲା ଟିମ୍ ଯୁବକମାନଙ୍କ ପାଇଁ ଏକ ନୂଆ ବିଜ୍‌ନେସ ମଡେଲ ରଖିବା ସହ ପରିବେଶ ସଂରକ୍ଷଣରେ ମଧ୍ୟ ସାହାଯ୍ୟ କରୁଛି। ଏହି 'କବାଡ଼ିବାଲା' ଟିମ୍ ଗଠନ କରିଛନ୍ତି ମଧ୍ୟପ୍ରଦେଶ ଦମୋହ ନିବାସୀ ଇଞ୍ଜିନିୟର ଅନୁରାଗ ଅସାଟି। ଇଞ୍ଜିନିୟରିଂ ଡିଗ୍ରି ଶେଷ କରିବା ପରେ ଅନୁରାଗ ତାଙ୍କ 'କବାଡ଼ିବାଲା' ଷ୍ଟାର୍ଟଅପ୍ ଗଠନ କରି ପାଞ୍ଚୋଟି ସହରରେ ବର୍ଜ୍ୟ ବା ଅଦରକାରୀ ଜିନିଷ ସଂଗ୍ରହ କରି ରିସାଇକ୍ଲିଂ ସେଣ୍ଟରକୁ ପଠାଉଛନ୍ତି। ଏହି କାର୍ଯ୍ୟରେ ସହଯୋଗ ଦେଇଛନ୍ତି ତାଙ୍କ ସାଙ୍ଗ କବିନ୍ଦ୍ର। ୨୦୧୩ରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ଅନୁରାଗ ପ୍ରଥମେ ଚାକିରି କରିଥିଲେ। କିନ୍ତୁ ୨୦୧୫ରେ ଚାକିରି ଛାଡ଼ି ସେ 'କବାଡ଼ିବାଲା ଷ୍ଟାର୍ଟଅପ୍' ଗଠନ କରି ଅଦରକାରୀ ଜିନିଷ ସଂଗ୍ରହ ଆରମ୍ଭ କରିଥିଲେ। ସେ ଓ ତାଙ୍କ ସାଙ୍ଗ କବିନ୍ଦ୍ର ବାଇକ୍‌ରେ ଅଦରକାରୀ ଜିନିଷ ବୋହି ରିସାଇକ୍ଲିଂ ସେଣ୍ଟରରେ ପହଞ୍ଚାଉଥିଲେ। ଏବେ 'କବାଡ଼ିବାଲା' ୫ଟି ସହରର ୪୦ରୁ ଅଧିକ ପ୍ରକାର ଅଦରକାରୀ ଜିନିଷ ସଂଗ୍ରହ କରୁଛି। ଏହି କାର୍ଯ୍ୟରେ ୭୦୦ରୁ ଅଧିକ ଲୋକ ଯୋଡ଼ି ହୋଇଛନ୍ତି। ୫୦୦ରୁ ଅଧିକ କମ୍ପାନୀ, ଅନେକ ରେସ୍ତୋଁରା ଚେନ୍, ଅଫିସ ଓ ବ୍ୟାଙ୍କରୁ ଅଦରକାରୀ ଜିନିଷ ସଂଗ୍ରହ କରାଯାଉଛି ଓ ଏଗୁଡ଼ିକୁ ୧୦୦ରୁ ଊର୍ଦ୍ଧ୍ୱ ରିସାଇକ୍ଲିଂ କମ୍ପାନୀକୁ ପଠାଯାଉଛି। ୨୦୧୯ରେ କବାଡ଼ିବାଲା ଷ୍ଟାର୍ଟଅପ୍‌କୁ ୩ କୋଟି ଟଙ୍କାର ପାଣ୍ଠି ମିଳିଥିଲା ଓ ଅନୁରାଗ ଏହା ସାହାଯ୍ୟରେ ତାଙ୍କ କାର୍ଯ୍ୟକୁ ସମ୍ପ୍ରସାରିତ କରିଛନ୍ତି। ଏବେ କମ୍ପାନୀର ଟର୍ନଓଭର ୧୦ କୋଟି ଟଙ୍କାକୁ ଟପିଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମେ ୧୯୯୭

- ଇଣ୍ଡୋନେସିଆର ସଂସଦୀୟ ନିର୍ବାଚନ ବେଳେ ପୂର୍ବ ତିମୋର ଅଞ୍ଚଳରେ ବିଦ୍ରୋହୀ ଓ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୨ ନିହତ।
- ଶ୍ରୀଲଙ୍କାର ଉତ୍ତର-ପୂର୍ବ ମାନ୍ନାର ଜିଲା ନାଚ୍ଚିକୁଦା ଉପକୂଳରେ ଏକ ନୌକା ବୁଡ଼ିଯିବା ଫଳରେ ୧୯ ତାମିଲ ଶରଣାର୍ଥୀଙ୍କ ମୃତ୍ୟୁ।
- ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଭାବେ ବହିଃବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ କମଲେଶ ଶର୍ମା ନିଯୁକ୍ତ।
- କେରଳ କୃଷିମନ୍ତ୍ରୀ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ଭି.କେ. ରାଜନଙ୍କ ୫୨ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଦରଦାମ ନିୟନ୍ତ୍ରଣ କରାଯାଉ

ମହାଶୟ,

ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ସବୁବର୍ଗର ଲୋକଙ୍କୁ ବାଧିଲାଣି। ନିହାତି ଆବଶ୍ୟକ ନ ପଡ଼ିଲେ ଏହାର ବ୍ୟବହାର କରାଯାଏନା। ଗ୍ରାହକଙ୍କ ନଜରକୁ ଅନ୍ୟଆଡ଼େ ହଟାଇବା ପାଇଁ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରାଯାଉଛି। ରନ୍ଧନଗ୍ୟାସ ଯୋଗୁ ରୋଷେଇଶାଳରେ ମଡ଼କ ପଡ଼ିଲାଣି। ମନଜାଣି ଦୁଇତିନି ପ୍ରକାର ତରକାରି କରି ଖାଇବାକୁ ସୁଯୋଗ ମିଳୁନି। ଏହା ସହିତ ପନିପରିବା ଦର ମଧ୍ୟ ଆକାଶଛୁଆଁ ହେଲାଣି। ଟମାଟୋ ଗୋଟିଏ ପରିବା- ଯାହା ସବୁ ତରକାରି ପାଇଁ ଆବଶ୍ୟକ ହୁଏ ଏବଂ ଗରିବଠାରୁ ଧନୀ ପର୍ଯ୍ୟନ୍ତ ଏହାକୁ ନିତିଦିନିଆ ପରିବା ଭାବେ କିଣନ୍ତି। ତା'ର ଦାମ କିଲୋ ପ୍ରତି ୮୦ ଟଙ୍କା ହେଲାଣି। ରାନ୍ଧୁଣି ମୁଣ୍ଡରେ ଚଡ଼କ। ଖାଉଟି ଯେ କେତେ ହନ୍ତସନ୍ତ ତାହା କେବଳ ଅନୁଭବୀ ହିଁ ଜାଣେ। ସାଧାରଣ ଆଳୁ କିଲୋ ପ୍ରତି ୨୫ ଟଙ୍କା, ବାଇଗଣ ୫୦ ଟଙ୍କା ଓ ଅନ୍ୟାନ୍ୟ ପନିପରିବା କଥା ପଚାରେ କିଏ। ଉପରୋକ୍ତ ସାମଗ୍ରୀ ଉପରେ ସରକାର କୌଣସି ଅଙ୍କୁଶ ଲଗାଉ ନ ଥିବାରୁ ଛୋଟ ବଡ଼ ବ୍ୟବସାୟୀମାନେ ମନଇଚ୍ଛା ଗ୍ରାହକଙ୍କ ଚାହିଦା ଅନୁଯାୟୀ ଦରବୃଦ୍ଧି କରୁଛନ୍ତି, ଯାହା ଖାଉଟିଙ୍କୁ ବହୁତ ବାଧୁଛି। ସୁତରାଂ ଗ୍ରାମାଞ୍ଚଳ ପଞ୍ଚାୟତ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଖାଉଟିଙ୍କୁ ସୁରକ୍ଷା ଦେବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

## ଚିରନ୍ତନୀ

ଜରା ଅଙ୍ଗେ ଆଣଇ ସେ
ଜୀବନର ମଧୁର ଚେତନା
ଶାନ୍ତିର ଶୀତଳ ଆରାଧନା,
ଶିଶୁ ମୁଖେ ଢାଳିଦିଏ ସେ ଚାହାଣି
କରୁଣାର ତରଳ ସେନେହ
ପରାଣ ପୂରାଇ ସେ ତ ପୁଲକାଏ
ଜଡ଼ର ଜୀବନହୀନ ଦେହ। -(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସବୁ ପ୍ରସ୍ତୁତି ସରିଛି: ଲୋହାନୀ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**


ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ

**ବ୍ରଜରାଜନଗର ଉପନିର୍ବାଚନ**
- ବ୍ରଜରାଜନଗର ଅଭିମୁଖେ ପୋଲିଂ ଅଧିକାରୀ
- ୨,୧୪,୮୭୮ ଭୋଟରଙ୍କ ପାଇଁ ବୁଥ୍ ପ୍ରସ୍ତୁତ

ବ୍ରଜରାଜନଗର ଉପନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୩୧ ତାରିଖରେ ଏହି ଆସନରେ ଉପନିର୍ବାଚନ ହେବ। ଏଥିଲାଗି ରବିବାର ପୋଲିଂ ଅଧିକାରୀ ମତଦାନ କେନ୍ଦ୍ର ଅଭିମୁଖେ ବାହାରି ଯାଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଲୋହାନୀ ଏହି ଅବସରରେ କହିଛନ୍ତି, ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୩୧ରେ ୨୭୯ଟି ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ସବୁ ପୋଲିଂ ପାର୍ଟି ଭୋଟ ଗ୍ରହଣ ଲାଗି ଆବଶ୍ୟକ ନିର୍ବାଚନ ସାମଗ୍ରୀ ଧରି ନିଜ ନିଜର ବୁଥକୁ ଗଲେଣି। ଏଥିଲାଗି ସଂରକ୍ଷିତ କର୍ମଚାରୀଙ୍କୁ ମିଶାଇ ମୋଟ ପ୍ରାୟ ୧୨୨୮ ପୋଲିଂ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସମଗ୍ର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ସମୁଦାୟ ୯୭୦ ଜଣ ସୁରକ୍ଷା କର୍ମଚାରୀ ଏବଂ ୩ କମ୍ପାନୀ କେନ୍ଦ୍ରୀୟ ପୋଲିସ ବଳଙ୍କୁ ଅବସ୍ଥାପିତ କରାଯାଇଛି। ଉପନିର୍ବାଚନରେ ୧୧୦୦୫୦ ଜଣ ପୁରୁଷ, ୧୦୪୮୧୧ ମହିଳା ଓ ୧୭ ଜଣ ୩ୟ ଲିଙ୍ଗ ଭୋଟରଙ୍କୁ ମିଶାଇ ମୋଟ ୨୧୪୮୭୮ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ପୋଲିସ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା ୬୦ଟି ଉତ୍ତେଜନାପ୍ରବଣ ବୁଥ୍‌ରେ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସେସବୁ ବୁଥ୍‌ରେ ୫୦ ଜଣ ମାଇକ୍ରୋ ଅବଜରଭରଙ୍କ ସହ ଅତିରିକ୍ତ କେନ୍ଦ୍ରୀୟ ପୋଲିସ ବଳଙ୍କୁ ନିଯୁକ୍ତି ସହ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯାଇଛି। ସମୁଦାୟ ବୁଥ୍‌ର ୫୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ।

ସେ ଆହୁରି କହିଛନ୍ତି, ନିର୍ବାଚନ ଦିନ ସମଗ୍ର ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଝାରସୁଗୁଡ଼ା ଏସ୍‌ପି କଡ଼ା ନଜର ରଖିଛନ୍ତି। ଭୋଟରଙ୍କ ସୁବିଧା ନିମନ୍ତେ ୩୦ଟି ମଡେଲ୍ ବୁଥ୍ ସ୍ଥାପନା ହୋଇଛି। ସେଠାରେ ଭୋଟରଙ୍କ ପାଇଁ ଟେଣ୍ଟ, ପାନୀୟ ଜଳର ବ୍ୟବସ୍ଥା ଏବଂ ବରିଷ୍ଠ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯାଇଛି। ସେହିପରି ୫ଟି ପିଙ୍କ ବୁଥ୍ ହୋଇଛି। ଯେଉଁଠାରେ କେବଳ ମହିଳା କର୍ମଚାରୀ ଭୋଟଗ୍ରହଣ କାର୍ଯ୍ୟ ସମ୍ପାଦନ କରିବେ। ବରିଷ୍ଠ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ନିମନ୍ତେ ସବୁ ବୁଥ୍‌ରେ ର୍ୟାମ୍ପ, ହ୍ୱିଲ୍‌ଚେୟାର ସହ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର, ଯେଉଁମାନେ କି ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେବା ପାଇଁ ପସନ୍ଦ କରିଥିଲେ ସେମାନଙ୍କ ମଧ୍ୟରୁ ୩୧୨ ଜଣ ଯୋଗ୍ୟ ଭୋଟର ମତଦାନ କରିଛନ୍ତି। ସେସବୁଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରଚାର ସମୟ ସରିଛି। ତେଣୁ ସବୁ ରାଜନୈତିକ ଦଳର ତାରକା ପ୍ରଚାରକ ଓ ଅନ୍ୟ ଯେକୌଣସି ବ୍ୟକ୍ତି ଯେଉଁମାନେ ସେଠାର ଭୋଟର ନୁହନ୍ତି ସେମାନେ ଆଉ ରହିପାରିବେ ନାହିଁ। ଜିଲାରେ ଥିବା ସବୁ ହୋଟେଲ୍, ଲଜ୍, ଗେଷ୍ଟହାଉସ୍‌କୁ ତନଖି କରିବା ପାଇଁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଥିବା ଲୋହାନୀ କହିଛନ୍ତି।

# ମହାରାଷ୍ଟ୍ରରୁ ପୀୟୂଷ, କର୍ନାଟକରୁ ନିର୍ମଳା ଭାଜପା ପ୍ରାର୍ଥୀ

**ରାଜ୍ୟ ସଭା ନିର୍ବାଚନ**

**ନୂଆଦିଲ୍ଲୀ,୨୯।୫**


ପୀୟୂଷ ଗୋୟଲ


ନିର୍ମଳା ସୀତାରାମନ୍

ଜୁନ୍ ୧୦ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ଲାଗି ଭାଜପା ରବିବାର ପ୍ରଥମ ପର୍ଯ୍ୟାୟରେ ୧୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ କର୍ନାଟକରୁ ଏବଂ ପୀୟୂଷ ଗୋୟଲଙ୍କୁ ମହାରାଷ୍ଟ୍ରରୁ ପ୍ରାର୍ଥୀ କରାଯାଇଛି। ଭାଜପାର ପ୍ରଥମ ପର୍ଯ୍ୟାୟ ତାଲିକାରେ ଉତ୍ତରପ୍ରଦେଶରୁ ୨ ମହିଳାଙ୍କ ସମେତ ୬ ଜଣ ପ୍ରାର୍ଥୀ ରହିଛନ୍ତି। ମହିଳା ପ୍ରାର୍ଥୀ ହେଲେ ଦର୍ଶନ ସିଂ ଏବଂ ସଙ୍ଗୀତା ଯାଦବ। ମହାରାଷ୍ଟ୍ର, କର୍ନାଟକ ଓ ବିହାର ପାଇଁ ଭାଜପା ୨ ଜଣ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବାବେଳେ ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ହରିୟାଣା ପାଇଁ ଜଣେ ଲେଖାଏ ପ୍ରାର୍ଥୀଙ୍କ ନାଁ ପ୍ରକାଶ ପାଇଛି। ପୂର୍ବରୁ ହରିୟାଣାରୁ ରାଜ୍ୟ ସଭା ସଦସ୍ୟ ଥିବା ଭାଜପା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ ଗୌତମଙ୍କୁ ଏଥର ପ୍ରାର୍ଥୀ କରାଯାଇ ନାହିଁ। ହରିୟାଣାରୁ ପୂର୍ବତନ ବିଧାୟକ କ୍ରିଷ୍ଣନ ଲାଲ୍ ପନୱାରଙ୍କୁ ଦଳ ଟିକେଟ ଦେଇଛି। ସେହିପରି ମଧ୍ୟପ୍ରଦେଶରୁ କବିତା ପଟିଦାର, ରାଜସ୍ଥାନରୁ ଘନଶ୍ୟାମ ତିୱାରୀ ଏବଂ ଉତ୍ତରାଖଣ୍ଡରୁ କଳ୍ପନା ସାଇନି ପ୍ରାର୍ଥୀ ହୋଇଛନ୍ତି। ସେହିପରି ବିହାରରୁ ସତୀଶ ଚନ୍ଦ୍ର ଦୁବେ ଏବଂ ଶମ୍ଭୁ ଶରଣ ପଟେଲ ପ୍ରାର୍ଥୀ ହୋଇଥିବାବେଳେ ମହାରାଷ୍ଟ୍ରରୁ ଅନିଲ ସୁଖଦେବରାଓ ବଣ୍ଡେ ଏବଂ କର୍ନାଟକରୁ ଜଗେଶଙ୍କୁ ଭାଜପା ଟିକେଟ ଦେଇଛି।

## ମିଳିତ ପ୍ରାର୍ଥୀ ଦେବେ ଜେଏମ୍ଏମ୍-କଂଗ୍ରେସ

ଝାଡ଼ଖଣ୍ଡର ଶାସକ ମେଣ୍ଟ ଜେଏମ୍ଏମ୍-କଂଗ୍ରେସ ରାଜ୍ୟରେ ଖାଲି ହେବାକୁ ଥିବା ଗୋଟିଏ ରାଜ୍ୟ ସଭା ଆସନ ଲାଗି ମିଳିତ ପ୍ରାର୍ଥୀ ଦେବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରବିବାର ଏହା ଘୋଷଣଶ କରିଛନ୍ତି। ସହଯୋଗୀ କଂଗ୍ରେସ ସହ ବିବାଦ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ତେବେ ରାଜ୍ୟ ସଭା ପ୍ରାର୍ଥୀ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ହେବେ କି କଂଗ୍ରେସରୁ ତାହା ସେ ସ୍ପଷ୍ଟ କରିନାହାନ୍ତି। ରାଞ୍ଚିରୁ ନାମ ଘୋଷଣା କରାଯିବ ବୋଲି ଜେଏମ୍ଏମ୍ ନେତା କହିଛନ୍ତି। ଶନିବାର ଜେଏମ୍ଏମ୍ ବିଧାୟକ ଦଳ ବୈଠକ ପରେ ସେ ଦିଲ୍ଲୀ ଯାଇ ରାଜ୍ୟ ସଭା ନିର୍ବାଚନ ସମ୍ପର୍କରେ କଂଗ୍ରେସ ନେତୃତ୍ୱ ସହ ଆଲୋଚନା କରିଥିଲେ। ମିଳିତ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା ସୋରେନ୍ କହିଛନ୍ତି।

# ଦଳୀୟ ନିଷ୍ପତ୍ତିକୁ ସ୍ୱାଗତ: ଚ୍ୟାଉପଟ୍ଟନାୟକ

**ବ୍ରହ୍ମପୁର ଅଫିସ,୨୯।୫**

**ରାଜ୍ୟ ସଭା ନିର୍ବାଚନ**
- ଗଞ୍ଜାମରୁ ୬ ହୋଇଛନ୍ତି ରାଜ୍ୟ ସଭା ସଦସ୍ୟ
- ବିଶ୍ୱନାଥ ଓ ବ୍ରହ୍ମାନନ୍ଦ ଦୁଇଥର ଲେଖାଏ ନିର୍ବାଚିତ
- ରେଣୁବାଳା ଏକମାତ୍ର ମହିଳା ଏମ୍‌ପି

ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏଥର ମଧ୍ୟ ରାଜ୍ୟ ସଭା ଟିକେଟରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ଆଶା ନିରାଶାରେ ପରିଣତ ହୋଇଛି। ୫ ଥର ଲଗାତର ବିଧାୟକ ହୋଇଥିବା ବରିଷ୍ଠ ବିଜେଡି ନେତା ଚ୍ୟାଉ ପଟ୍ଟନାୟକ ୨୦୧୯ ନିର୍ବାଚନରେ ଟିକେଟ ପାଇ ନ ଥିଲେ। ତାଙ୍କୁ ରାଜ୍ୟ ସଭା ପଠାଇବାକୁ ମୁଖ୍ୟମନ୍ତ୍ରୀ କୁଆଡ଼େ ପ୍ରତିଶ୍ରୁତି ଦେଇଥିବା ପ୍ରଚାର ହୋଇଥିଲା। ତେବେ ଇତିମଧ୍ୟରେ ହୋଇଥିବା ଏକାଧିକ ରାଜ୍ୟ ସଭା ନିର୍ବାଚନରୁ ତାଙ୍କୁ ଅଣଦେଖା କରାଯାଇଛି। ଅପରପକ୍ଷରେ ସେ ପ୍ରତିକ୍ରିୟାଶୀଳ ନ ହୋଇ ଦଳର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଦଳ ସଭାପତି ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ନିଷ୍ଠାର ସହ ପାଳନ କରିଥିବା ଦର୍ଶାଇଛନ୍ତି। ଓଡ଼ିଶାରୁ ୪ ରାଜ୍ୟ ସଭା ପ୍ରାର୍ଥୀ ରବିବାର ବିଜେଡି ଘୋଷଣା ପରେ ଆଲୋଚନା ପ୍ରସଙ୍ଗରେ ଚ୍ୟାଉପଟ୍ଟନାୟକ ଏହା କହିଛନ୍ତି।

ସ୍ୱାଧୀନତା ପରଠାରୁ ବିଭିନ୍ନ ସମୟରେ ଗଞ୍ଜାମ ଜିଲାରୁ ମାତ୍ର ୬ ଜଣ ବିଭିନ୍ନ ଦଳରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ତଥ୍ୟାନୁସାରେ ଚିକିଟି ନିର୍ବାଚନ ମଣ୍ଡଳୀର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ ପ୍ରଜା ସୋସାଲିଷ୍ଟ ପାର୍ଟିରୁ ୧୯୫୭ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ୧୯୫୪ରୁ ୬୦ ଏବଂ ୬୦ରୁ ୬୨ ପର୍ଯ୍ୟନ୍ତ ଦୁଇଥର ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ କରାଯିବାରୁ ସେ ଏହି ପଦ ଛାଡ଼ିଥିଲେ। ଅବିଭକ୍ତ ଗଞ୍ଜାମ ଜିଲାର ଗୁରାଣ୍ଡି ଗ୍ରାମବାସିନ୍ଦା ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ନାରାୟଣ ପାତ୍ର ୧୯୬୪ରୁ ୭୦ ପର୍ଯ୍ୟନ୍ତ କଂଗ୍ରେସରୁ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ବ୍ରହ୍ମପୁରର ବ୍ରହ୍ମାନନ୍ଦ ପଣ୍ଡା ୧୯୬୭ରୁ ୭୨ ଏବଂ ୭୨ରୁ ୭୮ ପର୍ଯ୍ୟନ୍ତ ଦୁଇଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ବରିଷ୍ଠ ସିପିଆଇ ନେତା ଲକ୍ଷ୍ମଣ ମହାପାତ୍ର ୧୯୭୪ରୁ ୮୦ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ନନ୍ଦିନୀ ଶତପଥୀଙ୍କ ସରକାର ଅମଳରେ କଂଗ୍ରେସ ସମର୍ଥନରେ ସେ ନିର୍ବାଚିତ ହୋଇଥିଲେ। ଦୀର୍ଘବର୍ଷ ପରେ ବିଜେଡିରୁ ଗଞ୍ଜାମ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ରେଣୁବାଳା ପ୍ରଧାନ ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ଜିଲାର ୬ ଜଣଙ୍କ ମଧ୍ୟରେ ରେଣୁବାଳା ଏକମାତ୍ର ମହିଳା ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଆଉ କେହି ଏହି ପଦ ପାଇନାହାନ୍ତି।


ନୂଆଦିଲ୍ଲୀର ଐୱାନ-ଇ-ଘାଲିବ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ମୁସଲିମ୍ ବୁଦ୍ଧିଜୀବୀ ସମ୍ମିଳନୀରେ ବରିଷ୍ଠ ରାଜନେତା ଅଜିଜ କୁରେଶୀ, ଫାରୁକ୍ ଅବଦୁଲ୍ଲା, ସଲମାନ ଖୁର୍ସିଦ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି।

# ଭୋଟ ଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା: ଜିଲାପାଳ

**ଝାରସୁଗୁଡ଼ା ଅଫିସ,୨୯।୫:** ଆସନ୍ତା ୩୧ ତାରିଖ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଉପ-ନିର୍ବାଚନ ସକାଶେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୋଟ ଦେଲେ ହିଁ ଆମେ ସମ୍ବିଧାନ ଓ ଆମର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରି ପାରିବା ବୋଲି ଜିଲାପାଳ କହିଛନ୍ତି। ଭୋଟଦାନ ପ୍ରତ୍ୟେକ ସାବାଳକ ନାଗରିକଙ୍କ ଅଧିକାର। ପ୍ରତ୍ୟେକଟି ଭୋଟ ମୂଲ୍ୟବାନ। ଭୋଟରମାନେ ସେମାନଙ୍କର ବହୁମୂଲ୍ୟ ମତଦାନ ଦ୍ୱାରା ନିଜର ପ୍ରତିନିଧି ନିର୍ଣ୍ଣୟ କରିବେ। ତେଣୁ ସମସ୍ତେ ବୁଥକୁ ଯାଇ ଶତପ୍ରତିଶତ ଭୋଟ ଦେବା ଓ ନିଜ ପସନ୍ଦର ପ୍ରାର୍ଥୀପ୍ରାର୍ଥିନୀଙ୍କୁ ଭୋଟ ଦେଇ ନିଜର ମନମୁତାବକ ଚୟନକରି ପରମ କର୍ତ୍ତବ୍ୟ ତୁଲାଇବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ମତଦାନ କେନ୍ଦ୍ରକୁ ଗଲାବେଳେ ଭୋଟରମାନେ ନିଜ ସହିତ ପରିଚୟପତ୍ର ନେବାକୁ ଜିଲାପାଳ ନିବେଦନ କରିଛନ୍ତି। ମତଦାନ ପାଇଁ ୧୨ଟି ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଅନିର୍ବାଯ୍ୟ। ଏହି ପରିଚୟପତ୍ରଗୁଡ଼ିକ ହେଲା ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫଟୋ ଥିବା ସରକାରୀ ଚାକିରୀ କ୍ଷେତ୍ରର ପରିଚୟ ପତ୍ର, ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ ବୁକ, ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ, ସାଂସଦ ଓ ବିଧାୟକଙ୍କୁ ଦିଆଯାଇଥିବା ପରିଚୟପତ୍ର, ଏନ୍‌ଆରଇଜିଏର ଜବ କାର୍ଡ, ଫଟୋ ଥିବା ପେନସନ ଦସ୍ତାବିଜ, ଏନପିଆର ସ୍ମାର୍ଟକାର୍ଡ, ପାସପୋର୍ଟ, ପାନ କାର୍ଡ ଓ ଆଧାରକାର୍ଡ।



ବିଜେଡିର କର୍ମୀ ସମ୍ମିଳନୀରେ ପ୍ରାର୍ଥିନୀ ଅଳକା ମହାନ୍ତିଙ୍କ ସହ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରଚାର କରୁଛନ୍ତି।


ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ପ୍ରଚାର କରୁଛନ୍ତି।


କଂଗ୍ରେସ ପ୍ରାର୍ଥୀ କିଶୋର ଚନ୍ଦ୍ର ପଟେଲ ସମର୍ଥକଙ୍କ ସହ ରୋଡ଼ଶୋ' କରୁଛନ୍ତି।


ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ ଗାଁକୁ ଗାଁ ବୁଲି ପ୍ରଚାର କରୁଛନ୍ତି।

# ବ୍ରଜରାଜନଗର ଉପନିର୍ବାଚନ: ସରିଲା ପ୍ରଚାର

**ଝାରସୁଗୁଡା ଅଫିସ, ୨୯।୫**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉପନିର୍ବାଚନ ଲାଗି ଆସନ୍ତା ୩୧ରେ ମତଦାନ ହେବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏନେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଆସିଥିବା ଷ୍ଟାର ପ୍ରଚାରକ ନେତୃବୃନ୍ଦ ରବିବାର ସନ୍ଧ୍ୟାରେ ନିର୍ବାଚନ ମଣ୍ଡଳୀଛାଡି ଚାଲିଯାଇଛନ୍ତି। ଶେଷ ଦିବସରେ ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ନିଜ ଦଳର ଷ୍ଟାର ପ୍ରଚାରକଙ୍କ ସହ ଲଖନପୁର ବ୍ଲକ୍, ବେଲପାହାଡ଼ ଓ ବ୍ରଜରାଜନଗର ପୌରାଞ୍ଚଳରେ ପ୍ରଚାର ଚଳାଇଥିଲେ। ଏହିପରି ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ଦଳର ଷ୍ଟାର ପ୍ରଚାରକଙ୍କୁ ଧରି କଦମ୍ବଡିହି ଓ ଭଇଁରଖୋଲ ପଞ୍ଚାୟତରେ କର୍ମୀ ସମ୍ମିଳନୀ ସହ ମହିଳା ସମାବେଶ କରିଥିଲେ। ଏଥିରେ ମନ୍ତ୍ରୀ ସୁଶାନ୍ତ ସିଂ, ମନ୍ତ୍ରୀ ଟୁକୁନି ସାହୁ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀପ୍ରସାଦ ମିଶ୍ର, ଆକାଶ ଦାସ ନାୟକ, ବିକ୍ରମ ପଣ୍ଡା, ଲତିକା ପ୍ରଧାନ, ରୀତା ସାହୁ, ଚନ୍ଦ୍ର ଶେଖର ସାହୁ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ଏହାକୁ ବିଜେଡି ବ୍ଲକ ସଭାପତି ରବିରନ୍ ପ୍ରଧାନ ପରିଚାଳନା କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ କିଶୋର ଚନ୍ଦ୍ର ପଟେଲ ତାଙ୍କ ସମର୍ଥକଙ୍କୁ ସାଙ୍ଗରେ ଧରି ୱାର୍ଡକୁ ୱାର୍ଡ ବୁଲି ପ୍ରଚାର କରିଥିଲେ। ସେ ରୋଡ଼ ଶୋ'ରେ ସହର ପରିକ୍ରମା କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ପ୍ରାର୍ଥୀ ରମେଶ ତ୍ରିପାଠୀ ରୋଡ ଶୋ'ରେ ବାହାରି ଗାଁକୁ ଗାଁ ବୁଲି ପ୍ରଚାରକୁ ଜୋରଦାର କରିଥିଲେ। ଏସବୁ ଦଳୀୟ ପ୍ରାର୍ଥୀ ସେମାନଙ୍କର ପ୍ରଚାର ଜୋରଦାର ଚଳାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ପ୍ରଚାରରେ ପଛରେ ପଡି ନ ଥିଲେ।

# ବିଜେଡି ଖେଳିଲା ଆଦିବାସୀ କାର୍ଡ

**ବଲାଙ୍ଗୀର ଅଫିସ, ୨୯।୫**



**ନିରଞ୍ଜନ ବିଶି ଯିବେ ରାଜ୍ୟ ସଭା**
- କିରାଣିରୁ ସଂସଦର ଉଚ୍ଚ ସଦନ
- ଯୋଗଦାନକୁ ଆଦିବାସୀ ସଂଘର ମିଶ୍ର ପ୍ରତିକ୍ରିୟା

ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶିଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରିଛି ବିଜେଡି। ଆଦୌ ଚର୍ଚ୍ଚାରେ ନ ଥିବା ନିରଞ୍ଜନଙ୍କୁ ପ୍ରାର୍ଥୀ କରାଯିବା ପରେ ଜିଲା ବିଜେଡି ମହଲରେ ହଇଚଇ ସୃଷ୍ଟି ହୋଇଛି। ଦୁଇଦିନ ତଳେ ନିରଞ୍ଜନ ବିଜେଡିରେ ଯୋଗଦେଇଥିଲେ। ୨୦୦୭ରୁ ଆଦିବାସୀମାନଙ୍କୁ କେବଳ ବଲାଙ୍ଗୀର ନୁହେଁ, ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରେ ତୃଣମୂଳସ୍ତରରୁ ସଙ୍ଗଠିତ କରି ସେମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ୍ ଓ ଜିଲାସ୍ତରରେ ଆନ୍ଦୋଳନ କରି ଆସିଥିଲେ ନିରଞ୍ଜନ। ବଳିଷ୍ଠ ନେତୃତ୍ୱ ପାଇଁ ତାଙ୍କୁ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ପଦରେ ଅଳଙ୍କୃତ କରାଯାଇଥିଲା। ରାଜ୍ୟସ୍ତରରେ ଆଦିବାସୀ ସଙ୍ଗଠନଗୁଡ଼ିକର ସମନ୍ୱୟ ଦିଗରେ ସେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲେ। ବଲାଙ୍ଗୀର ଜିଲା ପାଟଣାଗଡ଼ ବିଦ୍ୟୁତ୍ ବିଭାଗରେ କିରାଣି ଭାବେ କାର୍ଯ୍ୟ କରୁଥିବା ନିରଞ୍ଜନ ଆଦିବାସୀ ନେତା ରୂପେ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିଲେ। ଆଦିବାସୀ ସଂଘ ବ୍ୟତୀତ କୋଶଳ ରାଜ୍ୟ ସମନ୍ୱୟ ସମିତି, ପଶ୍ଚିମାଞ୍ଚଳ ବିଦ୍ୟୁତ୍ କର୍ମଚାରୀ ସଂଘ, ଦାଦନ ଶ୍ରମିକ ସଙ୍ଗଠନ ସହ ସେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ।

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀ ପ୍ରାର୍ଥୀଙ୍କ ସଂରକ୍ଷଣ କାଟ୍‌କୁ ନେଇ ଆଦିବାସୀ କଲ୍ୟାଣ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ନିରଞ୍ଜନଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଆଦିବାସୀମାନେ ସଂଘବଦ୍ଧ ହୋଇ ଶାସକ ବିଜେଡିକୁ ଜୋରଦାର ବିରୋଧ କରିଥିଲେ। ମହାସଂଘ ନିଷ୍ପତ୍ତିକ୍ରମେ ବିଭିନ୍ନ ସ୍ଥାନରେ ଜିଲାପାଳ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଭଳି କି କୌଣସି ଆଦିବାସୀ ବିଜେଡିର ପ୍ରାର୍ଥୀ ହେବେନି କି ବିଜେଡିକୁ ଭୋଟ୍ ଦେବେନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। କୌଣସି ଆଦିବାସୀ ବିଜେଡି ପ୍ରାର୍ଥୀ ହେଲେ କିମ୍ବା ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେଲେ ସେମାନଙ୍କୁ ଆଦିବାସୀ ସମାଜରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଘର ଏଭଳି ନିଷ୍ପତ୍ତିକୁ ସମର୍ଥନ କରି ସେତେବେଳେ ନିରଞ୍ଜନ ବିଜେଡି ବିରୋଧରେ ଜୋର୍‌ଦାର ଗର୍ଜିଥିଲେ। ଏହାପରେ ତାଙ୍କୁ ବିଜେଡିକୁ ନେବା ପାଇଁ ଯୋଜନା ହେବା ଚର୍ଚ୍ଚାର ବିଷୟ ହୋଇଥିଲା।

ନିରଞ୍ଜନ ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ହେବା ପରେ ଆଦିବାସୀ ସଂଘରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଆଦିବାସୀ ନେତା ତାଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ଅନ୍ୟମାନେ ବିଜେଡିରେ ତାଙ୍କ ଯୋଗଦାନ ଏବଂ ରାଜ୍ୟ ସଭା ପ୍ରାର୍ଥିତ୍ୱକୁ ସମାଲୋଚନା କରିଛନ୍ତି। ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ବନଲତା ମାଝି ନିରଞ୍ଜନ ବିଶିଙ୍କୁ ବିଜେଡି ରାଜ୍ୟ ସଭା ପ୍ରାର୍ଥୀ କରିବାକୁ ସ୍ୱାଗତ କରିଛନ୍ତି। ପଶ୍ଚିମ ଓଡ଼ିଶାର ଅଗଣିତ ଆଦିବାସୀଙ୍କ ସମସ୍ୟା ସମାଧାନ ଦିଗରେ ସେ କାର୍ଯ୍ୟ କରିବେ ବୋଲି ଆଶା ପ୍ରକଟ କରିଛନ୍ତି। ଆଦିବାସୀ କଲ୍ୟାଣ ମହାସଂଘ ଉପଦେଷ୍ଟା ସତ୍ୟନାରାୟଣ ଭୋଇ କହିଛନ୍ତି, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ପ୍ରସଙ୍ଗ ନେଇ ବିଜେଡିକୁ ବିରୋଧ କରିବାକୁ ଆଦିବାସୀ ସଂଘ ନିଷ୍ପତ୍ତି ନେଇଥିଲା। କୌଣସି କର୍ମକର୍ତ୍ତାଙ୍କ ସହ ପରାମର୍ଶ ନ କରି ନିରଞ୍ଜନ ବିଜେଡିରେ ଯୋଗଦେବା ଠିକ୍ ହୋଇନାହିଁ। ତେବେ ବିଜେଡି ତାଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଥିବାରୁ ଆମେ ସ୍ୱାଗତ କରୁଛୁ। ଆଦିବାସୀଙ୍କ ଉନ୍ନତି ଦିଗରେ ସେ କାର୍ଯ୍ୟ କରିବେ ବୋଲି ଆଶାପୋଷଣ କରୁଛୁ। ବଲାଙ୍ଗୀର ବିଶ୍ୱାବସୁ ଶବର ସମାଜ ସଭାପତି ରବି ଝାଙ୍କର କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଭୋଟ ନ ଦେବା ପାଇଁ ଆଦିବାସୀ ସଂଘ ପକ୍ଷରୁ କୁହାଯାଇଥିଲା। ଯିଏ ଭୋଟ ଦେବ କି ପ୍ରାର୍ଥୀ ହେବ ତାଙ୍କୁ ସମାଜରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଣୁ ନିରଞ୍ଜନଙ୍କ ବିଜେଡିରେ ଯୋଗଦାନ ଓ ରାଜ୍ୟ ସଭା ପ୍ରାର୍ଥୀ ହେବା ପୂର୍ବ ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଛି। ଏହା ଆଦୌ ଠିକ୍ ହୋଇନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୨୦ କୁଇଣ୍ଟାଲ ମହୁଲ ଜବତ: ୨ ଗିରଫ

ରେଢାଖୋଲ,୨୯।୫(ଡି.ଏନ.ଏ.): ଶନିବାର ରାତିରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପିକଅପ୍ ଭ୍ୟାନ ଯୋଗେ ଚୋରା ଚାଲାଣ ହେଉଥିବା ୨୦ କୁଇଣ୍ଟାଲ ମହୁଲ ଜବତ କରାଯାଇଛି। ଏହି ଘଟଣାରେ ତଣ୍ଡାବିରା ଗ୍ରାମର ସ୍ୱପ୍ନେଶ୍ୱର ପ୍ରଧାନ ଓ ରାଇଲ ଗ୍ରାମର ଚରଣ ସାହୁଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ ବିଷ୍ଣୁ ଚରଣ ମଲ୍ଲିକ କହିଛନ୍ତି। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଚୋରାଚାଲାଣରେ ବ୍ୟବହୃତ ଭ୍ୟାନ ଜବତ ହୋଇଛି । ଏଏସଆଇ ବିନୋଦିନୀ ବେହେରା, କନଷ୍ଟେବଲ ଦେବରଞ୍ଜନ ବେହେରା ଓ ଶ୍ୟାମ ଭୋଇ ଚଢାଉ କରିଥିଲେ।

### ମହିଳାଙ୍କ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୨୯।୫: ରାଉରକେଲା ଇସ୍ପାତ କାରଖାନାର ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଆରଏସ୍‌ପି ଏଚ୍‌ଆରଡି ବିଭାଗର ସିଜିଏମ୍ ଇନଚାର୍ଜ ରାଜଶ୍ରୀ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୃତ୍ତିଗତ ସ୍ୱାସ୍ଥ୍ୟଗତ କେନ୍ଦ୍ରର ଅତିରିକ୍ତ ସିଏମ୍‌ଓ ଡକ୍ଟର ତରୁଣାଦିତ୍ୟ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଡକ୍ଟର ସତ୍ୟଜିତ ମିଶ୍ର ଉପସ୍ଥିତ ଥିଲେ। ଆରଏସ୍‌ପିର ବିଭିନ୍ନ ବିଭାଗର ୧୧ ଜଣ ଅଧିକାରୀଙ୍କ ସମେତ ମୋଟ ୪୦ ଜଣ ମହିଳା କର୍ମଚାରୀ ଏଥିରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସହିତ ଜଡିତ ମୁଖ୍ୟ କାରକ ଯେପରିକି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ, ମହିଳାଙ୍କଠାରେ ପରିଲକ୍ଷିତ ହେଉଥିବା ସାଧାରଣ ବ୍ୟାଧି, ରୋଗ ପ୍ରତିଶୋଧକ ଶକ୍ତି ବୃଦ୍ଧି ଓ ଜୀବନଶୈଳୀ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୃତ୍ତିଗତ ସ୍ୱଚ୍ଛତା ଟେକ୍ନିସିଆନ କେ. ସି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ବରିଷ୍ଠ ଡିଏମ୍‌ଓ ଡକ୍ଟର ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

### ହାତୀ ଉପଦ୍ରବ, ବନବିଭାଗ ନୀରବଦ୍ରଷ୍ଟା

ଜମନକିରା,୨୯।୫(ଡି.ଏନ.ଏ.): ବାମରା ବନଖଣ୍ଡ ଅଧୀନ ବଡରମା ରେଞ୍ଜ ଅଞ୍ଚଳରେ ଏବେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସବୁ କିଛି ଜାଣି ମଧ ବନବିଭାଗ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି । ପ୍ରକାଶ ଯେ, ଜମନକିରା ବଡରମା ରେଞ୍ଜ ଅଫିସରୁ ପ୍ରାୟ ଦେଢ଼ କିମି ଚେପଟାଆମ ଗ୍ରାମରେ ଶନିବାର ରାତି ସମୟରେ ଏକ ଦନ୍ତାହାତୀ ଆସି ଉପଦ୍ରବ କରିବା ସହ ଗ୍ରାମର ବୈକୁଣ୍ଠ ମହାନ୍ତିଙ୍କ ଘର ଭାଙ୍ଗି ଦେଇଛି । ଏହାଛଡା ହାତୀ ଧାନବସ୍ତା ଓ ଚାଉଳ ନେଇଯାଇଥିଲା। ପୂର୍ବରୁ ଚିନିମହୁଲ ଏବଂ ଖରମୁଣ୍ଡା ଗ୍ରାମରେ ହାତୀ ଆତଙ୍କ ଦେଖିବାକୁ ମିଳିଥିଲା । ହାତୀ ଲୋକଙ୍କ ଘର ଭାଙ୍ଗିବା ସହ ଅନେକ କ୍ଷୟକ୍ଷତି କରି ଚାଲି ଯାଇଥିଲା। ଏ ନେଇ ଗ୍ରାମବାସୀ ବନବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି । ଜଣାଇଥିଲେ। ବନବିଭାଗ ହାତୀ ଘଉଡ଼ାଇବା ପାଇଁ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

### ଶିକ୍ଷା ବିଭାଗର ଆଲୋଚନାଚକ୍ର

କୁଚିଣ୍ଡା,୨୯।୫(ଡି.ଏନ.ଏ.): କୁଚିଣ୍ଡା କଲେଜରେ ଶିକ୍ଷା ବିଭାଗ ପକ୍ଷରୁ 'ସ୍କୁଲ ପରିଚାଳନା ଓ ବିକାଶ କମିଟି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧାପିକା ସୁଚିତ୍ରା ମିଶ୍ର ଯୋଗଦେଇ ବିଦ୍ୟାଳୟର ରୂପରେଖ ଓ ସାମାଜିକ ସ୍ଥିତି ଉପରେ ମାର୍ଗଦର୍ଶନ କରିଥିଲେ। ଶିକ୍ଷା ବିଭାଗର ଅଧାପିକା ମେନକା ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ବେଲମତୀ କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଅଧାପକ ତଫସିଲ ବୁଦୁଲାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧରେ ସୁଶାନ୍ତ ମାଝୀ ଓ ଜୁଲି କୁଜୁର ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଶିକ୍ଷା ଉପରେ ନିଜର ମତ ଉପସ୍ଥାପନ କରିଥିଲେ।

# ଅଧ୍ୟାତ୍ମିକ ପରିବେଶ, କଳାକାରଙ୍କ ମହାଉତ୍ସବ

## ଶୀତଳ ଷଷ୍ଠୀ ଯାତ୍ରା

■ ୩ ଦିନ ଧରି ଦୁଲୁକିବ ସମ୍ବଲପୁର

ସମ୍ବଲପୁର,୨୯।୫(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଦସ୍ୟ ।

ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଆସନ୍ତା ଜୁନ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପାଳନ ହେବ । ଏହି ତିନିଦିନିଆ ଉତ୍ସବରେ ରାଜ୍ୟ ବାହାର ତଥା ରାଜ୍ୟର ବିଭିନ୍ନ ଜିଲାରୁ ୫ ହଜାରରୁ ଊର୍ଦ୍ଧ୍ୱ କଳାକାରଙ୍କ ସମାଗମ ହେବ । ସେମାନେ ପାରମ୍ପରିକ ଲୋକନୃତ୍ୟ, ଲୋକଗୀତ, ଆଧୁନିକ ସଙ୍ଗୀତ ପ୍ରଦର୍ଶନ କରିବେ । ଏହା ସହ ଜଗତଜନନୀ ମାତା ପାର୍ବତୀ ଓ ମହାଦେବଙ୍କ ଯୁଗଳ ମୂର୍ତ୍ତି ଶୋଭାଯାତ୍ରାରେ ଶ୍ରଦ୍ଧାଳମାନଙ୍କୁ ଦର୍ଶନ ଦେବେ । ଏହାସହ ପାର୍ଶ୍ୱ ଦେବାଦେବୀ, ପ୍ରଜ୍ଞାପନ ମେଢ ଗୁଡିକ ସାମିଲ ହେବ । ଏହି ସମୟରେ ସମ୍ବଲପୁର ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ କଳାକାରମାନଙ୍କ ମହାଉତ୍ସବ ହେବ। ଏଥିପାଇଁ ନନ୍ଦପଡା, ମୁଦିପଡା, ଝାଡୁଆପଡା କମିଟି ପ୍ରସ୍ତୁତି ଶେଷ କରିଛି ବୋଲି ରବିବାର ଖବରଦାତା ସମ୍ମିଳନୀରେ ଶୀତଳ ଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ ସମିତି ସଦସ୍ୟମାନେ କହିଥିଲେ। ସଭାପତି ସୁଶାନ୍ତ ପୁରୋହିତ, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର, ମୁଦିପଡା ଯାତ୍ରା କମିଟି ସଭାପତି ରାସବିହାରୀ ପଣ୍ଡା, ଝାଡୁଆପଡା କମିଟି ସଭାପତି ସରୋଜ ଦଳପତ, ନନ୍ଦପଡା କମିଟି ସଭାପତି ପ୍ରଶାନ୍ତ ବରେଇ ଓ ଅଭିଷେକ ମିଶ୍ର ଉପସ୍ଥିତ ରହିଥିଲେ । ଝାଡୁଆପଡା କମିଟି ସଭାପତି ଦଳପତ କହିଥିଲେ ଯେ, ଚଳିତବର୍ଷ ଯାତ୍ରା ପାଇଁ ୩୩ରୁ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ଏବର୍ଷ ମଧ୍ୟପ୍ରଦେଶର ଉଜ୍ଜେନର ଭକ୍ଷ୍ମରମୈୟା ଭକ୍ତମଣ୍ଡଳ ମୁଖ୍ୟ ଆକର୍ଷଣ ରହିବ । ଏହା ସହ କଲିକତା, ଦିଲ୍ଲୀ, ଆସାମର ବିହୁ ନୃତ୍ୟ, ପଞ୍ଜାବର ଭାଙ୍ଗଡା, ପୁରୀର ଜଗନ୍ନାଥ ଭକ୍ତି ନୃତ୍ୟ ଓ ଓଡିଶାର ନୃତ୍ୟ ଦଳ ସାମିଲ ହେବେ । ପୁରୀର ପୂର୍ଣ୍ଣଚନ୍ଦ୍ର ସାଥୁଆଙ୍କ ନିଆରୀ ରାଧାକୃଷ୍ଣ ଓ ହନୁମାନ ମେଢଙ୍କ ସହ ପାର୍ବତୀ ଶିବଙ୍କ ରୂପା ମେଢ ଶୋଭାଯାତ୍ରାରେ ସାମିଲ ରହିବ । ଏହାସହ ଦୁଲଦୁଲି, ସଂପ୍ରଦା, ଘୁମୁରା, ଗଉରବାଡି, ପାଇକ ଆଖଡା, କରମା ନାଚ, ବାଘନାଚ ସହ ସଚେତନତା ବାର୍ତ୍ତାର ପ୍ରଜ୍ଞାମେଢ ସାମିଲ ହେବ ।

ସେହିପରି ମୁଦିପଡା କମିଟି ସଭାପତି ପଣ୍ଡା କହିଥିଲେ ଯେ, ପ୍ରାୟ ୩୫ ଶହ କଳାକାର ସାମିଲ ହେବେ । ହରିୟାଣା ମହାପ୍ରତାପ ବଜରଙ୍ଗବଲି ଓ କେରଳର ଛେଣ୍ଡସିହାରୀ ମେଲମ ନୃତ୍ୟ ଦଳ ମୁଖ୍ୟ ଆକର୍ଷଣ ରହିବ । ବିହୁ, ସମ୍ବଲପୁରୀ, ଲକ୍ଷ୍ନୌ, କଲିକତାର ନୃତ୍ୟ ଦଳ ସହ ଦୁଲଦୁଲି, ସଂପ୍ରଦା, ଗଞ୍ଜାମର ଦଶାବତାର ଓ ରଣପା ନୃତ୍ୟ, ବାଘ, ଘୋଡା ନୃତ୍ୟ, ଘଣ୍ଟବାଦ୍ୟ ଶୋଭାଯାତ୍ରାକୁ ଆହୁରି ଆକୃଷ୍ଟ କରିବ । ପୁରୀ କାରିଗର ଉପେନ୍ଦ୍ର ପୁରୋହିତ ଓ ସମ୍ବଲପୁର କାରିଗର ସତ୍ୟଜିତ ନାଏକ ତିଆରି କରିଥିବା ହନୁମାନ, ରାମସୀତା, ପାର୍ବତୀଶିବଙ୍କ ସାଙ୍ଗୀ ମେଢ ରହିବ ବୋଲି କହିଥିଲେ । ପ୍ରାୟ ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି । ସେହିପରି ନନ୍ଦପଡା ଯାତ୍ରା କମିଟି ସଭାପତି ବରେଇ କହିଥିଲେ ଯେ, ୧୫୦ କେଜି ରୂପାରେ ତିଆରି ମେଢ ( ପରଭା) ମୁଖ୍ୟ ଆକର୍ଷଣ ରହିବ । ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆସାମ, ଛତିଶଗଡ, ହରିୟାଣା କାଳକାରମାନେ ସାମିଲ ହେବାର ଅଛି । କଳସନାଚ, ଧମାଲ ବାଦ୍ୟ, ଦୁଲଦୁଲି, ସଂପ୍ରଦା, ଦଣ୍ଡନାଚ,ବାଘ ଷଣ୍ଢନାଚ, ବ୍ଲାକ କୋବ୍ରା ନାଚ, ଘୁମୁରା ନୃତ୍ୟ ଦଳ ସାମିଲ ରହିବେ । କେଜିଏଫ, ବାଳ ହନୁମାନ, ଋଷ ୟୁକ୍ରେନ ଯୁଦ୍ଧ ପାଇଁ ଭାରତର ଶାନ୍ତି ବାର୍ତ୍ତା ନେଇ ପ୍ରଜ୍ଞାପନ ମେଢ ରହିବ ବୋଲି କହିଥିଲେ ।

# ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ରେଢାଖୋଲ,୨୯।୫(ଡି.ଏନ.ଏ.)

ପାଣିରେ ବୁଡିଯାଇ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତା ଶିଶୁକନ୍ୟା ହେଲେ ସିନୁ ପ୍ରଧାନ । ଅନୁଗୁଳ ଜିଲା ଛେଣ୍ଡିପଦା ଥାନା ଝିଙ୍କିପାଳ ଗ୍ରାମର ସିନୁ ତାଙ୍କ ମାଉସୀ ଘର ଚାରମାଳ ଥାନା ସରପାଳ ଗ୍ରାମକୁ ଆସିଥିଲେ । ରବିବାର ସେ ଗ୍ରାମର ବନ୍ଧକୁ ମାଉସୀଙ୍କ ସହ ଗାଧୋଇବାକୁ ଯାଇଥିଲେ। ମାଉସୀ ବନ୍ଧରେ କପଡା ଧୋଉଥିବା ବେଳେ ଶିଶୁକନ୍ୟା ପାଣିକୁ ଚାଲିଯାଇ ବୁଡି ଯାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା । ଡାକ୍ତରଖାନାରେ ଡାକ୍ତର ସିନୁଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

କୁଚିଣ୍ଡା,୨୯।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକର ଖଣ୍ଡୋକଟାଠାରେ ଦୁଇଦିନ ଧରି ଚାଲିଥିବା ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଓ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସମ୍ବଲପୁର, ସୁନ୍ଦରଗଡ,ଝାରସୁଗୁଡ଼ା ଓ ଦେବଗଡ ଜିଲାର ବିଭିନ୍ନ ଅଞ୍ଚଳକୁ ନେଇ ନାମିତ ହୋଇଥିବା ବାମଣ୍ଡା, ଜୟପୁର, ଗାଙ୍ଗପୁର ଓ ବଣାଇଁ ଅଞ୍ଚଳର ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ବାମଣ୍ଡା ଷ୍ଟେଟ କାର୍ଯ୍ୟକାରୀ ସଭାପତିବନମାଳୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଅତିଥି ଭାବେ ଯୋଗଦେଇ ସମସ୍ତେ ଏକଜୁଟ ହୋଇ ସମାଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜୟପୁର ଷ୍ଟେଟରୁ ଭୁପାଳ ଚନ୍ଦ୍ର ବେହେରା, ବଣାଇରୁ ବିରଞ୍ଚି ନାରାୟଣ ସାହୁ, ଗାଙ୍ଗପୁରରୁ ହରି ଶଙ୍କର ବେହେରା, ବାମଣ୍ଡା ଷ୍ଟେଟ ସମ୍ପାଦକ ଜୟକୃଷ୍ଣ ସାହୁ, କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ଡି. ବେହେରା ପ୍ରମୁଖ ଯୋଗଦେଇ ସମାଜର ସମ୍ବିଧାନ ଉପରେ ଆଲୋଚନା କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ଜଣେିକା ଅନାଥ ଝିଅଙ୍କୁ ପାଳିପୋଷି ତାଙ୍କ ବାହାଘର କରିଥିବା ମାଣ୍ଡିଆପୁରା ଗ୍ରାମର ରାଜେନ୍ଦ୍ର ପୃଷ୍ଟିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।

# ମୃତ୍ୟୁ ପରେ ଶରୀର ଦାନ କରିବେ ଅନ୍ତର୍ଜାତୀୟ ଫଟୋଗ୍ରାଫର ଅରବିନ୍ଦ ମିଶ୍ର

## ଆଇନଗତ ଇଚ୍ଛାପତ୍ରରେ ସ୍ୱାକ୍ଷର

ସମ୍ବଲପୁର,୨୯।୫(ବ୍ୟୁରୋ)

ଅନ୍ତର୍ଜାତୀୟ ଫଟୋଗ୍ରାଫର ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ପୂର୍ବତନ ଅଧିକାରୀ ଅରବିନ୍ଦ ମିଶ୍ର ମୃତ୍ୟୁ ପରେ ଶରୀର ଦାନ କରିବାକୁ ଘୋଷଣା କରିଛନ୍ତି । ଏଥି ସକାଶେ ସେ ସାମାଜିକ ଅନୁଷ୍ଠାନ ଉତ୍ସର୍ଗ ମାଧ୍ୟମରେ ଆଇନଗତ ଇଚ୍ଛାପତ୍ରରେ ସ୍ୱାକ୍ଷର ମଧ କରଛନ୍ତି। ଏନେଇ ରବିବାର ଉତ୍ସର୍ଗରେ ବରିଷ୍ଠ ସଭ୍ୟ ଡ. ବିଜୟ କୁମାର ପ୍ରଧାନ, ଡ.ହରିଶଙ୍କର ବଡପଣ୍ଡା, ପ୍ରଣବାନନ୍ଦ ଦାନୀ, ପ୍ରଶାନ୍ତ ପାଇଯୋଶୀ, ଲମ୍ବୋଦର ମିଶ୍ର, ସୁଧୀର ପୂଜାରୀ ଓ ଲକ୍ଷ୍ମଣ ପାଣିଗ୍ରାହୀ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଜଗନ୍ନାଥ କଲୋନୀ ସ୍ଥିତ ଅରବିନ୍ଦଙ୍କ ବାସଭବନକୁ ଯାଇ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ତାଙ୍କୁ ଆଇନଗତ ଇଚ୍ଛାପତ୍ର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ , ଅରବିନ୍ଦ ଜଣେ ଅନ୍ତର୍ଜାତୀୟ ଫଟୋଗ୍ରାଫର,ବ୍ୟାଙ୍କ ଅଧିକାରୀ, ମଞ୍ଚ କଳାକାର, ସିନେ ଅଭିନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସଂପ୍ରତି ସେ ସମ୍ବଲପୁରଠାରେ ଫଟୋଗ୍ରାଫି ଓ ଅଭିନୟ ଉପରେ କାର୍ଯ୍ୟ ଜାରି ରଖିଛନ୍ତି ।


ଅରବିନ୍ଦ ମୃତ୍ୟୁ ପରେ ଶରୀର ଦାନ କରିବାକୁ ଆଇନଗତ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଛନ୍ତି ।

# କ୍ୟାନସର ମୁକ୍ତ ଭାରତ ଗଠନ ଲକ୍ଷ୍ୟ

## ୩୧ରେ କର୍କଟ ଚିହ୍ନଟ ଶିବିର

ସମ୍ବଲପୁର,୨୯।୫(ବ୍ୟୁରୋ)

ଆସନ୍ତା ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହେବ । ଏହି ଅବସରରେ ସମ୍ବଲପୁର ମାରୱାଡ଼ି ଯୁବା ମଞ୍ଚର ନବଯୁଗ ଶାଖା ପକ୍ଷରୁ ଏକ ନିଃଶୁଳ୍କ କର୍କଟ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। କ୍ୟାନସର ମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ଶାଖା ସଭାପତି ରବିଶଙ୍କର ଲୋହିଆ ରବିବାର ସମ୍ବଲପୁର ବସ୍ତି ମାରୱାଡି ଧର୍ମଶାଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଥିଲେ ଯେ, ଏହିଦିନ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶିବିର ହେବ । ଏଥିରେ କର୍କଟ ରୋଗ ବିଶେଷଜ୍ଞ ଯୋଗଦେଇ ଜନସାଧାରଣଙ୍କୁ ଯାଞ୍ଚ କରିବେ। ଡାଏଗ୍ନୋସିସ୍ ହିଁ କର୍କଟ ରୋଗ ନିରୂପଣ ଓ ନିରାକରଣର ଏକମାତ୍ର ଉପାୟ । ସେହି ଲକ୍ଷ୍ୟ ନେଇ ନବଯୁଗ୍ ଶାଖା ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛି । ଶାଖା ପକ୍ଷରୁ ଏକ ମୋବାଇଲ କ୍ୟାନସର୍ ୟୁନିଟ୍ ଶିବିରରେ ଉପସ୍ଥିତ ରହିବ । ଏହି ୟୁନିଟ୍ ଚେଷ୍ଟ ଏକ୍ସରେ, ମାମୋଗ୍ରାଫି, ବ୍ଲଡ଼ ଟେଷ୍ଟ, ବ୍ରେଷ୍ଟ କ୍ୟାନସର, ଓଭାରୀ କ୍ୟାନସର୍ ଚିହ୍ନଟ କରିବାରେ ସହାୟକ ହେବ ବୋଲି କର୍କଟ ରୋଗ ବିଶେଷଜ୍ଞ ଡା. ଅମିତ ଡ଼ାଲମିଆ ସୂଚିତ କରିଛନ୍ତି । ଏହି ଶିବିରରେ ଜିଲା ମୁଖ୍ୟ ଡାକ୍ତଖାନାର ଡ଼ାକ୍ତରମାନେ ମଧ ଉପସ୍ଥିତ ରହିବେ ବୋଲି ମାରୱାଡ଼ି ଯୁବା ମଞ୍ଚର ନବଯୁଗ୍ ଶାଖାର ସଭାପତି ଚେତନ ଟିବ୍ରିୱାଲ ଓ ସମ୍ପାଦକ ଗୌରବ ଅଗ୍ରୱାଲ କହିଛନ୍ତି।

# ଜିଲା ଆଦିବାସୀ ଦଳିତ ସେନାର ସବିତା ଆମ୍ବେଦକରଙ୍କ ପରିନିର୍ବାଣ ଦିବସ


ଛାତ୍ରୀ ସାଗରିକା ବଗଲିଙ୍କୁ ସବିତା ଆମ୍ବେଦକର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି ।

## ଆଇଟିଆଇ ଛାତ୍ରୀ ସାଗରିକା ସମ୍ମାନିତ

ସମ୍ବଲପୁର,୨୯।୫(ବ୍ୟୁରୋ)

ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନା ପକ୍ଷରୁ ସବିତା ଆମ୍ବେଦକରଙ୍କ ୧୯ତମ ପରିନିର୍ବାଣ ଦିବସ ରବିବାର ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ଜିଲା ଆଦିବାସୀ ଦଳିତ ସେନାର ଉପସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଇ.ଟି.ଆଇ ସର୍ବଭାରତୀୟ ସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସାଗରିକା ବଗଲିଙ୍କୁ ସବିତା ଆମ୍ବେଦକର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଦିପକ ପାଣ୍ଡେ, ବହୁଜନ ସମାଜ ପାର୍ଟି ନେତା ମହମ୍ମଦ ମୁସ୍ତିକିମ, ଜିଲା ଆଦିବାସୀ ଦଳିତ ସେନା ସହାୟତା ଉପସଭାନେତ୍ରୀ ରୁପାଞ୍ଜଳୀ ରଣବିଡା, ମମିନା ଖାତୁନ, ପଦ୍ମା ମହାନନ୍ଦ, ଚୁମକି ପାଲ, ସଂଗଠନର ହୀରାକୁଦ ନଗର ସଂଯୋଜକ ହର୍ଦ୍ଦ ମଲ୍ଲିକ, ସୁରେଶ ବାଗ, ନୀଳାବତୀ ତାଣ୍ଡି, ଉର୍ମିକା ମଥାନ, ବୁର୍ଲା ନଗର ସଂଯୋଜକ ଚାନ୍ଦନୀ ଷଣ୍ଢ, ଦୀପକ ପଧାନ, ଏ. ସଂଯୁକ୍ତା, ଚନ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ସବିତା ଆମ୍ବେଦକରଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ ।

# ଲୁହାଛଡ଼ ଚୋରି ଅଭିଯୋଗରେ ୨ଗିରଫ

କୁଚିଣ୍ଡା,୨୯।୫(ଡି.ଏନ.ଏ.)

ଲୁହା ଛଡ ଚୋରି ଅଭିଯୋଗରେ କୁଚିଣ୍ଡା ଥାନା ଲସା ଗ୍ରାମର ଉପେନ୍ଦ୍ର ଦେହୁରୀ ଓ ଜ୍ୟୋତିପଡାର ଗୌତମ ଭଇଁସାଙ୍କୁ ପୋଲିସ ଗିରଫ କରି ରବିବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି।। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।କୁଚିଣ୍ଡା ସହରସ୍ଥିତ ଶାସ୍ତ୍ରୀନଗରରେ ରହୁଥିବା ଜମନକିରା ଥାନା ନୂଆଁଡିହ ଗ୍ରାମର ସଞ୍ଜିତ ନାୟକଙ୍କ ଲୁହା ଛଡ ଚୋରି ହୋଇଥିବା ନେଇ ଗତ ଏପ୍ରିଲ ୨୫ ତାରିଖରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା । କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫ କୁଇଣ୍ଟାଲ ଚୋରି ଲୁହାଛଡ ଜବତ କରି ସଞ୍ଜିତଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

# ବାବା ବାଲୁଙ୍କେଶ୍ୱରଙ୍କ ଜଳାଭିଷେକ

ସମ୍ବଲପୁର,୨୯।୫(ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଦେବ ବିବାହ ଧାର୍ମିକ ଉତ୍ସବ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାରମ୍ପରିକ ରୀତନୀତି ଅନୁଯାୟୀ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି । ଏହି କ୍ରମରେ ରବିବାର ସର୍ବପୁରାତନ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଚିତ୍ରୋତ୍ପଳା ଯୁବକ ସଂଘର ମିଳିତ ଉଦ୍ୟମରେ ବଂ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ଜଳାଭିଷେକ ନୀତି ସମ୍ପନ୍ନ ହୋଇଯାଇଛି । ମନ୍ଦିର ପୂଜକ ଲକ୍ଷପତି ମହାପାତ୍ରଙ୍କ ପୌରୋହିତ୍ୟରେ ଏହି ଧାର୍ମିକ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆରମ୍ଭ ହୋଇଥିଲା। ପ୍ରଥମେ ବାବା ବାଲୁଙ୍କେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ଜଳସେଇ ଆରମ୍ଭ କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଳସେଇ ଆରମ୍ଭ ହେବାରୁ ଅଞ୍ଚଳର ଛୋଟରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇ ବାବା ବାଲୁଙ୍କେଶ୍ୱରଙ୍କୁ ଜଳ ଅର୍ପଣ କରିଥିଲେ। ପ୍ରତିବର୍ଷ ଜଳସେଇ କାର୍ଯ୍ୟକ୍ରମ ଦେବ ବିବାହ ଓ ଧରାକୁ ଶୀତଳ ରଖିବା ନିମନ୍ତେ ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଦେବ ବିବାହ ଦିନ ସକାଳ ସମୟରେ ଜଳସେଇ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ୨ ବର୍ଷର କରୋନା ଅନ୍ତରାଳ ପରେ ଜଗତ କଲ୍ୟାଣ ଓ ସଫଳ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନ ନିମନ୍ତେ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରାଯାଇଥିଲା ବୋଲି ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଚିତ୍ରୋତ୍ପଳା ଯୁବକ ସଂଘ ତରଫରୁ ସୂଚନା ଦିଆଯାଇଛି ।


ବାଲୁଙ୍କେଶ୍ୱରଙ୍କୁ ଜଳାଭିଷେକ କରାଯାଉଛି ।

# ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପାଳନ ଲାଗି ଅନୁରୋଧ

ଝାରସୁଗୁଡ଼ା ଅଫିସ, ୨୯।୫


ବୈଠକରେ ଉପସ୍ଥିତ ଥିବା ଅଧିକାରୀ ଓ ରାଜନୈତିକ ଦଳର ନେତୃବୃନ୍ଦମାନେ ।

ଆସନ୍ତା ୩୧ ତାରିଖ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ, ପ୍ରାର୍ଥିନୀ ଓ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁପାଳନ ନେଇ ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କର ସହଯୋଗ କାମନା କରିଥିଲେ। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ ମେ ୨୯ ତାରିଖ ସନ୍ଧ୍ୟା ୬ଟା ପରେ ସମସ୍ତ ପ୍ରକାରର ପ୍ରଚାର କାର୍ଯ୍ୟ ବନ୍ଦ ରଖାଯିବ। ଏହି ଅବଧି ମଧରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବାହାରର କୌଣସି ବ୍ୟକ୍ତି ଉକ୍ତ ନିର୍ବାଚନ ମଣ୍ଡଳୀ ଭିତରେ ରହିବେ ନାହିଁ। ପ୍ରାର୍ଥୀ କିମ୍ବା ଦଳ ବିରୋଧରେ କୁତ୍ସାରଟନା କରିବେ ନାହିଁ। କାହାରିକୁ ଆକ୍ଷେପ କରିବେ ନାହିଁ। ନିର୍ବାଚନକୁ ନେଇ କୌଣସି ଉତ୍ତେଜନା ସୃଷ୍ଟି ନ କରିବା ସକାଶେ ଜିଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଚଳିତ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳନା ପାଇଁ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ପୂର୍ବକ ଅତିରିକ୍ତ ପୋଲିସବଳ ମୁତୟନ ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ସମ୍ପର୍କରେ ସି-ଭିଜିଲ ଜରିଆରେ ଅଭିଯୋଗର ନବେ ମିନିଟ ମଧରେ ଘଟଣାସ୍ଥଳରେ ସମ୍ପୃକ୍ତ ସ୍କ୍ୱାଡ୍ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପୋଷ୍ଟାଲ ଭୋଟ ଗଣତି ଓ ମକ ପୋଲ ସମ୍ପର୍କରେ ସୂଚନା ଦେଇ ମକ ପୋଲ ପାଇଁ ପ୍ରାର୍ଥୀଙ୍କ ପ୍ରତିନିଧି ଗଣତି ଦିନ ସକାଳ ସାଢେ ପାଞ୍ଚଟା ସୁଦ୍ଧା ଗଣତି କେନ୍ଦ୍ରରେ ଉପସ୍ଥିତ ରହିବାକୁ କହିଥିଲେ। ନକଲି ପୋଷ୍ଟାଲ ବାଲଟ ଚିହ୍ନଟ ପାଇଁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ସେହିପରି ତିନିଟି ବୁଥ ସ୍ଥାନାନ୍ତରଣ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୂର୍ବରୁ ସମଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ବୁଥ ନମ୍ବର ୧୪୩ ସ୍ଥାନାନ୍ତରଣ ପୂର୍ବକ ବେଲପାହାଡ଼ର କୁର୍ମିପଡ଼ାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଥ ନମ୍ବର ୧୪୩(କ), ତେଲେନପାଲିସ୍ଥିତ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟରେ ଥିବା ବୁଥ ନମ୍ବର ୨୧୫ ଓ ୨୧୬ ସ୍ଥାନାନ୍ତରଣ ପୂର୍ବକ ତେଲେନପାଲିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଥ ନମ୍ବର ୨୧୫(କ), ୨୧୬(କ) କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ, ବିଜୁ ଜନତା ଦଳର ପ୍ରତିନିଧି ଶ୍ୟାମସୁନ୍ଦର ଶତପଥୀ, ଭାରତୀୟ ଜନତା ପାର୍ଟିର ସନ୍ତୋଷ କୁମାର ଦାସ , ଭାରତୀୟ ଜାତୀୟ କଂଗ୍ରେସର ମନୀଷ ବାଜପାଇ, ସିପିଆଇର ସାରଙ୍ଗଧର ମିଶ୍ର , ହିନ୍ଦୁସ୍ଥାନ ନବନିର୍ମାଣ ପାର୍ଟିର ତରୁଣ ଜାମଡାଲିଆ ଓ ସ୍ୱାଧୀନ ପ୍ରାର୍ଥୀ ସୀତାରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁନ୍ଦରଗଡ଼ରେ ଘଡ଼ଘଡ଼ି ସହ ବର୍ଷା

ସୁନ୍ଦରଗଡ଼,୨୯।୫(ଡି.ଏନ୍.ଏ.): ସୁନ୍ଦରଗଡରେ ରବିବାର ସନ୍ଧ୍ୟାରେ ପ୍ରବଳ ଘଡଘଡି ସାଙ୍ଗକୁ ବର୍ଷା ହୋଇଛି। ଘଡଘଡି, ବିଜୁଳି ସହ ସାଢ଼େ ଆଠଟା ପର୍ଯ୍ୟନ୍ତ ତୁହାକୁ ତୁହା ବର୍ଷା ଲାଗି ରହିବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଫଳରେ ସନ୍ଧ୍ୟାରେ ସାବିତ୍ରୀ ବଜାର ଫିଙ୍କା ପଡିଥିଲା। ବିଭିନ୍ନ ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଛୋଟବଡ ବ୍ୟବସାୟୀମାନେ ନିରାଶ ହୋଇଛନ୍ତି। ବର୍ଷା ଯୋଗୁ ବଜାରକୁ ଜିନିଷ କିଣିବା ପାଇଁ ଲୋକେ ଆସିପାରି ନ ଥିଲେ।

### ରେଲୱେ ଲୋକୋ ପାଇଲଟଙ୍କ ସମସ୍ୟା ସମାଧାନ ଦାବି

ରାଉରକେଲା ଅଫିସ,୨୯।୫: ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ ରାଉରକେଲା ଓ ବନ୍ଧମୁଣ୍ଡା ଶାଖାର ମିଳିତ ଆନୁକୂଲ୍ୟରେ ରେଲୱେ ଲୋକୋ ପାଇଲଟ ଅଧିବେଶନ ରବିବାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚକ୍ରଧରପୁର ରେଲୱେ ଡିଭିଜନର ଅଧ୍ୟକ୍ଷ କୋମରେଟ ଆର. ଏନ୍ ସିଂ, ଏମ୍ଏନ୍ ପ୍ରସାଦ, ସାଧାରଣ ସମ୍ପାଦକ ଏଆଇଏଆରଏସ୍ଏ ଏନ୍.ଭି. ଦତ୍ତା, କେନ୍ଦ୍ର ସଭାପତି ପାରସ କୁମାର, ଜୋନାଲ ସମ୍ପାଦକ ପି. କେ ବୋଷ, ଏସ୍. କେ ଜେନା, ଜେ. ମଣ୍ଡଲ, ବି. ବିଶ୍ୱା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରେଲୱେ ଲୋକୋ ପାଇଲଟ କର୍ମଚାରୀଙ୍କ ନୂତନ ପେନସନ୍ ବନ୍ଦ କରି ପୁରୁଣା ସ୍କିମ୍ ଚାଲୁ କରିବା, ରେଲୱେ ଘରୋଇକରଣକୁ ବନ୍ଦ କରିବା, ମହିଳା ଲୋକୋ ପାଇଲଟ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ରନିଂ ରୁମ୍, ବିଶ୍ରାମ ରୁମ, ଉନ୍ନତିମାନର ଶୌଚାଳୟ ବ୍ୟବସ୍ଥା ଓ ରାତ୍ରିକାଳୀନ ଡ୍ୟୁଟି ଭତ୍ତା ଲାଗୁ କରିବାକୁ ବୋଲି ଦାବି ହୋଇଥିଲା।

### ୯୩ ନିଃସନ୍ତାନ ଦମ୍ପତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କୁଚିଣ୍ଡା,୨୯।୫(ଡି.ଏନ.ଏ.): କୁଚିଣ୍ଡା ସାମ୍ବାଦିକ ଭବନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରର ସହଯୋଗ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ହୋଇଥିବା ଶିବିରରେ ପଶ୍ଚିମ ଓଡିଶାର ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା: ପ୍ୟାରିଲାଲ ତ୍ରିପାଠୀ ଯୋଗଦେଇ ୯୩ ନିଃସନ୍ତାନ ଦମ୍ପତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଗାମୀ ଦିନରେ ପୁଣି କୁଚିଣ୍ଡା ଆସି ଚିକିତ୍ସା ସେବା କରିବାକୁ ଡା. ତ୍ରିପାଠୀ କହିଛନ୍ତି ।

### ପରିତ୍ୟକ୍ତ କୂଅରୁ ଗାଈ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

କୋକସରା,୨୯।୫(ଡି.ଏନ.ଏ.):କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତ ନୂଆଗୁଡା ଗ୍ରାମର ଚାଷଜମି ନିକଟ ଏକ ପରିତ୍ୟକ୍ତ କୂଅରେ ପଡ଼ିଥିବା ଗାଇକୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଗ୍ରାମର ନାରାୟଣ ବେଶ୍ରାଙ୍କ ଗାଈ ରବିବାର ପଡିଥିବା ଦେଖି ସ୍ଥାନୀୟ ଲୋକେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ।

# ଉଡ଼ାଜାହାଜ ତିଆରି ନିଶାରେ ଯୁବକ

ସୁନ୍ଦରଗଡ଼,୨୯।୫(ଡି.ଏନ.ଏ.)

ପିଲାବେଳେ ମାଟିରେ ବିଭିନ୍ନ କଳାକୃତୀ ଗଢିବାର ସଉକ ରଖିଥିବା ସୁନ୍ଦରଗଡ଼ର ଅଙ୍କିତ ବର୍ତ୍ତମାନ ନିଜର ଅଦମ୍ୟ ଦୃଢ ଇଚ୍ଛାଶକ୍ତି ବଳରେ ଉଡାଜାହାଜ ତିଆରି କରିବାର କଳାକୌଶଳକୁ ଆପଣେଇଛନ୍ତି। ପିଲାବେଳେ ସୁନ୍ଦରଗଡ଼ ଆସୁଥିବା ନେତା ମନ୍ତ୍ରୀଙ୍କ ଉଡାଜାହାଜକୁ ଦେଖି ପ୍ରଥମେ ଏହାକୁ ମାଟିରେ ରୂପ ଦେଇ ପରବର୍ତ୍ତୀ ସମୟରେ ସେ କେମିତି ଆକାଶରେ ଉଡୁଥିବା ଉଡାଜାହାଜ ତିଆରି କରିବେ ସେ ନିଶା ତାଙ୍କୁ ଘାରିଥିଲା। ଗତ ଦୁଇ ବର୍ଷ ତଳେ ସୁନ୍ଦରଗଡ଼ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ ଡିପ୍ଲୋମା ଶିକ୍ଷା ଶେଷ ପରେ ଏହି ଉଡାଜାହାଜ ତିଆରି କରିବା ଆରମ୍ଭ କରି ଏବେ ସଫଳ ହୋଇଛନ୍ତି। ଭଙ୍ଗା ଟିଣ, ସାଇକେଲ ସ୍ପୋକ ଓ ସୋଲ ଆଦି ବିଭିନ୍ନ ଅଦରକାରୀ ବର୍ଜ୍ୟବସ୍ତୁକୁ ନେଇ ସେ ତିଆରି କରି ପାରିଛନ୍ତି ରିମୋଟ ଚାଳିତ ଉଡାଜାହାଜ। ଯାହାକି ୫୦୦ମିଟର ଉଚ୍ଚତାରେ ଓ ୫୦୦ଗ୍ରାମ ଓଜନ ସାମଗ୍ରୀକୁ ନେଇ ଉଡିପାରୁଛି ଏହି ରିମୋଟ ଚାଳିତ ଉଡାଜାହାଜ। ଅଦରକାରୀ ବସ୍ତୁ ସହ ଥର୍ମୋକୋଲ


ଉଡ଼ାଜାହାଜ ତିଆରି କରୁଥିବା ଅଙ୍କିତ।

ବ୍ୟବହାର କରି ବିଭିନ୍ନ ମଡେଲର ଉଡାଜାହାଜ ସହ ଅଙ୍କିତ ରିମୋର୍ଟ କଣ୍ଟ୍ରୋଲ ବୋଟ ପାଣି ଜାହାଜ ମଧ ତିଆରି କରୁଛନ୍ତି। ଅଙ୍କିତ ଏସବୁ ତିଆରି କରି ନିଜର ଫେସବୁକ୍‌ରେ ଅପ୍‌ଲୋଡ଼ କରିବା ପରେ ଦେଶବିଦେଶରୁ ଅନେକ ପ୍ରଶଂସା ସାଉଁଟିଲେଣି। ଏପରିକି ୟୁଟ୍ୟୁବରୁ ତାଙ୍କର ଏହି କଳାକୌଶଳ ଦେଖି ଅନେକ ଏବିଷୟରେ ଜାଣିବାକୁ ମନ ବଳାଇଛନ୍ତି। ରାଜସ୍ଥାନରୁ ଦୁଇ ଜଣ ଶିକ୍ଷକ ସୁନ୍ଦରଗଡ଼ ଆସି ତାଙ୍କ ଠାରୁ ତାଲିମ ନେଇ ଫେରିଯାଇଛନ୍ତି। ଏଥିସହ ରାଜସ୍ଥାନରୁ ମଧ ଜଣେ ବ୍ୟକ୍ତି ଆସି ତାଙ୍କଠାରୁ ଏହା ଶିଖି ତାଙ୍କ ତିଆରି ଏକ ରିମୋର୍ଟ କଣ୍ଟ୍ରୋଲର ଉଡାଜାହାଜକୁ ସାଢେ ସାତ ହଜାର ଟଙ୍କାରେ କିଣି ନେଇଛନ୍ତି। ଆଗକୁ ଏଭଳି ଅଧିକ କ୍ଷମତା ବିଶିଷ୍ଟ ଉଡ଼ାଜାହାଜ ତିଆରି କରି ନିଜେ ଉଡିବାର ଇଚ୍ଛା ଥିବା କହିଛନ୍ତି ଅଙ୍କିତ। ସ୍ଥାନୀୟ ସୁନାରୀପଡାର ଚିନ୍ତାମଣି ପାଣ୍ଡିଆ ଓ ମାଆ ବନ୍ଦନା ପାଣ୍ଡିଙ୍କ ଝିଅ ମୋନାଲିସା ଓ ପୁଅ ଅଙ୍କିତ (୨୨)। ଅଙ୍କିତଙ୍କ ଏଭଳି ଦୃଢ ଇଚ୍ଛାଶକ୍ତିକୁ ନେଇ ମା'ବାପା ବଡ ଦିଦି ମୋନାଲିସାଙ୍କ ସହ ପରିବାର ଲୋକେ ଖୁସି। ଆଗକୁ ସେ ଆହୁରି ଆଗକୁ ଯିବା ନେଇ ସେମାନେ ଆଶାବାଦୀ। ହେଲେ ଏଥିପାଇଁ ଅର୍ଥ ସାଜିଛି ବାଧକ। ଜଣେ ଛୋଟ ଠିକାଦାର ଥିବା ବାପାଙ୍କ ପକ୍ଷରେ ସମ୍ଭବ ନ ଥିବାରୁ ଏଥିପାଇଁ ଯଦି କିଛି ସରକାରୀ ପ୍ରୋତ୍ସାହନ ମିଳେ ତେବେ ନିଜର ସୃଜନାତ୍ମକ ପ୍ରତିଭାର ଆହୁରି ବିକାଶ କରିପାରିବି ବୋଲି ଅଙ୍କିତ ଆଶା ରଖିଥିବା କହିଛନ୍ତି।

## ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ମହିଳା ସଂଗ୍ରାମ ସମିତି ପକ୍ଷରୁ ସଚେତନତା କର୍ମଶାଳା

କୁତ୍ରା, ୨୯।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ସମସ୍ତ ଜନପ୍ରତିନିଧି ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟା, ସଭ୍ୟମାନଙ୍କୁ ନେଇ ମହିଳା ସଂଗ୍ରାମ ସମିତି ପକ୍ଷରୁ ପଞ୍ଚାୟତରାଜ ବ୍ୟବସ୍ଥା ଉପରେ ସଚେତନତା କର୍ମଶାଳା କୁତ୍ରା ପଞ୍ଚାୟତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଜନପ୍ରତିନିଧିମାନଙ୍କ ଗହଣରେ ଡ. ବି.ଆର ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମହିଳା ସଂଗ୍ରାମ ସମିତିର ଜିଲା ଆବାହିକା ରୀନା ବେହେରା ଏହି ସଚେତନତା କର୍ମଶାଳାର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହ ପଞ୍ଚାୟତରାଜ ବ୍ୟବସ୍ଥାରେ ଜନପ୍ରତିନିଧି ତଥା ଜନସାଧାରଣଙ୍କ ରହିଥିବା ଅଧିକାର ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ କୁତ୍ରା ସରପଞ୍ଚ ଭୂବନ କୁଜୁର, ତୁନମୁରା ସରପଞ୍ଚ ତରୁଣୀଧର ବରିହା, ଖତକୁରବାହାଲ ସରପଞ୍ଚ ଝାଡି ଧନୱର ପ୍ରମୁଖ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଜନପ୍ରତିନିଧିମାନେ ପଞ୍ଚାୟତରାଜ ବ୍ୟବସ୍ଥା ପାଳନ ପୂର୍ବକ ଜନସାଧାରଣଙ୍କ ପାଇଁ ନିଃସ୍ୱାର୍ଥ ସେବା ପ୍ରଦାନ ପାଇଁ ଶପଥ ନେଇଥିଲେ। ମହିଳା ସଂଗ୍ରାମ ସମିତିର ସଦସ୍ୟା ସୁରେଖା ବାଡା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସଚେତନତା କର୍ମଶାଳାରେ ନିର୍ବାଚିତ ଜନପ୍ରତିନିଧି।

## ଗୋଳିଆ ସହ ଆଇଷିଆ ଲାଗୁଛି ବିଦ୍ୟାଳୟ ପରିସରର ନଳକୂପ ପାଣି

କୁତ୍ରା, ୨୯।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବାଇଲମା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂପର ପାଣି ଗତ କିଛି ମାସ ହେଲା ଗୋଳିଆ ଦିଶିବା ସହ ଆଇଷିଆ ଗନ୍ଧ ହେଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ପରିସରରେ ଥିବା ଏକମାତ୍ର ନଳକୂପର ପାଣି ଗତ କିଛି ମାସ ହେଲା ନାଲିଆ ଦିଶୁଛି। ପାଣିକୁ ଶୁଂଘିଲେ ଆଇଷିଆ ଗନ୍ଧ ହେଉଛି। ଏହାକୁ ଦେଖି ବିଦ୍ୟାଳୟ ପକ୍ଷରୁ ପାଣିକୁ ପିଇବା ଉପଯୋଗୀ କରିବା ପାଇଁ ୨ଟି ଫିଲଟର ଲଗାଯାଇଛି। ହେଲେ ଅଳ୍ପ ଦିନରେ ଫିଲଟରର କ୍ୟାଣ୍ଡେଲ ସମେତ ଏହାର ଭିତର ଭାଗ ଲାଲ ଦିଶୁଛି। ଫିଲଟର ହେବା ପରେ ମଧ୍ୟ ପାଣି ଗନ୍ଧ ଦେଉଥିବାରୁ ଏହା ପିଇବା ଉପଯୋଗୀ ନୁହଁ। ଏନେଇ ସ୍ଥାନୀୟ ମହିଳା ସଂଗ୍ରାମ ସମିତି ପକ୍ଷରୁ ବ୍ଲକ ଜଳ ଯୋଗାଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ଜଳଯୋଗାଣ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଇନାହିଁ। ଅନ୍ୟ ପକ୍ଷରେ ଏଠାକାର ପାଣି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥିବାରୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରୁ ଏବଂ ମହିଳା ସଂଗ୍ରାମ ସମିତି ପକ୍ଷରୁ ଦାବି ହେଉଛି।


ପାଣି ଗୋଳିଆ ଦେଖାଯାଉଛି।

## ସଡ଼କ ଦୁର୍ଘଟଣାରେ ୨ ଆହତ

କୁତ୍ରା, ୨୯।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କର୍ମାବାହାଲ ଗ୍ରାମରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଆଉ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ସବଡେଗା ଅଞ୍ଚଳର ଦୁଇଜଣ ଯୁବକ ହେମନ୍ତ ଧରୁଆ(୨୪) ଓ ଅନନ୍ତ ଧରୁଆ(୨୮) କୌଣସି କାମରେ ବାମରା ଯାଇଥିଲେ। ସେଠୁ ତାଙ୍କ କାମ ସାରି କୁତ୍ରା ବ୍ଲକ ବୁଢ଼ାକଟା ଗ୍ରାମରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଫେରୁଥିବା ବେଳେ କର୍ମାବାହାଲ ନିକଟରେ ଭାରସମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ବାଡେଇଥିଲେ। ଫଳରେ ହେମନ୍ତଙ୍କ ଡାହାଣ ଗୋଡ଼ ଗଭୀର ଆଘାତ ଲାଗିଛି। ତାଙ୍କୁ ବୁଢ଼ାକଟା ଗ୍ରାମର ଯୁବ ସମାଜସେବୀ ଟଙ୍କଧର ବରିହା ତାଙ୍କ ସହଯୋଗୀଙ୍କ ସହିତ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି।

## ରାସ୍ତା ନାହିଁ, କାନ୍ଧରେ ୩କି.ମି. ବୁହାହେଲେ ଗର୍ଭବତୀ

ଦେବଗଡ଼,୨୯।୫(ଡି.ଏନ୍.ଏ.)

ଦେବଗଡ ଜିଲାର ବିଭିନ୍ନ ଅଞ୍ଚଳ ଏବେ ମଧ ବିକାଶଠାରୁ ବହୁ ଦୂରରେ ରହିଛି। ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଶହଶହ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ ସବୁଦିନିଆ ରାସ୍ତା ନ ଥିବାରୁ ଏଗୁଡିକ ଜିଲାର ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରୁନାହିଁ । ରବିବାର ସକାଳେ ଜିଲା ସଦର ମହକୁମାଠାରୁ ମାତ୍ର ୬କି.ମି.ଦୂରତ୍ୱରେ ଥିବା ତିଳେଇବଣି ବ୍ଲକ ବଣିଆଁକିଲିଣ୍ଡା ପଞ୍ଚାୟତ ଅନ୍ତର୍ଗତ ନଳବନ୍ଧ ଗ୍ରାମର ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଦୀର୍ଘ ୩ କି.ମି ଅଣାଯିବା ପରେ ଅଟୋ ରିକ୍ସାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ମହିଳା ଜଣକ ଏକ ଶିଶୁ ଜନ୍ମ ଦେଇଥିବା ଜଣାପଡିଛି। ତେବେ ରାସ୍ତା ନଥିବାରୁ ଜିଲା ସଦର ମହକୁମାରୁ ମାତ୍ର ୬/୭ କି.ମି. ଦୂରରେ ଥିବା ଏକ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବା ଶାସନ ବ୍ୟବସ୍ଥାର ଅସଲ ଚିତ୍ରକୁ ଉଜାଗର କରିଛି।



ଗର୍ଭବତୀଙ୍କୁ ବୁହାହୋଇ ନିଆଯାଉଛି।

## ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟଗୁଡିକର ଶିକ୍ଷକଙ୍କ ଲାଗି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ଼/ସବ୍‌ଡେଗା, ୨୯।୫(ଡି.ଏନ.ଏ.)

୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱ ଓ ଡିଜିଟାଲ ଦକ୍ଷତାର ବିକାଶ ପାଇଁ ସୁନ୍ଦରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଭର୍ଚୁଇଲ ଷ୍ଟୁଡିଓଠାରେ ୨୩ରୁ ଚାଲିଥିବା ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ୨୭ ତାରିଖ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୫୦ଜଣ ପ୍ରଶିକ୍ଷାର୍ଥୀ ତାଲିମ ନେଇଥିଲେ। ସେମାନଙ୍କ ମଧ୍ୟରେ ୨୫ ପ୍ରଧାନ ଶିକ୍ଷକ ଓ ୧୫ ଜଣ ସହକାରୀ ଶିକ୍ଷକ ଥିଲେ। କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଓ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ମାଝୀ ନେତୃତ୍ୱ ବିକାଶ ପାଇଁ ତାଲିମ ପ୍ରଦାନ କରିଥିଲେ। ଭାଲ୍ୟୁଏବଲ ଗ୍ରୁପର ଡିଜିଏମ୍ ଗୌରୀ ପରଜ, ସୁନ୍ଦରଗଡ଼ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ଯୋଶୀ, ସ୍ୱାଗତିକା ପଣ୍ଡା, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ରୋଗ୍ରାମାର ଶୁଭେନ୍ଦୁ ସାହୁ, ସୁମିତ ସରାଫ ପ୍ରଶିକ୍ଷାର୍ଥୀମାନଙ୍କୁ ଆଧୁନିକ ଡିଜିଟାଲ କୌଶଳଗୁଡିକ ସମ୍ପର୍କରେ ତାଲିମ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଉଚ୍ଚ ବିଦ୍ୟାଳୟଗୁଡିକର ୫-ଟି ଆଧାରରେ ଭିତ୍ତିଭୂମି ରୂପାନ୍ତରଣ ହେବା ପରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ମାନସିକ ସ୍ତରରେ ରୂପାନ୍ତିକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଉପଲବ୍ଧ ଅତ୍ୟାଧୁନିକ କୌଶଳର ପ୍ରୟୋଗ କରି ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୈକ୍ଷିକ ଉନ୍ନୟନ ସଂଯୋଜିକା ସୁଜାତା ସାହୁ ଓ ଜିଲା ବିଜ୍ଞାନ ଅଧିକାରୀ ସୁରଜ ପ୍ରକାଶ ଚୌଧୁରୀ ସହଯୋଗ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶିବିର ପରିଦର୍ଶନ କରି ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରି ଏହି ତାଲିମକୁ ବିଦ୍ୟାଳୟସ୍ତରରେ ସଫଳ ରୂପାୟନ ପାଇଁ ଆହ୍ୱାନ ଦେଇଛନ୍ତି।

## ବାଇକରୁ ଖସିପଡି ଯୁବକ ଗୁରୁତର

ଦେବଗଡ଼,୨୯।୫(ଡି.ଏନ୍.ଏ.)

ରବିବାର ମଧ୍ୟାହ୍ନରେ ଦେବଗଡ଼ ଥାନା ସୁଗୁଡା କମଳା ବଗିଚା ନିକଟସ୍ଥ ରାଞ୍ଚି- ବିଜୟୱାଡା ରାସ୍ତାରେ ବାଇକ୍‌ରୁ ଖସିପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁଗୁଡା ଗ୍ରାମର ଈଶ୍ୱର ପାତ୍ର(୩୫) ନାମକ ଜଣେ ଯୁବକ ଏକ ବାଇକ ଯୋଗେ ଦେବଗଡରୁ ଘରକୁ ଫେରୁଥିଲେ। ତେବେ ସୁଗୁଡା କମଳା ବଗିଚା ଦୁର୍ଗା ମନ୍ଦିର ନିକଟସ୍ଥ ରାଞ୍ଚି ବିଜୟୱାଡା ରସ୍ତାର ଏକ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ତାଙ୍କୁ କଟ୍ ମାରି ଫେରାର ହୋଇଯାଇଥିଲା । ଫଳରେ ଈଶ୍ୱର ଭାରସାମ୍ୟ ହରାଇ ବାଇକ୍ ସହିତ ରାସ୍ତା ଉପରକୁ ଛିଟିକି ପଡଟି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଛନ୍ତି।

## 'ବ୍ରଜରାଜନଗରକୁ ପାଉଁଶ ମୁକ୍ତ ଅଞ୍ଚଳ କରାଯିବ'

ବ୍ରଜରାଜନଗର, ୨୯।୫(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର ଶେଷ ଦିନରେ ବିଜୁ ଜନତା ଦଳ (ବିଜେଡି)କୁ ନିଶାନା କରିଛି ଭାଜପା। ରବିବାର ପୂର୍ବାହ୍ନରେ ଭାଜପା ଦଳୀୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ଭାଜପା କର୍ମକର୍ତ୍ତା ବ୍ରଜରାଜନଗରବାସୀ ଅର୍ଥଲୋଭଠାରୁ ଦୂରେଇ ରହି ଆସନ୍ତା ୩୧ ତାରିଖରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ବ୍ରଜରାଜନଗର ଓ ବେଲପାହାଡ ରେଳଷ୍ଟେସନରେ ଦୀର୍ଘ ଦିନ ଚାରିଗୋଟି ଟ୍ରେନ ରହଣିକୁ ନେଇ ଆନ୍ଦୋଳନ ଚାଲିଥିଲା। ପରମୂହୂର୍ତ୍ତରେ ଭାଜପାର ସାଂସଦ ସୁରେଶ ପୂଜାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ପ୍ରଚେଷ୍ଟାରେ ବ୍ରଜରାଜନଗରରେ ନାଗରିକ କମିଟି ଦାବି ଅନୁଯାଇ ସମସ୍ତ ଟ୍ରେନ ରହଣି କଲା। ଯେତେବେଳେ ବ୍ରଜରାଜନଗର ନାଗରିକ କମିଟି ରେଳ ଧାରଣାରେ ବସି ଆନ୍ଦୋଳନ କରୁଥିଲା, ସେତେବେଳେ ଶାସକ ଦଳ ନେତା ମନ୍ତ୍ରୀ କେଉଁଠି ଥିଲେ ବୋଲି ଭାଜପା ପ୍ରଶ୍ନ କରିଛି। ମହାନଦୀର ଉପର ମୁଣ୍ଡରେ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ଥିବା ମହୁଲପାଲି ଅଞ୍ଚଳକୁ ପାଉଁଶ ପକାଇ ପୋତିବା ପାଇଁ ଠିକା କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ଚାଷ କରି ଜୀବନ ଜୀବିକା ମେଣ୍ଟାଉ ଥିବା ଶତାଧିକ ଚାଷୀ ପରିବାରଙ୍କ ଅବସ୍ଥା କଣ ହେବ ବୋଲି ଚିନ୍ତା କରାଯାଇନାହିଁ। ବ୍ରଜରାଜନଗର ପୌରାଞ୍ଚଳରେ ବିଭିନ୍ନ ଜାଗାରେ ମଦ ରଖାଯାଇଥିବା ଜଣାପଡିବା ପରେ ଭାଜପାର କର୍ମକର୍ତ୍ତାମାନେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇ ଜିଲା ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ନେଲା ନାହିଁ। ପରୋକ୍ଷରେ ଶାସକ ଦଳକୁ ସାହାଯ୍ୟ କଲା ବୋଲି ଭାଜପା ଅଭିଯୋଗ କରିଛି। ବ୍ରଜରାଜନଗରକୁ ଦୁର୍ନୀତିମୁକ୍ତ ଓ ପାଉଁଶମୁକ୍ତ ଅଞ୍ଚଳ ଗଢି ତୋଳିବା ପାଇଁ ଭାଜପାକୁ ଭୋଟ ଦେବା ପାଇଁ ଦଳୀୟ କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ମିଡ଼ିଆ ପ୍ରଭାରୀ ସୁଶୀଲ ପୁରୋହିତ, ନାଗରିକ କମିଟି ଅଧ୍ୟକ୍ଷଙ୍କ ସହିତ ରାଜ୍ୟ ପ୍ରଭାରୀମାନେ ଉପସ୍ଥିତ ଥିଲେ।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ: ୨୧ ଗିରଫ

ଝାରସୁଗୁଡା ଅଫିସ୍,୨୯।୫

ଝାରସୁଗୁଡା ଜିଲା ବନ୍ଧବାହାଲ ବିଦ୍ୟୁତ୍ ସେକସନରେ କାର୍ଯ୍ୟରତ ଲାଇନ୍‌ମ୍ୟାନ୍ ରବିବାର ଲାଇନ୍ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତ ଲାଇନ୍‌ମ୍ୟାନ୍ ଜଣଙ୍କ ହେଲେ ଅଢାପଡା ଗ୍ରାମର ଜଗଦୀଶ ପ୍ରଧାନ(୩୪)। ତାଙ୍କ ମୃତଦେହକୁ ବେଲପାହାଡ ଟିଆର୍‌ଏଲ୍ କ୍ରୋସାକୀ ହସ୍‌ପିଟାଲ୍‌ରେ ରଖାଯାଇଛି। ଏସମ୍ପର୍କରେ ଖବର ପାଇ କୁଶ୍ରାଲୋଇ ଓ ତେଲେନପାଲି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ହସ୍‌ପିଟାଲ୍‌ରେ ପହଞ୍ଚି ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ମୃତ ପରିବାରର ଜଣଙ୍କୁ ଚାକିରି ଦାବିରେ ରାସ୍ତାଅବରୋଧ କରିଥିଲେ। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ବନହରପାଲି ଥାନା ଆଇଆଇସି ରଶ୍ମିତା ବେହେରା, ବେଲପାହାଡ ଥାନା ଆଇଆଇସି ରଞ୍ଜନ ବିଶ୍ୱାଳ ପ୍ରମୁଖ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଲାଇନ୍‌ମ୍ୟାନ ମୃତ

କରିଥିଲେ। ହେଲେ ଫଳ କିଛି ହୋଇ ନ ଥିଲା । ତା'ପରେ ବେଲପାହାଡ ବିଦ୍ୟୁତ ସବ୍‌ଡିଭିଜନ ଏସ୍‌ଡିଓ ଜ୍ୟୋତିକାନ୍ତ ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି କ୍ଷତିପୂରଣ ବାବଦକୁ ୧୫ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଅସ୍ଥାୟୀ ଚାକିରି ଦେବା ପାଇଁ କହିଥିଲେ। ଏହାକୁ ଆନ୍ଦୋଳନକାରୀମାନେ ଅଗ୍ରାହ୍ୟ କରି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ହସ୍‌ପିଟାଲ୍ ସମ୍ମୁଖରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ତା'ପରେ ପୋଲିସ ୨୧ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ଧାରଣାସ୍ଥଳରୁ ଉଠାଇନେଇଛି। ଗିରଫ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇନେଇ ଝାରସୁଗୁଡା ଆରଓ କାର୍ଯ୍ୟାଳୟରେ ରଖିଛି। ଗିରଫ ଆନ୍ଦୋଳନକାରୀଙ୍କ ମଧ୍ୟରେ କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନ, କେଶବ ସା, ଦୁଷ୍ମନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ ଓ ଭବାନୀ ସା ପ୍ରମୁଖ ରହିଛନ୍ତି।

## ରୁଷିଆରେ ଫସିରହିଛି ତୈଳ କମ୍ପାନୀଙ୍କ ଲାଭାଂଶ

**ନୂଆଦିଲ୍ଲୀ:** ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଲାଗି ଅନେକ ସମସ୍ୟା ଦେଖାଦେଇଛି। ଏପରି କି ପାଶ୍ଚାତ୍ୟ କଟକଣା ଯୋଗୁ ରୁଷିଆ ଡଲାରର କାରବାର ବନ୍ଦ କରିଛି। ଫଳରେ ବିଦେଶୀ ପୈଠ ଅଟକି ଯାଇଥିବା ବେଳେ ଭାରତୀୟ ତୈଳ କମ୍ପାନୀଙ୍କ ଲାଭାଂଶ ଆୟ ବାବଦକୁ ୮ବିଲିୟନ ରୁବଲ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦୦କୋଟି ଟଙ୍କା ସେଠାରେ ଫସିଯାଇଛି। ସାର୍ବଜନିକ ତୈଳ କମ୍ପାନୀଙ୍କ ଅନୁସାରେ ଭାରତୀୟ ତୈଳକମ୍ପାନୀଗୁଡିକ ରୁଷିଆରେ ୪ ଭିନ୍ନ ଭିନ୍ନ ପରିସମ୍ପତ୍ତିର ଅଂଶୀଦାର ଅଛନ୍ତି। ଭାରତ ଏ ବାବଦରେ ୫.୪୬ବିଲିୟନ ଡଲାରର ନିବେଶ କରିଛି।

# ଏଲ୍ଆଇସିର ନୂଆ ଯୋଜନା 'ବୀମା ରତ୍ନ'



ଏଲ୍ଆଇସିର ନୂତନ ଯୋଜନା 'ବୀମା ରତ୍ନ'ର ଶୁଭାରମ୍ଭ ଅବସରରେ ନିଗମର ବରିଷ୍ଠ ଅଧିକାରୀମାନେ ଏହାର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ନୂଆଦିଲ୍ଲୀ,୨୯।୫

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଆଉ ଏକ ନୂତନ ଯୋଜନା 'ବୀମା ରତ୍ନ'(ପ୍ଲାନ-୮୬୪) ସମ୍ପର୍କରେ ନିଗମ ପକ୍ଷରୁ ଘୋଷଣା ସହ ଏହାର ଶୁଭାରମ୍ଭ ମଧ୍ୟ କରାଯାଇଛି। ଚଳିତବର୍ଷ ମେ ୨୭ଠାରୁ ଏହା କାର୍ଯ୍ୟକାରୀ ହେଉଛି। ଏପରି କି ଅଣ ଲିଙ୍କ୍, ଅଣ-ଅଂଶଗ୍ରହଣକାରୀ, ବ୍ୟକ୍ତିଗତ, ସଞ୍ଚୟ ଜୀବନ ବୀମାଭିତ୍ତିକ ଯୋଜନା ଭାବେ ଏହା ପରିଗଣିତ ହେଉଛି। ଏହି ଯୋଜନା ଉଭୟ ସୁରକ୍ଷା ଏବଂ ସଞ୍ଚୟର ଏକ ମିଶ୍ରଣ ସବୁଧା ପ୍ରଦାନ କରିଥାଏ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏହା ଏକ ସୀମିତ ପ୍ରିମିୟମ୍ ଦେୟ ଏବଂ ଗ୍ୟାରେଣ୍ଟି ଯୋଗ ସହ ମନି ବ୍ୟାକ୍ ଯୋଜନା ଭାବେ ଗଣାଯାଉଛି। ବିଶେଷ କରି ଏହି ଯୋଜନା ୧୫, ୨୦ ଏବଂ ୨୫ ବର୍ଷ ପାଇଁ ଉପଲବ୍ଧ ରହିଛି। ଏଥିରେ ଅନେକ ପ୍ରକାରର ସୁବିଧା ସାଙ୍ଗକୁ ଅତିରିକ୍ତ ସୁବିଧା ମଧ୍ୟ ବୀମାଧାରୀଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ଏହି ଯୋଜନାରେ ସୀମିତ ଅବଧି ପୈଠ ଓ ଅର୍ଥ ଫେରସ୍ତ ସହ ସୁରକ୍ଷାର ପ୍ରତିଶ୍ରୁତି ମଧ୍ୟ ନିଗମ ପକ୍ଷରୁ ଦିଆଯାଇଛି। ସେହିପରି ଏହା ଜରିଆରେ ସର୍ବନିମ୍ନ ୫ଲକ୍ଷ ଟଙ୍କାର ବୀମା କରିବାକୁ ଥିବାବେଳେ ଏଥିରେ ପଲିସି ଅବଧିର ୪ ବର୍ଷ ପୂର୍ବରୁ କିସ୍ତି ପୈଠ କରିବାକୁ ହେବ ନାହିଁ। ଅପରପକ୍ଷରେ ପଲିସିଧାରୀଙ୍କୁ ଋଣ ସୁବିଧା ମଧ୍ୟ ଏହା ଜରିଆରେ ପ୍ରଦାନ କରାଯାଉଛି। କେବଳ କର୍ପୋରେଟ ଏଜେଣ୍ଟ,ବ୍ୟାଙ୍କ,ବୀମା ବିପଣନ ଫାର୍ମ, ବ୍ରୋକର ଆଦିଙ୍କ ନିକଟରୁ ଏହି ବୀମା ଗ୍ରହଣ କରିହେବ ବୋଲି ଏଲଆଇସି ପକ୍ଷରୁ ସୂଚନା ଦିଆଯାଇଛି।

## ଆର୍‌ବିଆଇ ରିପୋର୍ଟକୁ ନେଇ ହଟଚମଟ

ନୂଆଦିଲ୍ଲୀ,୨୯।୫

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟକୁ ନେଇ ବର୍ତ୍ତମାନ ସାରା ଦେଶରେ ରାଜନୀତି ସରଗରମ ହୋଇଛି। ବିଶେଷ କରି ୨୦୨୧-୨୨ ଆର୍ଥିକ ବର୍ଷରେ ଜାଲ୍ ନୋଟ୍ ସଂଖ୍ୟା ବୃଦ୍ଧି ପାଇଥିବା କଥା ଆରବିଆଇର ଏକ ରିପୋର୍ଟରୁ ଜଣାପଡ଼ିବା ପରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କ ବିମୁଦ୍ରାୟନ ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି। ଆରବିଆଇର ସଦ୍ୟତମ ରିପୋର୍ଟ ଅନୁସାରେ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୧୦୧.୯% ଅଧିକ ଜାଲ୍ ୫୦୦ ଟଙ୍କିଆ ନୋଟ୍ ଏବଂ ୫୪.୧୬% ଅଧିକ ଜାଲ୍ ୨୦୦୦ଟଙ୍କିଆ ନୋଟ୍ ଚିହ୍ନଟ ହୋଇଛି। କଳାଟଙ୍କା ବାହାର କରିବା ଛଡ଼ା ଜାଲ୍ ନୋଟର ମୂଳୋତ୍ପାଟନ କରିବାକୁ ୨୦୧୬ରେ ଘୋଷିତ ବିମୁଦ୍ରାୟନ ଅନ୍ୟ ଏକ କାରଣ ବୋଲି କେନ୍ଦ୍ର ସରକାର କହିଥିଲେ।

## ୟୁବିଆଇର ରାୟଗଡ଼ା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୨୯।୫



ତପନ କୁମାର ସାହୁ

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ (ୟୁବିଆଇ)ର ରାୟଗଡା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତପନ କୁମାର ସାହୁ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସାହୁ ୧୯୯୮ରେ ଜନୈକ ପ୍ରୋବେଶନାରୀ ଅଫିସର ଭାବେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ଫରେଷ୍ଟ୍ରୀରେ ସ୍ନାତକୋତ୍ତର କରିବା ସହ ଏମ୍‌ବିଏ ଏବଂ ସିଏଆଇଆଇବି ଆଦି ଡିଗ୍ରୀ ହାସଲ କରିଛନ୍ତି। ସାହୁଙ୍କର ବିଭିନ୍ନ ଶାଖା ଏବଂ ଆଞ୍ଚଳିକ କାର୍ଯ୍ୟାଳୟସ୍ତରରେ ଭିନ୍ନ ଭିନ୍ନ ପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୨୩ ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ସେ ଦେଶ ମଧ୍ୟରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ, ସହରାଞ୍ଚଳ ଏବଂ ମେଟ୍ରୋ ଭଳି ସମସ୍ତ ଅଞ୍ଚଳ ଶାଖାର ନେତୃତ୍ୱ ନେଇ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି।

## ସିଜିପି ପରିଦର୍ଶନରେ ଜାତୀୟ ଖଣିଜ କଂଗ୍ରେସ ପ୍ରତିନିଧି ଟିମ୍

ଭୁବନେଶ୍ୱର,୨୯।୫

### ଗ୍ୟାସିଫିକେଶନ୍ ଟେକ୍ନୋଲୋଜିର ବିକାଶ ପାଇଁ ଜେଏସ୍‌ପିକୁ ପ୍ରଶଂସା

ବିଶ୍ୱ ଖଣି କଂଗ୍ରେସର ଭାରତୀୟ ଜାତୀୟ କମିଟି ଦ୍ୱାରା ଆୟୋଜିତ ଏବଂ କୋଇଲା ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଜାତୀୟ ଖଣିଜ କଂଗ୍ରେସର ୬୦ରୁ ଅଧିକ ପ୍ରତିନିଧି ଖଣି କଂଗ୍ରେସର ୨ୟ ଦିନରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ଦ୍ୱାରା ସ୍ଥାପିତ କୋଇଲା ଗ୍ୟାସିଫିକେସନ୍ ପ୍ଲାଣ୍ଟ (ସିଜିପି) ପରିଦର୍ଶନ କରିଛନ୍ତି। ଭାରତର ବିଭିନ୍ନ ଧାତୁ, ଖଣି ଏବଂ ଖଣି ପ୍ରଯୁକ୍ତିବିଦ୍ୟା ସଂଗଠନର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ପ୍ରତିନିଧି ଦଳ ସିଜିପିର ସମସ୍ତ ୟୁନିଟ୍ ବୁଲି ଦେଖିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଜେଏସପିର ପରିଚାଳନା ନିର୍ଦ୍ଦେଶକ, ଭି.ଆର୍.ଶର୍ମା ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉକ୍ତ ପ୍ରତିନିଧିମାନଙ୍କୁ ସିଜିପିର ବିଭିନ୍ନ ବୈଶିଷ୍ଟ୍ୟ ଏବଂ ସିନ୍ଥେସିସ୍ ଗ୍ୟାସ୍ ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସିଜିପିର ଡିଆରଆଇ ରୁଟ୍ ମାଧ୍ୟମରେ ଇସ୍ପାତ ଉତ୍ପାଦନ କରିବାରେ ଜେଏସପି ହେଉଛି ବିଶ୍ୱର ପ୍ରଥମ ଇସ୍ପାତ ନିର୍ମାତା। ଅପରପକ୍ଷରେ ସିନ୍ଥେସିସ୍ ଗ୍ୟାସ୍ ବ୍ୟବହାର କରି ଇସ୍ପାତ ତିଆରି ପ୍ରଯୁକ୍ତି ପାଇଁ ଲାଭଦାୟକ ବୋଲି କହି ଜାତୀୟ ଖଣିଜ କଂଗ୍ରେସ ପ୍ରତିନିଧିମାନେ ଜେଏସପିକୁ ଉଚ୍ଚ ପ୍ରଶଂସା କରିଥିଲେ। ୨୦୧୪ରୁ ଜେଏସ୍‌ପି ଦ୍ୱାରା କାର୍ଯ୍ୟକ୍ଷମ ଏହି ସିଜିପି ବିଶ୍ୱ ଇସ୍ପାତ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଜେଏସପି ଦ୍ୱାରା ଅନୁଗୋଳରେ ସ୍ଥାପିତ କୋଲ୍-ଗ୍ୟାସିଫିକେଶନ୍ ପ୍ଲାଣ୍ଟ ଏକ 'ଟେକ୍ନୋଲୋଜି ପ୍ରଦର୍ଶକ'ହୋଇପାରିଛି। ଏହାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସଂଗଠନଗୁଡ଼ିକ ପରିଦର୍ଶନ କରି ଉଚ୍ଚପ୍ରଶଂସା କରିଛନ୍ତି। ଏପରିକି ହାର୍ଭାର୍ଡ ୟୁନିଭରସିଟି ଏବଂ ଏମଆଇଟିର ଛାତ୍ରୀଛାତ୍ରମାନେ ଉକ୍ତ ପ୍ଲାଣ୍ଟ ପରିଦର୍ଶନ କରିବା ସହ ଏହା ଉପରେ ଏକ କେସ୍ ଷ୍ଟଡି ମଧ୍ୟ ପ୍ରସ୍ତୁତ କରିଛନ୍ତି।

## ରେଳ ବୋର୍ଡ ଅଧିକାରୀଙ୍କ ତାଳଚେର ଗସ୍ତ



ଭୁବନେଶ୍ୱର,୨୯।୫

ଭାରତୀୟ ରେଲୱେର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ରେଳ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭି.କେ.ତ୍ରିପାଠୀ ରବିବାର ତାଳଚେର ଗସ୍ତରେ ଯାଇଥିଲେ। ଏହି ପରିପ୍ରେକ୍ଷୀରେ ସେ କୋଇଲା ଲୋଡିଂ ପଏଣ୍ଟ ଯାଞ୍ଚ କରିବା ସହ ଟ୍ରାଫିକ ସୁବିଧା ତଥା ସୁବିଧାଜନକ ଟ୍ରେନ ଚଳାଚଳ ଏବଂ ବିକାଶମୂଳକ କାର୍ଯ୍ୟକଳାପ ସମ୍ବନ୍ଧରେ ଅନୁଧ୍ୟାନ କରିଛନ୍ତି। ସେହିଭଳି ଉକ୍ତ ଅଞ୍ଚଳରେ ରେଳପଥର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ସେ କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (କାର୍ଯ୍ୟକାରୀ) ଶରଦ କୁମାର ଶ୍ରୀବାସ୍ତବ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଲୱେ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ତ୍ରିପାଠୀ ମଧ୍ୟ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ) କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ କୋଇଲା ପରିବହନ ଏବଂ ଟ୍ରାଫିକ୍ ସୁବିଧା କ୍ଷେତ୍ରରେ ଆବଶ୍ୟକ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆଜିଠାରୁ ଜୀ ସାର୍ଥକରେ 'ଦିଦି ନମ୍ବର ୱାନ୍'

ଭୁବନେଶ୍ୱର,୨୯।୫




ଜୀ ସାର୍ଥକ ଓଡ଼ିଆ ମନୋରଞ୍ଜନ କ୍ଷେତ୍ରରେ ଆଉ ଏକ ମାଇଲ ଷ୍ଟୋନ ତିଆରି କରିବାକୁ ଯାଉଛି। ବିଶେଷକରି ମହିଳାମାନଙ୍କ ପାଇଁ ଚ୍ୟାନେଲ ପକ୍ଷରୁ ପ୍ରସ୍ତୁତ ହୋଇଛି ନୂଆ ଏକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ, ଯାହାର ନାଁ ରହିଛି 'ଦିଦି ନମ୍ବର ୱାନ୍'। ଆଜିଠାରୁ ଉକ୍ତ କାର୍ଯ୍ୟକ୍ରମ(ଧାରାବାହିକ)ର ପ୍ରସାରଣ ହେବାକୁ ଯାଉଥିବା ବେଳେ ଓଡ଼ିଆ ଟେଲିଭିଜନ ପରଦାର ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏହି ଶୋ'ର ହୋଷ୍ଟ ରହିଥିବା ଜଣାପଡ଼ିଛି। ଏହି ଧାରାବାହିକ ପ୍ରତି ସୋମବାରରୁ ଶନିବାର ସନ୍ଧ୍ୟା ୫ଟାରେ ଜୀ ସାର୍ଥକରେ ପ୍ରସାରିତ ହେବ। ସେହିପରି ରବିବାର ରାତି ୮ଟା ୩୦ରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମର ସ୍ପେଶିଆଲ ଏପିସୋଡର ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି।

ଓଡ଼ିଆ ପରିବାରର ଗୁଣବତୀ, ବୁଦ୍ଧିମତୀ ଓ କଳାବତୀ ମହିଳାମାନେ ଦିଦି ନମ୍ବର ୱାନ୍‌ରେ ନିଜ ଅନ୍ତର୍ନିହିତ ଗୁଣକୁ ଦେଖାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ପାଇପାରିବେ। ସେହିଭଳି ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ପ୍ରତିଯୋଗୀମାନେ ମଧ୍ୟ ଭାଗ ନେଇ ନିଜର ପ୍ରତିଭାକୁ ପ୍ରଦର୍ଶନ କରିପାରିବେ ଏବଂ ତା' ସହିତ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ରହିଛି। ଏହାର ଅଡିଶନ ଓଡ଼ିଶାର ବିଭିନ୍ନ ସହରରେ ଆରମ୍ଭ ହୋଇଯାଇଛି। ଏପରିକି ମନୋରଞ୍ଜନ ଦୁନିଆରେ ପ୍ରଥମ ଥର ପାଇଁ ଏଭଳି ଏକ ଶୋ'ର ପରିକଳ୍ପନା ଜୀ ସାର୍ଥକ ପକ୍ଷରୁ କରାଯାଇଛି। ସବୁବେଳେ ଓଡ଼ିଆ କଳା ଓ ସଂସ୍କୃତି ସହ ଦର୍ଶକଙ୍କ ରୁଚିକୁ ଗୁରୁତ୍ୱ ଦେଇ ଆସୁଥିବା ଜୀ ସାର୍ଥକ ଏଥର ମହିଳାମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି।

ବିଭିନ୍ନ ଶୋ ମାଧ୍ୟମରେ ବାରମ୍ବାର ହିଟ୍ ଦେଉଥିବା ଜୀ-ସାର୍ଥକର ଦିଦି ନମ୍ବର ୱାନ୍ ଶୋ' ବି ଏଥର ଓଡ଼ିଆ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବ ବୋଲି ଚ୍ୟାନେଲ୍ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ମଶାଙ୍କୁ ପସନ୍ଦ ପୁରୁଷଙ୍କ ରକ୍ତ

ନୂଆଦିଲ୍ଲୀ



### ମଣିଷ ରକ୍ତ ମାଈ ମଶାଙ୍କ ପ୍ରିୟ

ମହିଳାଙ୍କ ତୁଳନାରେ ପୁରୁଷଙ୍କ ରକ୍ତ ଖାଇବାକୁ ମଶାଙ୍କୁ ଅଧିକ ପସନ୍ଦ। ପୁରୁଷଙ୍କ ଶାରୀରିକ ଗଠନ ମହିଳାଙ୍କ ଅନୁସାରେ ବଡ଼ ହୋଇଥିବା କାରଣ ହେତୁ ମଶାମାନେ ଏପରି କରିଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି। ଆନାଲ୍ସ ଅଫ୍ ଇଣ୍ଟରନାଲ ମେଡିସିନ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଏହା ପ୍ରକାଶ ପାଇଛି। ବଡ଼ ଆକାରର ବ୍ୟକ୍ତି ବିଶେଷ ମଶାଙ୍କୁ ଅଧିକ ଆକୃଷ୍ଟ କରୁଥିବା ଏହି ରିପୋର୍ଟରେ କୁହାଯାଇଛି। ମହିଳାଙ୍କ ଶରୀରରୁ କ୍ଷରିତ ହେଉଥିବା ଆଷ୍ଟ୍ରୋଜେନ୍ ହରମୋନ ମଶାଙ୍କୁ ଆକୃଷ୍ଟ କରିଥାଏ। ସେହିପରି ସାଧାରଣ ମହିଳାଙ୍କ ତୁଳନାରେ ଗର୍ଭବତୀ ମହିଳାଙ୍କ ରକ୍ତ ପିଇବା ପାଇଁ ମଶା ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସେ କାରଣରୁ ପ୍ରେଗ୍‌ନାଣ୍ଟ ଲେଡି ମଶାଙ୍କୁ ୨ ଗୁଣା ଆକୃଷ୍ଟ କରୁଥିବା ଅଧ୍ୟୟନରେ କୁହାଯାଇଛି । କାର୍ବନ ଡାଇଅକ୍ସାଇଡ୍ ଏବଂ ଲାକ୍ଟିକ୍ ଏସିଡ୍ ପାଇଁ ଅନ୍ୟ ଜୀବଙ୍କ ତୁଳନାରେ ମଶା ମନୁଷ୍ୟ ଶରୀରର ରକ୍ତ ପିଇବାକୁ ଅଧିକ ପସନ୍ଦ କରୁଥିବା ନ୍ୟୁୟର୍କର ଆଲର୍ଜି ଏବଂ ଆସ୍ଥମା କେୟାରର ଡା. କ୍ଲିଫୋର୍ଡ ଡବ୍ଲ୍ୟୁ.ବସେଟ୍ କହିଛନ୍ତି। ସେହିପରି ଝାଲୁଆ ବ୍ୟକ୍ତିଙ୍କ ରକ୍ତ ମଶାଙ୍କୁ ଅଧିକ ପସନ୍ଦ ଆସିଥାଏ। ରିପୋର୍ଟ ମୁତାବକ ପୁରୁଷ ମଶାଙ୍କ ତୁଳନାରେ ମାଈ ମଶାମାନେ ମନୁଷ୍ୟ ରକ୍ତ ପିଇବାକୁ ପସନ୍ଦ କରିଥାନ୍ତି। କାରଣ ମନୁଷ୍ୟ ରକ୍ତରେ ଥିବା ମାତ୍ରାଧିକ ପ୍ରୋଟିନ୍ ମଶାଙ୍କ ଅଣ୍ଡା ବଢ଼ିବାରେ ସହାୟକ ହୋଇଥାଏ। ପୁରୁଷ ମଶାମାନେ ମନୁଷ୍ୟଙ୍କଠାରୁ ରକ୍ତ ଶୋଷିବା ଅପେକ୍ଷା ସେମାନଙ୍କ ଚାରିପଟେ ଏକ ଶବ୍ଦ କରି ବୁଲିବାକୁ ପସନ୍ଦ କରନ୍ତି। ମହିଳା ମଶାଙ୍କ ତୁଳନାରେ ପୁରୁଷ ମଶା କ୍ଷତିକାରକ ନୁହନ୍ତି।

## ସେନା ଶିବିରରେ ରିଚା



ରିଚା ଚଡ୍ଢା

**ମୁମ୍ବାଇ:** ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ କୁହାଯାଉଥିବା ରିଚା ଚଡ୍ଢା ନିକଟରେ ଅନୁଷ୍ଠିତ ଲଦାଖ ଇଣ୍ଟରନ୍ୟାଶନାଲ ମ୍ୟୁଜିକାଲ ଫେଷ୍ଟିଭାଲରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାମିଲ ହେବା ସହ ରିଚା ଯାଇ ପହଞ୍ଚିଥିଲେ ସେନା ଅଧିକାରୀଙ୍କ କ୍ୟାମ୍ପରେ। ସେଠାରେ ସେ ଯବାନଙ୍କ ସହ କିଛି ଦିନ ବିତାଇଥିବାବେଳେ ସୋସିଆଲ ମିଡିଆରେ ଏହାର ଅନୁଭୂତି ଶେୟାର କରିଛନ୍ତି। ଏହା ତାଙ୍କ ଜୀବନର ସବୁଠାରୁ ବଡ଼ ଉପଲବ୍ଧି ବୋଲି ରିଚା କହିଛନ୍ତି। ସମୁଦ୍ର ପତନଠାରୁ ୧୨ ହଜାର ଫୁଟ ଉଚ୍ଚତାରେ ଥିବା ଯବାନଙ୍କ କ୍ୟାମ୍ପରେ ସେମାନେ କିପରି ରହୁଛନ୍ତି ଏବଂ ସେମାନଙ୍କ ଦିନଚର୍ଯ୍ୟା କିପରି ରହିଥାଏ ରିଚା ତାହାକୁ ଅନୁଧ୍ୟାନ କରିଥିଲେ। ତେବେ ସାଧାରଣ ଲୋକଙ୍କ ଜୀବନଶୈଳୀଠାରୁ ଯବାନଙ୍କ ଜୀବନ କଠିନ। ଦିନ ରାତି ଏକ କରି ଯବାନ ସୀମା ଜଗୁଥିବାରୁ ଦେଶବାସୀ ଚିନ୍ତାମୁକ୍ତ ହୋଇ ରହୁଛନ୍ତି। ତେବେ ସେନା କ୍ୟାମ୍ପରେ କିଛିଦିନ ବିତାଇବା ପରେ ଏହି ରିୟଲ୍ ହିରୋଙ୍କ ପ୍ରତି ତାଙ୍କ ସମ୍ମାନ ଅଧିକ ବଢ଼ିଯାଇଥିବା ସେ କହିଛନ୍ତି। ଆଗାମୀ ଦିନରେ ମୁକ୍ତିଲାଭ କରିବାକୁ ଯାଉଥିବା ହିନ୍ଦୀ ଫିଲ୍ମ 'ଭୋଲି ପଞ୍ଜାବନ'ରେ ରିଚା ଦେଖିବାକୁ ମିଳିବେ। କମେଡ଼ି ଫିଲ୍ମ 'ଫୁକରେ' ରିଚାଙ୍କୁ ଲାଇମ୍ ଲାଇଟ୍‌କୁ ଆଣିଥିଲା।

# ଜନ୍ମରୁ ହସୁଛନ୍ତି ଆଇଲା




**କାନବେରା:** ଜନ୍ମସମୟରୁ ହସିବାରେ ଲାଗିଛନ୍ତି ଅଷ୍ଟ୍ରେଲିଆର ଆଇଲା ସମର ମୁଚା। ଗତବର୍ଷ ଡିସେମ୍ବର ୧୧ରେ ଜନ୍ମ ହୋଇଥିବା ଆଇଲା ଏକ ଦୁର୍ଲଭ ରୋଗରେ ପୀଡ଼ିତ। ଆଇଲା ବାଇଲାଟେରାଲ ମାଇକ୍ରୋଷ୍ଟୋମିଆ ରୋଗରେ ଆକ୍ରାନ୍ତ। ରୋଗ ଦ୍ୱାରା ମୁଖ ଗହ୍ୱରର ଆକାର ସାଧାରଣ ପିଲାଙ୍କ ତୁଳନାରେ ବଡ଼ ହୋଇଥାଏ। ଏହି ରୋଗ କାରଣରୁ ଆଇଲା ସବୁବେଳେ ହସୁଥିବା ପରି ଦେଖାଯାଉଛନ୍ତି। ଏହାର ଅସ୍ତ୍ରୋପଚାର ନେଇ ମା' କ୍ରିଷ୍ଟିନା ଭରଚର ଏବଂ ବାପା ବ୍ଲେକ୍ ମୁଚା ଡାକ୍ତରଙ୍କ ସହ ପରାମର୍ଶ ଜାରି ରଖିଛନ୍ତି। ବର୍ତ୍ତମାନ କିନ୍ତୁ ଆଇଲା ଟିକ୍‌ଟକ୍ ଏବଂ ଇନ୍‌ଷ୍ଟାଗ୍ରାମରେ ଷ୍ଟାର ପାଲଟି ଯାଇଛନ୍ତି। ଆଇଲାଙ୍କ ଏ ପ୍ରକାର ପରମାନେଣ୍ଟ ସ୍ମାଇଲ୍ ପାଇଁ ତାଙ୍କୁ ସୋସିଆଲ ମିଡିଆ ୟୁଜରଙ୍କ ଖୁବ୍ ଭଲପାଇବା ମିଳିଛି। ପ୍ରସବ ପୂର୍ବରୁ ଅଲଟ୍ରାସାଉଣ୍ଡ ରିପୋର୍ଟରେ ଆଇଲାଙ୍କ ଏ ପ୍ରକାର ବ୍ୟତିକ୍ରମ ନେଇ କୌଣସି ସୂଚନା ମିଳିପାରି ନ ଥିବା ବ୍ଲେକ୍ କହିଛନ୍ତି। ୨୦୦୭ରେ ମାଇକ୍ରୋଷ୍ଟୋମିଆ ଉପରେ କରାଯାଇଥିବା ଅଧ୍ୟୟନ ଅନୁସାରେ ବିଶ୍ୱରେ ଏ ପ୍ରକାର ୧୪ଟି ମାମଲା ସାମ୍ନାକୁ ଆସିଥିଲା।

## ଷ୍ଟଣ୍ଟ୍ କରି ଜେଲରେ ଯୁବକ

**ନୂଆଦିଲ୍ଲୀ:** ନବେ ଦଶକରେ ଟେଲିଭିଜନ୍‌ରେ ପ୍ରସାରିତ ଭାରତୀୟ ସୁପରହିରୋ ଶକ୍ତିମାନ୍ ଷ୍ଟଣ୍ଟ କରି ଏବେ ଜେଲରେ ଯୁବକ। ଷ୍ଟଣ୍ଟ କରୁଥିବା ବ୍ୟକ୍ତି ଏବଂ ଏହାକୁ ଭିଡିଓ ରେକର୍ଡ କରୁଥିବା ତାଙ୍କର ଦୁଇ ବନ୍ଧୁଙ୍କୁ ମଧ୍ୟ ପୋଲିସ ଗିରଫ କରି ନେଇଛି । ନୋଏଡାର ସେକ୍ଟର-୬୩ରେ ବିକାଶ ବାଇକ୍ ଷ୍ଟଣ୍ଟ କରୁଥିବାବେଳେ ତାଙ୍କର ଦୁଇ ବନ୍ଧୁ ଗୌରବ ଓ ସୁରଜ ଭିଡିଓ ରେକର୍ଡିଂ କରୁଥିଲେ। ତେବେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଯୁବକଙ୍କୁ ଗିରଫ କରିଥିଲା। କିଛିଦିନ ପୂର୍ବେ ନୋଏଡାର ରାସ୍ତାରେ ଷ୍ଟଣ୍ଟ କରି ୨୧ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଥିଲା । ଗୋଲମାଲ୍ ଫିଲ୍ମରେ ବଲିଉଡ୍ ଖ୍ୟାତନାମା ନାୟକ ଅଜୟ ଦେବଗନ ଦୁଇ ଏସ୍‌ୟୁଭିରେ ଛିଡ଼ା ହୋଇ ଏଣ୍ଟ୍ରି କରୁଥିବାବେଳେ ଯୁବକ ଜଣଙ୍କ ସମାନ ଢଙ୍ଗରେ ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳିଥିଲା, ଯାହାପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ନେଇଥିଲେ।



## ବିଦ୍ୟୁତ୍ ସଂସ୍ପର୍ଶରେ ବଙ୍ଗୀୟ ଯୁବକଙ୍କ ପ୍ରାଣ ଗଲା

### ରାମଦୋଳିରୁ ଓହ୍ଲାଇବା ବେଳେ ଦୁର୍ଘଟଣା

**ବାଲିଆପାଳ, ୨୯।୫(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ଖେଳପଡ଼ିଆରେ ରବିବାର ଟ୍ରକ୍‌ରୁ ରାମଦୋଳି ସାମଗ୍ରୀ ଓହ୍ଲାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଡ଼ୋଶୀ ପଶ୍ଚିମବଙ୍ଗ ବାଙ୍କୁଡ଼ା ଜିଲାର ବିଜୟ ସାହିଦ (୧୮)। ବିଜୟ ସେ ଟ୍ରକ୍‌ରେ ହେଲପର ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଜୁନ୍ ୧ରେ ନେତାଜୀ ଖେଳପଡ଼ିଆରେ ବାଲିଆପାଳ ଗ୍ରାମୀଣ ମେଳାରେ ରାମଦୋଳି ପଡ଼ିବାକୁ ଥିବାରୁ ସେ ଟ୍ରକ୍ ସହିତ ଶନିବାର ଭୋର ୪ଟାରେ ପଡ଼ିଆରେ ପହଞ୍ଚିଥିଲେ। ଡ୍ରାଇଭର ଅନ୍ୟତ୍ର ଶୋଇଥିବା ବେଳେ ସେ ଟ୍ରକ୍‌ରେ ଥିଲେ। ସେ ଟ୍ରକ୍‌ରୁ ଦୋଳି ସାମଗ୍ରୀ ଓହ୍ଲାଇବା ପାଇଁ ଉପରକୁ ଉଠିଥିବା ବେଳେ ଉପରଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଟ୍ରକ୍ ତଳକୁ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# ବିଳମ୍ବ ଯୋଗୁ ଅତିଥିଙ୍କୁ ଫେରାଇଲେ ଗ୍ରାମବାସୀ

### ଆଦର୍ଶ ଗ୍ରାମ ଉଦ୍‌ଘାଟନ ବନ୍ଦ ରହିଲା



ଚଢ଼େଇମରା ଗ୍ରାମ ପ୍ରବେଶ ପଥରେ ଅତିଥିମାନଙ୍କୁ ବିରୋଧ କରାଯାଉଛି।

**ନୂଆଗାଁ, ୨୯।୫(ଡି.ଏନ୍.ଏ.)**

ଅଧିକାଂଶ ସମୟରେ ଅତିଥିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ବିଳମ୍ବରେ ପହଞ୍ଚି ଥାଆନ୍ତି। ଦୀର୍ଘ ସମୟ ଅତିଥିମାନଙ୍କୁ ଅପେକ୍ଷା କରୁଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହୋଇଥାନ୍ତି। ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଅଧୀନ ଚଢ଼େଇମରା ଗ୍ରାମବାସୀ ବିଳମ୍ବରେ ପହଞ୍ଚି ଥିବା ଅତିଥିମାନଙ୍କୁ ଗାଁ ଭିତରେ ପୂରାଇ ନ ଦେଇ ଫେରାଇ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି କାରଣରୁ ଚଢ଼େଇମରା ଆଦର୍ଶ ଗ୍ରାମ ଉଦ୍‌ଘାଟନ ଉତ୍ସବ ବାତିଲ ହୋଇଛି।

ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଗ୍ରାମର ବିଭିନ୍ନ ସମସ୍ୟା ଦୂର କରିବା ସହ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ସରକାର ୪୫ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ସେହି ଅନୁସାରେ ୨୦୧୬ରେ ଚଢ଼େଇମରା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଇତିମଧ୍ୟରେ ୬ ବର୍ଷ ବିତିଥିଲେ ମଧ୍ୟ କୌଣସି କାମ ସମ୍ପୂର୍ଣ୍ଣ ହୋଇନାହିଁ। ତଥାପି ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଚଢ଼େଇମରା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଉଦ୍‌ଘାଟନ କରିବା ପାଇଁ ଦିନ ଧାର୍ଯ୍ୟ କରିବା ସହ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେହି ଚିଠି ଅନୁସାରେ ରବିବାର ସକାଳ ୧୦ଟାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ ବୋଲି ସମସ୍ତ ବ୍ୟବସ୍ଥା କରାଯାଇଥିଲା। ନୟାଗଡ଼ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମଳୟରଞ୍ଜନ ଚିନ୍ନରା ଉକ୍ତ ଗାଁରେ ଉପସ୍ଥିତ ଥିଲେ। ଗ୍ରାମବାସୀ ନିଜ କାମ ଛାଡି ଅତିଥିଙ୍କୁ ଅପେକ୍ଷା କରିଥିଲେ। ହେଲେ ଦିନ ପ୍ରାୟ ୧ଟା ପର୍ଯ୍ୟନ୍ତ ଅତିଥିମାନେ ଆସି ନ ଥିଲେ। ଏହାର କିଛି ସମୟପରେ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଉଦୟପୁର ସରପଞ୍ଚ, ସମିତି ସଭ୍ୟ, ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଉକ୍ତ ଗ୍ରାମ ଦେଇ ଅନ୍ୟ ଏକ ପ୍ରକଳ୍ପ ଦେଖିବା ପାଇଁ ବଡକାଠବାରୀ ଯାଇଥିଲେ ମଧ୍ୟ ସେଠାରେ ଅଟକି ନ ଥିଲେ। ଏହାକୁ ନେଇ ଦୀର୍ଘସମୟ ଅପେକ୍ଷା କରିଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରୁ ପ୍ରାୟ ୩୦ ମିନିଟ ପରେ ଅତିଥିମାନେ ଚଢ଼େଇମରା ଗ୍ରାମରେ ପହଞ୍ଚି ଥିଲେ। ଏହାଦେଖି ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବା ସହ ଗାଁ ଭିତରକୁ ଯିବାକୁ ଛାଡି ନ ଥିଲେ। ଉପସ୍ଥିତ ଥିବା କର୍ମୀ, ବ୍ଲକ ବିଜେଡି ସଭାପତି, ଏମ୍‌ପିଙ୍କ ପ୍ରତିନିଧି,ସରପଞ୍ଚଙ୍କ ସହ ଅନ୍ୟମାନେ ଗ୍ରାମବାସୀଙ୍କୁ ବହୁ ବୁଝାଶୁଝା କରିଥିଲେ ମଧ୍ୟ ଆମେ ବିଧାୟକ କିମ୍ବା କାହାରିକୁ ଗ୍ରାମ ଭିତରକୁ ଯିବାକୁ ଦେବୁ ନାହିଁ କି ଏହି ଉଦ୍‌ଘାଟନ ହୋଇପାରିବ ନାହିଁ ବୋଲି ଗ୍ରାମବାସୀ ରୋକଠୋକ୍ କହିଥିଲେ। ଫଳରେ ବିଧାୟକ ବେହେରା ଗାଡିରୁ ନ ଓହ୍ଲାଇ ଅନ୍ୟମାନଙ୍କ ସହ ଫେରି ଯିବା ପରେ ସରକାରୀ କର୍ମଚାରୀମାନେ ବି ଫେରି ଯାଇଥିଲେ।

ଏ ସଂକ୍ରାନ୍ତରେ ବିଧାୟକ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ମୋ ସହିତ ଭୁବନେଶ୍ୱରରୁ ଆସିଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ଥିଲେ। ସେମାନଙ୍କୁ ଏକାଧିକ ପ୍ରକଳ୍ପ ଦେଖାଇବାରେ ବିଳମ୍ବ ଘଟିଥିଲା। ସେଥିପାଇଁ ମୁଁ ଠିକ୍ ସମୟରେ ଉଦ୍‌ଘାଟନୀସ୍ଥଳରେ ପହଞ୍ଚି ପାରି ନ ଥିଲି।

## ପରିତ୍ୟକ୍ତ ଲୁହାସିନ୍ଦୁକରୁ ୧୩ କିଲୋ ରୁପା ଅଳଙ୍କାର ଉଦ୍ଧାର



ଉଦ୍ଧାର କରାଯାଇଥିବା ରୁପା ଅଳଙ୍କାର।

**ବୌଦ୍ଧ,୨୯।୫ (ସ୍ୱ.ପ୍ର.)**

ବୌଦ୍ଧର ଐତିହାସିକ ଜିଲା ସଂଗ୍ରହାଳୟ ମଧ୍ୟରେ ଖୋଲା ଆକାଶ ତଳେ ପଡିଥିବା ଏକ ଲୁହାସିନ୍ଦୁକରୁ ୧୩ କିଲୋ ୨୩୨ ଗ୍ରାମ ରୁପା ଏବଂ ୮ ଗ୍ରାମ ଓଜନର ଅଷ୍ଟଧାତୁ ଅଳଙ୍କାର ଓ ସାମଗ୍ରୀ ରବିବାର ଉଦ୍ଧାର କରାଯାଇଥିବା ଜଣାଯାଇଛି। ଏହି ରୁପା ସାମଗ୍ରୀ ରାଜାଙ୍କ ସମୟର ଓ ପ୍ରାୟ ଦୁଇଶହ ବର୍ଷର ପୁରାତନ ବୋଲି କୁହାଯାଉଛି। ହେଲେ ଏହାର ରେକର୍ଡପତ୍ର କାହା ପାଖରେ ନ ଥିବା ସମସ୍ତଙ୍କୁ ବିସ୍ମିତ କରିଛି।

ସୂଚନା ମୁତାବକ, ଗତ ଦୁଇବର୍ଷ ତଳେ ବୌଦ୍ଧ ଟ୍ରେଜେରି କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଟ୍ରେଜେରି ନିକଟରେ ତିନୋଟି ଲୁହାସିନ୍ଦୁକ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସେହି ସମୟରେ ଜିଲା ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଯୋଜନା ଚାଲିଥିଲା। ଏଣୁ ଶାସକ ରାଜାଙ୍କ ସନ୍ତକ ହିସାବରେ ଉକ୍ତ ଲୁହାସିନ୍ଦୁକ ତିନୋଟିକୁ ସଂଗ୍ରହାଳୟ ମଧ୍ୟରେ ରଖିବାର ନିଷ୍ପତ୍ତି ନେଇ ଜିଲାପାଳ ମିଶ୍ର ତାହାକୁ ଉଦ୍ଧାର କରି ସଂଗ୍ରହାଳୟ ମଧ୍ୟକୁ ଆଣିଥିଲେ। ସେତେବେଳେ ତିନୋଟି ସିନ୍ଦୁକ ମଧ୍ୟରୁ ଗୋଟିଏ ସିନ୍ଦୁକରେ ତାଲା ପଡିଥିବା ବେଳେ ଗୋଟିଏ ଖାଲି ଥିଲା ଏବଂ ଆଉ ଗୋଟିଏ ସିନ୍ଦୁକର ଉପର ଢାଙ୍କୁଣୀ ନଷ୍ଟ ହୋଇଯାଇଥିଲା। ସଂଗ୍ରହାଳୟ ମଧ୍ୟରେ ଅନ୍ୟାନ୍ୟ ସାମଗ୍ରୀ ସଜାହୋଇ ରଖାଯାଇଥିବା ବେଳେ ସିନ୍ଦୁକ ତିନୋଟି ବହୁତ ଭାରି ଥିବାରୁ ପରିସର ବାହାରେ ପଡିରହିଥିଲା। ରବିବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷକ ବସନ୍ତ କୁମାର ସାହୁ, ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଓ ସହକାରୀ କୋଷାଗାର ଅଧିକାରୀଙ୍କ ଉପସ୍ଥିତିରେ ଜଣେ ତାଲା ତିଆରିବାଲାକୁ ଡାକି ବନ୍ଦ ହୋଇ ରହିଥିବା ସିନ୍ଦୁକର ତାଲା ଖୋଲାଇଥିଲେ। ବନ୍ଦ ଥିବା ସିନ୍ଦୁକ ମଧ୍ୟରେ କିଛି ମଳିନ ଅଳଙ୍କାର ଓ ରୁପା ସାମଗ୍ରୀ ଦେଖାଯିବା ପରେ ତୁରନ୍ତ ଏ ସମ୍ପର୍କରେ ଜିଲାପାଳଙ୍କୁ ସୂଚନା ଦିଆଯାଇଥିଲା। ଜିଲାପାଳଙ୍କ ଉପସ୍ଥିତିରେ ସମସ୍ତ ପୁରାତନ ଅଳଙ୍କାର ସିନ୍ଦୁକରୁ ଉଦ୍ଧାର କରାଯାଇ ଦୁଇଜଣ ସୁନାରୀଙ୍କ ଦ୍ୱାରା ତାହାକୁ ଦିନ ତମାମ ସଫା କରାଯାଇଥିଲା। ପରେ ତାହା ଓଜନ କରାଯାଇଥିଲା। ଏହାକୁ ଉପଜିଲାପାଳ ସନତ କୁମାର ନାଏକ, ତହସିଲଦାର ଦେବୀପ୍ରସାଦ ଦାଶଙ୍କ ଉପସ୍ଥିତିରେ ଏକ ଟିଣ ବାକ୍ସରେ ସିଲ୍ କରାଯିବା ସହିତ ଟ୍ରେଜେରି ମଧ୍ୟରେ ରଖାଯାଇଥିବା ଜଣାଯାଇଛି।

# ଯୁବ ଅଧିକାରୀଙ୍କଠାରୁ ଦେଶ ଅନେକ କିଛି ଆଶା କରୁଛି: ମୁଖ୍ୟମନ୍ତ୍ରୀ





ଷ୍ଟଡି ଟୁର୍‌ରେ ଓଡ଼ିଶା ଆସିଥିବା ୧୮୧ ଆଇଏଏସ୍ ଶିକ୍ଷାନବିସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

### ଷ୍ଟଡି ଟୁରରେ ଓଡ଼ିଶା ଆସିଛନ୍ତି ୧୮୧ ଆଇଏଏସ୍ ଶିକ୍ଷାନବିସ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଲାଲ ବାହାଦୂର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ଼ମିନିଷ୍ଟ୍ରେଶନ(ଏଲ୍‌ବିଏସ୍‌ଏନ୍‌ଏଏ) ୨୦୨୧ ବ୍ୟାଚ୍‌ର ୧୮୧ଜଣ ଆଇଏଏସ ଶିକ୍ଷାନବିସ ଓ ରୟାଲ ଭୁଟାନ ସିଭିଲ ସର୍ଭିସର ୨ଜଣ ଶିକ୍ଷାନବିସ ୪ଦିନିଆ ଷ୍ଟଡି ଟୁର୍‌ରେ ଓଡ଼ିଶା ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଲୋକସେବା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଯୁବ ଅଧିକାରୀଙ୍କଠାରୁ ଦେଶ ଅନେକ କିଛି ଆଶା କରୁଛି ବୋଲି ନବୀନ କହିବା ସହିତ ସଗୌରବେ ଦେଶର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷାନବିସଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ୫ଟି ରୂପାନ୍ତରଣ ମଡେଲ୍ ଉପରେ ମୁଖ୍ୟମନ୍ତ୍ରୀ ଫୋକସ କରିଥିଲେ। ସେ କହିଥିଲେ, ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ମୁଣ୍ଡ ଟେକୁଛି। ଗ୍ରାମୀଣ ବିକାଶ, ଗୃହ ନିର୍ମାଣ, ଦକ୍ଷତା ବିକାଶ, କ୍ରୀଡ଼ା, ଶିଳ୍ପ ବିକାଶ, ଖଣି, ପର୍ଯ୍ୟଟନ, ଐତିହ୍ୟ ସଂରକ୍ଷଣ, ସଡ଼କ ବିକାଶ ଓ ଅନ୍ୟ କ୍ଷେତ୍ରରେ ମଧ ରୂପାନ୍ତରଣ ପଦକ୍ଷେପ ନିଆଯାଇଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସାରା ବିଶ୍ୱରେ ରୋଲ୍ ମଡେଲ ପାଲଟିଛି। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପରୁ ଆଇଏଏସ୍ ଶିକ୍ଷାନବିସମାନେ କିଛି ଶିକ୍ଷା ଲାଭ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଷ୍ଟଡି ଟୁରରେ ଆଇଏଏସ୍ ଶିକ୍ଷାନବିସମାନେ ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦୁଝର ଓ ବାଲେଶ୍ୱର ଆଦି ଜିଲା ପରିଦର୍ଶନ କରି ରାଜ୍ୟ ଦ୍ୱାରା ଆରମ୍ଭ ହୋଇଥିବା ବିକାଶ ତଥା ଜୀବିକା ନିର୍ବାହ ଯୋଜନା ସମ୍ପର୍କରେ ପ୍ରଥମ ଅଭିଜ୍ଞତା ହାସଲ କରିବେ। ଉତ୍ତରାଖଣ୍ଡର ମସୋରୀସ୍ଥିତ ଏଲ୍‌ବିଏସ୍‌ଏନ୍‌ଏଏର ଭାରତ ଦର୍ଶନ କାର୍ଯ୍ୟକ୍ରମ ଅଧୀନରେ ଆଇଏଏସ୍ ଶିକ୍ଷାନବିସମାନେ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ରାଧିକା ରସ୍ତୋଗୀଙ୍କ ନେତୃତ୍ୱରେ ଏହି ଷ୍ଟଡି ଟୁରରେ ଆସିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଧିକା ରସ୍ତୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଟ୍ରାନ୍ସଫରମେଟିଭ୍ ଗଭର୍ଣ୍ଣାନସ ଉପରେ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଯୁବ ଶିକ୍ଷାନବିସମାନଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ମଧ ସମ୍ବୋଧନ କରିଥିଲେ। ଗୋପବନ୍ଧୁ ଏକାଡେମୀ ଆଡ୍‌ମିନିଷ୍ଟ୍ରେଶନ ଡାଇରେକ୍ଟର ଜେନେରାଲ ରଞ୍ଜନା ଚୋପ୍ରା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଶିକ୍ଷାନବିସମାନେ ପୁରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ମନ୍ଦିର ସ୍ଥାପତ୍ୟ ସମ୍ପର୍କରେ ଜାଣିବାକୁ ପାଇଥିଲେ।

# ଦୁଇ ଯୁବକଙ୍କୁ ଛୁରାମାଡ଼

**ଦିଗପହଣ୍ଡି,୨୯।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ନବରଙ୍ଗପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ଦୁଇ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେମାନେ ହେଲେ ବାବୁ ଗୌଡ ଓ ପ୍ରଦୀପ କୁମାର ସାହୁ। ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାବୁଙ୍କ ବେକ, ଛାତି ଓ ପେଟରେ ଆଘାତ ଲାଗିଥିବା ବେଳେ ପ୍ରଦୀପଙ୍କ ପେଟରେ ଗଭୀର ଆଘାତ ଲାଗିଛି। ଖବରପାଇ ଦିଗପହଣ୍ଡି ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବାବୁ ଓ ପ୍ରଦୀପ ମିଶି ଗୋଟିଏ ବାଇକରେ ଘରକୁ ଯାଉଥିଲେ। ଏହି ସମୟରେ ପୂର୍ବରୁ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଥିବା ତାଙ୍କ ଗ୍ରାମର ଯୁବକ ଜଣକ ଏକ ଛୁରୀରେ ଆକ୍ରମଣ କରିଛନ୍ତି।



ସାବିତ୍ରୀ ବ୍ରତ ପାଇଁ ରବିବାର ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ ସମ୍ମୁଖ ରାସ୍ତା (ରାଜମହଲରୁ ଏଜି ଛକ)ରେ ଲାଗି ରହିଥିବା ଭିଡ଼।

## ଜଳହସ୍ତୀ ଏନକ୍ଲୋଜରରେ କୁମ୍ଭୀର ପଶିବା ଚର୍ଚ୍ଚା

**ବାରଙ୍ଗ, ୨୯।୫(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀଉଦ୍ୟାନରେ ରବିବାର ସକାଳେ ୬୩ ନମ୍ବର ଜଳହସ୍ତୀ ଏନକ୍ଲୋଜରର ଜଳାଶୟରେ ଏକ କୁମ୍ଭୀର ଥିବା ନେଇ କେତେଜଣ ପର୍ଯ୍ୟଟକ ହୋହଲ୍ଲା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଜନ୍ତୁ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। କିଛି ସମୟ ପରେ କୁମ୍ଭୀର ସଦୃଶର ଦୁଇଟି ପ୍ରାଣୀ ଜଳାଶୟରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହା କୁମ୍ଭୀର ନା ଆଉ କ'ଣ ଜାଣିବା ପାଇଁ ଦିନତମାମ କର୍ମଚାରୀମାନେ ଜଳାଶୟ କୂଳରେ ଜଗି ରହିଥିଲେ। ପରେ ପ୍ରକୃତ ଘଟଣା ଜାଣିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଜଳାଶୟ ନିକଟରେ ଥିବା ଗଛରେ ସିସିଟିଭି କ୍ୟାମେରା ଲଗାଇ ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡିଛି। ପ୍ରକାଶ ଯେ, କିଛିଦିନ ହେବ ନନ୍ଦନକାନନରେ ଜୀବଜନ୍ତୁଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏବେ ଜଳହସ୍ତି ଏନକ୍ଲୋଜରର ଜଳାଶୟରେ କୌଣସି ଜନ୍ତୁ ଦେଖାଦେବା ଘଟଣା ନନ୍ଦନକାନନ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି।

## କଣ୍ଟେନରରୁ ୩୮ ଗୋରୁ ଉଦ୍ଧାର: ୧୧ ଅଟକ



ଗୋରୁ ବୋଝେଇ କଣ୍ଟେନର।

**ସିମୁଳିଆ, ୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ପୋଲିସ ରାଜପଥରୁ ଗୋଚାଲାଣ ହେଉଥିବା ଏକ କଣ୍ଟେନରରୁ ୩୮ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ୧୧ଜଣଙ୍କୁ ଅଟକ ରଖିଛି। ଏହି କଣ୍ଟେନର(ନଂ. ଓଆର୍୦୪ ଏଲ୍-୬୧୮୬)ରେ ୩୮ଟି ଗୋରୁ ବୋଝେଇ ହୋଇ ଭଦ୍ରକରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଏହି କଣ୍ଟେନର ସହିତ ଦୁଇଟି ସ୍କର୍ପିଓ (ନଂ. ଓଡ଼ି୧୧ବି-୯୦୯୦) ଓ (ଓଡ଼ି୧୪ଡବ୍ଲ୍ୟୁ-୦୦୨୫)ରେ ୧୧ଜଣ ଥିଲେ। ପୋଲିସ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ହେଁ ସେମାନେ ଅଟକି ନ ଥିଲେ। ପୋଲିସ ସେମାନଙ୍କ ପିଛା କରି ସୋରରେ ଅଟକାଇଥିଲା। ୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅବଶିଷ୍ଟ ୩୬ଟି ଗୋରୁଙ୍କୁ ସ୍ଥାନୀୟ ମଇତାପୁର ରୁଦ୍ରାଶ୍ରମ ଗୋଶାଳାକୁ ହସ୍ତାନ୍ତର କରାଯାଇଛି।

# ଗଜପତିଙ୍କର ଗୁଣ୍ଠୁଣୀହାତୀ ସୁଦେହିକା ପ୍ରତି ସମ୍ମାନବୋଧ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ଗଜପତିଙ୍କ ଶ୍ୱଶୁରଘରୁ ଆସିଥିଲା ସୁନାଖଚିତ ଗଜଦନ୍ତ ଆସନ
- ସୁଦେହିକା ଆଜି ବି ଯୁଦ୍ଧ ମୁଦ୍ରାରେ ରହିଛି ମନ୍ଦିରର ଉତ୍ତରପାର୍ଶ୍ୱରେ



(ଫଟୋ: ଜଜ୍ଞେଶ୍ୱର ମହାନ୍ତି)

କୋଣାର୍କ ଶ୍ରୀ ପଦ୍ମକେଶର ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ହାତୀ ସୁଦେହିକାର ପ୍ରତିକୃତି।





ଆମେ ମନ୍ଦିର ନିର୍ମାଣବେଳେ ଶଗଡ଼/ଶଗଡ଼ି ବ୍ୟବହାରର କେତେକ ପ୍ରସଙ୍ଗ ଆଲୋଚନା କଲେ। ଭୁବନେଶ୍ୱରରୁ ଶିଳ୍ପୀମାନେ ଶଗଡ଼ରେ ଯିବାଆସିବା କରିବାର ପ୍ରମାଣ ବି ଉଲ୍ଲେଖ ରହିଛି। ଦାମୋଦର ଜେନା ସେମାନଙ୍କ ନବାଆଣିବା ଦାୟିତ୍ୱରେ ଥିଲେ। ସେହିପରି ହାତୀମାନେ ମଧ ଗମନାଗମନ ପାଇଁ ଯେତିକି ବ୍ୟବହାର ହେଉଥିଲେ ତା'ଠାରୁ ଅଧିକ ବ୍ୟବହାର ହେଉଥିଲେ ମନ୍ଦିର ନିର୍ମାଣ କାର୍ଯ୍ୟରେ ଏବଂ ଭଣ୍ଡାର ସମୃଦ୍ଧ କାର୍ଯ୍ୟରେ।

- ହାତୀ ଉପରେ ସାରଙ୍ଗଗଡ଼ କୋଷାଗାରରୁ ଭଣ୍ଡାରନିକାପ ୯୩୭୮ ଅସରପୀ ଆଣି କୋଣାର୍କ ଭଣ୍ଡାରରେ ମଣତି ଦେଇଥିଲେ।

-ଗଜପତିଙ୍କ ଶ୍ୱଶୁରଘରୁ ହାତୀପିଠିରେ ହିଁ ମନ୍ଦିର ନିର୍ମାଣ ସମୟରେ ଅନେକ ଦ୍ରବ୍ୟ ପହଞ୍ଚିଥିଲା। ପାଣ୍ଡ୍ୟରାଜାଙ୍କ ରାଜଧାନୀ ଥିଲା ମଦୁରାଇ। ମଦୁରାଇରୁ ହାତୀ ପିଠିରେ ଲଦି ସାମନ୍ତ ପୁରୋଧା ବିରୁପାକ୍ଷ ଶର୍ମା ଯେଉଁ ଜିନିଷଗୁଡ଼ିକ ଆଣିଥିଲେ କୋଣାର୍କକୁ ତାହା ଆମେ ଜାଣିବା କଥା। ମହାରାଣୀଙ୍କ ବାପଘର ମଧ ଜ୍ୱାଇଁ (ଗଜପତି)ଙ୍କର ସଂକଳ୍ପକୁ ସାକାର କରିବାକୁ ସହଯୋଗର ହାତ ବଢ଼ାଇବାରେ ଊଣା କରି ନ ଥିଲେ। ଗୋଟିଏ ଉଦାହରଣ ଏହି ପ୍ରସଙ୍ଗରେ ଆମେ ଆଲୋଚନା କରିବା। ମହାରାଣୀଙ୍କ ନାମ ଥିଲା କସ୍ତୁରିକା ମୋଦିନୀ ଦେବୀ। ପାଣ୍ଡ୍ୟ ରାଜାଙ୍କ ରାଜନନ୍ଦିନୀ ଥିଲେ ଇଏ।

ମଦୁରାଇରୁ ଆସି ପହଞ୍ଚିଲା- ଦଶ ଯୋଡ଼ା ଶିଲ୍‌କ ଲୁଗା,ଦଶଯୋଡ଼ା ଶିଲ୍‌କ ସାଲ, ସୁନା ଖଚିତ ଗୋଟିଏ ଗଜଦନ୍ତ ଆସନ। କୋଣାର୍କରେ ଅବସ୍ଥାନ କାଳରେ ଜ୍ୱାଇଁ (ଗଜପତି) ବସିବେ।- ୦୭ଟି ଅକଟା ମାଣିକ୍ୟ। ରକ୍ତବର୍ଣ୍ଣ ମଣି(ଏସବୁ ପଥର ନିର୍ମିତ ପଦ୍ମରେ ଖଞ୍ଜାଯିବା ପାଇଁ)। ପାନବାକ୍ସ ରୁପା ନିର୍ମିତ। ୧୦ଟି ନଡ଼ିଆ ଶଢ଼େଇ (ଘୋଡ଼ଣୀଥିବା)ରେ ସିନ୍ଦୂର। ଗଜପତିଙ୍କ ପାଟରାଣୀଙ୍କୁ ସେହି ସମୟରେ 'ମହାଦେବୀ' ଭାବରେ ଚିହ୍ନିତ କରାଯାଉଥିଲା, ତାଙ୍କ ପାଇଁ ୨ଟି ଶିଲ୍‌କ୍ ଶାଢ଼ି। ସୂତ୍ରଧର ଶିବେଇ ସାନ୍ତରାଙ୍କ ପାଇଁ ପାଟ-ମକୁଟା ହଳେ। ସ୍ଥପତିମାନଙ୍କ ପାଇଁ ୭ ଯୋଡ଼ା ସୁବର୍ଣ୍ଣ କୁଣ୍ଡଳ ଏବଂ ୭ ଯୋଡ଼ା ସୁବର୍ଣ୍ଣ ଖଡ୍ଡୁ।

ମନ୍ଦିର ନିର୍ମାଣ ବେଳେ ଭଣ୍ଡାରକୁ ସମୃଦ୍ଧ କରିବା ପାଇଁ ହାତୀମାନଙ୍କୁ ବ୍ୟବହାର କରାଯାଇଥିବାର କିଛି ପ୍ରସଙ୍ଗ ଆମେ ଜାଣିଲେ। ମନ୍ଦିର ନିର୍ମାଣ ବେଳେ ପଥର ଉଠାଇବା କାର୍ଯ୍ୟରେ ହାତୀଙ୍କର ଆବଶ୍ୟକତା ଯେଉଁପରି ରହିଥିଲା, ମନ୍ଦିର ଚାରିପଟେ ଥିବା ବାଲିସ୍ତୂପ ଅପସାରଣ ପାଇଁ ହାତୀଙ୍କର ସେହିପରି ଭୂମିକା ରହିଥିଲା। ଅନେକବାର ଗଜପତି ପାଲିଙ୍କିରେ ବିଜେ ନ କରି ହାତୀରେ କୋଣାର୍କରୁ ପୁରୀ ଓ ପୁରୀରୁ କୋଣାର୍କ ଯାଉଥିଲେ। ଏପରିକି ସାରଙ୍ଗଗଡ଼ରେ ଥିବା ହାତୀରେ ଗଜପତି ଓ ରାଜଗୁରୁ ଏକାମ୍ରକ୍ଷେତ୍ରରୁ କୋଣାର୍କକୁ ପଦାର୍ପଣ କରୁଥିଲେ। ସମସ୍ତ ହାତୀଆଳଙ୍କ ନାମ ମଧ ପୋଥିରେ ଦରଜ ହୋଇଛି। ସମସ୍ତେ ଗଜପତିଙ୍କ ଗଜବାହିନୀର ପାଇକ ଥିଲେ। ସଫଳତାର ସହିତ ହାତୀଆଳ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ।

ଗଜପତି ହାତୀକୁ ମର୍ଯାଦା ଦେବାରେ କେବେ ବି କୁଣ୍ଠାବୋଧ କରି ନ ଥିଲେ। ଏହାର ଉଦାହରଣ ଆମେ କୋଣାର୍କର ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରପଟେ ଦେଖିପାରିବା। ସେହି ହାତୀର ନାମ 'ସୁଦେହିକା'। ସେ ଥିଲା ଲାଙ୍ଗୁଳା ନରସିଂହଦେବଙ୍କ ଗୁଣ୍ଠୁଣୀ ହାତୀ। ବଙ୍ଗର ଲକ୍ଷ୍ମଣାବତୀଠାରେ ଯୁଦ୍ଧ ସମୟରେ ମୁସଲମାନ ସୈନ୍ୟବାହିନୀର ଘେରାଉ ମଧ୍ୟରେ ଗଜପତି ରହିଯାଇଥିବା ବେଳେ ସୁଦେହିକା ଅମାପ ସାହସରେ ଘେରାବନ୍ଦୀ ଭିତରେ ଧସେଇ ପଶି ଗଜପତିଙ୍କୁ ଶୁଣ୍ଢରେ ଟେକି କାଇଦାରେ ବାହାରକୁ ନେଇଆସିଥିଲା।

ମନ୍ଦିର ନିର୍ମାଣବେଳେ ଶିଳ୍ପୀ ଗଙ୍ଗା ମହାପାତ୍ର ପ୍ରଥମେ ହାତୀଖୋଦେଇ ଆରମ୍ଭ କରିଥିଲେ, ମହାଶ୍ରମ (ଗଜପତି) ନିଜେ ପରିଦର୍ଶନ ବେଳେ ଦେଖିବା ପରେ ଆଦେଶ ଦେଇଥିଲେ- ଇଏ ହେବ ନାହିଁ। ଅବିକଳ ସୁଦେହିକା ପରି ହେବ। ଅଧାକଟା ପଥର ଅପସାରଣ ହେଲା। ଗଜପତି ପୁନଃ ଆଦେଶ କରିଥିଲେ- ମୋର ପ୍ରିୟ ହାତୀ, ଯିଏ ମୋ ଜୀବନ ବଞ୍ଚାଇଛି। ସେ ଯୁଦ୍ଧ ମୁଦ୍ରାରେ ରହିବ, ଯେମିତି ସେ ମୋତେ ଶୁଣ୍ଢରେ ଟେକି ଆଣିଥିଲା। ବାୟାଚକଡ଼ାର ଅଣଚାଳିଶପତ୍ରରୁ ଜଣାଯାଏ ଧର୍ମ ମହାପାତ୍ର (ଯିଏ ଧର୍ମପଦ ନାମରେ ପ୍ରସିଦ୍ଧ) ସାଙ୍ଗରେ ଛୋଟା ଶିବ ମହାପାତ୍ରଙ୍କୁ ନେଇ ଅବିକଳ ଭାବରେ ଗୁଣ୍ଠୁଣୀ ହାତୀ ସୁଦେହିକାକୁ ପଥରରେ ରୂପ ଦେଇଥିଲେ। ଗଜପତି ଧର୍ମପଦକୁ ଦେଇଥିଲେ ଶହେ ପଦ୍ମ ମାଢ଼ ସୁନା। ଧର୍ମପଦ ୧୨ ବର୍ଷରେ ମଲା କେଉଁଠି......!

# ଫୁଟବଲ କାର୍ନିଭାଲର ପ୍ରଥମ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

'କିକ୍ ଅଫ୍ ଦି ଡ୍ରିମ୍' ଫୁଟବଲ କାର୍ନିଭାଲ ପ୍ରଥମ ପର୍ଯ୍ୟାୟର ଅନ୍ତିମ ଚରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଖାପାଖି ୫୦୦ ପିଲା ଭାଗନେଇ ଫୁଟବଲ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକଳାପରେ ନିଜ କଳାକୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ କ୍ରିୟାକଳାପ ମଧ୍ୟରେ ଫ୍ରିକିକ୍ ଚ୍ୟାଲେଞ୍ଜ, ପେନାଲ୍ଟି ଚ୍ୟାଲେଞ୍ଜ, ହେଡର ଚ୍ୟାଲେଞ୍ଜ,

**'କିକ୍ ଅଫ୍ ଦି ଡ୍ରିମ୍'**

ଫୋର୍ କର୍ନର ଚ୍ୟାଲେଞ୍ଜ ଏବଂ ସେଶାଲ ଡାର୍ଟବୋର୍ଡ ଚ୍ୟାଲେଞ୍ଜ ଆଦି ଅନ୍ତର୍ଭୁକ୍ତ ଥିଲା। କାର୍ନିଭାଲରେ ଅଂଶଗ୍ରହଣକାରୀ ପିଲାମାନେ ମଧ୍ୟ କୁଇଜ୍ ଏବଂ ଷ୍ଟୋରି ଟେଲିଂ ଆଦିରେ ଭାଗ ନେଇଥିଲେ। ଓଡ଼ିଶାରେ ଅନୁଷ୍ଠିତ କାର୍ନିଭାଲର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଲୋକାଲ ଅର୍ଗାନାଇଜିଂ କମିଟି (ଏଲ୍ଓସି) ପ୍ରକଳ୍ପ ନିର୍ଦ୍ଦେଶକ ନନ୍ଦିନୀ ଆରୋରା ପ୍ରମୁଖ ଉପସ୍ଥିତ ଥିଲେ। "କାର୍ନିଭାଲକୁ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ କରାଇଥିବାରୁ ଲୋକାଲ ଅର୍ଗାନାଇଜିଂ କମିଟିକୁ ମୁଁ ଧନ୍ୟବାଦ ଜଣାଉଛି। ପିଲାମାନଙ୍କ ମୁହଁରେ ହସଦେଖି ବହୁତ ଖୁସି ଲାଗୁଛି। ପିଲାମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ମୁଁ ଅନୁଭବ କରିପାରିଛି" ବୋଲି ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି। କାର୍ନିଭାଲ ଅବସରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଅଫିସିଆଲ ମାସ୍କଟ ମଧ୍ୟ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲା। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆସନ୍ତା ଅକ୍ଟୋବର ୧୧ରୁ ୩୦ ମଧ୍ୟରେ ଅନୁଷ୍ଠିତ ହେବ। 'କିକ୍ ଅଫ୍ ଦି ଡ୍ରିମ୍' ଫୁଟବଲ କାର୍ନିଭାଲ ହେଉଛି ଟୁର୍ନାମେଣ୍ଟ ପୂର୍ବ ବିଭିନ୍ନ କାର୍ଯ୍ୟକଳାପର ଏକ ଅଂଶବିଶେଷ।



ଫୁଟବଲ କାର୍ନିଭାଲର ଉଦ୍‌ଯାପନୀରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

## ଚାମ୍ପିୟନ୍ସ ଲିଗ୍ ଜିତିଲା ରିୟଲ ମାଡ୍ରିଡ୍

**ପ୍ୟାରିସ୍, ୨୯।୫:** ରିୟଲ ମାଡ୍ରିଡ୍ ଶନିବାର ୧୪ତମ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଛି। ଦର୍ଶକରେ ପରିପୂର୍ଣ୍ଣ ଷ୍ଟେଡ ଡେ ଫ୍ରାନ୍ସ ଷ୍ଟାଡିୟମରେ ମାଡ୍ରିଡ୍ ୧-୦ ଗୋଲରେ ଲିଭରପୁଲକୁ ହରାଇ ଦେଇଛି। ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଭିନିସିଅସ୍ ଜୁନିୟରଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ସ୍କୋରକୁ ବରାବର କରିବା ପାଇଁ ମହମ୍ମଦ ସାଲାଙ୍କ ନେତୃତ୍ୱାଧୀନ ଲିଭରପୁଲ ଫରୱାର୍ଡ ଲାଇନ ୨୦ରୁ ଅଧିକ ଉଦ୍ୟମ କରିଥିଲା। ସେଥିମଧ୍ୟରୁ ୯ଟି ଟାର୍ଗେଟରେ ବାଜିଥିଲା। ହେଲେ ପ୍ରତ୍ୟେକ ଥର ମାଡ୍ରିଡ୍ ଗୋଲକିପର ଥିବାଉଟ୍ କୋର୍ଟଇଜ୍ ଲିଭରପୁଲ ଉଦ୍ୟମକୁ ବେକାର କରିଥିଲେ। ଅନ୍ୟପକ୍ଷରେ ଚଳିତ ସିଜନରେ ଲିଗ୍ କପ୍ ଓ ଏଫ୍ଏ କପ୍ ଜିତିଥିବା ଲିଭରପୁଲ ଚାମ୍ପିୟନ୍ସ ଲିଗ୍ ଜିତିବାରେ ବିଫଳ ହୋଇଛି। ଗତ ରବିବାର ମାଞ୍ଚେଷ୍ଟର ସିଟି ଆଷ୍ଟୋନ ଭିଲାକୁ ୩-୨ ଗୋଲରେ ହରାଇ ପ୍ରିମିୟର ଲିଗ୍ ଜିତିନେଇଥିଲା।


**ଜନ୍ମଦିନ ଉପଲକ୍ଷେ**



(Alfu)
Barnabhya Mohanty
ତୋର ଏହି ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ ଏତିକି ହିଁ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ: ଜେଜେ, ବାବା, ମାମା, ବନ୍ଧୁ ଓ ପରିବାରବର୍ଗ ।
ଧ-୫୯୮୯୪

**ଜନ୍ମଦିନ ଶୁଭେଚ୍ଛା**



(ସୋନୁ)
ଆରାଧ୍ୟା ଦଳେଇ
ନୂଆପାଟଣା, ନରସିଂହପୁର, କଟକ
ତୋର ସପ୍ତମ ଜନ୍ମବାର୍ଷିକ ଉତ୍ସବରେ ବାବା (ଗଦାଧର ଦଳେଇ), ମାମା (ମନୋରମା ବେହେରା), ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡ଼ୀ, ମାଉସୀ, ପରେଶ, ନରେଶ, ରାହୁଲ, ଟିକିନା, ଲୁସି, ଖୁସି, ରାକେଶ, ଭାଉଜ, ସନ୍ଧ୍ୟା ଓ ଦଳେଇ ପରିବାରବର୍ଗ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଶୁଭ କାମନା କରୁଛୁ।
ଧ-୫୯୮

**HAPPY BIRTHDAY**



Jiban Jena
Many many happy returns of the day. Happy Birthday Chanda Beta
God Bless You.
Baba
ଧ-୪୮୫


# କ୍ୱାର୍ଟରରେ ଜୋକୋଭିଚ୍, ଟ୍ରେଭିସାନ

**ପ୍ୟାରିସ, ୨୯।୫**

ଗତଥରର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ନୋଭାକ ଜୋକୋଭିଚ୍ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସର୍ବୀୟ ଷ୍ଟାର ଖେଳାଳି ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୧୫ତମ ସିଡ୍ ତଥା ଆର୍ଜେଣ୍ଟିନାର ଡିଏଗୋ ସ୍କ୍ୱାର୍ଜମ୍ୟାନଙ୍କୁ ୬-୧, ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୁଇଘଣ୍ଟା ୧୫ ମିନିଟ ଧରି ଚାଲିଥିଲା। ଅନ୍ୟପକ୍ଷରେ ଇଟାଲୀର ମାର୍ଟିନା ଟ୍ରେଭିସାନ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ବେଲାରୁଷର ଆଲେକ୍‌ସାଣ୍ଡ୍ରା ସାସ୍‌ନୋଭିଚ୍‌ଙ୍କ ବିପକ୍ଷରେ ୭-୬ (୧୨-୧୦) ୭-୫ ସେଟ୍‌ରେ ସିଧାସଳଖ ବିଜୟ ହାସଲ କରିଛନ୍ତ ଯିଏକି ଦ୍ୱିତୀୟ ରାଉଣ୍ଡରେ ଏମା ରାଡୁକାନୁଙ୍କୁ ହରାଇ ଦେଇଥିଲେ। ୨୮ ବର୍ଷୀୟା ଟ୍ରେଭିସାନ୍‌ଙ୍କର ରୋଲାଣ୍ଡ ଗାରୋସ୍‌ଠାରେ ଦ୍ୱିତୀୟ ଥର ଅଂଶଗ୍ରହଣ କରିଛନ୍ତି। ୨୦୨୦ରେ ସେ ଏହି ସମାନ ପର୍ଯ୍ୟାୟରେ ଇଗା ସ୍ୱିଟେକଙ୍କଠାରୁ ହାରିଯାଇଥିଲେ। ବିଶ୍ୱର ୫୯ନମ୍ବର ପ୍ରାପ୍ତ ଖେଳାଳି ବର୍ତ୍ତମାନ ଲେଲା ଫର୍ନାଣ୍ଡିଜ୍‌ଙ୍କ ସହ ମୁକାବିଲା କରିବେ। ୨୦୨୧ ୟୁଏସ ଓପନ ରନର୍ସ ଅପ୍ ଲେଲା ୬-୩, ୪-୬, ୬-୩ ସେଟ୍‌ରେ ଆମେରିକାର ଅମାଣ୍ଡା ଆନିସିମୋଭାଙ୍କୁ ହରାଇ ଦେଇଛନ୍ତି। କାନାଡାର ଏହି ସ୍ୱଳ୍ପ ବୟସ୍କା ଖେଳାଳି ପ୍ରଥମ ଥର ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ବିଜୟ ହାସଲ ପରେ ନୋଭାକ ଜୋକୋଭିଚ୍।

## ପ୍ରମୋଦଙ୍କୁ ସ୍ୱର୍ଣ୍ଣ



**ଦୁବାଇ, ୨୯।୫ (ପିଟି):** ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପାରାଲିମ୍ପିକ୍ ଚାମ୍ପିୟନ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମନୀଷା ରାମଦାସ ଡବଲ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ନିକଟରେ ବାହାରିନ ୨୦୨୨ ଇଣ୍ଟରନ୍ୟାଶନାଲରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭଗତ ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍ ୩ କାଟେଗୋରିର ଫାଇନାଲରେ ଅନ୍ୟ ଭାରତୀୟ ଖେଳାଳି ନୀତୀଶ କୁମାରଙ୍କୁ ୧୯-୨୧, ୨୧-୧୭, ୨୧-୧୭ ଗେମ୍‌ରେ ହରାଇ ଦେଇଛନ୍ତି। ମହିଳା ଏସ୍‌ୟୁ ୫ କାଟେଗୋରିରେ ମନୀଷା ୨୧-୧୭, ୨୧-୧୧ ଗେମ୍‌ରେ ଜାପାନର ଆକିକୋ ସୁଗିନୋଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତା'ପରେ ମନଦୀପ କୌରଙ୍କ ସହ ଯୋଡ଼ି କରି ଥାଇଲାଣ୍ଡର ନିପାଡା ସିନସୁପା ଓ ଚାନିଦା ଶ୍ରୀନାବାକୁଲଙ୍କୁ ହରାଇ ଶୀର୍ଷ ସଫଳତା ପାଇଛନ୍ତି। "ସିଙ୍ଗଲ୍ସ ବର୍ଗରେ ମୋ ବିଜୟଧାରା ଜାରି ରଖିଥିବାରୁ ଅତ୍ୟନ୍ତ ଖୁସି। ଏହି ବିଜୟ କାନାଡା ଇଣ୍ଟରନ୍ୟାଶନାଲ ଲାଗି ପ୍ରସ୍ତୁତି ଓ ଟ୍ରେନିଂରେ ମୋତେ ସହାୟତା କରିବ" ବୋଲି ଭଗତ କହିଛନ୍ତି।

# ଏସିଆ କପ୍ ହକି ସୁପର ୪: ଭାରତ-ମାଲେସିଆ ମ୍ୟାଚ ଡ୍ର

**ଜାକର୍ତ୍ତା, ୨୯।୫ (ପି.ଟି.)**

ଏସିଆ କପ୍ ହକି ଟୁର୍ନାମେଣ୍ଟ ସୁପର-୪ ପର୍ଯ୍ୟାୟରେ ରବିବାର ଭାରତ ଓ ମାଲେସିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୩-୩ରେ ଡ୍ର ଭାବେ ଶେଷ ହୋଇଛି। ମ୍ୟାଚରେ ମାଲେସିଆ ପକ୍ଷରୁ ରେଜି ରହିମ (୧୨ତମ, ୫୬ତମ ଓ ୫୬ତମ ମିନିଟ) ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ଏହି ସମସ୍ତ ଗୋଲ ସେ ତିନୋଟି ପେନାଲ୍ଟି କର୍ନର ଜରିଆରେ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ପ୍ରଥମେ ୦-୨ରେ ପଛୁଆ ରହିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ବିଷ୍ଣୁକାନ୍ତ ସିଂ (୩୨ତମ), ଏସ୍‌ଭି. ସୁନୀଲ (୫୩ତମ) ଓ ନୀଲମ ସଞ୍ଜୀପ ଖେସ୍ (୫୫ତମ) ଗୋଲ ସ୍କୋର କରିଥିଲେ। ଭାରତ ସୁପର-୪ରେ ପୂର୍ବରୁ ଶନିବାର ଜାପାନକୁ ୨-୧ ଗୋଲରେ ହରାଇ ଦେଇଥିଲା। ଏଣେ ଅନ୍ୟ ସୁପର-୪ ମ୍ୟାଚରେ ଦକ୍ଷିଣ କୋରିଆ ୩-୧ରେ ଜାପାନକୁ ପରାସ୍ତ କରିଛି। ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି। ଦକ୍ଷିଣ କୋରିଆ ପୂର୍ବରୁ ମାଲେସିଆ ବିପକ୍ଷ ଏହାର ମ୍ୟାଚ ୨-୨ ଗୋଲରେ ଡ୍ର ରଖିଥିଲା। ଭାରତ (୫-୪)ଠାରୁ ଗୋଲ ବ୍ୟବଧାନ ଦୃଷ୍ଟିରୁ ଗୋଟିଏ ଗୋଲ ଆଗରେ ଥିବାରୁ ଦକ୍ଷିଣ କୋରିଆ (୫-୩) ସୁପର-୪ ଟେବଲର ପ୍ରଥମ ସ୍ଥାନରେ ରହିଛି। ଜାପାନ ଦୁଇଟି ମ୍ୟାଚରେ ପରାଜୟ ବରଣ କରିସାରିଥିବାରୁ ଏହାର ଫାଇନାଲ ଖେଳିବା ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ମାଲେସିଆକୁ ଫାଇନାଲ ଖେଳିବାକୁ ହେଲେ ଅନ୍ୟ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। ପ୍ରଥମତଃ ମାଲେସିଆକୁ ଜାପାନ ବିପକ୍ଷ ମ୍ୟାଚ ଅତି କମ୍‌ରେ ୨ ଗୋଲ ବ୍ୟବଧାନରେ ଜିତିବାକୁ ପଡ଼ିବ। ଏହାଛଡ଼ା ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର ହେବା ଦରକାର।



ଭାରତ-ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପାରାମାଉଣ୍ଟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୯।୫**

ପାରାମାଉଣ୍ଟ ସ୍ପୋର୍ଟ୍ସ ଖେଳପଡ଼ିଆରେ ରବିବାର ପାରାମାଉଣ୍ଟ ୧୬ ବର୍ଷରୁ କମ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ସର୍ଭିସେସ୍ ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ପାରାମାଉଣ୍ଟ ସ୍ପୋର୍ଟିଂର ଖେଳାଳି ସୌମ୍ୟରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ପ୍ରତାପ ଜେନା ଓ ସଂପାଦକ ଅଶୋକ ପାତ୍ର ଉପସ୍ଥିତ ଥିଲେ।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଜୁଭେନାଇଲ କ୍ରିକେଟ ଏକାଡେମୀ ୪ ଉଇକେଟରେ ସହିଦ ସ୍ପୋର୍ଟିଂକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପାଇଁ ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ଅପରାଜିତ ୧୨୬ (୧୫ ଚୌକା ଓ ୬ ଛକା) ରନ୍‌ର ପାଳି ଖେଳିଥିବା ବେଳେ ଅନ୍ୟ କେହି ଆଖି ଦୃଶିଆ ସ୍କୋର କରିପାରି ନ ଥିଲେ। ଜବାବରେ ମୟଙ୍କ ପଟ୍ଟନାୟକ(୫୮)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ଜୁଭେନାଇଲ ୩୪.୨ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚ୍‌କୁ ଅମ୍ପାୟର ଭାବେ ତପନ ବେହେରା ଓ ମିନାଲ ପରିଡ଼ା ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳିଥିବା ଦିବ୍ୟଜ୍ୟୋତିଙ୍କୁ ଅତିଥି ଭାବେ ପୂର୍ବତନ କ୍ରିକେଟର ଦୀପ୍ତିରଞ୍ଜନ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୨୯।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ହାଇଦ୍ରାବାଦଠାରେ ଚାଲିଥିବା ୨୩ତମ ଉପକନିଷ୍ଠ ଜାତୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ୪ରୁ ୪ ଏବଂ ବାଳିକା ଦଳ ୪ରୁ ୩ ମ୍ୟାଚ୍ ଜିତି ନକ୍ଆଉଟ୍ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବାଳକ ବିଭାଗରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ବିହାରକୁ ହରାଇବା ପରେ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ପୁଡୁଚେରୀ, ପଞ୍ଜାବ ଓ ତାମିଲନାଡୁକୁ ପରାସ୍ତ କରିଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ୨-୦ରେ ଜିତିଥିବା ଓଡ଼ିଶା ପୁଲ୍ ବିଜେତା ଭାବେ କ୍ୱାର୍ଟର ଫାଇନାଲକୁ ଉଠିଛି। ସେହିଭଳି ବାଳିକା ବିଭାଗରେ କର୍ନାଟକ, ପୁଡୁଚେରୀ ଓ ବିହାରକୁ ୨-୦ରେ ଓଡ଼ିଶା ହରାଇଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶଠାରୁ ୨-୧ରେ ଓଡ଼ିଶା ପରାସ୍ତ ହୋଇଥିଲା। ଏହି ପରାଜୟ ସତ୍ତ୍ୱେ ଓଡ଼ିଶା ବାଳିକା ଦଳ ନକ୍ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି।



ଓଡ଼ିଶା ବାଳିକା ଓ ବାଳକ ଦଳ।

## ଜୋର୍ଡାନଠୁ ହାରିଲା ଭାରତ

**ନୂଆଦିଲ୍ଲୀ, ୨୯।୫:** ଶନିବାର ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଜୋର୍ଡାନଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଷ୍ଟାର ସୁନୀଲ ଛେତ୍ରୀ ଅନ୍ତର୍ଜାତୀୟ ସ୍ତରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୭ ବର୍ଷୀୟ ଛେତ୍ରୀ ଅନ୍ତିମ ଥର ୨୦୨୧ ଅକ୍ଟୋବରରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଫିଫା ର୍‍ୟାଙ୍କିଂରେ ୯୧ତମ ସ୍ଥାନରେ ଥିବା ଜୋର୍ଡାନ ପାଇଁ ମନ୍ଥର ଆବୁ ଆମାରା (୭୫ତମ ମିନିଟ୍) ଏବଂ ଆବୁ ଜରାଇକ୍ (୯୦+୪) ଗୋଲ ଦେଇଥିଲେ। ଭାରତର ଗୋଟିଏ ବି ଶଟ୍ ଟାର୍ଗେଟରେ ବାଜି ନ ଥିଲା।


**DAYANAND INSTITUTE**
Dhanupali, Sambalpur- 768005
Helpline- 8763032588, 9938895475, 9437158817
**ADMISSION OPEN**
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA
B.P.A. (+3) - Eligibility- +2 Any Stream
Affiliated to Utkal University of Culture,
Recognized by Govt. of Odisha
OFFICE TIME 8AM TO 1PM
Please visit at – dayanandgroupofinstitution.co.in


# କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ: ଫାରୁଖ ଚାମ୍ପିୟନ

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

କିଟ୍ ପରିସରରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ରବିବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ 'ଏ' ବର୍ଗରେ ତାଜିକସ୍ତାନ ଗ୍ରାଣ୍ଡମାଷ୍ଟର ଆମୋନାଟୋଭ ଫାରୁଖ (୨୬୨୨ ରେଟିଂ) ଚାମ୍ପିୟନ ହୋଇଛନ୍ତି। ସେ ୮.୫ ପଏଣ୍ଟ ପାଇଛନ୍ତି। ବେଲାରୁଷ ଗ୍ରାଣ୍ଡମାଷ୍ଟର ସ୍ଟୁପକ କିରିଲ (୨୪୪୦) ୭.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରୁଷିଆ ଗ୍ରାଣ୍ଡମାଷ୍ଟର ସାଭଚେଙ୍କୋ ବୋରିସ (୨୫୨୪), ଭାରତୀୟ ଅନ୍ତର୍ଜାତୀୟ ମାଷ୍ଟର ଅଡି ଅମିୟ (୨୩୮୯), ବେଲାରୁଷ ଗ୍ରାଣ୍ଡମାଷ୍ଟର ଫେଦୋରୋଭ ଆଲେକ୍ସି (୨୫୨୯), ଆଲେଖଜାଣ୍ଡ୍ରୋଭ ଆଲେକ୍ସେଜ (୨୪୯୨), ଆଜରବୈଜାନ ଗ୍ରାଣ୍ଡମାଷ୍ଟର ମିର୍ଜୋଏଭ ଆଝେର (୨୪୭୬), ଜର୍ଜିଆ ଅନ୍ତର୍ଜାତୀୟ ମାଷ୍ଟର ଆଜାଲାଜେ ଶୋଟା (୨୪୨୦), ବେଲାରୁଷ ଅନ୍ତର୍ଜାତୀୟ ମାଷ୍ଟର ନିକିତେଙ୍କୋ ମିହାଇଲ (୨୪୭୯) ଓ ଭାରତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଅର୍ପିତା ମୁଖାର୍ଜୀ (୨୨୭୫) ଆଦି ୭.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର 'ସି' ବର୍ଗରେ ସଞ୍ଜୀବ ମାଲି ୯ ରାଉଣ୍ଡରୁ ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଜ୍ଞାନ ସାଇ ସନ୍ତୋଷ ୮ ଓ କିଟ୍‌ର ଫକିର ମାଝି ୭.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅତିରିକ୍ତ ପୋଲିସ ଡିଜି (ସିଏଡବ୍ଲ୍ୟୁ ଆଣ୍ଡ ସି ଡବ୍ଲ୍ୟୁ) ରେଖା ଲୋହାନି ମୁଖ୍ୟ ଅତିଥି, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜନ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି. ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଭବେଶ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲରେ ପୁରସ୍କୃତ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଓପନ ଚେସ୍: ରାଜେନ୍ଦ୍ର ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ରବିବାର ୩ୟ ନୃସିଂହ ଚରଣ ମିଶ୍ର ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜେନ୍ଦ୍ର କୁମାର ସାହୁ ଓ ସଞ୍ଜୀବନ ନାୟକ ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ରାଜେନ୍ଦ୍ର ଚାମ୍ପିୟନ ଓ ସଞ୍ଜୀବନ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ସୁମିତ ଓଝା, ଅଶୋକ କୁମାର ମହାନ୍ତି, ପ୍ରବୋଧ କୁମାର ମିଶ୍ର, ଦେବୀ ପ୍ରସାଦ ନାୟକ, ମାନସ ରଞ୍ଜନ ପରିଡ଼ା, ଗିରିଧାରୀଲାଲ ଅଗ୍ରୱାଲ ଓ ବିଶ୍ୱନାଥ ମହାପାତ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନଭିତ୍ତିରେ ୮, ୧୦, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଟାଙ୍ଗିସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲର ପ୍ରିନ୍ସିପାଲ ପ୍ରବୋଧ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭବାନୀ ଶଙ୍କର ମହାପାତ୍ର, ମମତା ମହାପାତ୍ର, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଭୋଳା, ଚନ୍ଦକା, ଖୋର୍ଦ୍ଧା
ସୁଲା, ଗଲଯେ ଫେରିଲନି, ତୁମେ ଯେଉଁଠି ଥାଅ ଭଲରେ ଥାଅ। ପ୍ରଭୁ ଗୋପେଶ୍ୱରଙ୍କ ଦୟାରୁ ତୁମ ପୁଅ ରାଜୁ, ରିକୁ, ଜ୍ୟାକି, ବୋହୂ ମାମି, ଲିପି, ଦିପି ଓ ତୁମ ନାତି ମହାରଥି କର୍ଣ୍ଣ, ଯାଆ ଟିକି, ନଣନ୍ଦ ଶାନ୍ତି, ସୁକାନ୍ତି, ଭାଉଜ ନିରୁପମା, ଭଉଣୀ- ବନ୍ଦନା, ଝିଆରି: ପିଙ୍କି, ସମୁଦୁଣୀ ମିନୁ, ସଂଯୁକ୍ତା, ବିନୋଦିନୀଙ୍କ ସହିତ ଭଲରେ ଅଛି। ଏ ଜନ୍ମରେ ଆଉ ଦେଖା ହବନି, ପର ଜନ୍ମ ଯଦି ଥାଏ ଆର ଜନ୍ମରେ ନିଶ୍ଚିତ ଦେଖାହେବା ମୁଁ ସେ ପର୍ଯ୍ୟନ୍ତ ଅପେକ୍ଷାରେ ରହିଲି।
ଇତି ତୁମର ଚିର ଦୁଃଖୀ
ହତଭାଗ୍ୟ ସ୍ୱାମୀ ରାମ
ଧ-୫୯୭

**ପ୍ରଥମ ଶ୍ରାଦ୍ଧବାର୍ଷିକ**



ଂ ପର୍ଶୁରାମ ମହାପାତ୍ର
କୁଦିଆରୀ, ମେଳନପଡ଼ିଆ
ଆବିର୍ଭାବ - ୨୨.୦୫.୧୯୫୫
ତିରୋଧାନ- ୧୦.୦୫.୨୦୨୧
ଦେଖୁଦେଖୁ ଗୋଟିଏ ବର୍ଷ ବିତିଗଲା। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆଜି ବି ମନେପଡେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ- ସୋଭାଗିନୀ, ପୁଅ-ଦୀପୁ ଓ ପରିବାରବର୍ଗ ।
ଧ-୫୯୯

# ତମାଖୁର ଭୟାବହତା


ଡା. ନିତ୍ୟାନନ୍ଦ ସ୍ୱାଇଁ

**ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**





ଧୂମପାନ ହେଉ କି ତମାଖୁ ସେବନର ଭୟାବହତା ବିଷୟରେ ଆମକୁ ଚେତେଇ ଚାଲିବାରେ ଚିକିତ୍ସକମାନେ କୌଣସି ଊଣା କରିନାହାନ୍ତି। ଅଥଚ ଆମ୍ଭମାନଙ୍କ ମଧ୍ୟରୁ ଅନେକେ ଏହି ପରାମର୍ଶକୁ ଏ କାନରେ ଶୁଣି ସେ କାନରେ ବାହାର କରିଦେଉଛନ୍ତି। କାହିଁକି ସେମାନେ ଟାଣି ଚାଲିଛନ୍ତି ପ୍ୟାକେଟ୍ ପ୍ୟାକେଟ ସିଗାରେଟ୍, କଠା କଠା ବିଡି ? କିଏ ପିକା ଟାଣୁଛି ତ କିଏ ଗୁଣ୍ଡିପାନ ଖାଉଛି। କିଏ ଗୁଟ୍‌ଖା ଖାଉଛି ତ କିଏ ଗୁଡାଖୁରେ ଦାନ୍ତ ଘଷୁଛି। ଆଉ କିଏ ଶୁଙ୍ଘୁଛି ନାସ। ଏସବୁର ମୁଖ୍ୟ ଉପାଦନ ତମାଖୁ ଏବଂ ତମାଖୁ ବା ଧୂଆଁପତ୍ରର ଗୋଟିଏ ବୋଲି ହିତକର ଗୁଣ ନାହିଁ। ତେବେ କାହିଁକି ସେମାନଙ୍କର ଏଭଳି ପାଗଳାମି ?

ଏହି ପରପ୍ରେକ୍ଷୀରେ ଦେଖିଲେ ତମାଖୁ ଏବଂ ଅନ୍ୟପ୍ରକାର ନିଶା ବ୍ୟବହାରକୁ ବର୍ଜନ କରିବା ନିମନ୍ତେ ଜନସଚେତନତା ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମେ ୩୧ରେ ପାଳିତ ହେଉଛି 'ବିଶ୍ୱ ତମାଖୁ ବର୍ଜନ ଦିବସ' (ୱାର୍ଲ୍ଡ ନୋ ଟବାକୋ ଡେ)। ଏହି ଦିବସରେ ତଥା ବର୍ଷସାରା ତମାଖୁର ଆସକ୍ତି ସୃଷ୍ଟିକାରୀ ଏବଂ କ୍ଷତିକାରୀ ପ୍ରକୃତି ସମ୍ବନ୍ଧରେ ଜନସାଧାରଣମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ତମାଖୁ ବ୍ୟବହାରରେ କଟକଣା ଜାରି କରିବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିବା ଦରକାର। ଚଳିତବର୍ଷର ତମାଖୁ ବର୍ଜନ ଦିବସର ଥିମ୍ ହେଉଛି 'ତମାଖୁ ପରିବେଶ ପ୍ରତି ବିପଦ'।

ବାସ୍ତବରେ ତମାଖୁରେ ଥିବା ରାସାୟନିକ ଉପାଦାନମାନ ସେମାନଙ୍କର ମସ୍ତିଷ୍କକୁ ଏପରି ଆସକ୍ତ କରି ଦେଇଥାଆନ୍ତି ଯେ, ତମାଖୁ ପାଇବା ପାଇଁ ସେମାନଙ୍କର ମସ୍ତିଷ୍କ ଆକୁଳରେ ରଡି ଛାଡିଥାଏ। ସେମାନଙ୍କ ପାଇଁ ଧୂମପାନ ତଥା ତମାଖୁ ବ୍ୟବହାର ହୋଇପଡେ ଭୋକ କଲେ ଖାଇବା ପ୍ରକାରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ତମାଖୁ ନ ପାଇଲେ ସେମାନଙ୍କ ପାଇଁ ଏହା ଉପବାସ ରହିବା ଭଳି। ହେଲେ ଏଥିପାଇଁ ଧୂମପାନକାରୀମାନଙ୍କୁ ଯେ କି ମୂଲ୍ୟ ଦେବାକୁ ପଡୁଛି ସେମାନେ ତାହା ଜାଣି ମଧ୍ୟ ଅଜଣା ପରି ଆଚରଣ ଦେଖାଉଛନ୍ତି। ଫଳରେ ଏହାର କୁପରିଣାମ ସେମାନେ ଭୋଗୁଛନ୍ତି, ଭୋଗୁଛନ୍ତି ସେମାନଙ୍କର ପରିବାର ଏବଂ ଭୋଗୁଛି ସ୍ୱାସ୍ଥ୍ୟ ବିଭାଗ।

ମଣିଷର ଅନ୍ୟାନ୍ୟ ଉଦ୍ଭାବନଗୁଡିକଠାରୁ ଧୂମପାନର ଉଦ୍ଭାବନ ଏକ ବ୍ୟତିକ୍ରମ। ମଣିଷ ଧୂମପାନ ଉଦ୍ଭାବନ କରିଥିଲା ଏକ ଅଶୁଭ ମୁହୂର୍ତ୍ତରେ। ସିଗାରେଟ୍ ଟାଣୁଥିବା ବ୍ୟକ୍ତି ଧୂଆଁ ଛାଡୁଥିବା ବେଳେ ସେମାନଙ୍କ ପାଖରେ ଠିଆ ହୋଇଥିବା ଲୋକଗୁଡାକ ବି ପାଲଟି ଯାଆନ୍ତି ପରୋକ୍ଷ ସିଗାରେଟ୍ ଟଣାଳି। ମାଆ ଗର୍ଭରେ ବଢୁଥିବା ଭ୍ରୂଣ, ସ୍କୁଲକୁ ଯାଉଥିବା ଶିଶୁ, ଯୁବତୀ, ବରିଷ୍ଠ ନାଗରିକ ଆଦି ସମସ୍ତଙ୍କ ପ୍ରତି ପରୋକ୍ଷ ଧୂମପାନ ଅତ୍ୟନ୍ତ ଆତଙ୍କର କାରଣ। କାରଣ ନିଜେ ସିଗାରେଟ୍‌ର ଧାର ନ ଧରି ସେମାନେ ଭୋଗିପାରନ୍ତି ସିଗାରେଟ୍ ଧୂଆଁଜାତ ଫୁସଫୁସ କ୍ୟାନସର, ହୃଦରକ୍ତନଳୀ ରୋଗ, ଅଗ୍ନ୍ୟାଶୟ କ୍ୟାନସର, ଦୀର୍ଘକାଳୀନ ବ୍ରୋଙ୍କାଇଟିସ୍ ଇତ୍ୟାଦି।

ସିଗାରେଟ୍ ହେଉଛି ଏକମାତ୍ର ଖାଉଟି ଦ୍ରବ୍ୟ ଯାହା ଖାଉଟିଙ୍କୁ ଖାଇଦିଏ। ଯେଉଁ ମୃତ୍ୟୁକୁ ସହଜରେ ନିବାରଣ କରାଯାଇପାରେ ସେହି ମୃତ୍ୟୁକୁ ସୁଗମ କରିଦେଉଛି ତମାଖୁ। ତାହା କବଳରେ ପଡି ପ୍ରତିବର୍ଷ ପୃଥିବୀର ୬୦ ଲକ୍ଷରୁ ଅଧିକ ଲୋକ ଅକାଳରେ ମୃତ୍ୟୁବରଣ କରିବାପାଇଁ ବାଧ ହେଉଛନ୍ତି। ଯଦି ସାମ୍ପ୍ରତିକ ଧାରା ଅବ୍ୟାହତ ରହେ, ତେବେ ୨୦୩୦ ମସିହା ବେଳକୁ ସେହି ହତଭାଗ୍ୟ ଅକାଳ ମୃତକମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ହୋଇଥିବେ ଦରିଦ୍ର ଦେଶଗୁଡିକର ବାସିନ୍ଦା।




ଯଦି ନିବାରଣମୂଳକ ଆଶୁ ପଦକ୍ଷେପ ନିଆ ନ ଯାଏ, ତେବେ ଏଇ ଶତାବ୍ଦୀ ଶେଷ ବେଳକୁ ତମାକୁ ହାତରେ ହତ ହୋଇଥିବେ ପୃଥିବୀର ଶହେକୋଟି କି ତାହାଠାରୁ ବେଶୀ ଲୋକ। ଆମ ଭାରତ ମଧ୍ୟ ଏ ଦିଗରୁ ଆଦୌ ସୁରକ୍ଷିତ ନୁହେଁ। ତମାଖୁ ମହାମାରୀ ଭାରତର ମଧ୍ୟ ଅନ୍ୟତମ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ୩୦–୬୯ ବର୍ଷ ବୟସ୍କ ଭାରତୀୟମାନଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଧୂମପାନ ସମ୍ବନ୍ଧିତ ବ୍ୟାଧିଗୁଡିକରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାଆନ୍ତି। ମହିଳମାନଙ୍କ ମଧ୍ୟରୁ ପାଖାପାଖି ୫୦ ଲକ୍ଷ ମହିଳା କୌଣସି ନା କୌଣସି ତମାଖୁଜାତ ଦ୍ରବ୍ୟ ବ୍ୟବହାର କରୁଥିବାର ଦେଖାଯାଉଛି। ସେମାନଙ୍କ ମଧ୍ୟରୁ ୯୦,୦୦୦ ମହିଳାଙ୍କ ମୃତ୍ୟୁ ହୋଇଥାଏ ଧୂମପାନ ଯୋଗୁ। ଭାରତରେ ପରିଲକ୍ଷିତ ହେଉଥିବା କ୍ୟାନ୍‌ସର ରୋଗୀମାନଙ୍କ ମଧ୍ୟରୁ ତମାଖୁ କ୍ୟାନ୍‌ସର ରୋଗୀ ବେଶି।

ତମାଖୁ ବ୍ୟବହାର କରିବା ନିମିତ୍ତ କୌଣସି ଆଇନଗତ ବାଧା ନାହିଁ। ଅଥଚ ନିୟମିତ ତମାଖୁ ବ୍ୟବହାରକାରୀଙ୍କ ମଧ୍ୟରୁ ଅଧାଅଧି ସଂଖ୍ୟକ ବ୍ୟବହାରକାରୀଙ୍କ ମୃତ୍ୟୁ ପାଇଁ ତମାଖୁ ହିଁ ଦାୟୀ। ଜଣେ ବ୍ୟକ୍ତି ଧୂମପାନ କଲେ ତାଙ୍କର ଫୁସଫୁସ୍‌ରେ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍‌ର ମାତ୍ରା ବଢ଼ିଯାଏ। କାଳବିଳମ୍ବ ନ କରି ଏହି ବିଷାକ୍ତ ଗ୍ୟାସ୍ ଶୋଷିତ ହୋଇଯାଏ ରକ୍ତ ଭିତରକୁ। ରକ୍ତରେ ଏହାର ଉପସ୍ଥିତି ଯୋଗୁ ରକ୍ତର ଅକ୍ସିଜେନ ବହନକାରୀ କ୍ଷମତା ହ୍ରାଇ ପାଇଥାଏ। ଫଳରେ ଶରୀରର ଜୀବକୋଷଗୁଡିକୁ ଅକ୍ସିଜେନ୍ ଯୋଗାଇବା ନିମନ୍ତେ ହୃତ୍‌ପିଣ୍ଡକୁ କରିବା ପାଇଁ ପଡେ ଅଧିକ ପରିଶ୍ରମ।

**ଫାଷ୍ଟ ହ୍ୟାଣ୍ଡ, ସେକେଣ୍ଡ ହ୍ୟାଣ୍ଡ, ଥାର୍ଡ ହ୍ୟାଣ୍ଡ ସ୍ମୋକ୍ :** କେହି ଜଣେ ସିଗାରେଟ୍ ଟାଣୁଥିବା ବେଳେ ତା' ନିଜ ଫୁସଫୁସ ଭିତରକୁ ଯେଉଁ ସିଗାରେଟ୍ ଧୂଆଁ ପ୍ରବେଶ କରିଥାଏ, ସେହି ଧୂଆଁକୁ କୁହାଯାଏ 'ଫାଷ୍ଟ ହ୍ୟାଣ୍ଡ ସ୍ମୋକ୍'। ସେମାନେ ସିଗାରେଟ୍ ଟାଣି ଯେଉଁ ଧୂଆଁ ଛାଡନ୍ତି ସେହି ଧୂଆଁ ଟାଣି ସାରିବା ପରେ ଜଳି ଚାଲିଥିବା ସିଗାରେଟ୍‌ର ବାକି ଅଂଶର ଧୂଆଁ ବାୟୁରେ ମିଶି ଅନ୍ୟମାନଙ୍କ ଫୁସ୍‌ଫୁସ୍ ଭିତରକୁ ଗଲେ ତାହାକୁ କୁହାଯାଏ 'ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍'। କିନ୍ତୁ ସେହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କେଶ, ଚର୍ମ, ପୋଷାକ, ଆସବାବପତ୍ର, ବିଛଣାଚଦର, ପରଦା, ଗାଲିଚା, କାନ୍ଥ, ଧୂଳିକଣା ତଥା ଯାନବାହନ ଉପରେ ଲାଗି ରହିଲେ ତାକୁ କୁହାଯାଏ 'ଥାର୍ଡ ହ୍ୟାଣ୍ଡ ସ୍ମୋକ୍'। ଏହି ଥାର୍ଡ ହ୍ୟାଣ୍ଡ ସ୍ମୋକ୍ ମଧ ସ୍ୱାସ୍ଥ୍ୟହାନି କରିବାର ଆଶଙ୍କା ରହିଛି।

ସୁତରାଂ ଧୂମପାନ କରୁ ନ ଥିବା ବ୍ୟକ୍ତିଙ୍କୁ ଥାର୍ଡ ହ୍ୟାଣ୍ଡ ସ୍ମୋକରୁ ସୁରକ୍ଷିତ ରଖିବା ନିମନ୍ତେ ନିଜର ବାସଗୃହ, ଯାନବାହନ ତଥା ହୋଟେଲ ଆଦି ସର୍ବସାଧାରଣସ୍ଥଳଗୁଡିକୁ ଧୂମପାନମୁକ୍ତ ରଖିବା ଅପରିହାର୍ଯ୍ୟ।

**ଧୂମପାନର କ୍ଷତିକାରୀ ପ୍ରଭାବ :** ଜାଣି ରଖନ୍ତୁ ଯେ, ତମାଖୁ ଧୂଆଁରେ ଥାଏ ୪୦୦୦ରୁ ଅଧିକ ସଂଖ୍ୟକ କ୍ଷତିକାରୀ ରାସାୟନିକ ଉପାଦାନ। ସେଗୁଡିକ ମଧ୍ୟରୁ ୬୦ ପାଖାପାଖି ଉପାଦାନରେ ରହିଛି କ୍ୟାନସର ସୃଷ୍ଟିକାରୀ ପ୍ରଭାବ। ଧୂମପାନ କଲେ ଯେଉଁସବୁ ସ୍ୱାସ୍ଥ୍ୟହାନି ଘଟିଥାଏ ସେଗୁଡିକ ହେଲା–

**ମସ୍ତିଷ୍କ ଓ ମାନସିକ ପ୍ରଭାବ :** ଷ୍ଟ୍ରୋକ୍ ବା ବ୍ରେନ୍ ଆଟାକ୍, ଆସକ୍ତି ଓ ପ୍ରତ୍ୟାହାର ସମ୍ପର୍କିତ ଲକ୍ଷଣ, ମସ୍ତିଷ୍କରେ ରାସାୟନିକ ପରିବର୍ତ୍ତନ ଓ ଉତ୍କଣ୍ଠା ।
**ନାକ :** ଗନ୍ଧ ବାରିବା କ୍ଷମତା ହ୍ରାସ ।
**ଦାନ୍ତ :** ସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଓ ଦାଗ, ଦାନ୍ତ ଉପରେ ଜମି ଯାଇଥିବା ପ୍ଲାକ୍ ଏବଂ ମାଢ଼ି ପ୍ରଦାହ ।
**ପାଟି ଓ ଗଳା :** ଓଠ, ପାଟି, ଗଳା ଓ ସ୍ୱର ଯନ୍ତ୍ରରେ କ୍ୟାନ୍‌ସର ଏବଂ ସ୍ୱାଦ ହ୍ରାସ ।
**ଶ୍ୱାସକ୍ରିୟା ଓ ଫୁସଫୁସ୍ :** ଫୁସଫୁସ୍ କ୍ୟାନସର, କାଶ, କଫ ଓ ଶ୍ୱାସ କଷ୍ଟ, ଦୀର୍ଘମକାଳୀନ ଫୁସଫୁସୀୟ ରୋଗ ଓ ଯକ୍ଷ୍ମା ରୋଗର ଜଟିଳତା ବୃଦ୍ଧି ।
**ଯକୃତ୍ :** ଯକୃତ୍ ବା ଲିଭର କ୍ୟାନସର।
**କିଡ୍‌ନୀ ଓ ମୂତ୍ରାଶୟ :** କିଡନୀ ଓ ମୂତ୍ରାଶୟ କ୍ୟାନସର।
**ପୁରୁଷ ପ୍ରଜନନତନ୍ତ୍ର :** ଶୁକ୍ରାଣୁଗୁଡିକର ଆକୃତିରେ ପରିବର୍ତ୍ତନ ଓ ଚଳନ କ୍ଷମତା ହ୍ରାସ, ବନ୍ଧ୍ୟାତ୍ୱ ଏବଂ କ୍ଳିବତ୍ୱ ।
**ଚର୍ମ :** କୁଞ୍ଚିତ ଚର୍ମ ଓ ଅକାଳ ବାର୍ଦ୍ଧକ୍ୟ ।
**ଆଖି :** ଯନ୍ତ୍ରଣା, ଲୁହ ଗଡିବା, ଅନ୍ଧତ୍ୱ, ମୋତିଆବିନ୍ଦୁ ବା କ୍ୟାଟରାକ୍ଟ ।
**ହୃତ୍‌ପିଣ୍ଡ ବା ହାର୍ଟ :** ହାର୍ଟ ଆଟାକ ଓ ହାର୍ଟ ବ୍ଲକ୍ ।
**ଛାତି :** ଖାଦ୍ୟବାହୀ ନଳୀ ବା ଏସୋଫାଗସର କ୍ୟାନ୍‌ସର ।
**ପେଟ :** ପାକସ୍ଥଳୀ ଓ ଗ୍ରହଣୀରେ ଘାଆ, ପାକସ୍ଥଳୀ, ଅଗ୍ନ୍ୟାଶୟ ଓ ବୃହଦନ୍ତ୍ରରେ କ୍ୟାନ୍‌ସର।
**ହାଡ :** ଅଷ୍ଟିଓପୋରୋସିସ କ୍ୟାନ୍‌ସର ।
**ମହିଳା ପ୍ରଜନନ ତନ୍ତ୍ର :** ଯନ୍ତ୍ରଣାଦାୟକ ଋତୁସ୍ରାବ, ସର୍ଭିକ୍ସର କ୍ୟାନ୍‌ସର, ବନ୍ଧ୍ୟାତ୍ୱ, ଗର୍ଭଧାରଣରେ ବିଳମ୍ବ ।
**ଇନସୁଲିନ୍ ଅଣନିର୍ଭରଶୀଳ :** ଡାଇବେଟିସ ।
**ପ୍ରତିରକ୍ଷାତନ୍ତ୍ର :** ପ୍ରତିରକ୍ଷାତନ୍ତ୍ର ଦୁର୍ବଳ ।
**ରକ୍ତ :** ରକ୍ତ କ୍ୟାନସର ବା ଲିଭକେମିଆ।

–ଅଭୀପ୍‌ସା, ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୯୪୩୭୭୬୬୧୧୭

# ମାନସିକତାକୁ ପ୍ରଭାବିତ କରେ ଜଳବାୟୁ ପରିବର୍ତ୍ତନ



ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଳବାୟୁ ଯେଉଁଭଳି ଭାବରେ ପ୍ରଭାବିତ ହୋଇଛି ତାହା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏଥିଯୋଗୁ ମନୁଷ୍ୟ ସମାଜ, ପଶୁପକ୍ଷୀ ଏବଂ ବୃକ୍ଷଲତାଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକୁ ଦିନ କଳକାରଖାନା ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଏହାର ସଂସ୍ପର୍ଶରେ ଆସି ଆମେ କେତେକ ରୋଗର ମଧ୍ୟ ସମ୍ମୁଖୀନ ହେଉଛେ। ତେବେ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରିବା ସମୟରେ ୟୁନିଭର୍ସିଟି ଓଫ ସିଡନୀ ବିଶେଷଜ୍ଞମାନେ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ପ୍ରକାଶିତ ରିପୋର୍ଟରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ କେତେକ ବ୍ୟକ୍ତିଙ୍କର ମାନସିକତାକୁ ପ୍ରଭାବିତ କରିଥାଏ। ବିଶେଷଭାବରେ ଏପରି ବିଷୟକୁ ନେଇ ତର୍ଜମା କରିବା ବେଳେ ସେମାନଙ୍କର ମାନସିକତା ସମୟେ ସମୟେ ନକାରାତ୍ମକ ହୋଇଯାଏ। ତେବେ ସେମାନେ ଏପରି ମାନସିକତାଠାରୁ ନିଜକୁ ଦୂରେଇ ରଖିବା ଦରକାର ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଅତ୍ୟଧିକ ସ୍ମାର୍ଟ ଫୋନ୍ ବ୍ୟବହାର କଲେ..



ଆଜିକାଲି ସ୍ମାର୍ଟଫୋନ୍ ବ୍ୟବହାର ଏକ ସାଧାରଣ କଥା ପାଲଟିଗଲାଣି। କେବଳ ଯୋଗାଯୋଗ ନୁହେଁ, ଶିକ୍ଷା ଏବଂ ଆଉ କେତେକ କ୍ଷେତ୍ରରେ ଏହାକୁ ଉପଯୋଗ କରାଯାଉଛି। କିନ୍ତୁ ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅଧିକାଂଶ ସମୟ ସ୍ମାର୍ଟଫୋନ୍ ସହ ସମୟ କଟାଇଥାଆନ୍ତି। ଏପରି କି କେତେକଙ୍କର ଏହା ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏପରି କ୍ଷେତ୍ରରେ ତାହା ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତାହା କ'ଣ ଜାଣନ୍ତି ? ଅବସାଦ। ଅର୍ଥାତ୍ ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ସମୟ ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି, ତେବେ ସେ ଅବସାଦର ସମ୍ମୁଖୀନ ହେବାର ଆଶଙ୍କା ରହିଛି। 'ସ୍ମାର୍ଟଫୋନ୍ ବ୍ୟବହାର ଏବଂ ଅବସାଦ' ଶୀର୍ଷକ ବିଷୟକୁ ନେଇ ଦକ୍ଷିଣ କୋରିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅତ୍ୟଧିକ ସମୟ ଏହାକୁ ବ୍ୟବହାର କରୁଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କର ମାନସିକ ସ୍ଥିତିକୁ ତନ୍ନ ତନ୍ନ କରି ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଅବସାଦଜନିତ ସମସ୍ୟା ସହ ଜଡିତ ଥିବାର ସେମାନେ ଜାଣିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ଯଦି ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି ତେବେ ତାହାର ସମୟସୀମା ପ୍ରତି ସଚେତନ ରହିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ପେଟଜନିତ ରୋଗ ଚିହ୍ନଟର ନୂଆ ଉପାୟ

ଖାଦ୍ୟପେୟରେ ଅନିୟମିତତା ଏବଂ କେତେକ କାରଣରୁ ଆମେ ପେଟଜନିତ ରୋଗର ସମ୍ମୁଖୀନ ହୋଇଥାଉ। ହେଲେ ଏପରି ସମସ୍ୟାକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ସମ୍ପର୍କରେ ସୂଚନା ମିଳିଛି। ଏଭଳି କ୍ଷେତ୍ରରେ ସଫଳ ହୋଇଛନ୍ତି ଆମେରିକୀୟ ବିଶେଷଜ୍ଞମାନେ। ନିକଟରେ ସେମାନେ



ଏକ ବାୟୋଲୋଜିକାଲ ସେନସର ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ପେଟଜନିତ ରୋଗ ବିଷୟରେ ଅନେକ ତଥ୍ୟ ଜାଣିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେତେଗୁଡିଏ ଜୀବନ୍ତ କୋଷଗୁଡିକୁ ନେଇ ଏହାକୁ ତିଆରି କରାଯାଇଛି। ଏହି ଓ୍ୱାରଲେସ୍ ସେନସରକୁ ପେଟ ଉପରେ ରଖିବା ପରେ ତାହା ପେଟରୁ ତଥ୍ୟ ସଂଗ୍ରହ କରିବା ଆରମ୍ଭ କରିଥାଏ। ତା'ପରେ ସେହି ତଥ୍ୟଗୁଡିକ ଉକ୍ତ ସେନସର ସହ ସଂଯୁକ୍ତ ନିର୍ଦ୍ଦିଷ୍ଟ ସ୍ମାର୍ଟଫୋନ୍‌କୁ ଯାଇଥାଏ। ପରବର୍ତ୍ତୀ ସମୟରେ ତଥ୍ୟଗୁଡିକୁ ଅନୁଧାନ କରି ପେଟ ରୋଗ ବିଷୟରେ ଜାଣିହୋଇଥାଏ।

# ସଂକ୍ରମଣରୁ ରକ୍ଷା କରେ ଭିଟାମିନ୍ 'ଡି'

ଆମ ଶରୀରରେ ଭିଟାମିନ୍ 'ଡି' ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ଆମେ ଅସ୍ଥିଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହି ଭିଟାମିନ୍‌ରେ ଆଉ ଏକ ଉପକାରୀ ତତ୍ତ୍ୱ ରହିଛି। ତାହା ହେଲା, ଭିଟାମିନ୍ 'ଡି' ଇନଫେକଶନରୁ କେତେକାଂଶରେ ରକ୍ଷା କରିଥାଏ। ସବୁଠାରୁ ଖାସ୍ କଥା ହେଲା ଭିଟାମିନ୍ 'ଡି' ମସ୍ତିଷ୍କରୁ ବାର୍ତ୍ତା ଆଦାନ ପ୍ରଦାନରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତା'ସହ ମାଂସପେଶୀ ଦୃଢ଼ ରଖିବାରେ ଏହା ସହାୟକ ହୋଇଥାଏ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଭିଟାମିନ୍ 'ଡି ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିବାରେ ସାହାଯ୍ୟ କରେ।



## ଉପକାରୀ ଡାଳିମ୍ବ ଚୋପା



**କେବଳ ଡାଳିମ୍ବ ନୁହେଁ, ଏହାର ଚୋପାରେ ମଧ ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

►ଡାଳିମ୍ବ ଚୋପା ଚୂର୍ଣ୍ଣକୁ ପ୍ରତିଦିନ ପାଣିରେ ମିଶାଇ ପିଅନ୍ତୁ। ଏହାଦ୍ୱାରା ହୃଦ୍‌ଜନିତ ରୋଗର ଆଶଙ୍କା ଅନେକାଂଶରେ କମ୍ ରହିଥାଏ।
►ଡାଳିମ୍ବ ଚୋପାରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ପିଇଲେ ତାହା ଆମ ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ।
►ଡାଳିମ୍ବ ଚୋପାକୁ ଖରାରେ ଶୁଖାଇ ତାହାକୁ ଗୁଣ୍ଡ କରନ୍ତୁ। ଏହି ଗୁଣ୍ଡକୁ ଅଳ୍ପ ପାଣିରେ ମିଶାଇ ଭଲ ଭାବରେ ଫୁଟାନ୍ତୁ। ଏହି ପାଣି ଥଣ୍ଡା ହୋଇଗଲେ ତାହାକୁ ଗାର୍ଗିଲିଂ କରନ୍ତୁ। ଏହାଦ୍ୱାରା ତଣ୍ଟି ଦରଜକୁ କେତେକାଂଶରେ ଉପଶମ ମିଳିଥାଏ।
►ମୁଖ ଦୁର୍ଗନ୍ଧ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଡାଳିମ୍ବ ଚୋପାକୁ ଚୂରି ତାହାକୁ ପାଣିରେ ମିଶାଇ ଦିନକୁ ଦୁଇ ଥର କୁଳି କରନ୍ତୁ।
►ଏକ ଗ୍ଲାସ ଉଷୁମ ପାଣିରେ ଦୁଇ ଚାମଚ ଡାଳିମ୍ବ ଚୋପା ଚୂର୍ଣ୍ଣ ଗୋଳାଇ ପିଅନ୍ତୁ। ଏହାଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ।

# କ୍ୟାନ୍‌ସର ଆଶଙ୍କା ଦୂର କରେ ଇ–ସିଗାରେଟ୍

ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ପାଇଁ ଆଜିକାଲି ଇ–ସିଗାରେଟ୍ ବ୍ୟବହାର କରାଯାଉଛି। ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉପକାରୀ ଗୁଣ ରହିଛି। ଏ ସମ୍ପର୍କରେ ଗବେଷଣା କରି ଜାଣିପାରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଉକ୍ତ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଇ–ସିଗାରେଟ୍ ଟାଣନ୍ତି, ତେବେ ସେ ନିଜକୁ କ୍ୟାନ୍‌ସର ଆଶଙ୍କାଠାରୁ ଅନେକାଂଶରେ



ଦୂରେଇ ରଖିପାରିବେ। କେତେକ ବିଶ୍ୱାସ କରନ୍ତି ଇ–ସିଗାରେଟ୍ ନିୟମିତ ଟାଣିବା ଦ୍ୱାରା କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ହେଲେ ଏପରି ଆଶଙ୍କା ଭିତ୍ତିହୀନ ବୋଲି ଏହି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିୟମିତ ଇ–ସିଗାରେଟ୍ ଟାଣିବା ଦ୍ୱାରା କ୍ୟାନ୍‌ସର ଆଶଙ୍କା ପାଖାପାଖି ୯୦ ପ୍ରତିଶତ ନ ଥାଏ ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

►ସବୁବେଳେ ଲିଫ୍ଟ ବ୍ୟବହାର କରିବା ଅପେକ୍ଷା ସପ୍ତାହକୁ ଅତିକମ୍‌ରେ ଦୁଇ ଥର ସିଡିରେ ଯିବା ଆସିବା କରନ୍ତୁ। ଏହାଦ୍ୱାରା ମାଂସପେଶୀଜନିତ ସମସ୍ୟା ଦୂର ହୋଇଥାଏ।
►ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟ କିରଣରେ ବସନ୍ତୁ। ଏହାଦ୍ୱାରା ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ୍ 'ଡି' ମିଳିଥାଏ।
►ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ଏବଂ ତଟକା ଫଳମୂଳ ସାମିଲ କରନ୍ତୁ। କାରଣ ଏଥିରେ ପ୍ରୋଟିନ୍ ମାତ୍ରା ଭରିରହିଛି।
►ଯେତେ ସମ୍ଭବ ଲୁଣ ଏବଂ ଚିନି କମ୍ ଖାଆନ୍ତୁ। ଜଣେ ବ୍ୟକ୍ତି ଦିନକୁ ଅତିକମ୍ ପାଞ୍ଚ ଗ୍ରାମ ଲୁଣ ଖାଇଲେ କିଛି କ୍ଷତି ନାହିଁ।
►ଯଦି ଆପଣ ବ୍ଲଡପ୍ରେସର ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଏହାର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ।
►ଅନେକ ସମୟରେ କେତେକ ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଏହି ଔଷଧକୁ ମନକୁ ମନ ବନ୍ଦ କରନ୍ତୁ ନାହିଁ। ଯଦି କିଛି ଆଲର୍ଜିଜନିତ ସମସ୍ୟା ରହୁଛି ତେବେ ବିଳମ୍ବ ନ କରି ସଂପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମେ ୩୦/୨୦୨୨ Sambalpur, Monday, May 30/ 2022

# ଆଇପିଏଲ୍ ଉଦ୍‌ଯାପନୀ



ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମାନ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।




ଉଦ୍‌ଯାପନୀ ଉତ୍ସବରେ ପ୍ରଦର୍ଶିତ ବିଶ୍ୱର ସର୍ବବୃହତ୍ କ୍ରିକେଟ ଜର୍ସି।

**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୧୦ ଦଳ ବିଶିଷ୍ଟ ଏହି ବ୍ୟୟବହୁଳ ଲିଗ୍‌ର ଉଦ୍‌ଯାପନୀ ଉତ୍ସବରେ ଦର୍ଶକଙ୍କ ମନ ମୋହିଛନ୍ତି ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମନ ଓ ବଲିଉଡ ଷ୍ଟାର ରଣବୀର ସିଂ।**




ସର୍ବବୃହତ୍ ଜର୍ସି ପାଇଁ ଗିନିଜ ୱାର୍ଲ୍ଡ ରେକର୍ଡ ପ୍ରମାଣପତ୍ର ସହ ସୌରଭ ଗାଙ୍ଗୁଲି ଓ ଜୟ ଶାହା।




ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ବାହାରେ ଉପସ୍ଥିତ କ୍ରିକେଟ ପ୍ରଶଂସକ।

## ବିଶ୍ୱର ସର୍ବବୃହତ୍ ଜର୍ସି

**ଅହମ୍ମଦାବାଦ,୨୯।୫**

ନରେନ୍ଦ୍ର ମାଦି ଷ୍ଟାଡିୟମରେ ରବିବାର ଆୟୋଜିତ ଆଇପିଏଲ ୨୦୨୨ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ ସର୍ବବୃହତ୍ କ୍ରିକେଟ ଜର୍ସି ଉନ୍ମୋଚିତ ହୋଇଛି। ଏହାକୁ ଭାରତୀୟ ଦଳର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଉନ୍ମୋଚନ କରିଥିଲେ। ଦର୍ଶକରେ ପରିପୂର୍ଣ୍ଣ ଷ୍ଟାଡିୟମରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡ୍ ଷ୍ଟାର ରଣବିର ସିଂ, ଓସ୍କାର ବିଜେତା ଗୀତକାର ଏଆର ରେହମାନ ମନୋରଞ୍ଜନ କରିଥିଲେ। ‘‘ଆସନ୍ତୁ ମୁଁ ଆପଣଙ୍କୁ କିଛି ଚମତ୍କାର ଦୃଶ୍ୟ ଦେଖାଇବି। ମୁଁ ନିଶ୍ଚିତ ଯେ, ମୋ ପଛ ପଟେ ଥିବା ବିରାଟ ଜର୍ସିକୁ ତୁମେ ଦେଖିଛ। ତୁମମାନେ ଆଇପିଏଲ ଇତିହାସର ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତର ପ୍ରତେକ୍ଷଦର୍ଶୀ। ଆଇପିଏଲ ଏହାର ୧୫ତମ ବର୍ଷରେ ବିଶ୍ୱର ସର୍ବବୃହତ୍ ଜର୍ସି ନିର୍ମାଣ କରି ଏକ ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ କରିଛି। ଏହି ବିରାଟ ଜର୍ସି ଲମ୍ବ ୬୬ ମିଟର ହୋଇଥିବା ବେଳେ ଚଉଡା ୪୨ ମିଟର’’ ବୋଲି ଶାସ୍ତ୍ରୀ କହିଥିଲେ।

## ମନ ମୋହିଲେ ରଣବୀର, ରହମନ

**ଅହମ୍ମଦାବାଦ, ୨୯।୫ :** ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୨ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଫାଇନାଲ ମ୍ୟାଚ୍ ପୂର୍ବରୁ ରଙ୍ଗାରଙ୍ଗ ଉତ୍ସବର ଆୟୋଜନ କରାଯାଇଥିଲା। ବଲିଉଡ୍ ଷ୍ଟାର ରଣବୀର ସିଂ ଓ ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଷ୍ଟାଡିୟମର ଭରପୂର ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ଆରମ୍ଭରେ କାର୍ଯ୍ୟକ୍ରମର ଉପସ୍ଥାପକ ଥିବା ଭାରତର ପୂର୍ବତନ କୋଚ୍ ତଥା ଅଧିନାୟକ ରବି ଶାସ୍ତ୍ରୀ ମଞ୍ଚ ଉପରକୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହା ଓ ଆଇପିଏଲ ଚେୟାରମ୍ୟାନ ବ୍ରିଜେଶ ପଟେଲଙ୍କୁ ଆମନ୍ତ୍ରଣ କରିଥିଲେ। ସେମାନେ ବିଶ୍ୱର ସର୍ବବୃହତ୍ ଜର୍ସି ନମ୍ବର ୧୫ର ଉନ୍ମୋଚନ କରିଥିଲେ। ଏହା ଏକ ନୂଆ ଗିନିଜ ବିଶ୍ୱ ରେକର୍ଡ ଥିଲା। ଏହି ବିରାଟକାୟ ଜର୍ସିରେ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ୧୦ଟି ଦଳର ପ୍ରତୀକ ଶୋଭା ପାଉଥିଲା। ଏହାପରେ ରଣବୀର ମନଖୋଲା ନୃତ୍ୟ କରିଥିଲେ। କେତେକ ଲୋକପ୍ରିୟ ଗୀତ ଯଥା ମଲହାରୀ ଓ ଟାଟାଡ ଟାଟାଡ ଗୀତର ତାଳେ ତାଳେ ସେ ନୃତ୍ୟ କରିଥିଲେ। ହାତରେ ପତାକା ଧରି ପଡ଼ିଆସାରା ସେ ଏକ ଚକ୍କର ଲଗାଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରାୟ ୨୦ ମିନିଟ୍ ଧରି ଚାଲିଥିଲା। ରଣବୀରଙ୍କ ଆତସବାଜି ପରେ ମଞ୍ଚ ଉପରକୁ ଆସିଥିଲେ ଏ.ଆର୍. ରହମନ। ସେ ବନ୍ଦେ ମାତରମ୍‌ରୁ ଆରମ୍ଭ କରି ଜୟ ହୋ ପର୍ଯ୍ୟନ୍ତ ତାଙ୍କର କେତୋଟି ଜଣାଶୁଣା ଗୀତ ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ରହମନଙ୍କ ସହିତ ମୋହିତ ଚୌହାନ, ନୀତି ମୋହନ, ବ୍ଲେଜ୍, ଶିବାମଣି, ସାଶା ତ୍ରିପାଠୀ ଓ ଶ୍ୱେତା ମୋହନ ପ୍ରମୁଖ ମ୍ୟୁଜିସିଆନ୍ ମଧ୍ୟ ଆସିଥିଲେ। ପରେ ରଣବୀର ପୁନର୍ବାର ମଞ୍ଚକୁ ଆସି ରହମନଙ୍କ ସହ ଯୋଗଦେଇଥିଲେ। କହିବାକୁ ଗଲେ ଆଇପିଏଲ ଇତିହାସରେ ଏହା ଥିଲା ଅନ୍ୟତମ ଶ୍ରେଷ୍ଠ ଉଦ୍‌ଯାପନୀ ଉତ୍ସବ।



ନୃତ୍ୟ ପରିବେଷଣ ଅବସରରେ ରଣବୀର ସିଂ।

# ଗୁଜରାଟ ଟାଇଟାନ୍ସ ଚାମ୍ପିୟନ

**ଅହମଦାବାଦ, ୨୯।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପଦାର୍ପଣରେ ଦମ୍ ଦେଖାଇଛି ଗୁଜରାଟ ଟାଇଟାନ୍ସ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଗୁଜରାଟ ରବିବାର ଅନୁଷ୍ଠିତ ଫାଇନାଲରେ ୭ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ହରାଇ ହୋଇଛି ନୂଆ ଚାମ୍ପିୟନ। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିଥିଲା। ୧୩୧ ରନ ବିଜୟ ଲକ୍ଷ୍ୟରେ ଗୁଜରାଟ ୧୮.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା। ୧୯ତମ ଓଭରର ପ୍ରଥମ ବଲ୍‌ରେ ଓବେଡ ମ୍ୟାକକୟଙ୍କୁ ଶୁବମନ ଗିଲ୍ ଛକା ମାରିବାପରେ ଗୁଜରାଟର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ୧୩୦ ରନ କୌଣସି ଆଇପିଏଲ୍ ଫାଇନାଲରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୨୦୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ ବିପକ୍ଷ ଫାଇନାଲରେ ୮ ଉଇକେଟ ହରାଇ ୧୨୯ ରନ କରିଥିଲା। ତେବେ ସେତେବେଳେ ମୁମ୍ବାଇ ଟାଇଟଲ ହାସଲ କରିଥିବାବେଳେ ଏଥର ରାଜସ୍ଥାନ ପରାଜୟ ସ୍ୱାଦ ଚାଖିଛି। ଆଇପିଏଲ୍ ଇତିହାସରେ ୭ମ ଦଳଭାବେ ଟାଇଟଲ ବିଜୟୀ ହୋଇଛି ଗୁଜରାଟ ଟାଇଟାନ୍ସ। ରାଜସ୍ଥାନ ରୟାଲ୍ସର ଜୋସ ବଟଲର ୮୬୩ ରନ ଏବଂ ୟୁଜବେନ୍ଦ୍ର ଚହଲ ୨୭ଟି ଉଇକେଟ ନେଇ ଯଥାକ୍ରମେ ଅରେଞ୍ଜ୍ ଓ ପର୍ପଲ କ୍ୟାପ ହାସଲ କରିଛନ୍ତି।

୧୩୧ ରନ ବିଜୟ ଲକ୍ଷ୍ୟନେଇ ରାଜସ୍ଥାନ ମାତ୍ର ୯ ରନରେ ଋଦ୍ଧିମାନ ଶାହା (୫ ରନ)ଙ୍କ ଉଇକେଟ

**ଆଇପିଏଲ୍-୧୫**

ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାଥ୍ୟୁ ୱାଡେ ମଧ୍ୟ ମାତ୍ର ୮ ରନକରି ପ୍ୟାଭିଲିୟନ ଫେରିଥିଲେ। ତେବେ ଶୁବମନ ଗିଲ୍ ଓ ହାର୍ଦ୍ଦିକ ତୃତୀୟ ଉଇକେଟରେ ୫୩ ବଲ୍‌ରୁ ୬୩ ରନ ସଂଗ୍ରହକରି ଦଳପାଇଁ ବିଜୟ ପଥ ପ୍ରସ୍ତୁତ କରିଥିଲେ। ବୋଲିଂରେ କମାଲ ଦେଖାଇଥିବା ହାର୍ଦ୍ଦିକ ବ୍ୟାଟିଂରେ ମଧ୍ୟ ଧୈର୍ଯ୍ୟ ଦେଖାଇ ୩୦ ବଲ୍‌ରୁ ୩୪ (୩ ଚୌକା, ୧ ଛକା) ରନକରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଶୁବମନ ଗିଲ ୪୩ ବଲ୍‌ରୁ ୪୫ (୩ ଚୌକା, ୧ ଛକା) ଓ ଡେଭିଡ ମିଲର ୧୯ ବଲ୍‌ରୁ ୩୨ (୩ ଚୌକା, ୧




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।

ଛକା) ରନରେ ଅପରାଜିତ ରହି ଦଳର ବିଜୟରେ ମୁଣ୍ଡି ମାରିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଏ ଦୁହେଁ ୨୯ ବଲ୍‌ରୁ ୪୭ ରନ ଯୋଗ କରିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ, ପ୍ରସିଦ୍ଧ କ୍ରିଷ୍ଣା ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଜୋସ ବଟଲର ଭଲ ଆରମ୍ଭ ମଧ୍ୟ କରିଥିଲେ। ମାତ୍ର ନିୟମିତ ବ୍ୟବଧାନରେ ଉଇକେଟ ପତନ ଦଳପାଇଁ ମହଙ୍ଗା ପଡ଼ିଥିଲା। ଦଳୀୟ ସ୍କୋର ୩୧ ଥିବାବେଳେ ୪ର୍ଥ ଓଭରର ଶେଷ ବଲ୍‌ରେ ଆଉଟ ହୋଇଥିଲେ ଜୟସ୍ୱାଲ। ସେ ୧୬ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୨ ରନ କରିଥିଲେ। ଅଧିନାୟକ ସଞ୍ଜୁ ସାମସନ ୧୪ ଓ ଦେବଦତ୍ତ ପଡିକାଲ ୨ ରନରେ ଆଉଟ ହେବାରୁ ଲିଗ୍‌ର ସର୍ବାଧିକ ସ୍କୋରର ବଟଲରଙ୍କ ଉପରେ ଚାପ ପଡ଼ିଥିଲା। ମେଗା ଫାଇନାଲରେ ସେ କରିସ୍ମା ଦେଖାଇପାରି ନ ଥିଲେ। ୩୫ ବଲ୍‌ରୁ ୫ ଚୌକା ସହାୟତାରେ ୩୯ ରନକରି ବଟଲର ଆଉଟ ହେବାରୁ ରାଜସ୍ଥାନର ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ମିଡିଲ ଅର୍ଡରରେ ଶିମରନ ହେଟମେର ମାତ୍ର ୧୧ ରନ କରି ପାରିଥିଲେ। ଶେଷଭାଗରେ ରବିଚନ୍ଦ୍ରନ ଅଶ୍ୱିନ ୬, ଟ୍ରେଣ୍ଟ ବୋଲ୍ଟ ୧୧, ରିୟାନ ପରାଗ ୧୫ ଓ ଓବେଡ ମ୍ୟାକକୟ ୮ ରନ କରିବାକୁ ସକ୍ଷମ ହୋଇଥିଲେ। ଗୁଜରାଟ ପକ୍ଷରୁ ଚମତ୍କାର ବୋଲିଂ କରିଥିଲେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସେ ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୭ ରନଦେଇ ୩ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ କରିଥିଲେ। ରବିଶ୍ରୀନିବାସନ ସାଇ କିଶୋର ୨ଟି ଏବଂ ୟାଶ ଦୟାଲ, ମହମ୍ମଦ ଶାମି ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରଭାଟି ପଞ୍ଚାୟତରେ ରବିବାର ପ୍ରଧାନ ମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶିବଶଙ୍କର ନାଏକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ହରିଶଙ୍କର ବେମାଲ, ଉଦ୍ୟାନ ବିଭାଗର ମହେଶ୍ୱର ରଣା, ଆଇପିଓ ଚିନ୍ମୟୀ ଭୋଇ, ସୁଧାଂଶୁ ଶେଖର ନାଏକ, ସୁବାଷ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଶତାଧିକ ପୁରୁଷ ମହିଳା ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଏଟିଏମ୍ ଅଚଳ, ଟଙ୍କା ଉଠାଣରେ ହଟହଟା

ଲୋଇସିଂହା,୨୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ଥିବା ଏସ୍‌ବିଆଇ ଏଟିଏମ୍ ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗ ଆନ୍ତରିକତା ଦେଖାଉନାହିଁ। ଫଳରେ ସଂପୃକ୍ତ ଅଞ୍ଚଳର ବ୍ୟାଙ୍କ ଉପଭୋକ୍ତାମାନେ ଏଟିଏମ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏଟିଏମ ମରାମତି ଲାଗି ଅଞ୍ଚଳବାସୀ ବିବାଗୀୟ ସଂସ୍ଥାକୁ ଜଣାଇଥିଲେ ବି ସୁଫଳ ମିଳିନାହିଁ। ଗତବର୍ଷ ଯୋଗୀସର୍ଡା ମନ୍ଦିର ଛକରେ ଏହି ଏଟିଏମ୍ କାର୍ଯ୍ୟକ୍ଷମ କରାଯାଇଥିଲା। ସେଠାରେ ସିସି କ୍ୟାମେରା ବ୍ୟବସ୍ଥା ହୋଇନାହିଁ। ଗତ କିଛିଦିନ ହେଲା ଏଟିଏମରେ ବିଦ୍ୟୁତ୍ ସରବରାହ ଚାଲିଗଲେ ଏଟିଏମ ସେବା ବନ୍ଦ ହୋଇଯାଉଥିଲା। ଏବେ ଏହା ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଛି। ୫କିମି ଦୂର ଲୋଇସିଂହାକୁ ଏଟିଏମ ସେବା ପାଇଁ ଯିବାକୁ ଲୋକେ ବାଧ୍ୟ ହେଉଛନ୍ତି।

### ମନ୍ଥର ଗତିରେ ଚାଲିଛି ରୂପାନ୍ତରଣ କାମ

ଲାଠୋର,୨୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାମ ଚାଲିଛି। ୫-ଟି ଯୋଜନାର ଅନୁଦାନ ରାଶିରେ ଇ-ଲାଇବ୍ରେରୀ, ସ୍ମାର୍ଟକ୍ଲାସ ରୁମ୍, ଶୌଚାଳୟ, ବଗିଚା, ଖେଳପଡ଼ିଆ ଆଦି ଆକର୍ଷଣୀୟ ଭାବେ ନିର୍ମାଣ କରାଯାଉଛି। କାମ ମନ୍ଥର ଗତିରେ ଚାଲିଛି। ଏଥିସହ ଇ-ଲାଇବ୍ରେରୀ କୋଠରିର ଛାତ, ପ୍ଲାଏ କାମ କରାଯାଇଥିବା କାନ୍ଥ ତଥା ବିଜ୍ଞାନଗାର ସ୍ମାର୍ଟକ୍ଲାସ ରୁମ କାନ୍ଥରେ ପୁଟି ମରା ନ ଯାଇ ରଙ୍ଗ ଦିଆଯାଇଛି। ଏ ନେଇ ପରିଚାଳନା ସମିତି ବୈଠକରେ ଖପ୍ରାଖୋଲ ବିଡ଼ିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇ ତଦନ୍ତ ପାଇଁ ଅନୁରୋଧ କରାଯାଇଥିଲା। ଅଭିଯୋଗ ଅନୁଯାୟୀ ଶୁକ୍ରବାର ବିଡ଼ିଓ ରଶ୍ମିରଞ୍ଜନ ରାଉତ, ଅତିରିକ୍ତ ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜୟପୁରିଆ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରାଉତ ବିଦ୍ୟାଳୟକୁ ଆସି କାର୍ଯ୍ୟ ତଦାରଖ କରିଥିଲେ। ଏ ନେଇ ବିଡ଼ିଓଙ୍କୁ ପଚାରିଲେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଅଛି ଏବଂ ସେ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ଆଗକୁ ନିଶ୍ଚିତଭାବେ ଭଲ କାମ କରାଯିବ ବୋଲି କହିଛନ୍ତି।

### ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି

ଖପ୍ରାଖୋଲ,୨୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରସ୍ଥିତ ମା ବିନ୍ଧ୍ୟ ବାସିନୀ ମନ୍ଦିର ପ୍ରାଙ୍ଗଣରେ ବିଂଝାଲ ସମାଜ ତରଫରୁ ଶୀତଳ ଷଷ୍ଠୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର ବଲାଙ୍ଗୀର ଜିଲା ସଭାପତି ଚନ୍ଦ୍ରଶେଖର ବାଗ, ସମ୍ମାନିତ ଅତିଥି ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା ଯୋଗଦେଇଥିଲେ। କରୋନା ଯୋଗୁଁ ଗତଦୁଇ ବର୍ଷ ହେବ ଶୀତଳ ଷଷ୍ଠୀ ପୂଜା ବନ୍ଦ ରହି ଥିବାରୁ ଚଳିତ ବର୍ଷ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ନିଷ୍ପତ୍ତି ନିଆଯାଇଥିଲା। ହରିଶଙ୍କର ମନ୍ଦିରର ସହକାରୀ ମ୍ୟାନେଜର ଭାଗ୍ୟବନ୍ତ ସାହୁ, ବିପିନ ପୁଟେଲଙ୍କ ସମେତ ପୂଜକମାନେ ବୈଠକରେ ଉପସ୍ଥିତ ରହି ଶୀତଳ ଷଷ୍ଠୀ ପୂଜା ଉପରେ ଆଲୋଚନା କରିଥିଲେ। ଆସନ୍ତା ଜୁନ ୩ ରୁ ୫ତାରିଖ ପର୍ଯ୍ୟନ୍ତ ଶିବ ବିବାହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ଖପ୍ରାଖୋଲ ବ୍ଲକ ଉପସଭାପତି କେଶବ ବରିହା, ନାନ୍ଦୁପଲା ପଞ୍ଚାୟତ ସଭାପତି ଶଶିକାନ୍ତ ବରିହା, ବିରଞ୍ଚି ବରିହା, ଗୋପାଳ ବରିହା, ଟିକେଶର ବରିହା, ବ୍ଲକ ଚପରାଶି ରତ୍ନାକର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍ଥିକ ସାକ୍ଷରତା ଅନ୍ତର୍ଭୁକ୍ତୀକରଣ ସଚେତନତା ଶିବିର

ଟିଟିଲାଗଡ,୨୯।୫(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ସ୍ୱଚ୍ଛ ସଞ୍ଚୟ ଜମା ବିଭାଗ ଅନ୍ତର୍ଗତ ଏକ ସଚେତନତା ଶିବିର ଟିଟିଲାଗଡ ବ୍ଲକ ଖୋଲାନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ଖୋଲାନ ଉପଡାକଘର ପୋଷ୍ଟମାଷ୍ଟର କୁବେର ସାହୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶତପଥୀ ଡାକ ବିଭାଗର ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ଉପରେ ବିବରଣୀ ଦେଇଥିଲେ। ସମ୍ମାନିତ ଅତିଥି ସାହୁ ବିଭାଗର ବିଭିନ୍ନ ସଞ୍ଚୟ ଯୋଜନା ଓ ବୀମା ଉପରେ ଆଲୋକପାତ କରିଥିଲେ।



କେସିଙ୍ଗା ବ୍ଲକ କଣ୍ଡୁପଡା ଗ୍ରାମପଞ୍ଚାୟତ ନିକଟରେ ଗଛ ପଡି ରାସ୍ତା ଅବରୋଧ।


ଜୁନାଗଡ଼ ବ୍ଲକ କଟିଙ୍ଗପଦରର ଜଣେ ଲୋକଙ୍କ ଘର ଛାତ ଉଡାଇ ନେଇଛି।

# କଳାହାଣ୍ଡି ଜିଲାରେ କାଳବୈଶାଖୀର ତାଣ୍ଡବ

■ ଘର କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

■ ଉଡ଼ିଲା ଘର ଛାତ, ପଡ଼ିଲା ବିଦ୍ୟୁତ୍ ଖୁଣ୍ଟ


ମୃତକଙ୍କ ଫାଇଲ ଫଟୋ।

ଜୁନାଗଡ/କେସିଙ୍ଗା/କୋକସରା,୨୯।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ କଟିଙ୍ଗପଦରରେ ରବିବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଜୋରରେ ଝଡ ତୋଫାନ ହୋଇଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଟିଣ, ସିମେଣ୍ଟ ଘର ଛାତ ଉଡେଇ ନେଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ମଧ ପଡିଯାଇଥିବା ଦେଖିବାକୁ ମିଳିଛି। ସେହିପରି ବଡବଡ ଗଛଗୁଡିକ ଭାଙ୍ଗିପଡିଥିଲା। ଏହା ଯୋଗୁ ଦିର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ ସରବରାହ ମଧ ବନ୍ଦ ରହିଥିଲା। ସେହିପରି ସ୍ଥାନୀୟ କେନ୍ଦୁଫଡିର ଛାତ ମଧ ଉଡେଇ ନେଇଥିବା ଜଣାପଡିଛି। ଦୁନ୍ଦେଲମାଲ ସରପଞ୍ଚ ଜ୍ୟୋତି ବେମାଲ ଘଟଣାସ୍ଥଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପ୍ରଶାସନ କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରି ଶିଘ୍ର ସହାୟତା କରିବା ପାଇଁ ସେ ଦାବି କରିଛନ୍ତି। ସେହିପରି କେସିଙ୍ଗା ବ୍ଲକ କଣ୍ଡୁପଡା ଗ୍ରାମପଞ୍ଚାୟତ ଅଧୀନ ବିନେକେଲା ଗ୍ରାମରେ କାଳବୈଶାଖୀ ପ୍ରଭାବରେ ପବନ ସହ ଝଡ଼ବର୍ଷା ହୋଇଥିଲା। ଏଥିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ମୃତ ହେଲେ ବିନେକେଲା ଗ୍ରାମର ଜୟ ରାମ ହରପାଲ (୭୫)। ସେ ଛେଳି ଚରାଇବାକୁ ଯାଇଥିଲେ। ହଠାତ କାଳବୈଶାଖୀ ହେବାରୁ ଏକ ଘରେ ଆଶ୍ରୟ ନେଇଥିଲେ। କାଳବୈଶାଖୀ ବର୍ଷାରେ ଘର କାନ୍ଥ ପଡିଯିବାରୁ ବୃଦ୍ଧ ଜଣକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରି ଏକ ଗାଡିରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ରବିବାର ସକାଳେ ପରିବାରର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଗ୍ରାମପଞ୍ଚାୟତ ଅନେକ ଜାଗାରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। କସୁରପଡା ନୂତନ ଅମୃତଧାରା ଉପରେ ତେନ୍ତୁଳି ଗଛ ପଡିଯିବାରୁ ଭାଙ୍ଗି ଯାଇଥିବା ବେଳେ ଷ୍ଟ୍ରିଟଲାଇଟ ଲାଇଟ ଭାଙ୍ଗି ନଷ୍ଟ ହୋଇଛି। କେସିଙ୍ଗା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। କୋକସରା ବ୍ଲକ ତୁଡୁକାଠେଙ୍ଗା ପଞ୍ଚାୟତ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ଝଡବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପଞ୍ଚାୟତ ଖଳିଗଡ଼ ପରଜାପଡାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଗଛ ଉପଡ଼ିବାରୁ ବିଦ୍ୟୁତ୍ ଖୁଣ୍ଟ ସ୍କୁଲ ନିକଟରେ ଓହଳି ପଡିଛି। ଏହା ସହ ବଡ଼ ବଡ଼ ଗଛ ସବୁ ଭାଙ୍ଗି ପଡିଛି। ଫଳରେ ଏହି ଅଞ୍ଚଳରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି। ଗ୍ରାମବାସୀ ଏ ନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଖବର ଦେବା ସହ ଶୀଘ୍ର ମରାମତି କରି ବିଦ୍ୟୁତ୍ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଭୋକ ଉପବାସରେ ଦିନ କାଟୁଥିବା ବୃଦ୍ଧାଙ୍କୁ ମିଳିଲା ଭତ୍ତା

ନୂଆପଡ଼ା ଅଫିସ,୨୯।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ ବୃଦ୍ଧା ଭତ୍ତା ନ ପାଇଁ ୫ ଦିନ ହେଲା ଭୋକ ଉପବାସରେ ଦିନ କାଟୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ରବିବାର ବୃଦ୍ଧାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ବାଗମୁଣ୍ଡା ଗାଁର ଫୁଲବେଓ୍ବା ପ୍ରତି ମାସରେ ଠିକ ଭାବେ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ଚଳିତ ମାସରେ ପଞ୍ଚାୟତ ଅଧିକାରୀମାନେ ଭତ୍ତା ଟଙ୍କା ପ୍ରଦାନ ବେଳେ ତୁମର ଆକାଉଣ୍ଟରେ ଟଙ୍କା ପଡିଛି ବୋଲି କହି ଦେଇ ନ ଥିଲେ। ଆଜକୁ ପ୍ରାୟ ୧୫ ବର୍ଷ ତଳେ ସ୍ୱମୀ ଅନୁଜ ସାହୁ ମୃତ୍ୟୁ ପରେ ସେ ଏକାକି ଏକ କୁଡିଆ ଘରେ ରହୁଛନ୍ତି। ତାଙ୍କର ସାହା ଭରସା କେହି ନାହାନ୍ତି। ଭତ୍ତା ଟଙ୍କା ହିଁ ଫୁଲବେଓ୍ବାଙ୍କ ଭରସା। ରାଶନ କାର୍ଡ କିମ୍ବା କୌଣସି ସରକାରୀ ସୁବିଧା ତାଙ୍କ ପାଇଁ ସାତସପନ। ଭତ୍ତା ଟଙ୍କା ପାଇଲେ ସେଥିରୁ ରାଶନ ସାମଗ୍ରୀ କିଣି ଚଳନ୍ତି। ଚଳିତ ମାସରେ ଭତ୍ତା ଟଙ୍କା ପାଇ ନ ଥିବାରୁ ଭୋକଉପାସରେ ଦିନ କାଟୁଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନନ୍ଦର ବର୍ଗର୍ତ୍ତିଙ୍କ କହିବା ମୁତାବକ ସରକାରଙ୍କ ନିର୍ଦ୍ଦେଶାନୁସାରେ ଆମେ ସବୁ ଭତ୍ତାଧାରୀଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ଜମା କରି ଦେଉଛୁ। ବିନା ଆଧାର କାର୍ଡଧାରୀଙ୍କ ଭତ୍ତା ଟଙ୍କା ଆସି ନାହିଁ। ବିଡିଓ ସୁଶାନ୍ତ ରଣାକୁ ଏ ବିଷୟରେ ଜଣାଇବାରୁ ଏନଓଏପି ବଦଳରେ ଡିପିଟି କରାଯାଉ ବୋଲି ନିର୍ଦ୍ଦେଶ ଦେବାରୁ ଡିପିଟି କରି ରବିବାର ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବର୍ଗର୍ତ୍ତି ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ପ୍ରତି ମାସେ ବିନା ଆକାଉଣ୍ଟରେ ଫୁଲବେଓ୍ବା ଭତ୍ତା ଟଙ୍କା ପାଇବେ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।


ଅସହାୟ ବୃଦ୍ଧା ଫୁଲବେଓ୍ବା।

## ସ୍ୱର୍ଣ୍ଣକାର ସମାଜର ଜିଲାସ୍ତରୀୟ ବୈଠକ

ସିନାପାଲି,୨୯।୫(ଡି.ଏନ.ଏ.)

ନୂଆପଡା ଜିଲା ସ୍ୱର୍ଣ୍ଣକାର ସମାଜର ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ ପରିଆବାହାଲ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ମାୟାଧର ସରାଫ ସଭାପତିତ୍ୱ କରିଥିଲେ। ଜିଲାର ସ୍ୱର୍ଣ୍ଣକାର ସମାଜର ସଙ୍ଗଠକ ତଥା ସମାଜ ଦିଗଦର୍ଶକ ହେମଚନ୍ଦ୍ର ବୈଠାରୁ, ଗୋପୀନାଥ ବୈଠାରୁ, ଘାସିରାମ ବୈଠାରୁ, ଲାଭ ସରାଫ, ଅର୍ଜୁନ ସରାଫ, ଗୌରଚନ୍ଦ୍ର ବୈଠାରୁ, ହରେରାମ ବୈଠାରୁ, ମହେନ୍ଦ୍ର ସୁନାରୀ ପ୍ରମୁଖ କରୋନା ସମୟରେ ମୃତ୍ୟୁ ବରଣ କରିଥିଲେ। ଅମର ଆତ୍ମାର ସଦଗତି ନିମନ୍ତେ ସଭାପତି ଶୋକ ପ୍ରସ୍ତାବ ଆଗତ କରିଥିଲେ। ଜିଲା ସମାଜ ପକ୍ଷରୁ ନୀରବ ପ୍ରାର୍ଥନା କରା ଯାଇଥିଲେ। ସାଧାରଣ ସମ୍ପାଦକ ରୁଦ୍ର ମାଧବ ବୈଠାରୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲା ସ୍ୱର୍ଣ୍ଣକାର ସମାଜର ସଙ୍ଗଠନ, ସଂସ୍କାର ତଥା ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲ। ଆଲୋଚନାରେ ଦୁର୍ଗା ପ୍ରସାଦ ସୁନାରୀ, ବୋଧନକର ସରାଫ, ଅନୁପସିଂ ବୈଠାରୁ, ଯୋଗେଶ୍ୱର ବୈଠାରୁ, ଯଦୁନାଥ ସରାଫ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କୋଭିଡ୍ ସମୟରେ ସମାଜର ଜିଲା ସଭାପତି ଗୋପୀନାଥ ବୈଠାରୁଙ୍କ ପରଲୋକ ହେବାରୁ ପଦବୀଟି ଖାଲି ପଡିଥିଲା। ସର୍ବସମ୍ମତିକ୍ରମେ ସମାଜର ଯୁବ ସଙ୍ଗଠକ ମାୟାଧର ସରାଫଙ୍କୁ ସଭାପତି ଓ ଯୁବ ଆଇନଜୀବୀ ଦୁର୍ଗାପ୍ରସାଦ ସୁନାରୀଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଜିଲାର ୫ଟି ବ୍ଲକରେ ଗାଁ କମିଟିଠାରୁ ଯୁବ କମିଟି, ସମାଜର ସଙ୍ଗଠନ, ସଂସ୍କାର, ନାରୀଶିକ୍ଷା ତଥା ଅନ୍ୟାନ୍ୟ ଦିଗ ଉପରେ ଗୁରୁତ୍ୱ ଦେବାକୁ ନୂତନ ସଭାପତି କହିଛନ୍ତି। ସ୍ୱର୍ଣ୍ଣକାର ସମାଜ ଯୁବ ସଙ୍ଗଠକ ଲଳିତ କୁମାର ସୁନାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ସରୋଜ କୁମାର ବୈଠାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲାର ୨୨ଟି ଗାଁରୁ ଶତାଧିକ ସ୍ୱର୍ଣ୍ଣକାର ବୈଠକରେ ଯୋଗଦାନ କରିଥିଲେ।

## ଉଦ୍ୟାନ ବିଭାଗ ନର୍ସରିରେ ନିଆଁ

**ଲକ୍ଷାଧିକ ଟଙ୍କାର ଗଛ ପୋଡ଼ି**

ନୂଆପଡ଼ା ଅଫିସ,୨୯।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଓ ମାନିଗୁଡା ମଧ୍ୟ ଭାଗରେ ଥିବା ଉଦ୍ୟାନ ବିଭାଗ, ବନ ବିଭାଗ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିବା ନର୍ସରିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ଟାରେ ହଠାତ ଉଦ୍ୟାନ ବିଭାଗ ନର୍ସରିରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ କୋମନା ଅଗ୍ନିଶମ ବିଭାଗ ଓ ବନ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ, ବନ ବିଭାଗ ଓ ଗାଁ ଯୁବ ଗୋଷ୍ଠୀଙ୍କ ମିଳିତରେ ନିଆଁକୁ ଆୟତ କରାଯାଇଥିଲା। ଉଦ୍ୟାନ ବିଭାଗର ୫୦ ଏକର ଜମିରେ ଆମ୍ବ, ପିଜୁଳି, ପଣସ, ଲେମ୍ବୁ, ସଜନା ଓ ଔଷଧିୟ ବୃକ୍ଷ ଭଳି ଗଛ ସବୁ ନିଆଁରେ ପୋଡି ନଷ୍ଟ ହୋଇଯାଇଛି। ସେହିପରି ବନ ବିଭାଗର ପାଖାପାଖି ୨୦ ଏକର ଜମିରେ ଶାଗୁନ, ଚାକୁଣ୍ଡା, ବେଞ୍ଜାମିନ, ଉଇକାଲିପଟାସ ଭଳି ବଡବଡ ଗଛ ସବୁ ନିଆଁରେ ପୋଡି ନଷ୍ଟ ହୋଇଯାଇଛି। ଦିନତମାମ ନିଆଁ ଲିଭା କାର୍ଯ୍ୟରେ ବନ ବିଭାଗ ରେଞ୍ଜର ଦେବଦତ୍ତ ସୁତାର, ଫରେଷ୍ଟର ଘନଶ୍ୟାମ ଶବର, ବିଜୁଲ ରାଉତ ରାୟ, ଜୟଦେବ ସାହୁ, ମନୁ ଶଗରୀଆ, ସୁରୁଦା ନିଆଲ, ରୋସନ ବନଗୋଲା, ଲକ୍ଷ୍ମୀ ଶବର, ସାରଥି ଶବର, ସୌରଭ ବନଗୋଲା, ଅନିଲ ନାଏକ, ଗୋପି ଅହିର, ରାହୁଲ ବେମାଲ, ପଙ୍କଜ ସାହୁ, ରାକେଶ ବେମାଲ ପ୍ରମୁଖ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ।

## ଗାଁ ସାଥୀ ସଂଘ ବୈଠକ

ଲୋଇସିଂହା,୨୯।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଗାଁ ସାଥୀ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଗୁରବେଡା ସରପଞ୍ଚ ତଥା ଗାଁ ସାଥୀ ସଂଘ ସଭାପତି ସଞ୍ଜୟ ଗଡତ୍ୟାଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗାଁ ସାଥୀମାନଙ୍କୁ ସରକାର ବୈମାତୃକ ମନପୋଷଣ କରୁଥିବା ନେଇ ଆଲୋଚନା ହୋଇଥିଲା। ୨୦୦୮ରୁ ନିଯୁକ୍ତି ଦେଇ ସରକାରୀ ମାନ୍ୟତା ଦେଉନାହାନ୍ତି। ଏହାବ୍ୟତୀତ ୨୦୦୮ ରୁ ସରକାର ନିଯୁକ୍ତି ଦେଇଥିବା ଗାଁ ସାଥୀଙ୍କୁ କେତେକ ପଞ୍ଚାୟତରେ ହଟାଇ ନୂତନ ଗାଁସାଥୀ ରଖାଯାଇଛି। ତଲିଉଡାର ପଞ୍ଚାୟତ ବୁରୋମୁଣ୍ଡା ଗାଁର ମହିଳା ଗାଁ ସାଥୀଙ୍କ ଉପରେ ହେଉଥିବା ଅନ୍ୟାୟ ଉପରେ ଆଲୋଚନା କରାଯାଇଥିଲା। ପରଧିଆପାଲି ଗାଁ ସାଥୀ ତଥା ସରପଞ୍ଚ ସଞ୍ଜୟ ଗଡତ୍ୟା ଏବଂ ତାଲଜୁରୀ ଗାଁ ସାଥୀ ତଥା ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର ଉଭୟ ପଦରେ ରହିବାକୁ ନେଇ କେତେକ ଆପତ୍ତି ଉଠାଇଥିଲେ। ନିକଟରେ ଏକ ନିର୍ଦ୍ଦିଷ୍ଟ ଖବର କାଗଜରେ(ଧରିତ୍ରୀ ନୁହେଁ) ଗାଁ ସାଥୀ ଅଭିଯୋଗ କରିଥିବା ଉଲ୍ଲେଖ କରାଯାଇଥିଲା। ଏଭଳି ଅଭିଯୋଗକୁ ସଂଘ ପକ୍ଷରୁ ଖଣ୍ଡନ କରାଯାଇଥିଲା। ଏକଜୁଟ ହୋଇ ଗାଁ ସାଥୀଙ୍କ ସମସ୍ୟା ଉପରେ ସଂଘ କାର୍ଯ୍ୟ କରିବାକୁ ମତପ୍ରକାଶ ପାଇଥିଲା। ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଓ ପ୍ରଶାସନ ଦୃଷ୍ଟି ନ ଦେଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଥିଲା।

## ଅଣ-ଗେଜେଟେଡ୍ ବନସେବା ସଂଘ ବାର୍ଷିକ ଅଧିବେଶନ


ଅଣ-ଗେଜେଟେଡ୍ ବନସେବା ସଂଘ ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା,୨୯।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟନାସ୍ଥିତ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଓଡିଶା ଅଣ-ଗେଜେଟେଡ୍ ବନସେବା ସଂଘ କଳାହାଣ୍ଡି ଶାଖା ପକ୍ଷରୁ ୧୫ତମ ରାଜ୍ୟସ୍ତରୀୟ ଦ୍ୱି-ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ଉପସଭାପତି ଭବାନୀ ଶଙ୍କର ପରିଛା, ସ୍ଥାନୀୟ ଜୋନ୍ ସଭାପତି ପ୍ରଦୀପ ବିଶି, ସମ୍ପାଦକ ସର୍ବେଶ୍ୱର ଗହୀର ପ୍ରମୁଖ ଯୋଗଦେଇଥିଲେ। ମାଓବାଦୀ ପ୍ରବଣ ଅଞ୍ଚଳରେ କାର୍ଯ୍ୟରତ ବନରକ୍ଷୀ ଓ ବନପାଳମାନଙ୍କୁ ମାଓବାଦୀ ଭତ୍ତା ୧୫ ଶତକଡା ଦେବା, ମାସିକ ଦରମା ସମ୍ପୂର୍ଣ୍ଣ ବିବରଣୀ ବିଭାଗୀୟ କାର୍ଯ୍ୟାଳୟକୁ ପ୍ରେରଣ କରିବା, ବନକ୍ଷେତ୍ର କର୍ମଚାରୀଙ୍କ ଆରଏସିପି ଇଂକ୍ରିମେଣ୍ଟ ଓ ଏରିୟର ନିର୍ଦ୍ଧାରିତ ସମୟରେ ପ୍ରଦାନ କରିବା,

### ନୂତନ କର୍ମକର୍ତ୍ତା ଚୟନ

ସମସ୍ତ କାର୍ଯ୍ୟରତ ବନକର୍ମଚାରୀଙ୍କୁ ବିଭାଗୀୟ ପରିଚୟପତ୍ର ଯୋଗାଇବା, ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ବନପାଳ ଓ ବନରକ୍ଷୀ ପଦବି କ୍ୟାଡର ସଂଖ୍ୟା ବୃଦ୍ଧି କରିବା ଭଳି ଅନେକ ଦାବି ଉପସ୍ଥାପନା କରାଯାଇଥିଲା। ପରେ କଳାହାଣ୍ଡି ଜୋନ୍ ପାଇଁ ସଂଘ ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ଭିବିଗିରି ତାଣ୍ଡି, ଉପସଭାପତି ଜଗନ୍ନାଥ ନାଏକ ଓ ସମ୍ପାଦକ ଭାବେ ବିଘ୍ନରାଜ ପୋଢ ନିର୍ବାଚିତ ହୋଇଥିଲେ। ଏଥିରେ କଳାହାଣ୍ଡି ଜିଲା ସମେତ ରାଜ୍ୟର ସମସ୍ତ ଜିଲାର ଅଣ ଗେଜେଟେଡ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରତ୍ୟେକ ୨ ବର୍ଷରେ ଥରେ ସଂଘ ପକ୍ଷରୁ ଏଭଳି ସଭା ଆୟୋଜନ କରାଯାଇ କର୍ମଚାରୀମାନଙ୍କୁ ସୁବିଧା ଅସୁବିଧା ଓ ଦାବି ଉପରେ ଉପସ୍ଥାପନା କରାଯାଇଥାଏ।

## ବନ ସୁରକ୍ଷା ସମିତିକୁ ସାମଗ୍ରୀ ବଣ୍ଟନ


ବନ ବିଭାଗ ପକ୍ଷରୁ ଗଡଦ୍ୱାରରେ ବନ ସୁରକ୍ଷା ସମିତିଙ୍କୁ ଟେଣ୍ଟ ସାମଗ୍ରୀ ବଣ୍ଟନ କରାଯାଉଛି।

ଦେଓଗାଁ,୨୯।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅଧିନ ଆମ ଜଙ୍ଗଲ ଯୋଜନାରେ ସାମିଲ ହୋଇ ବନ ସୁରକ୍ଷା ସମିତିମାନଙ୍କୁ ଦେଓଗାଁ ବନ ବିଭାଗ ଭିଏସଏସ ତରଫରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ବନାଞ୍ଚଳ ଅଧିକାରୀ ଅଲୋକ କୁମାର ମାଝିଙ୍କ ଉପସ୍ଥିତିରେ କନକପୁର, ଗଡଦ୍ୱାର, ଘୁଚିପାଲି, ରତନପୁର, ପ୍ରତାପପୁର ଓ ନୂଆପଡା ବନ ସୁରକ୍ଷା ସମିତିକୁ ଟେଣ୍ଟ, ୟୁଟେନସିଲ ସାମଗ୍ରୀ, ସିଲାଇ ମେଶିନ, ଖଲିଦନା ତିଆରି ମେଶିନ, ଧୂପକାଠି, ଡାଲିପେସା ମେଶିନ ବଣ୍ଟନ କରାଯାଇଥିଲା। ବନସୁରକ୍ଷା ସମିତି ସଭାପତି ତଥା ସମିତି ସଦସ୍ୟାଙ୍କୁ ସାମଗ୍ରୀଗୁଡିକର ସଦ୍‌ବିନିଯୋଗ କରିବା ପାଇଁ ସଂକଳ୍ପ କରିଥିଲେ। ଏହି ଅବସରରେ ଦେଓଗାଁ ବନପାଲ ପିଙ୍କୁ ଭୋଇ, କୁଡାସିଂହା ବନପାଳ ଅଶୋକ କୁମାର ନାୟକ, ବନରକ୍ଷୀ ବିପିନ ଭୋଇ, ପ୍ରଜ୍ଞା ପରମିତା ମହାରଣା, ତଥା ପାରାଷ୍ଟାଫ, ପିଏନଜିଓ ଷ୍ଟାଫ ଓ ବନସୁରକ୍ଷା ସମିତି ଓ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷା ପାଣି ଘରେ ପଶୁଛି

ସିନାପାଲି,୨୯।୫(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଲୋକଙ୍କୁ କିଛି ମାତ୍ରାରେ ଗରମରୁ ଆଶ୍ୱସ୍ତି ମିଳିଥିବା ବେଳେ ଅନେକ ଲୋକଙ୍କ ଜନଜୀବନ ଅସ୍ତବ୍ୟସ୍ତ ମଧ ହୋଇପଡିଛି। ଗଣ୍ଡାବାହାଲି ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମରେ ଏହି ବର୍ଷାରେ ଡ୍ରେନ ପାଣି ଘରକୁ ପଶୁଥିବା ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ ଗମ୍ଭାରୀଗୁଡା ଦୁଇ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରହରୀ ଛକରୁ ନାଗପଡା ରାସ୍ତାରେ ଡ୍ରେନ ନିର୍ମାଣ କରି ଉକ୍ତ ଗଳିରାସ୍ତାର ପାଣି ନିଷ୍କାସନ ପାଇଁ ବାରମ୍ବାର ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଯାଇଛି। ଉକ୍ତ ରାସ୍ତାର ପାଣି ନିଷ୍କାସନ ହେଉଥିବା ସ୍ଥାନରେ ଜଣେ ବ୍ୟକ୍ତି ଗୃହ ନିର୍ମାଣ ପାଇଁ ମାଟି ପକାଇଦେଲେ। ଉକ୍ତ ସମସ୍ୟା ନେଇ ବର୍ଷା ଦିନରେ ଘୋର ଅସୁବିଧା ହେବ ବୋଲି ଉକ୍ତ ରାସ୍ତାରେ ଡ୍ରେନ ନିର୍ମାଣ


ଗମ୍ଭାରୀଗୁଡା ଗ୍ରାମରେ ବର୍ଷାରେ ଡ୍ରେନ ପାଣି ଘରେ ପଶୁଛି।

### ଡ୍ରେନ ନିର୍ମାଣ ଦାବି

କରି ପାଣି ନିଷ୍କାସ କରିବାକୁ ଗତ ଏପ୍ରିଲ ୧୧ ତାରିଖରେ ସ୍ଥାନୀୟ ଲୋକେ ସିନାପାଲି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏହି ଅଦିନିଆ ବର୍ଷାରେ ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମି ଘର ଘରକୁ ପଶୁଛି। ଫଳରେ ଲୋକଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ରାସ୍ତାରେ ଡ୍ରେନ ନିର୍ମାଣ କରି ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ହରୀରାମ ମେହେର, ବଂଶୀ ହଂସ, ତ୍ରିଲୋଚନ ମେହେର, ରୋହିତ ମେହେର, ଉମାକାନ୍ତ ମେହେର, ତୀର୍ଥ ନାଗ, ନୃପ ନାଗ ପ୍ରମୁଖ ଦାବି କରିଛନ୍ତି।

## ଝାଙ୍କରପଡ଼ାରେ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ

ପଦ୍ମପୁର,(ଡି.ଏନ.ଏ.): ପଦ୍ମପୁର ଝାଙ୍କର ପଡାରେ ରବିବାର ନୂତନ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଏଥିରେ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କାଉନସିଲର କବିତା ସେଠଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପରିତ୍ୟକ୍ତ କୂଅରୁ ଗାଈ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ



**କୋକସରା,୨୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତ ନୂଆଗୁଡା ଗ୍ରାମର ଚାଷଜମି ନିକଟ ଏକ ପରିତ୍ୟକ୍ତ କୂଅରେ ପଡ଼ିଥିବା ଗାଇକୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଗ୍ରାମର ନାରାୟଣ ବେଶ୍ରାଙ୍କ ଗାଈ ରବିବାର ପଡିଥିବା ଦେଖି ସ୍ଥାନୀୟ ଲୋକେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ଓ କର୍ମଚାରୀ ପହଞ୍ଚି କୌଶଳ କ୍ରମେ କୂଅରୁ ବହୁ କଷ୍ଟରେ ଗାଈକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିବା ଜଣାପଡ଼ିଛି। କର୍ମଚାରୀଙ୍କ ତ୍ୱରିତ ଉଦ୍ଧାର ଯୋଗୁ ମରଣ ମୁହଁରୁ ଏକ ଗାଈ ରକ୍ଷା ପାଇଥିବାରୁ ଗ୍ରାମବାସୀ କର୍ମଚାରୀଙ୍କୁ ସାବାସୀ ଦେଇଛନ୍ତି।

### ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ଭାରତ ମିଶନ ବୈଠକ

**ଲୋଇସିଂହା,୨୯।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଭାଗୃହଠାରେ ପାନୀୟ ଜଳ ଓ ସ୍ୱଚ୍ଛତା ଭାରତ ମିଶନର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଉଭୟ ଜୋନର ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ବିଡିଓ ଶଙ୍କର କେରକେଟା ପରିଚାଳନା କରିଥିଲେ। ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀମାନେ ଅବଗତ କରିଥିଲେ। ପାନୀୟ ଜଳ ପ୍ରକଳ୍ପର ସ୍ଥିତାବସ୍ଥା ଓ ସ୍ୱଚ୍ଛ ଭାରତ ମିଶନର ଅସୁବିଧାଗୁଡିକ ଉପରେ ସଭ୍ୟମାନେ ଆଲୋଚନା କରି ସମାଧାନ ଦାବି କରିଥିଲେ। ବୈଠକରେ ବିଭାଗୀୟ ଯନ୍ତ୍ରୀ ଅରବିନ୍ଦ ମହାନ୍ତ, ଦୁର୍ଗାପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

### ସାବିତ୍ରୀ ପାଇଁ ଫଳ ଦର ଆକାଶଛୁଆଁ

**ରୁପ୍ରା ରୋଡ,୨୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ସମେତ ସମସ୍ତ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଇଁ ଫଳ ଦର ଏବେ ଆକାଶ ଛୁଆଁ ହୋଇଯାଇଛି। ଏହା ଚିନ୍ତାର କାରଣ ହୋଇଥିବା ବେଳେ ଏହି ମହଙ୍ଗା ମାଡରେ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭିଡକୁ ଦେଖି ବ୍ୟବସାୟୀମାନେ ମଧ ଦର ବଢାଉ ଥିବା ଜଣାପଡ଼ିଛି। ଏହା ଗୋଟିଏ ଦିନର ବ୍ୟବସାୟ ହୋଇଥିବାରୁ ଦର ବୃଦ୍ଧି ହୋଇଛି ବୋଲି ପ୍ରକାଶ କରିଥିଲେ। ରବିବାର ପାଚିଲା କଦଳୀ ଡ଼ଜନ ୮୦, ସପୁରି ଗୋଟାକୁ ୪୦, ଲିଚୁ ଗୋଟାକୁ ୧୦, ସେଓ ଗୋଟାକୁ ୩୪୦, ଡାଳିମ୍ବ ୩୦, ଅଙ୍ଗୁର କେଜି ୧୫୦, କମଳା ଗୋଟାକୁ ୩୦, ଡିମିରି ଗୋଟିଏକୁ ୨୦, ପିସ୍ତାବାଦାମ ୧୦, ପଣସ ଗୋଟାକୁ ୧୦୦, ତରଭୁଜ ୮୦, ଆମ୍ବ କେଜି ୮୦, ଜାମୁ ଗୋଟାଟାକୁ ୧୦, ପଇଡ ୫୦ଟଙ୍କା, ଖଜୁରୀ ୧୦୦ ଗ୍ରାମକୁ ୨୦, ତାଳ ଦୁଇଟାକୁ ୧୦ ଟଙ୍କା ଦରରେ ବିକ୍ରି ହେଉଛି।

### ଡ୍ରାଇଭର ମହାସଂଘର ବନ୍ଧୁମିଳନ

**ସିନାପାଲି,୨୯।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲିସ୍ଥିତ ଗଡରାମାଳସ୍ଥିତ ଆମ୍ବ ତୋଟାଠାରେ ସିନାପାଲି ଡ୍ରାଇଭର ସଂଘର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି ସୁମଳ ଅଲଟିଆ, ରାଜ୍ୟ ସମ୍ପାଦକ ଘନଶ୍ୟାମ ବେହେରା, ସିନାପାଲି ବ୍ଲକ ଡ୍ରାଇଭର ସଂଘ ସଭାପତି ଗୋବିନ୍ଦ ବାଗ, ଉପସଭାପତି ବୁଲୁ ପଟେଲ, ସମ୍ପାଦକ ପବିତ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଂଘ କର୍ମକର୍ତ୍ତାଙ୍କୁ କାପସିଛକ ନିକଟରେ ସ୍ୱାଗତ କରାଯାଇଥିଲା। ଗଡରାମାଳ ନିକଟ ବନ୍ଧୁମିଳନ ଉତ୍ସବ ପଡିଆକୁ ନିଆଯାଇଥିଲା। ସେଠାରେ ସଂଘ ଆଗାମୀ କାର୍ଯ୍ୟପନ୍ଥା, ବିଭିନ୍ନ ସମସ୍ୟା ଓ ଗତ କିଛିଦିନ ତଳେ ସରକାରଙ୍କୁ ଦେଇଥିବା ସାମୁହିକ ସମସ୍ୟା ସମାଧାନ ବିଷୟରେ ଆଲୋଚନା କରଯାଇଥିଲା। ବନ୍ଧୁମିଳନରେ ନୂଆପଡ଼ା ଜିଲା ସମେତ କଳାହାଣ୍ଡି ଓ ଛତିଶଗଡ଼ ଅଞ୍ଚଳର ଡ୍ରାଇଭରମାନେ ସାମିଲ ରହିଥିଲେ।

# ଭୂମିସୂତାଙ୍କ ମୁହଁରେ ହସ ଫୁଟିଲା

**ବଲାଙ୍ଗୀର ଅଫିସ, ୨୯।୫**

■ଭେଣ୍ଡିଂ କାଉଣ୍ଟର ହସ୍ତାନ୍ତର କଲା ପ୍ରଶାସନ
■ସ୍ୱାବଲମ୍ବୀ ହେବା ପାଇଁ ଦୋକାନ କରିବେ
■ଦୁଇ ପିଲାଙ୍କ ସହ କଷ୍ଟରେ ଜୀବନ ବିତାଉଥିଲେ

ଅବହେଳିତା ଭୂମିସୂତା ତ୍ରିପାଠୀ ନାମକ ଜଣେ ମହିଳାଙ୍କୁ ପରିବାର ପ୍ରତିପୋଷଣ ପାଇଁ ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖରେ ଥିବା ଗାଡି ପାର୍କିଂ ଓ ବିକ୍ରୟସ୍ଥଳରେ ଏକ ଭେଣ୍ଡିଂ କାଉଣ୍ଟର ହସ୍ତାନ୍ତରିତ କରାଯାଇଛି। ପାଟଣାଗଡ ଥାନା ମୁଦଘାଟ ଗାଁର ରାଜେନ୍ଦ୍ର ପଣ୍ଡା ଓ ଦେବମତୀ ପଣ୍ଡାଙ୍କ ଏକମାତ୍ର କନ୍ୟା ଭୂମିସୂତା ସଦର ବ୍ଲକ୍ ପରଧିଆପାଲିରେ ବିବାହ କରିଥିଲେ । ମାତ୍ର ଦୁର୍ଭାଗ୍ୟକୁ ତାଙ୍କ ସ୍ୱାମୀ ଭୂମିସୂତାଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ। ଶେଷରେ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ମୁଦଘାଟ ଗାଁରେ ଛାଡିଦେଇ ସ୍ୱାମୀ କୁଆଡେ ଚାଲି ଯାଇଥିଲେ। ଅନ୍ୟନୋପାୟ ହୋଇ ଭୂମିସୂତାଙ୍କ ବୃଦ୍ଧ ପିତାମାତା ଝିଅ ଓ ନାତି, ନାତୁଣୀଙ୍କ ସହ ପେଟ ପାଟଣା ପାଇଁ ବଲାଙ୍ଗୀର ପଳାଇ ଆସିଥିଲେ। ଏହାପରେ ଭୂମିସୂତା ଜିଲାପାଳ ରାଣାଙ୍କୁ ଭେଟି କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ଜିଲାପାଳ ରାଣା ସ୍ୱାବଲମ୍ବୀ ହେବା ପାଇଁ ତାଙ୍କୁ ମ୍ୟୁନିସିପାଲିଟି ଭେଣ୍ଡିଂଜୋନ୍‌ର ଏକ ଦୋକାନ ଷ୍ଟଲ, ଜିଲା ଜରୁରୀ ଶାଖାରୁ କିଛି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହାପରେ ଜିନିଷପତ୍ର କିଣାକିଣି କରିବାରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ ଖୁଆସ ସହଯୋଗ କରିଥିଲେ। ଉକ୍ତ ଦୋକାନ ଆରମ୍ଭ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଯୋଗେଶ୍ୱର ମହାନ୍ତି, ଜିଲା ଜରୁରୀ ଶାଖାର ଶ୍ରୀନିବାସ ତ୍ରିପାଠୀ, ଇଶାନ ମିଶ୍ର, ସୁଦାମ ସୁନା, ଶୁଭେନ୍ଦୁ ମେହେର ଉପସ୍ଥିତ ରହିଥିଲେ।

# ଏନ୍‌ପିଏସ୍ ଶିକ୍ଷକ, କର୍ମଚାରୀ ସଂଘ ବୈଠକ, କର୍ମକର୍ତ୍ତା ଚୟନ




ଏନପିଏସ୍ ଶିକ୍ଷକ, କର୍ମଚାରୀ ସଂଘ ନୂତନ ବ୍ଲକସ୍ତରୀୟ କର୍ମକର୍ତ୍ତା ବୃନ୍ଦ।

**ଜୁନାଗଡ,୨୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଏନ୍‌ପିଏସ (ନୂତନ ପେନ୍‌ସନ ଯୋଜନା) ଅର୍ନ୍ତଭୁକ୍ତ ଶିକ୍ଷକ, କର୍ମଚାରୀ ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶକ୍ତିପ୍ରସାଦ ମେହେରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ସଙ୍ଗଠନ ସଭାପତି ସାମନ୍ତ କୁମାର ପାଟଯୋଷୀ, ସମ୍ମାନିତ ଅତିଥି ଭାବେ ଜିଲା ସଂଘ ସଂଯୋଜକ ସରୋଜ କୁମାର ସାହୁ, ସମ୍ପାଦକ ଗିରିଜା ଶଙ୍କର ସାହୁ, ସୂର୍ଯ୍ୟ ପ୍ରସାଦ ଠାକୁର, ଜିଲା ସହ ସମ୍ପାଦିକା ସସ୍ମିତା ବେହେରା, ସମ୍ପାଦକ ଅଜୟ କୁମାର ସାହୁ, ଜିଲା ଉପସଭାପତି ବିବେକାନନ୍ଦ ସୁନା, ଜୁନାଗଡ ବ୍ଲକ ପ୍ରଭାରୀ ଅକ୍ଷୟ ସତନାମି ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ପ୍ରଚଳିତ ନୂତନ ପେନସନ୍ ଯୋଜନାର ଦୃଢ ନିନ୍ଦା କରିବା ସହ ପୁରାତନ ପେନସନ୍‌ର ପ୍ରଚଳନ ପାଇଁ ଦାବି କରିଥିଲେ। ଗତ ୬ ବର୍ଷର ଠିକା ନିଯୁକ୍ତି ଚାକିରି କାଳକୁ ନିୟମିତ ଚାକିରି କାଳରେ ମିଶ୍ରଣ କରିବା ଦାବି ମଧ କରାଯାଇଥିଲା। ବ୍ଲକସ୍ତରରେ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶକ୍ତି ପ୍ରସାଦ ମେହେର, ଉପସଭାପତି ଜୋସ୍ନାରାଣୀ ସାହୁ, ସଞ୍ଜୀବ କୁମାର ନାଏକ, ସାଧାରଣ ସମ୍ପାଦକ ମହେଶ ଭାଟି, ସହସମ୍ପାଦକ ମାନିନୀ ମେହେର, ବିଭୁ ରଞ୍ଜନ ସରାଫ, କୋଷାଧକ୍ଷ ଦୀପକ ଶର୍ମା, ବ୍ଲକ ସଂଯୋଜକ ଚମ୍ପଲାଲ ପାଢ଼ି, ଜଗଦିଶ ସାହୁ, ତିଲୋତ୍ତମା ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ।

# ହୋଟେଲ ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ



ବଲାଙ୍ଗୀର ହୋଟେଲ ମାଲିକ ସଂଘର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ହୋଟେଲ ମାଲିକ।

**ବଲାଙ୍ଗୀର ଅଫିସ, ୨୯।୫**

**ଜୟ ସଭାପତି, ରବି ସମ୍ପାଦକ ମନୋନୀତ**

ସ୍ଥାନୀୟ ସ୍ୱୟମ୍ ହୋଟେଲରେ ବଲାଙ୍ଗୀର ହୋଟେଲ ସଂଘର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଶୋକ ପାଢୀଙ୍କ ସଂଯୋଜନାକ୍ରମେ ଆୟୋଜିତ ବୈଠକ ପ୍ରାରମ୍ଭରେ ଆଗାମୀ ବର୍ଷରେ ସଂଘ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ସର୍ବସମ୍ମତିକ୍ରମେ ଜୟ ପୁରୋହିତ ସଭାପତି, ଲୋଟସ ଷଡଙ୍ଗୀ ଉପସଭାପତି, ରବି ପୂଝାରୀ ସମ୍ପାଦକ, ଅଭିଜିତ ମିଶ୍ର ସହସମ୍ପାଦକ ଓ ଜନ୍ମୟ ଭ୍ରମରଙ୍କୁ କୋଷାଧକ୍ଷ ମନୋନୀତ କରାଯାଇଥିଲା । ସେହିପରି ଅଶୋକ ପାଢୀ, ତ୍ରିପୁରାରୀ ପାଣିଗ୍ରହୀ, ନରେନ୍ଦ୍ର ସାହୁ, ରାମ ଦାଶ, ଭକ୍ତ ବେହେରା, ବିଶ୍ୱଜିତ ସାହୁ, ହେମନ୍ତ ମିଶ୍ର ଓ ବୁଲୁ ପୁରୋହିତଙ୍କୁ ସଂଘ କାଯ୍ୟକାରିଣୀ ସମିତି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସଂଘ କ'ଣ କାର୍ଯ୍ୟକ୍ରମ କରିବ ସେ ଉପରେ ଆଲୋଚନା କରାଯାଇଥିଲା।

ବିଗତ କରୋନା କାଳରେ ହୋଟେଲ ମାଲିକମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କ ପାଇଁ ସରକାରୀସ୍ତରରେ କୌଣସି ସୁବିଧା ସୁଯୋଗ ବା ରିହାତି ଦିଆଯାଇ ନାହିଁ। ଏହାସତ୍ତ୍ୱେ ଦୁଇବର୍ଷ କାଳ ହୋଟେଲମାନେ କଟକଣା ନିୟମ ମୁତାବକ ଗ୍ରାହକଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିଥିଲେ। ତା ଉପରେ ସରକାରୀ ଓ ବ୍ୟାଙ୍କ କର ହୋଟେଲ ମାଲିକମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୁର୍ବଳ କରିଛି। ଏବେ ବଜାର ଖୋଲିବା ପରେ ଲଗାତାର ଭାବେ ବିଜୁଳି ବିଭ୍ରାଟ, ନିଅଣ୍ଟିଆ ଜଳ ଯୋଗାଣ, ଟ୍ରାଫିକ ସମସ୍ୟା ଓ ସହରର ବିପର୍ଯ୍ୟସ୍ତ ଆଇନ ସୁରକ୍ଷା ବ୍ୟବସ୍ଥା ବଲାଙ୍ଗୀରରେ ହୋଟେଲ ଉଦ୍ୟୋଗକୁ ପ୍ରଭାବିତ କରୁଛି ବୋଲି ଆଲୋଚନା ହୋଇଥିଲା। ସରକାର ତଥା ପ୍ରଶାସନ ହୋଟେଲ ଉଦ୍ୟୋଗୀଙ୍କ ଏସବୁ ସମସ୍ୟାର ସମାଧାନ କରିବା ସହ ହୋଟେଲ ମାଲିକଙ୍କ ପ୍ରତି ସହଯୋଗ ତଥା ସହାୟତାର ହାତ ବଢାଇଲେ ସଂଘ ଅଞ୍ଚଳରେ ପର୍ଯ୍ୟଟନ ବିକାଶରେ ମୁଖ୍ୟ ସହଯୋଗୀ ଭୂମିକା ଗ୍ରହଣ କରିପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଛି

**ଲାଠୋର, ୨୯।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ଏବଂ ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାୟ ସମୟ ତାଲା ଝୁଲୁଛି। ଏଥିଯୋଗୁ ପ୍ରତ୍ୟହ ଭତ୍ତା, ଆବାସ ଗୃହ, ରାଶନ କାର୍ଡ଼ ତଥା ଏମଜିଏନଆରଇଜିଏସ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନିରାଶ ହୋଇ ଘରକୁ ଫେରୁଛନ୍ତି। ସରକାରୀ ନିୟମ ଅନୁସାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଏବଂ ଅନ୍ୟ କର୍ମଚାରୀ ପ୍ରତିଦିନ କାର୍ଯ୍ୟାଳୟରେ ଉପସ୍ଥିତ ହେବା କଥା। ହେଲେ ପ୍ରଶାସନିକ ଅବହେଳା ହେତୁ ସମ୍ପୃକ୍ତ କର୍ମଚାରୀମାନେ ମାସରେ ଦୁଇ ଚାରି ଥର ଆସି କାର୍ଯ୍ୟ ସମ୍ପାଦନ କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ସରପଞ୍ଚ ଏବଂ କର୍ମଚାରୀଙ୍କ ଫୋନ ନମ୍ବର ଲେଖିବା ପାଇଁ ଦାବି ହୋଇ ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ କାନ୍ଥରେ ଯଥାଶୀଘ୍ର ଫୋନ ନମ୍ବର ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯିବ ହୋଲି କହିଥିଲେ।

# ଭୂତଳ ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ



ଭୂତଳ ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

**ବଲାଙ୍ଗୀର ଅଫିସ, ୨୯।୫**

ବଲାଙ୍ଗୀର ଲର୍କିପାଲିସ୍ଥିତ ରାଜେନ୍ଦ୍ର ଏକ୍ସପେରିମେଣ୍ଟାଲ ଫାର୍ମରେ ଏକଦିବସୀୟ ଭୂତଳ ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ, ଜଳ ସଂସାଧନ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ, କେନ୍ଦ୍ରୀୟ ଭୂମିଜଳ ଭୁବନେଶ୍ୱର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରୀୟ ଭୂତଳ ଜଳ ପରିଷଦ ବୈଜ୍ଞାନିକ ଡ. ତରୁଣ ମିଶ୍ର ଏବଂ ଡ, ସୁଧାଂଶୁ କୁମାର ମହାନ୍ତି ଯୋଗଦେଇ ଭୂତଳ ଜଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଶାରଦା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳଛାୟା ପ୍ରକଳ୍ପ ଅଧିକାରୀ ମହିତୋଷ ଦାସ, କୃଷି ବିଭାଗୀୟ ଅଧିକାରୀ ଗୌନ୍ତିଆ ରଣା, ଜଗବନ୍ଧୁ ପଟେଲ, ସୁଧାକର ନନ୍ଦ, ସୁନନ୍ଦା ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀରର ଶତଧିକ ଚାଷୀଙ୍କ ସହ କୃଷି କର୍ମଚାରୀ ଯୋଗ ଦେଇଥିଲେ। ଆତ୍ମାର ସୂର୍ଯ୍ୟକୁମାର ଦାଶ, ଗୁଣକାର ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପାଇପ୍ ଲାଇନ ପାଇଁ ଗାତ ଖୋଳି ପୋତୁନି ଠିକାସଂସ୍ଥା

**ନୂଆପଡ଼ା ଅଫିସ,୨୯।୫**



ପାଇପ ଲାଇନ ଖୋଳି ଛାଡି ଦିଆଯାଇଛି।

ସରକାର ଲୋକଙ୍କ ହିତ ପାଇଁ ଯୋଜନା ଯୋଜନା କରୁଛନ୍ତି। ଯୋଜନାଗୁଡ଼ିକୁ ସଫଳ ରୂପାୟନ ପାଇଁ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ପ୍ରଶାସନ ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ନୂଆପଡା ଜିଲାରେ ତାହା ବ୍ୟତିକ୍ରମ ଦେଖାଦେଇଛି। ଠିକାସଂସ୍ଥା ଓ ସରକାରୀ ଅଧିକାରୀମାନେ ଯୋଜନାକୁ ଭଣ୍ଡୁର କରୁଥିବା ଅଭିଯୋଗ ହେଉଛି। ଜେସିବି ଦ୍ୱାରା ପାଇପ୍ ଲାଇନ୍ ଖୋଳି ପୋତୁ ନ ଥିବାରୁ ରାସ୍ତା ଖରାପ ହେବା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି। ଜିଲାର ସମସ୍ତଙ୍କୁ ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ମେଘା ପ୍ରକଳ୍ପ କିମ୍ବା ବସୁଧା ଯୋଜନାରେ ପ୍ରତ୍ୟେକ ଗାଁକୁ ସାମିଲ କରାଯାଇଛି। ପ୍ରତ୍ୟେକ ଘରକୁ ପାଣି ଯିବା ପାଇଁ ପାଇପ ବିଛା କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥା ପ୍ରତ୍ୟେକ ଗାଁ ରାସ୍ତା କଡ଼ରେ ଜେସିବି ଦ୍ୱାରା ନାଳ ଖୋଳି (ଖୋଦି) ପାଇପ ବିଛାଉଛନ୍ତି। ଖୋଳି ପାଇପ ବିଛାଇ ଶୀଘ୍ର ନ ପୋତୁ ଥିବାରୁ ସେଠାରେ ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ପଶୁ ପଡି ମୃତ୍ୟୁମୁଖରେ ପଡୁଥିବା ବେଳେ ଅନେକ ଛୋଟବଡ ଦୁର୍ଘଟଣା ଘଟୁଛି। ଫଳରେ ଜୀବନ ହାନି ହେବା ସହିତ ରାସ୍ତା ମଧ୍ୟ କଦର୍ଯ୍ୟ ହେବାରେ ଲାଗିଛି। ଯାନବାହାନ ଯିବା ଦୂର କଥା ଖାଲି ପାଦରେ ଚାଲିବା ପାଇଁ ମଧ୍ୟ ଅସୁବିଧା ହୋଇଥାଏ। ଜିଲାର ଅଧିକାଂଶ ଗାଁରେ ପାଇପ ଲାଇନ ଖୋଳା ଯାଇଛି। ହେଲେ ପାଇପ ବିଛା ଯାଇନାହିଁ କିମ୍ବା ପୋତା ଯାଇନାହିଁ। ଗାଁର ଛୋଟ ଛୋଟ ଶିଶୁମାନେ ଖେଳୁଥିବା ସମୟରେ ଖୋଳିବା ଗାତରେ ପଡିଯିବା ସମ୍ଭାବନା ରହିଛି। ଠିକାସଂସ୍ଥା କର୍ମଚାରୀମାନଙ୍କୁ ପଚାରିଲେ ମାଲିକଙ୍କ ନିର୍ଦ୍ଦେଶ ଅନୁସାରେ ଆମେ କୋଡି ଚାଲିଛୁ। ପାଇପ ପଡିଲା ପରେ ଏକା ସାଙ୍ଗରେ ପାତିଦେବୁ ବୋଲି କହିଛନ୍ତି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠନିକ ନିର୍ବାଚନୀ ସଭା

**କେସିଙ୍ଗା,୨୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବୃନ୍ଦାବନ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ମହାସଚିବ ଅମୀୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠାନିକ ନିର୍ବାଚନ-୨୦୨୨ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁରେନ୍ଦ୍ର ମୋହନ ଯୋଶୀ, ଉପସଭାପତି ଭାବେ ବୀରେନ୍ଦ୍ର ବାଗ, ସୁବାଷ ପୁରୋହିତ, ଅର୍ଚନା ମିଶ୍ର, ସାଧାରଣ ସମ୍ପାଦକ ଭାବେ ଧୀରେନ୍ଦ୍ର କୁମାର ପାଟନାୟକ, ଅର୍ଗାନାଇଜ ସମ୍ପାଦକ ଭାବେ ପଦ୍ମଲୋଚନ ନାଏକ, କୋର୍ଡିନେଟର ଭାବେ ବିଶ୍ୱଜିତ ବେହେରା, ଯୁଗ୍ମସମ୍ପାଦକ ଭାବେ ଉପେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ଲିଙ୍ଗରାଜ ନାଏକ, ପ୍ରଶାନ୍ତ ଦଣ୍ଡସେନା, କେସିୟର ଭାବେ ଶିବ ପ୍ରସାଦ ଦାଶ ମନୋନୀତ ହୋଇଛନ୍ତି। ପ୍ରଥମେ ସ୍ୱାଗତ ଭାଷଣ ସୁରେନ୍ଦ୍ର କୁମାର ଦୋରା ପ୍ରଦାନ କରିଥିବା ବେଳେ ବିକ୍ରମ ସାହୁ ମଞ୍ଚ ପରିଚାଳନା ଏବଂ କୁଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଉଦ୍ୟାନ, ରାଜସ୍ୱ ଗୃହ ଉଦ୍‌ଘାଟିତ

**ଅମରପାଲି,୨୯।୫(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ରବିବାର ରାଜ୍ୟ ବାଣିଜ୍ୟ, ପରିବହନ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ସେ କାନପୁର ଛକଠାରେ ଏକ ଯାତ୍ରୀ ବିଶ୍ରାମଗାର, ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଶିଶୁ ଉଦ୍ୟାନ ଓ ୧୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାଜସ୍ୱ ଗୃହିକୁ ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ମହାବିଦ୍ୟାଳୟର ନିଜସ୍ୱ ୱେବସାଇଟ ଏବଂ ଷ୍ଟାଫ କମନରୁମ୍ କୋଠାର ବି ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ପରେ କଲେଜ ମୁଖ୍ୟ ଫାଟକରେ ତୋରଣର ଶିଳାନ୍ୟାସ କରିଥିଲେ ପରିବହନ ମନ୍ତ୍ରୀ। ଏହି ଅବସରରେ ଅନ୍ୟମାନଙ୍କ ମଧରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡିଓ ମୋତିଲାଲ ସୁଲିଆ, ବୀରମହାରାଜପୁର ମହାବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ ମେହେର, ପରିଚଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ପ୍ରକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ରଥ, ମୁରଲୀଧର ହୋତା, ସରପଞ୍ଚ ସଂଘ ସଭାପତି ଶ୍ରୀୟା ମହାକୁର, ସମ୍ପାଦକ ସୂର୍ଯ୍ୟ ନନ୍ଦ, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, କିଶୋର ହୋତା ପ୍ରମୁଖ ଯୋଗ ଦେଇଥିଲେ। କଲେଜଠାରେ ଆୟୋଜିତ ସଭା ପରିଚାଳନା କରିଥିଲେ ଅଧାପକ ପ୍ରକାଶ ସେଟ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ରଞ୍ଜିତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ଦ୍ୱାରା ହିଁ ମାଳୀ ଜାତିର ବିକାଶ ସମ୍ଭବ

**ନୂଆପଡ଼ା ଅଫିସ,୨୯।୫**




ସଭାରେ ଉପସ୍ଥିତ ମାଳୀ ସମାଜର ସଦସ୍ୟ ବୃନ୍ଦ।

**ମାଳି ସମାଜ ବିକାଶ ପରିଷଦର ଜିଲାସ୍ତରୀୟ ଶପଥ ଗ୍ରହଣ ଉତ୍ସବ**

ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁଠାରେ କୋଶଳେଶ୍ୱର ମାଳୀ ସମାଜ ବିକାଶ ପରିଷଦ ଜିଲାସ୍ତରୀୟ ଶପଥ ଗ୍ରହଣ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଥମେ ବାବା କୋଶଳେଶ୍ୱରଙ୍କୁ ପୂଜା ଅର୍ଚ୍ଚନା କରି ସମାଜର ପତାକା ଉତ୍ତୋଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସଭାପତି ବାସୁଦେବ ମାର୍ଥା, ମୁଖ୍ୟବକ୍ତା ଭାବେ ଅନିରୁଦ୍ଧ କୁରୁକୁରିଆ, ସମ୍ମାନିତ ଅତିଥି ଭବରେ ଦାରାସିଂ ପଟେଲ, ବଲାଙ୍ଗୀର ଜିଲା ସଭାପତି କାର୍ତ୍ତିକ ପଟେଲ, କଳାହାଣ୍ଡି ଜିଲା ସଭାପତି ଯୋଗିରାମ ପଟେଲ, ରାୟଗଡା ଜିଲା ସଭାପତି ଅଭିରାମ ବାରିଆ, ନୂଆପଡା ଜିଲା ସଭାପତି ଯଗରାଜ ପଟେଲ, ସମ୍ପାଦକ ଭୂମନ୍ତ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜରେ ଥିବା କୁସଂସ୍କାର, ବାଲ୍ୟ ବିବାହକୁ ବନ୍ଦ କରିବା, ମହିଳାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ସହିତ ଯୁବ ସଙ୍ଗଠନ ଦ୍ୱାରା ସମାଜ ଆଗକୁ ଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଯୋଉଁମାନେ ସମାଜକୁ ଦୁଇ ଭାଗ କରି ନିଜର ସ୍ୱାର୍ଥ ହାସଲ ପାଇଁ ଲାଗିଛନ୍ତି, ସେମାନଙ୍କୁ ଦୃଢ ନିନ୍ଦା କରାଯାଇଥିଲା। ଗତ ୧୮ ତାରିଖରେ ଭାଲୁଡୋଙ୍ଗରି ଗ୍ରାମରେ ଜିଲା କମିଟି ଗଠନ ହୋଇଥିବା ବେଳେ ରବିବାର ଶପଥ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲା କମିଟି ଏବଂ ବରଗାଁ ଅଞ୍ଚଳ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରି ସାମାଜକୁ ଆଗେଇ ନେବା ପାଇଁ ପ୍ରତିଜ୍ଞା କରିଥିଲେ। କେଦାରନାଥ ପଟେଲ ମଞ୍ଚ ପରିଚାଳନା କରିଥିଲେ।

## ଝାଙ୍କରପଡ଼ାରେ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ

ପଦ୍ମପୁର,(ଡି.ଏନ.ଏ.): ପଦ୍ମପୁର ଝାଙ୍କର ପଡାରେ ରବିବାର ନୂତନ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଏଥିରେ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କାଉନସିଲର କବିତା ସେଠଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବାଳିକା ମୃତ

**ଗୁପ୍‌ଚୁପ୍ ଖାଇବା ଆଶା ପଭଳି ଗଲା**

ପଦ୍ମପୁର,୨୯।୫(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁରଠାରେ ରବିବାର ଏକ ବାଇକ୍ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରେୟାଂଶୀ ଗଡ଼ତିଆ(୧୩)। ପୋଲିସ ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଧକ୍କା ଦେଇଥିବା ବାଇକ୍ ଆରୋହୀ ଲୋକେଶ ସାହୁଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ନୂଆପଡା ଜିଲା ସିଲେଟପଡାର ଉପେନ୍ଦ୍ର ଗଡତିଆ ଜମଲା ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରନ୍ତି। ସେ ତାଙ୍କ ସ୍ତ୍ରୀ ଓ ଝିଅ ଶ୍ରେୟାଂଶୀଙ୍କୁ ଧରି ଯାଉଥିବା ବେଳେ ବାଟରେ ପଦ୍ମପୁର ନେହେରୁଗଳି ଛକରେ ଅଟକିଥିଲେ। ଶ୍ରେୟାଂଶୀ ଗୁପ୍‌ଚୁପ୍ ଖାଇବାକୁ ଇଚ୍ଛା ପ୍ରକାଶ କରିବାରୁ ତାଙ୍କ ମା' ହାତ ଧରି ଗୁପ୍‌ଚୁପ୍ ଦୋକାନକୁ ନେଇଥିଲେ। ଏହି ସମୟରେ ଲୋକେଶ କ୍ଷୀପ୍ରଗତିରେ ବାଇକ୍‌ରେ ଆସି ଶ୍ରେୟାଂଶୀଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ କଚାଡି ହୋଇ କିଛି ଦୂର ଘୋଷାଡି ହୋଇଯାଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଯୁବଚାଷୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ସୋହେଲା,୨୯।୫(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ଅଞ୍ଚଳର ଯୁବଚାଷୀ ଯଶୋବନ୍ତ ଭୋଇଙ୍କ ପରଲୋକରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସୋହେଲା ଡାକବଙ୍ଗଳାରେ ଅନୁଷ୍ଠିତ ଏହି ଶୋକସଭାରେ କୃଷକ ବିକାଶ ମଞ୍ଚ ସଭାପତି ଜୟକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋହର ମାଝୀ ସଭା ପରିଚାଳନା କରିଥିଲେ। ଗୁଣସାଗାର ପଧାନ, କପିଳ ଥପା, ହେମଚନ୍ଦ୍ର ପଧାନ, ଅନ୍ତର୍ଯାମୀ ପାତ୍ର, ଚନ୍ଦ୍ରଶେଖର ପଧାନ, ଦୈତାରି ଭୋଇ, ଲକ୍ଷଣ ପଧାନ, ଦୀପକ ପଧାନ, ନନ୍ଦିକିଶୋର ଭୋଇ, ଶ୍ରୀକାନ୍ତ ନାୟକଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଲମ୍ଭରୁପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସୋହେଲା ବ୍ଲକ କୁଳତା ସମାଜ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରମାକାନ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବହୁ ସଦସ୍ୟ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

### ଗୋଁଡ ସମାଜ ବୈଠକ

ପାଇକମାଳ,୨୯।୫(ଡି.ଏନ.ଏ): ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ରବିବାର ଅଖିଳ ଭାରତୀୟ କ୍ଷତ୍ରୀୟ ଗୋଁଡ ସମାଜର ଏକ ପ୍ରସ୍ତୁତି ବୈଠକ ବୁଢାସମ୍ବର ସଭାପତି ଅମର ସିଂ ଧରୁଆଙ୍କ ସଭାପତିତ୍ୱର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଁଡ ସମାଜର ଆରାଧ ଦେବତା ଶ୍ରୀ ଶ୍ରୀ ବୁଢାଦେଓଙ୍କ ପୂଜାର୍ଚ୍ଚନା ପାଇଁ ଏକ ମଣ୍ଡପ ନିର୍ମାଣ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକର ସଭାପତି, ସମ୍ପାଦକ ଏବଂ ବିଭିନ୍ନ ପଦାଧିକାରୀ ଯୋଗଦାନ କରିଥିଲେ। ପୁରେନା ସର୍କଲ ସଭାପତି ଶୁକଦେବ ମାଝୀ, ମାୟାରାମ ଜଗତ, ଗୌରେସନ ଧରୁଆ, କୃଷ୍ଣ ଧରୁଆ, ଶିବ ପୁଟା, କପୁରଚନ ଧରୁଆ, ଦୟାନନ୍ଦ ମାଝୀ, ଅମୃତ ବାଗ, ସହଦେବ ମାଝୀ ପ୍ରମୁଖ ନିଜ ନିଜ ମତପ୍ରକାଶ କରିଥିଲେ। ସମ୍ପାଦକ ନରସିଂ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀମାରାଶି ନ ଦେଲେ ୧୩ରୁ ଜେଲଭରୋ ଆନ୍ଦୋଳନ

**କୃଷକ ସଙ୍ଗଠନର ଚରମବାଣୀ**

ପଦ୍ମପୁର,୨୯।୫(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ଜରୁରୀ ବୈଠକ ରବିବାର ସ୍ଥାନୀୟ ଗୋରୁବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ ଏଥିରେ ଅଧକ୍ଷତା କରିଥିଲେ। ବୀମା କମ୍ପାନୀ ଆସନ୍ତା ଜୁନ୍ ୧୨ତାରିଖ ସୁଦ୍ଧା ଚାଷୀମାନଙ୍କୁ ଫସଲବୀମା ରାଶି ପ୍ରଦାନ ନ କଲେ ୧୩ତାରିଖରୁ ଉପଖଣ୍ଡର ସମସ୍ତ ସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କକୁ ଅଚଳ କରିଦିଆଯିବ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ କରି ଚାଷୀମାନେ ଜେଲଭରୋ ଆନ୍ଦୋଳନରେ ସାମିଲ ହେବେ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା। ଚାଷୀନେତା ରମେଶ ମହାପାତ୍ର, ଆଇନଜୀବୀ ଅଜିତ ଶତପଥି, ଚିନ୍ମୟ ପଣ୍ଡା, ଚାଷୀ ଦହିତ ସାହୁ, ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, କୈଳାସ ବାରିକଙ୍କ ସମେତ ଶତାଧିକ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ତାତି ଅସମ୍ଭାଳ, ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା

ବରଗଡ଼ ଅଫିସ,୨୯।୫

ତାତି ଥମିବାର ନାଁ ନେଉନାହିଁ। ମୌସୁମୀ ଯେତିକି ପାଖେଇ ଆସୁଛି, ତାତି ସେଭଳି ବଢ଼ି ଚାଲିଛି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି। ରବିବାର ଜିଲାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରହିଛି। ଏଥିଯୋଗୁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡ଼ିଛି। ଏଭଳି ସ୍ଥିତି ଲୋକଙ୍କ ରୋଜଗାରରେ ମଧ୍ୟ ବାଧକ ସାଜିଛି। କର୍ମ ଅନ୍ୱେଷଣ ଆଶାରେ ଜିଲା ବାହାରୁ ବରଗଡ଼କୁ ଆସିଥିବା ଶ୍ରମିକଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଛି। ତାତି ବୃଦ୍ଧି ଯୋଗୁ ସେମାନେ କାମ କରି ନ ପାରି ପୁଣି ନିଜ ଘରକୁ ଫେରି ଯାଉଛନ୍ତି।

ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଉପଖଣ୍ଡକୁ ଛାଡ଼ିଦେଲେ ଜିଲାର ଅଧିକାଂଶ ଅଞ୍ଚଳ ହୀରାକୁଦ ଜଳସେଚିତ। ଫଳରେ ଏହି ଜଳସେଚିତ ଅଞ୍ଚଳରେ ଉଭୟ ରବି, ଖରିଫ ଋତୁରେ ଧାନଚାଷ ହୋଇଥାଏ। ଅପରପକ୍ଷେ କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଆଦି ଜିଲାରେ ଜଳସେଚନ ଅଭାବରୁ ଚାଷକାର୍ଯ୍ୟ ହୋଇ ନ ଥାଏ। ଫଳରେ ଚାଷକାର୍ଯ୍ୟ ଆରମ୍ଭ ଅବା ଅମଳ ସମୟରେ ସମ୍ପୃକ୍ତ ଜିଲାର ଶ୍ରମିକମାନେ ସେଠାରୁ ବରଗଡ଼ ଜିଲାକୁ ଆସିଥାନ୍ତି। ପହ୍ଲାରୁଆ, ଧାନ ଅମଳ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ଏବଂ କିଛି ରୋଜଗାର କରି ପୁଣି ସେମାନେ


ଘରକୁ ଫେରିବା ପାଇଁ ପ୍ରବାସୀ ଶ୍ରମିକମାନେ ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ବସିଛନ୍ତି।

ଘରକୁ ଫେରିଯାଇଥାନ୍ତି। ତେବେ ଗତ ୨ବର୍ଷ ହେଲା କୋଭିଡ୍ କଟକଣା ଯୋଗୁଁ ଧାନ ପହ୍ଲାରୁଆ ଅବା ଅମଳ କାର୍ଯ୍ୟ ପାଇଁ ସେମାନେ ବରଗଡ଼ ଆସି ପାରୁ ନ ଥିଲେ। ଅନ୍ୟପଟେ କୋଭିଡ୍ କଟକଣା ହଟିବା ପରେ ଏଥର ଧାନ ଅମଳ କାର୍ଯ୍ୟରେ ନିୟୋଜିତ ହୋଇ କିଛି ରୋଜଗାର ଆଶା କରିଥିଲେ। ଏଥବପାଇଁ ପ୍ରବାସୀ ଶ୍ରମିକମାନେ ବରଗଡ଼ ଜିଲାକୁ ଆସିଥିଲେ। ହେଲେ ଏଠାରେ ତାତି ଯେଭଳି ଅନୁଭୂତ ହେଉଛି, ପରିବାର ଛାଡ଼ି ଏଠାକୁ ଚାଲି ଆସିଥିବା ଶ୍ରମିକଙ୍କ ରୋଜଗାରରେ ତାହା ପ୍ରତିବନ୍ଧକ ସାଜିଛି।

ନବରଙ୍ଗପୁରରୁ ଏଠାକୁ ଆସିଥିବା ଜଣେ ଶ୍ରମିକ ମୋହନ ଜଗତ କୁହନ୍ତି, ୫ସଦସ୍ୟଙ୍କୁ ନେଇ ତାଙ୍କ ପରିବାର। ଘରେ ୨ ଝିଅ, ଗୋଟିଏ ପୁଅ ଏବଂ ସ୍ତ୍ରୀ ଅଛନ୍ତି। ଅଳ୍ପ କିଛି ଜମିବାଡ଼ି ଅଛି। ବର୍ଷା ହେଲେ ତାହା ଚାଷବାସ ହୋଇଥାଏ। କିଛି ରୋଜଗାର ଆଶାରେ ସାଥୀ ଶ୍ରମିକଙ୍କ ସହିତ ସେ ବରଗଡ଼ ଜିଲା ଅତାବିରା ଅଞ୍ଚଳକୁ ଆସିଥିଲେ। ଏଠାରେ ୧୪ଦିନ ରହିଲେ। ଖାଇବା, ପିଇବା ଖର୍ଚ୍ଚ ଛାଡ଼ି ସେ ୬ହଜାର ଟଙ୍କା ରୋଜଗାର କରିଛନ୍ତି। ଆହୁରି କିଛିଦିନ ରହି ଏଠାରେ କାମ କରିଥାନ୍ତେ। ହେଲେ ଖରାତାତିରେ କାମ କରିବା କଷ୍ଟସାଧ୍ୟ ହେଉଥିବାରୁ ଘରକୁ ଫେରି ଯାଉଥିବା ମୋହନ କହିଥିଲେ। ସେହିପରି ଆଉ ଜଣେ ଶ୍ରମିକ ବିବେକ ଉର୍ମା କହିଥିଲେ, ତାଙ୍କ ଅଞ୍ଚଳ ଅପେକ୍ଷା ବରଗଡ଼ରେ ଏଥର ବହୁତ ତାତି ହେଉଛି। ଏଠାରେ ତାତିର ପ୍ରକୋପ ଏତେ ରହିବ ବୋଲି ସେ ଭାବି ନ ଥିଲେ। ଏଠାରେ ରୋଜଗାର ମିଳୁଛି। କିନ୍ତୁ ତାତିରେ କାମ କରିବା ମୁସ୍କିଲ ହୋଇ ପଡୁଥିବା ସେ କହିଥିଲେ।

### ସପ୍ତାହର ସର୍ବାଧିକ ତାପମାତ୍ରା

ବରଗଡ଼ ଜିଲାରେ ରବିବାର ତାପମାତ୍ରା ୪୩ ଡିଗ୍ରୀ ରହିଥିଲା। ଏହା ସପ୍ତାହର ସର୍ବାଧିକ ତାପମାତ୍ରା ଅଟେ। ଗତ ୨୩ ଓ ୨୪ତାରିଖରେ ଜିଲାର ତାପମାତ୍ରା ୩୯.୬ ଡିଗ୍ରୀ ରହିଥିବା ବେଳେ ଶନିବାର ଏହା ୪୧ଡିଗ୍ରୀ ରହିଥିଲା। ଏପର୍ଯ୍ୟନ୍ତ ଚଳିତ ମାସର ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରହିଛି। ମାସର ତୃତୀୟ ସପ୍ତାହ ଅର୍ଥାତ୍ ଗତ ୨୧ତାରିଖରେ ତାହା ଅନୁଭୂତ ହୋଇଥିଲା। ଅନ୍ୟପଟେ ମାସର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ଗତ ୮ତାରିଖରେ ଜିଲାରେ ସର୍ବନିମ୍ନ ତାପମାତ୍ରା ୨୮ ଡିଗ୍ରୀ ରହିଥିଲା ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି।

## ଡିଏଚ୍‌ଏଚ୍‌ରେ ଫାଣ୍ଡି ପୁନଃ କାର୍ଯ୍ୟକ୍ଷମ ଦାବି

ସୋନପୁର,୨୯।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ୨୦୧୯ରୁ ଏକ ଅସ୍ଥାୟୀ ପୋଲିସ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା। ରୋଗୀ ଓ ସେମାନଙ୍କ ପରିଜନଙ୍କୁ ସହାୟତା, ଡାକ୍ତରଖାନାରେ ଚୋରି ରୋକିବା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତତ୍କାଳୀନ ଏସ୍‌ପି ଦେବୀପ୍ରସାଦ ଦାଶ ପଦକ୍ଷେପ ନେଇଥିଲେ। ଡାକ୍ତରଖାନା ସମ୍ମୁଖରେ ପୋଲିସ ଟେଣ୍ଟ ବାନ୍ଧି ରହୁଥିଲେ। ଜଣେ ହାବିଲଦାର ଓ ୪ଜଣ କନଷ୍ଟେବଲ କାର୍ଯ୍ୟରେ ନିୟୋଜିତ ଥିଲେ। ଲୋକେ ଉତ୍ତମ ସେବା ପାଉଥିଲେ। କୌଣସି ରୋଗୀଙ୍କ ରକ୍ତର ଆବଶ୍ୟକତା ପଡୁଥିଲ ଫାଣ୍ଡି ଇନ୍‌ଚାର୍ଜ ତାର ବ୍ୟବସ୍ଥା କରି ଦେଉଥିଲେ। ୨୪ ଘଣ୍ଟିଆ ପୋଲିସ ପହରା ଯୋଗୁଁ ଚୋରୀ ଓ ନିଶାସକ୍ତ ବ୍ୟକ୍ତିଙ୍କ ପ୍ରବେଶ ରୋକା ଯାଇ ପାରିଥିଲା। ଡାକ୍ତର ଓ କର୍ମଚାରୀ ସୁରକ୍ଷିତ ଅନୁଭବ କରୁଥିଲେ। ପରବର୍ତ୍ତୀ ସମୟରେ ଫାଣ୍ଡି ପାଇଁ ଡାକ୍ତରଖାନା ପରିସରରେ ଏକ ସ୍ଥାୟୀ କୋଠା ନିର୍ମାଣ ହୋଇଛି। ତେବେ ୨୦୨୧ ଅପ୍ରେଲ ମାସରୁ ଏହି ଅସ୍ଥାୟୀ ଫାଣ୍ଡିକୁ ଉଠାଇ ଦିଆଯାଇଛି। କର୍ମଚାରୀଙ୍କ ଅଭାବ ଦର୍ଶାଇ ଡାକ୍ତରଖାନାରେ ପୋଲିସ ଟିମ୍‌କୁ ଆଉ ନିୟୋଜିତ କରାଯାଉନି। ଫଳରେ ଲୋକେ ସେବା ନ ପାଇ ହଇରାଣ ହେଉଛନ୍ତି। କ୍ୟାମ୍ପସରୁ ବାଇକ୍ ଓ ରୋଗୀ ଏବଂ ପରିଜନଙ୍କ ନିକଟରୁ ବାରମ୍ବାର ମୋବାଇଲ ଚୋରି ହେଉଛି। ତେଣୁ ଫାଣ୍ଡି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାର ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ନାହିଁ

**ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା**

ସୋନପୁର,୨୯।୫(ନି.ପ୍ର.)

ଅନ୍ୟ ଯାନି ଯାତ୍ରା ଭଳି ସୁବର୍ଣ୍ଣପୁର ସହରରେ ପବିତ୍ର ରଥଯାତ୍ରା ରାଜାରାଜୁଡା ସମୟରୁ ଆଡମ୍ବର ସହକାରେ ପାଳନ ହୋଇଥାଏ। ତେବେ ସରକାରଙ୍କ କୋଭିଡ୍ କଟକଣା ପାଇଁ ଗତ ଦୁଇବର୍ଷ ହେଲା ରଥଯାତ୍ରା କେବଳ ନୀତିକାନ୍ତିରେ ସମାପନ ହୋଇ ଆସୁଛି। ରଥ ଟାଣିବାରୁ ଶ୍ରଦ୍ଧାଳୁ ବଞ୍ଚିତ ହୋଇଛନ୍ତି। ଚଳିତ ବର୍ଷ କୌଣସି କଟକଣା ନ ଥିବାରୁ ରଥଯାତ୍ରାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ବେଶ ଉତ୍ସାହ ରହିଛି। ତେବେ ଅନ୍ୟ ସ୍ଥାନମାନଙ୍କରେ ରଥଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ସୋନପୁରରେ ପ୍ରସ୍ତୁତି ଆରମ୍ଭ ହୋଇନି। ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ନ ହେବା କାରଣରୁ ଜଗନ୍ନାଥପ୍ରେମୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଲାଣି। ସୁବର୍ଣ୍ଣପୁରରେ ପୁରୀ ରଥଯାତ୍ରା ଭଳି ନୀତିକାନ୍ତି ଅନୁସାରେ ଯାତ୍ରା ପାଳନ ହୋଇଥାଏ। ସହରରେ ୩ଟି ପ୍ରମୁଖ ରଥଯାତ୍ରା ପାଇଁ ୫ଟି ରଥ ନିର୍ମାଣ ହୁଏ। ଆସନ୍ତା ଜୁଲାଇ ୧ରୁ ପବିତ୍ର ରଥଯାତ୍ରା ଆରମ୍ଭ ହେବ। ଏଥିପାଇଁ ଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମରାମତି ଓ ରଙ୍ଗ କରାଯିବାର ଆବଶ୍ୟକତା ରହିଛି। ଗତ ଦୁଇବର୍ଷ ହେଲା ରଥ ନିର୍ମାଣ ହୋଇ ନ ଥିବାରୁ ରଥ ପାଇଁ ବ୍ୟବହୃତ କାଠ କେଉଁ ଅବସ୍ଥାରେ ରହିଛି ସେଗୁଡିକର ସ୍ଥିତି ଜାଣିବା ଜରୁରୀ ହୋଇପଡ଼ିଛି। ସେହିପରି ମାଉସୀ ମା ମନ୍ଦିରରେ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଦଶ ଅବତାର ପାଇଁ ଆୟୁଧରେ ଅଳଙ୍କାର, ନୂଆ କପଡା ଠ କାଠ ଆବଶ୍ୟକ ପଡିଥାଏ। ମାଉସୀ ମା ମନ୍ଦିରର ସିଂହାସନ ଓ ପହଣ୍ଡି ସ୍ଥାନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଇଥାଏ। ରଥଦାଣ୍ଡର ମରାମତି ସହ ଯାତ୍ରାରେ ଭିଡ ପାଇଁ ରଥଟଣା, ବାହୁଡା ଯାତ୍ରା, ଟାହିୟା ସେବା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ଆଇନଶୃଙ୍ଖଳା ସମ୍ପର୍କରେ ଚର୍ଚ୍ଚା ହୋଇଥାଏ। ସେହିପରି ଗୁଣ୍ଡିଚା ମନ୍ଦିର ଚୁତୁଃପାର୍ଶ୍ୱରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା। ଜବରଦଖଲ ଉଚ୍ଛେଦ ଓ ନୀତିକାନ୍ତି ସହ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର ବିଭାଗ ପ୍ରସ୍ତୁତି ବୈଠକ ଆହ୍ୱାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶିଶୁ ଉଦ୍ୟାନ, ରାଜସ୍ୱ ଗୃହ ଉଦ୍‌ଘାଟିତ


ଶିଶୁ ଉଦ୍ୟାନ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।

ଅମରପାଲି,୨୯।୫(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ରବିବାର ରାଜ୍ୟ ବାଣିଜ୍ୟ, ପରିବହନ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ସେ କାନପୁର ଛକଠାରେ ଏକ ଯାତ୍ରୀ ବିଶ୍ରାମଗାର, ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଶିଶୁ ଉଦ୍ୟାନ ଓ ୧୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାଜସ୍ୱ ଗୃହକୁ ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ମହାବିଦ୍ୟାଳୟର ନିଜସ୍ୱ ୱେବସାଇଟ ଏବଂ ଷ୍ଟାଫ କମନରୁମ୍ କୋଠାର ବି ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ପରେ କଲେଜ ମୁଖ୍ୟ ଫାଟକରେ ତୋରଣର ଶିଳାନ୍ୟାସ କରିଥିଲେ ପରିବହନ ମନ୍ତ୍ରୀ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡିଓ ମୋତିଲାଲ ସୁଲିଆ, ବୀରମହାରାଜପୁର ମହାବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ ମେହେର, ପରିଚଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ପ୍ରକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ରଥ, ମୁରଲୀଧର ହୋତା, ସରପଞ୍ଚ ସଂଘ ସଭାପତି ଶ୍ରୀୟା ମହାକୁର, ସମ୍ପାଦକ ସୂର୍ଯ୍ୟ ନନ୍ଦ, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, କିଶୋର ହୋତା ପ୍ରମୁଖ ଯୋଗ ଦେଇଥିଲେ। କଲେଜଠାରେ ଆୟୋଜିତ ସଭା ପରିଚାଳନା କରିଥିଲେ ଅଧାପକ ପ୍ରକାଶ ସେଟ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ରଞ୍ଜିତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ଚୋରାଚାଲାଣ, ଗ୍ରୀଡ୍ ନିର୍ମାଣକୁ ବିରୋଧ

ତରଭା, ୨୯।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲା ପଞ୍ଚାୟତ ଅନ୍ତର୍ଗତ ରମ୍ଭାସିନ୍ଧୋଲ ଗ୍ରାମ ନିକଟ ସୁକତେଲ ନଦୀରୁ ବେଆଇନଭାବେ ବାଲି ଚୋରା ଚାଲାଣ ହେଉଛି। ବାରମ୍ବାର ଅଭିଯୋଗ କଲେ ମଧ ତହସିଲ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଥିସହ ଉକ୍ତ ଗ୍ରାମଠାରୁ ଏକ କିଲୋମିଟର ଦୂର ପଦ୍ମପୁର ଗାଁ ନିକଟ ଗୋଚର ଜମିରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ ସ୍ଥାପନ ହେଉଛି। ଏହି ଦୁଇ ଘଟଣାରେ ରବିବାର ରମ୍ଭାସିନ୍ଧୋଲ ଓ ପଦ୍ମପୁର ଗ୍ରାମବାସୀ ରାସ୍ତାକୁ ଓହ୍ଲଇ ଥିଲେ। ଏହି ସମୟରେ ସେହି ଅଞ୍ଚଳକୁ ପରିଦର୍ଶନରେ ଯାଇଥିବା ତରଭା ତହସିଲଦାର ଅନାଦି ଚରଣ ସାହୁଙ୍କୁ ଉଭୟ ଗ୍ରାମର ଶତାଧିକ ବ୍ୟକ୍ତି


ତହସିଲଦାରଙ୍କୁ ଲୋକେ ଘେରାଉ କରିଛନ୍ତି।

**ତହସିଲଦାରଙ୍କୁ ଘେରିଲେ ଗ୍ରାମବାସୀ**

ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଘେରଉ କରିଥିଲେ। ବାଲି ଚେରା ଚାଲାଣକୁ ସମୂଳେ ବନ୍ଦ ଓ ଗ୍ରୀଡକୁ ଅନ୍ୟତ୍ର ସ୍ଥାପନ କରିବାକୁ ସେମାନେ ଦାବି କରିଥିଲେ। ଖବର ପାଇ ଆଇଆଇସି ସୁବ୍ରତ ପାଣିଗ୍ରାହୀ ଏବଂ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ଦିନରେ ଉଚିତ ପଦକ୍ଷେପ ନିଆଯିବ ଏବଂ ଗ୍ରାମବାସୀଙ୍କ ଯେମିତି କୌଣସି କ୍ଷତି ନ ହେବ ସେଥିପ୍ରତି ଜିଲା ପ୍ରଶାସନ ସହ କଥାହେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ହଟିଥିଲା। ମନୋରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଲୋକେ ଆନ୍ଦୋଳନ କରିଥିଲେ।

## ଦେଶୀ ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

ଝାରବନ୍ଧ,୨୯।୫(ଡି.ଏନ.ଏ)

ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗରେ ବରଗଡ଼ ଜିଲା ଝାରବନ୍ଧ ଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଳ ଥାନା କଟଙ୍ଗପାଲି ଗ୍ରାମର ମୁକେଶ ରଞ୍ଜନ ସାହୁ। ତାଙ୍କଠାରୁ ଦେଶୀ ବନ୍ଧୁକ, ନଗଦ ୩୬୦୦ ଟଙ୍କା, ମୋବାଇଲ ଏବଂ ବ୍ୟବହୃତ ବାଇକ୍ (ନଂ.ଓଡ଼ି୧୭ଏଲ/୭୮୦୯) ଜବତ କରାଯାଇଛି। ତାଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ.୭୭/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଝାରବନ୍ଧ ଥାନା ଛୋଟଅନକି ପଞ୍ଚାୟତ ଘୁଚାପାଲିଠାରେ ମେଳା ଚାଲିଥିବାବେଳେ ଗିରଫ ଅଭିଯୁକ୍ତ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇ ଫେରାର୍ ହୋଇ ଯାଇଥିଲେ। ଏ ନେଇ ଥାନାରେ ଏତଲା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।


ଜବତ ଦେଶୀ ବନ୍ଧୁକ, ମୋବାଇଲ, ନଗଦ ଟଙ୍କା।


ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପାର୍ବତୀଙ୍କ ମାତା ପିତା ଦାୟିତ୍ୱ ଗ୍ରହଣ କରିଥିବା ଦମ୍ପତି।


ପ୍ରାଚୀରରେ ଶିବ ପାର୍ବତୀଙ୍କ ଚିତ୍ର ଅଙ୍କନ କରାଯାଉଛି।

# ଶୀତଳ ଷଷ୍ଠୀ ପାଇଁ ହିମାଦ୍ରି ନଗର ଚଳଚଞ୍ଚଳ

ବରପାଲି,୨୯।୫(ଡି.ଏନ.ଏ.)

ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବରପାଲିର ହିମାଦ୍ରି ନଗର ଚଳଚଞ୍ଚଳ ହୋଇପଡିଛି। ଉଭୟ ବର ଓ କନ୍ୟା ପକ୍ଷ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଚଳିତ ବର୍ଷ ଜଗନ୍ନାଥ ନଗର ଶୈବ ଭକ୍ତ ଗଣକନ୍ୟା ପକ୍ଷ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜଗନ୍ନାଥ ନଗର ଦୁର୍ଗା ମଣ୍ଡପଠାରେ ହିମାଦ୍ରି ନଗର ପାଇଁ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଉଛି। ସମଗ୍ର ଜଗନ୍ନାଥ ନଗର ବାସିନ୍ଦା ଏହି ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ପ୍ରସ୍ତୁତିରେ ସାମିଲ ହୋଇଛନ୍ତି। ଜଗନ୍ନାଥ ନଗର ବାସିନ୍ଦାଙ୍କ ପକ୍ଷରୁ ସବିତା ତ୍ରିପାଠୀ ଓ ମଳୟ ତ୍ରିପାଠୀ ଜଗତ୍‌ଜନନୀ ମା' ପାର୍ବତୀଙ୍କ ମାତାପିତା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ କନ୍ୟା ପିତା ମଳୟ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଦେବ ଦମ୍ପତିଙ୍କ ବିବାହରେ ମାତା ପାର୍ବତୀଙ୍କୁ କନ୍ୟା ଭାବେ ପାଇ ଆମେ ବହୁତ ଖୁସି ଓ ଭାଗ୍ୟବାନ ମନେ କରୁଛୁ। ମୋର ତିନୋଟି ପୁତ୍ର ଅଛନ୍ତି, କିନ୍ତୁ ଝିଅ ନ ଥିଲେ। ଏବେ ମାତା ପାର୍ବତୀଙ୍କ ପିତା ହୋଇ କନ୍ୟାଦାନ କରିବା ଆମ ପକ୍ଷରେ ଅହୋ ଭାଗ୍ୟ ବୋଲି ତ୍ରିପାଠୀ କହିଛନ୍ତି। ଏହାସହ ବିବାହ ବେଳେ ଝିଅକୁ ଦେବା ପାଇଁ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ସହ ବାସନ ଓ ଲୁଗା ଆଦି କିଣା ସରିଗଲାଣି ବୋଲି ମତପ୍ରକାଶ କରିଛନ୍ତି। ହୀମାଦ୍ରି ନଗର ଯାତ୍ରା କମିଟିର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ, ଯାତ୍ରା ପାଇଁ ସମଗ୍ର ଜଗନ୍ନାଥ ନଗରବାସୀ ଉତ୍ସୁକତାର ଅପେକ୍ଷା କରିଛନ୍ତି। ଯାତ୍ରା ସମୟରେ ପ୍ରତ୍ୟହ ଭଜନ, କୀର୍ତ୍ତନ, ଅର୍କେଷ୍ଟ୍ରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସେ କହିଛନ୍ତି।